# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୦ (୧୬ ପୃଷ୍ଠା) Sambalpur, Tuesday, March 3 / 2020 ★★

୧୬ଶ ଭାଗ ୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ରିଲିଜ ହେଲା ସୂର୍ଯ୍ୟବଂଶୀର ଟ୍ରେଲର**

ବଲିଉଡ୍ ଅପ୍ କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ହୋଇଛି। ଏହି ଟ୍ରେଲର ରିଲିଜ୍ ଅବସରରେ ଟ୍ରାଫିକ ଜାମ୍‌କୁ ଦୂରେଇବାକୁ ଅକ୍ଷୟ କୁମାର ନୂଆ ଫର୍ମୁଲା ଗ୍ରହଣ କରିଛନ୍ତି। ୦୯

୧୪ **ସାଙ୍ଗୱାନ ଦୋଷମୁକ୍ତ**

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସିର ଅପିଲ ପ୍ୟାନେଲ ବକ୍ସର ସୁମିତ ସାଙ୍ଗୱାନଙ୍କ ଉପରୁ ବାସନ୍ଦ ଦଣ୍ଡକୁ ଉଠାଇ ଦେଇଛି।



# ପୁଣି ଅଟକିଲା ଫାଶୀ

## ନିର୍ଭୟା ଅପରାଧୀଙ୍କ ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ

- ରାଷ୍ଟ୍ରପତିଙ୍କ ପାଖରେ ବିଚାରାଧୀନ ରାଜକ୍ଷମା ଆବେଦନ
- ତୃତୀୟ ଥର ପାଇଁ ମିଳିଲା ଫାଶୀରୁ ଆଶ୍ୱସ୍ତି
- ପୂର୍ବରୁ ଜାନୁୟାରୀ ୨୨, ଫେବୃୟାରୀ ୧କୁ ହୋଇଥିଲା ଧାର୍ଯ୍ୟ



ନୂଆଦିଲ୍ଲୀ, ୨।୩(ପି.ଟି./ଆଇଏଏନ୍ଏସ୍)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କୁ ମଙ୍ଗଳବାର ଫାଶୀ ଦିଆଯିବ ନାହିଁ। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ପୂର୍ବରୁ ଜାରି କରିଥିବା ଡେଥ୍ ୱାରେଣ୍ଟ ଉପରେ ସୋମବାର ରୋକ ଲଗାଇଛନ୍ତି। ଫଳରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିର୍ଭୟା ଅପରାଧୀଙ୍କ ଫାଶୀ ଅଟକି ରହିବ। ଏହି ରହିତାଦେଶ ଫଳରେ ଦୋଷୀମାନେ ତୃତୀୟ ଥର ପାଇଁ ଫାଶୀରୁ ଆଶ୍ୱସ୍ତି ପାଇଛନ୍ତି।

ଅପରାଧୀ ପବନ ଗୁପ୍ତାଙ୍କ କ୍ଷମା ଆବେଦନର ବିଚାର ହୋଇ ନ ଥିବାରୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରାଣା କହିଛନ୍ତି। ପବନ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିଥିବାରୁ ଫାଶୀଦଣ୍ଡ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲାଗି ପଟିଆଲା ହାଉସ୍ କୋର୍ଟରେ ଆବେଦନ କରିଥିଲେ। ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ନିର୍ଭୟା ପରିବାର ପକ୍ଷରୁ ଚାପ ପଡୁଛି। ତେବେ ଦେଶର ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କ ଆଇନଗତ ସହାୟତା ଶେଷ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ଦୌରାଜଜ୍ କହିଛନ୍ତି। ଏହି ଅବସରରେ ବିଚାରପତି ପବନଙ୍କ ଓକିଲ ଏ.ପି. ସିଂଙ୍କୁ ଭର୍ତ୍ସନା କରିଥିଲେ। ବାରମ୍ବାର ଫାଶୀ ଘୁଞ୍ଚାଇବାକୁ ଉଦ୍ୟମ କରି ଆପଣ ନିଆଁ ସହିତ ଖେଳୁଛନ୍ତି, ସଚେତନ ହୁଅନ୍ତୁ ବୋଲି ଅତିରିକ୍ତ ଦୌରାଜଜ୍ ରାଣା କହିଥିଲେ।

୪ ଅପରାଧୀ ମୁକେଶ ସିଂ, ପବନ ଗୁପ୍ତା, ବିନୟ ଶର୍ମା ଏବଂ ଅକ୍ଷୟ ସିଂଙ୍କୁ ମଙ୍ଗଳବାର ସକାଳ ୬ଟାରେ ଫାଶୀ ଦିଆଯିବାର ଥିଲା। ସୋମବାର ସୁପ୍ରିମକୋର୍ଟ ପବନଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ କରିଦେବା ପରେ ସେ ତୁରନ୍ତ ରାଜକ୍ଷମା ଆବେଦନ କରିଥିଲେ ଓ ଫାଶୀ କାର୍ଯ୍ୟକାରୀ ନ କରିବା ଲାଗି ପଟିଆଲା ହାଉସ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ। ପୂର୍ବରୁ ଦୁଇଥର ଜାନୁୟାରୀ ୨୨ ଓ ଫେବୃୟାରୀ ୧ରେ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ଅପରାଧୀମାନେ ବାରମ୍ବାର କ୍ୟୁରେଟିଭ ପିଟିଶନ ଓ କ୍ଷମା ଆବେଦନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅପରାଧୀମାନେ ଆଇନ ସହ ଲୁଚକାଳି ଖେଳ ଖେଳୁଥିବାରୁ ଅଦାଲତ କଠୋର ପଦକ୍ଷେପ ନେବା ଲାଗି ସରକାରୀ ଓକିଲ ଇର୍ଫାନ ଅହମଦ କହିଥିଲେ। ପୁଣି ଥରେ ଫାଶୀ ଟଳିବାରୁ ନିର୍ଭୟାଙ୍କ ମାଆ ଆଶାଦେବୀ କାନ୍ଦି ପକାଇଥିଲେ। ଆଇନ ଅପରାଧୀଙ୍କ ସପକ୍ଷରେ ଯାଉଛି ବୋଲି ସେ କହିବା ସହ ତଥାପି ଧୈର୍ଯ୍ୟ ହରାଇନାହାନ୍ତି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର କରି ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ☞ପୃଷ୍ଠା-୪

## ସୋସିଆଲ ମିଡିଆ ଛାଡ଼ିବେ ମୋଦି



ନୂଆଦିଲ୍ଲୀ,୨।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ଛାଡ଼ିବେ। ଆସନ୍ତା ରବିବାର ପରେ ସେ ନିଜ ଟୁଇଟର, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ୍ ଛାଡ଼ିପାରନ୍ତି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନିଜେ ଟୁଇଟର ଜରିଆରେ ଏଭଳି ସଙ୍କେତ ଦେଇଛନ୍ତି। ଏଭଳି ଖବର ଲୋକଲୋଚନକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। ସୋସିଆଲ ମିଡିଆରେ ସବୁଠୁ ଅଧିକ ସକ୍ରିୟ ଥିବା ବିଶ୍ୱସ୍ତରୀୟ ନେତାଙ୍କ ମଧ୍ୟରେ ମୋଦି ଅନ୍ୟତମ। ଏମିତିକି, ସୋସିଆଲ ମିଡିଆ ତାଙ୍କୁ ଏକ ନୂଆ ପରିଚୟ ଆଣିଦେଇଛି। ପ୍ରକାଶଥାଉ କି, ଏବେ ଟୁଇଟରରେ ମୋଦିଙ୍କ ୫.୩୩କୋଟି ଅନୁଗାମୀ ରହିଥିବାବେଳେ ଫେସ୍‌ବୁକରେ ୪.୪୫କୋଟି, ଇନ୍‌ଷ୍ଟାଗ୍ରାମରେ ୩.୫୨କୋଟି ଅନୁଗାମୀ ରହିଛନ୍ତି। ସେହିପରି ୟୁଟ୍ୟୁବ୍‌ରେ ମୋଦୀଙ୍କୁ ୪୫ଲକ୍ଷ ସବ୍‌ସ୍କ୍ରାଇବ କରିଛନ୍ତି।

## ମହମ୍ମଦ ଅନିଶ

### ତଥାଗତ ସତପଥୀ

ଓଡ଼ିଶାର ମାଓବାଦୀପ୍ରବଣ ମାଲକାନଗିରି ଜିଲାରେ ମହମ୍ମଦ ଅନିଶ ନାମକ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଯବାନ କାର୍ଯ୍ୟରତ ଅଛନ୍ତି। ଜୀବନକୁ ପାଣି ଛଡ଼ାଇ ଓଡ଼ିଶାବାସୀଙ୍କୁ ଶାନ୍ତିରେ ଶୋଇବାର ସୁଯୋଗ ଦେଉଥିବା ଅନେକ ଯବାନଙ୍କ ମଧ୍ୟରୁ ଅନିଶ ଅନ୍ୟତମ। ଦିଲ୍ଲୀର ବାସିନ୍ଦା ଅନିଶ ଆମ ସମସ୍ତଙ୍କ ସୁରକ୍ଷା ଦାୟିତ୍ୱରେ ରହିଥିବା ବେଳେ ନିଜ ପରିବାରର ସୁରକ୍ଷା କରିବାକୁ ସୁଯୋଗ ପାଇନାହାନ୍ତି। ମିଳିଥିବା ଖବର ଅନୁଯାୟୀ, ଦିଲ୍ଲୀରେ ଚାଲିଥିବା ହିନ୍ଦୁ-ମୁସଲମାନ ଦଙ୍ଗାରେ ଅନିଶଙ୍କ ଘରକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ପରିଚାଳିତ ବିଏସ୍ଏଫ୍ ଯବାନ ଅନିଶଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଘୋଷଣା କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଦିଲ୍ଲୀ ଦଙ୍ଗାକୁ ଦେଖି ବହୁତ ଲୋକ ଧର୍ମ ଉପରେ ଯାଇ ଅନିଶ ଭଳି ନାଗରିକଙ୍କୁ ଦେଶଦ୍ରୋହୀ ବୋଲି କହିବାକୁ ପଛାଇ ନ ପାରନ୍ତି। କେତେକେ ଏଭଳି ସ୍ଥିତିରେ ଆହୁରି ଆଗକୁ ଯାଇ ଏମାନଙ୍କୁ 'ଗୋଲି ମାରୋ' କିମ୍ବା ପାକିସ୍ତାନ ଯାଅ ବୋଲି କହିପାରନ୍ତି। ଦେଖିବାକୁ ଗଲେ ଏବେ ଦେଶରେ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଭାରତ ସାମାଜିକ କ୍ରସ୍‌ରୋଡ୍ ବା ଚାରିଛକରେ ଥିବା ଭଳି ମନେହେଉଛି। ଏଠାରେ ଧର୍ମନିରପେକ୍ଷ କଥା ଆଲୋଚନା କରିବା ଓ କିଏ କେତେ ମାତ୍ରାରେ ଦୋଷୀ ତାହା ଉପସ୍ଥାପନା କରିବା ଆମର ଉଦ୍ଦେଶ୍ୟ ନୁହେଁ କିମ୍ବା ସେଭଳି ଅଭିପ୍ରାୟ ନାହିଁ। ବାସ୍ତବ କଥା ହେଲା ବିଗତ ବର୍ଷଗୁଡ଼ିକରେ ଯେତେବେଳେ ସୁଯୋଗ ମିଳିଛି, ସେତେବେଳେ ମୁସଲମାନ ସମ୍ପ୍ରଦାୟ ନେତୃତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରି ଭୁଲ କଥାକୁ ବିରୋଧ କରିନାହାନ୍ତି। ଆଜି କଷ୍ଟକର ଆଇନ ସିଏଏକୁ ବୁଝି ପ୍ରତିବାଦ କରିପାରୁଥିବା ଲୋକ ଯଦି ଏହିଭଳି ଏକ ସାଧାରଣ ପ୍ରତିବାଦର ଆୟୋଜନ କରି ୨୬/୧୧ ବମ୍ବେ ଆକ୍ରମଣ କିମ୍ବା ଦିଲ୍ଲୀ, ହାଇଦ୍ରାବାଦ ଆଦି ସ୍ଥାନରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ନିଜର ଭାରତୀୟତାକୁ ସୁଦୃଢ଼ କରିଥାଆନ୍ତେ, ତେବେ ଦେଶରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇପାରିଥାଆନ୍ତା। ଅନ୍ୟପଟେ ଅନିଶଙ୍କ ଭଳି ଯବାନ ମଧ୍ୟ ଭାରତରେ ଅଛନ୍ତି। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ଖେମ୍ କରନ୍‌ଠାରେ ଭାରତୀୟ ମୁସଲମାନ ଯବାନ ଅବଦୁଲ ହମିଦ୍ ପାକିସ୍ତାନର ୮ଟି ପାଟନ୍ ଟ୍ୟାଙ୍କକୁ ଧ୍ୱଂସ କରିଦେଇପାରିଥିଲେ। ସେତେବେଳେ କେହି ପାକିସ୍ତାନ ଯାଅ ବୋଲି ସେହି ଯବାନଙ୍କୁ କହି ନ ଥିଲେ। ଆଜି ମଧ୍ୟ ମହମ୍ମଦ ଅନିଶଙ୍କୁ ଦେଶଦ୍ରୋହୀ ବୋଲି କୌଣସି ସଚ୍ଚୋଟ ଓଡ଼ିଆ କହିବେ ନାହିଁ। ଏହା ପଛରେ ଏକ ବିରାଟ ଆଧ୍ୟାତ୍ମିକ କାରଣ ରହିଛି। ଆମର ମହାପ୍ରଭୁ ଜଗନ୍ନାଥ ଅଜନ୍ମା। ତାଙ୍କର କୌଣସି ଜନ୍ମସ୍ଥାନ କେହି ଜାଣିନାହାନ୍ତି। ସେଭଳି ପ୍ରଭୁଙ୍କ ଭକ୍ତ ସାଲବେଗ ମଧ୍ୟ ଏହି ଜାତିର ମହାନ୍ ପୁତ୍ର ଭାବେ ପରିଚିତ ହୋଇ ଆସିଛନ୍ତି। ହେଲେ ଆଜି କୋଲକାତାଠାରୁ ବେଙ୍ଗାଲୁର ପର୍ଯ୍ୟନ୍ତ ଯେତେବେଳେ 'ଗୋଲି ମାରୋ' ଧ୍ୱନି ଶୁଣିବାକୁ ମିଳୁଛି, ସେତେବେଳେ ଅନିଶଙ୍କ ପରି ଅନେକ ଲୋକଙ୍କ କର୍ତ୍ତବ୍ୟପରାୟଣତାକୁ ଜନସାଧାରଣ ହୃଦୟଙ୍ଗମ କରୁଛନ୍ତି। ଏଠାରେ ଦୋହରାଯାଇପାରେ ଯେ, ଧର୍ମନିରପେକ୍ଷତା ସହିତ ଏସବୁର କୌଣସି ସମ୍ପର୍କ ନାହିଁ। ବରଂ ଏହା ଏକ ଉଦାର ମାନସିକତାର ପ୍ରତିଫଳନ ମାଗୁଛି।

ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନେ ନାଗରିକତ୍ୱ ହରାଇବା ଆଶଙ୍କାରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ଅସନ୍ତୋଷକୁ ଦୂର କରିବାରେ କେନ୍ଦ୍ର ସରକାର ଦୃଷ୍ଟି ନ ଦେବା ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥାର ବିଫଳତା ବୋଲି ପ୍ରଶ୍ନ ଉଠିଲାଣି। ଏକ ସମ୍ପ୍ରଦାୟର ଆଦର୍ଶଗତ ମତପାର୍ଥକ୍ୟ ଅପେକ୍ଷା ତିଷ୍ଠି ରହିବା ଲାଗି ହୋଇଥିବା ସଂଗ୍ରାମକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ଯେଉଁ ଲୋକଙ୍କ ଜୀବନ ଓ ସମ୍ପଦ ନଷ୍ଟ ହେଲା ତାହା ଦ୍ୱାରା କୌଣସି ସକାରାତ୍ମକ ଫଳ ଆସିପାରି ନାହିଁ।

ମନେହେଉଛି ଯେପରି ୧୬.୮୮ ଲକ୍ଷ କୋଟି ଟଙ୍କାର ଋଣ ନେଇଥିବା କର୍ପୋରେଟ୍ ଇଣ୍ଡିଆ ଆଜିର ଭାରତ ସରକାରର ରୂପ ବଦଳାଇବାକୁ ବାଧ୍ୟ କରିଛି। ବୃହତ୍ ବ୍ୟବସାୟୀମାନେ ନିଜର ସୁରକ୍ଷା ଦେଖିବାକୁ ଯାଇ ନା ଯେ କେବଳ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ ଶେଷ କରିଦେଲେଣି, ଏଥିସହିତ ସରକାରଙ୍କୁ ଅନ୍ୟତ୍ର ଦୃଷ୍ଟି ପକାଇବାକୁ ବାଧ୍ୟ କରୁଛନ୍ତି। ଯେତେବେଳେ ସରକାରୀ କଳ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ମୁଖ୍ୟ ଦାୟିତ୍ୱ ଭାବେ ଗ୍ରହଣ କରେନାହିଁ, ସେତେବେଳେ ଅନ୍ୟସବୁ ବିକାଶମୂଳକ କାର୍ଯ୍ୟ ଅନିଶ୍ଚିତତାର ଶିକାର ହୋଇଯାଏ। ଏକ ଅଶାନ୍ତ ଦେଶରେ କୌଣସି ବ୍ୟକ୍ତିବିଶେଷ ବା କମ୍ପାନୀ ପୁଞ୍ଜି ଲଗାଏ ନାହିଁ। ଏବେକାର ଭାରତରେ ବିରାଟକାୟ ପୁଞ୍ଜିଲଗାଣ ହେବା କଥା ମୁଖ୍ୟ ଆବଶ୍ୟକତା। କିନ୍ତୁ ସରକାରଙ୍କ ଦୃଷ୍ଟି ସେହି ଦିଗରେ ଥିବା ଭଳି କୌଣସି ସୂଚନା ମିଳୁନାହିଁ। ଭାରତର କର୍ପୋରେଟ୍ ଜଗତର ଚାପରେ ଆଜିର ସରକାର ନିଜର ମୁଖ୍ୟ ଦାୟିତ୍ୱ ପାସୋରିଯିବାକୁ ପସନ୍ଦ କରୁଛି। ପ୍ରଶାସନିକ ଦକ୍ଷତା ଓ ଶୃଙ୍ଖଳା, ଦୁର୍ନୀତି ଦୂରୀକରଣ

ଏବଂ ଶାନ୍ତ ପରିସ୍ଥିତି ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସରକାରଙ୍କ ମୁଖ୍ୟ କର୍ତ୍ତବ୍ୟ ହେବା କଥା। ତାହା ପରିବର୍ତ୍ତେ ନାଗରିକ କ'ଣ ପିନ୍ଧିଲା, କ'ଣ ଖାଇଲା, କେଉଁଠି ପୂଜା କଲା ଏବଂ ତା'ର ନାଗରିକତ୍ୱର ପ୍ରମାଣ ବୁଝିବା ହୋଇଯାଇଛି ସରକାରଙ୍କ ମୁଖ୍ୟ କାମ। କରୋନା ଭାଇରସ୍‌ରେ ଆକ୍ରାନ୍ତ ଚାଇନା ଏବଂ କ୍ରମଶଃ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରଭାବିତ ହେଉଥିବା ବେଳେ ଭାରତର ଏକ ନୂତନ ସୁବର୍ଣ୍ଣ ଯୁଗ ଆରମ୍ଭ ହେବାର ସୁଯୋଗ ଥିଲା। ଏହିଭଳି ସୁଯୋଗ ବାରମ୍ବାର କୌଣସି ଜାତିକୁ ମିଳେନାହିଁ। ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନକୁ ସୁଦୃଢ଼ କରିବାର ସୁଯୋଗ ଯେତେବେଳେ ଭାରତ ପାଇଛି, ସେତେବେଳେ ଆମେ ସମସ୍ତେ କ୍ଷୁଦ୍ର ମାନସିକତା ଯୋଗୁ ପରସ୍ପର ମଧ୍ୟରେ ବାଡ଼ିଆପିଟା ହେଉଛେ। ଏଭଳି ସୁଯୋଗ ହରାଉଥିବା ଭାରତ ଭବିଷ୍ୟତରେ କେଉଁଭଳି ନିଜକୁ ଗଢ଼ି ତୋଳିବ, ତାହାର ଆଜି ଭବିଷ୍ୟବାଣୀ କରିବା ସମ୍ଭବ ନୁହେଁ। ଆଜିର ଭାରତରେ ଦେଖାଦେଇଥିବା ଅଶାନ୍ତ ପରିସ୍ଥିତିରୁ ମୁକୁଳିବା ପାଇଁ ଜଗନ୍ନାଥ ଭକ୍ତମାନେ ହିନ୍ଦୁମାନଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେଇପାରିବେ।

# ପଞ୍ଚାୟତ ହାତରେ ଭିତ୍ତିଭୂମି ଦାୟିତ୍ୱ

- ରାଜ୍ୟ କ୍ୟାବିନେଟ୍‌ରେ ବିଭାଗକୁ ହସ୍ତାନ୍ତର ହେଲା କ୍ଷମତା
- ବୈଠକରେ ମୋଟ ୮ ପ୍ରସ୍ତାବ ଗୃହୀତ
- ଜଳସମ୍ପଦ ବିଭାଗର ୫, ଯୋଜନା ଓ ସଂଯୋଜନାର ୨, ରାଜସ୍ୱ ବିଭାଗର ଗୋଟିଏ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଗ୍ରାମାଞ୍ଚଳରେ ଥିବା ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର କୋଠା ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କରାଯିବ। ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକର ଦାୟିତ୍ୱ ପଞ୍ଚାୟତ ନେଇଥିବା ବେଳେ, ହାଇସ୍କୁଲ ଦାୟିତ୍ୱ ପଞ୍ଚାୟତ ସମିତି(ବ୍ଲକ) ହାତରେ ରହିବ। ଅନୁରୂପଭାବେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟବହୃତ କୋଠାଗୁଡ଼ିକ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଏପରି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଧାନସଭାର ବଜେଟ ଅଧିବେଶନ ଜାରି ରହିଥିବାରୁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ଏ ନେଇ କୌଣସି ଆନୁଷ୍ଠାନିକ ସୂଚନା ପ୍ରଦାନ କରାଯାଇନାହିଁ।

ଅଧିକାରୀସ୍ତରୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଜନସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି), ଉପଖଣ୍ଡରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର କୋଠାବାଡ଼ି ଇତ୍ୟାଦିର ରକ୍ଷଣାବେକ୍ଷଣ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନକୁ ଆସିଛି। ପିଏଚ୍‌ସି, ସିଏଚ୍‌ସି ଏବଂ ଏହା ଅଧୀନସ୍ଥ ଛୋଟ ଉପକେନ୍ଦ୍ରଗୁଡ଼ିକ ରକ୍ଷଣାବେକ୍ଷଣ ଗ୍ରାମ ପଞ୍ଚାୟତ ହାତରେ ନ୍ୟସ୍ତ ହୋଇଛି। ଅନୁରୂପଭାବେ ଉପଖଣ୍ଡୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ଦାୟିତ୍ୱ ବ୍ଲକକୁ ପ୍ରଦାନ କରାଯାଇଛି। ଏନେଇ ଯୋଜନା ଓ ସଂଯୋଜନା ବିଭାଗରେ ଆବଶ୍ୟକ ଥିବା ଆଇନଗତ କ୍ଷମତା ହସ୍ତାନ୍ତର ପ୍ରକ୍ରିୟାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହିପରି ଭାବେ ମୋଟ ୮ଟି ପ୍ରସ୍ତାବକୁ ଗୃହୀତ କରାଯାଇଛି। ନିର୍ଦ୍ଦିଷ୍ଟଭାବେ ଦେଖିଲେ ଏହି କ୍ୟାବିନେଟ୍ ବୈଠକରେ ଜଳସମ୍ପଦ ବିଭାଗର ୫ଟି, ଯୋଜନା ଓ ସଂଯୋଜନା ବିଭାଗର ୨ଟି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗୋଟିଏ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଜଳସମ୍ପଦ ବିଭାଗୀୟ ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବଗୁଡ଼ିକ ହେଉଛି କେନାଲ ଲାଇନିଂ ଆଣ୍ଡ ସିଷ୍ଟମ ରିହାବିଲିଟେଶନ ପ୍ରୋଗ୍ରାମ (ସିଏଲ୍ଏସ୍ଆରପି), ଡ୍ରେନେଜ ଉନ୍ନତୀକରଣ କାର୍ଯ୍ୟକ୍ରମ (ଡିଆଇପି), ଜଳ କ୍ଷେତ୍ରୀୟ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍ଆଇଡିପି), ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ଏବଂ ଅଚଳ ଉଠାଜଳସେଚନ ପଏଣ୍ଟ (ଏଲ୍ଆଇପି)ଗୁଡ଼ିକର ପୁନରୁଦ୍ଧାର। ସେହିପରି ୬ କ୍ରମାଙ୍କରେ ଥିବା କାର୍ଯ୍ୟସୂଚୀରେ ବିଭିନ୍ନ ବିଭାଗର ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ହସ୍ତାନ୍ତର ହୋଇଥିଲା। ଏହାଦ୍ୱାରା ତୃଣମୂଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାକୁ ପୂର୍ବାପେକ୍ଷା ଅଧିକ କ୍ଷମତା ପ୍ରଦାନ କରାଯାଇଛି। ଅନୁରୂପଭାବେ ରାଜ୍ୟରେ ଜାତୀୟ/ଆନ୍ତର୍ଜାତିକ ମାନର ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟାନୁଷ୍ଠାନ ପ୍ରତିଷ୍ଠା ପାଇଁ ଅଣାଯାଇଥିବା ନୀତିଗତ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି। ରାଜ୍ୟ ହଜ୍ କମିଟିର ଷ୍ଟାମ୍ପ ଡ୍ୟୁଟିକୁ ଛାଡ଼ କରିବା ପାଇଁ କ୍ୟାବିନେଟ ଅନୁମତି ପ୍ରଦାନ କରିଛି।

# ୨୪ ଘଣ୍ଟାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା

## ନୂଆ ମୋଟର ଯାନ ଆଇନ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଦୁଇ ଦଫାରେ ୬ମାସ କୋହଳ ହେବା ପରେ ରାଜ୍ୟରେ ରବିବାର ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଭାବେ ଲାଗୁ ହୋଇଛି। ହେଲେ ସୋମବାର ଦ୍ୱିତୀୟ ଦିନରେ ଆଇନ ଖିଲାପକାରୀଙ୍କ ଉପରେ ମୋଟା ଅଙ୍କର ଜରିମାନା କଷିଛି ପୋଲିସ ଓ ପରିବହନ ବିଭାଗ। ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪ ଘଣ୍ଟାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବେପରୁଆ ଗାଡି ଚାଳକଙ୍କଠାରୁ ଆଦାୟ କରାଯାଇଛି। ସମ୍ବଲପୁରରେ ଜଣେ ନାବାଳକ ଗାଡ଼ି ଚଳାଉଥିବାବେଳେ ଧରାପଡ଼ିଥିଲେ। ଏନେଇ ତାଙ୍କ ବାପାଙ୍କଠାରୁ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱରରେ ୨ଟି ଘରୋଇ ଶିକ୍ଷାନୁଷ୍ଠାନର ବସ୍ ଉପରେ ୫୧ ହଜାର ୫ଶହ ଜରିମାନା କରାଯାଇଛି। ଏହାସହ ଏକ ସ୍କୁଲ ଭ୍ୟାନଠାରୁ ୩୭ ହଜାର ଏବଂ ସ୍କୁଲ ପିଲାଙ୍କୁ ବୋହି ନେଉଥିବା ଟାଟା ମ୍ୟାଜିକକୁ ଜବତ କରାଯାଇ ୨୨ ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି। ବରଗଡ଼ରେ ଜଣେ ମଦ୍ୟପ ଡ୍ରାଇଭର ଧରାପଡି ୧୦ ହଜାର ଟଙ୍କା ଗଣିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୩ ହଜାର ୮୭୦ ଜଣଙ୍କୁ ଚାଲାଣ କଟାଯାଇଛି। ବାଇକରେ ୩ଜଣ ଯାଉଥିବାବେଳେ ୧୨୬ ଜଣ ଧରାପଡିଛନ୍ତି। ମୋବାଇଲ ଫୋନରେ କଥାହୋଇ ଗାଡି ଚଳାଉଥିବାବେଳେ ୪୮ ଜଣ, ବିନା ହେଲମେଟ୍‌ରେ ୧୮୩୧ ଜଣ, ଦ୍ରୁତ ଗାଡ଼ିଚାଳନା ପାଇଁ ୨୭୭ ଜଣ, ମଦ ପିଇ ଗାଡି ଚଳାଉଥିବା ୨୪ ଜଣ, ବିନା ସିଟ୍‌ବେଲ୍ଟରେ ଗାଡି ଚଳାଉଥିବା ୩୪୯ ଜଣଙ୍କୁ ଜରିମାନା କରାଯାଇଛି। ☞ପୃଷ୍ଠା-୪

### ଆଜିର ମନ୍ତବ୍ୟ

"ଦିଲ୍ଲୀ ସାମ୍ପ୍ରଦାୟିକ ହିଂସା ରାଷ୍ଟ୍ର ପ୍ରାୟୋଜିତ ଗଣହତ୍ୟା।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ୧୫ ସୁଦ୍ଧା ୬.୩୫ କୋଟି ଆୟକର ରିଟର୍ନ ଇ-ଫାଇଲ କରାଯାଇଛି।

-ଅର୍ଥ ମନ୍ତ୍ରଣାଳୟ








Vencobb Fresh Chicken — Taste the difference!

02.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 40 | 80 | 90 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply

Issued in the Interest of Consumers



## ଇଜିପ୍ଟରେ ୩୭ ଜଣଙ୍କୁ ମୃତ୍ୟୁଦଣ୍ଡ

ଆତଙ୍କବାଦୀ ଆକ୍ରମଣ ମାମଲାରେ ଇଜିପ୍ଟର ଏକ ଅଦାଲତ ସୋମବାର ୩୭ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହାଇପ୍ରୋଫାଇଲ ଆତଙ୍କବାଦୀ ଅଛନ୍ତି। ଆଇଏସ୍ ସଂଗଠନ ସହ ସମ୍ପର୍କ ରଖିଥିବା ଏହି ଅପରାଧୀମାନେ ଇଜିପ୍ଟର ସିନାଇ ପେନିନ୍ସୁଲାରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି କାଇରୋ ଫୌଜଦାରି ଅଦାଲତ କହିଛନ୍ତି।

# ପାର୍ଲାମେଣ୍ଟରେ ଶାସକ- ବିରୋଧୀ ଧସ୍ତାଧସ୍ତି

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ବିରୋଧୀ
- ବାଚସ୍ପତିଙ୍କୁ ଫେରାଦ ହେଲେ ୩ ଏମ୍ପି

**ନୂଆଦିଲ୍ଲୀ,୨।୩**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ପୁଣି ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଦିଲ୍ଲୀ ହିଂସାକାଣ୍ଡ ମାମଲାକୁ ନେଇ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ଗୃହକାର୍ଯ୍ୟ ଆରମ୍ଭ କରିବା ପରେ କଳା ବ୍ୟାନର ଧରି ସେମାନେ ଟ୍ରେଜେରି ବେଞ୍ଚ୍ ଆଡ଼କୁ ଯାଇଥିଲେ। ପଛ ବେଞ୍ଚରେ ବସିଥିବା ଭାଜପା ସଦସ୍ୟମାନେ କଂଗ୍ରେସର ଏଭଳି ଆଚରଣକୁ ବିରୋଧ କରିଥିଲେ। ଏହା ପରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ଓ ପରେ ଠେଲାପେଲା ହୋଇଥିଲା। କିଛି ସମୟ ଗୃହ ରଣାଙ୍ଗନରେ ପରିଣତ ହୋଇଯାଇଥିଲା। କାର୍ଯ୍ୟରେ ବାଧା ଉପୁଜିବାରୁ ବାଚସ୍ପତି ଗୃହକୁ ପ୍ରଥମେ ଅପରାହ୍ନ ୩ଟା ଓ ପରେ ଦିନକ ଲାଗି ସ୍ଥଗିତ ରଖିଥିଲେ। ଏମ୍ପିଙ୍କ ଗୃହରେ ଏଭଳି ଆଚରଣ ମୋତେ କଷ୍ଟ ଦେଇଛି ବୋଲି ବିର୍ଲା ପ୍ରକାଶ କରିଛନ୍ତି।

ଲୋକ ସଭାରେ ଭାଜପାର ମୁଖ୍ୟ ସଚେତକ ସଞ୍ଜୟ ଜୟଶ୍ୱାଲ୍ ହଟ୍ଟଗୋଳ ବେଳେ ଗୃହରେ କହୁଥିବା ବେଳେ କଂଗ୍ରେସ ଏମ୍ପିମାନେ ଜୋର୍‌ରେ ପାଟିକରି ତାଙ୍କ ମୁହଁ ସାମ୍ନାରେ ପ୍ଲାକାର୍ଡ ଧରି ବାଧା ଦେଇଥିଲେ। ଫଳରେ ଭାଜପା ଏମ୍ପିମାନେ ବାହାରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଭାଜପା ଓ କଂଗ୍ରେସ ଏମ୍ପିମାନେ ଧକ୍କା ମରାମରି ହେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। କଂଗ୍ରେସର ଦଳିତ ଏମ୍ପି ରାମ୍ୟା ହରିଦାସ ଭାଜପା ଏମ୍ପିମାନେ ଗୃହରେ ଅପମାନିତ କରିଥିବା ନେଇ ବାଚସ୍ପତି ବିର୍ଲାଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜସ୍ଥାନର ଭାଜପା ଏମ୍ପି ଜସ୍‌କୌର ମୀନା ତାଙ୍କୁ ଶାରୀରିକ ଆଘାତ ଦେଇଥିବା ସେ ଅଭିଯୋଗ କରିଛନ୍ତି। ମୀନା ମଧ୍ୟ ଏମ୍ପି ହରିଦାସଙ୍କ ବିରୋଧରେ ପାଲ୍‌ଟା ଅଭିଯୋଗ ଆଣିଛନ୍ତି। ଭାଜପାର କେତେକ ମହିଳା ଏମ୍ପି ବାଚସ୍ପତିଙ୍କୁ ଭେଟି ଏମ୍ପି ମୀନା ଓ ଚିକ୍କମାଗଲୁରୁ ଏମ୍ପି ଶୋଭା କରାଣ୍ଡଲାଜେଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି।

ରାଜ୍ୟ ସଭାରେ ମଧ୍ୟ ଦିଲ୍ଲୀ ହିଂସାକାଣ୍ଡକୁ ନେଇ ହଟ୍ଟଗୋଳ ହେବାରୁ ଗୃହକୁ ଦିନକ ଲାଗି ମୁଲତବୀ ଘୋଷଣା କରାଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଏଏପି, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି, ଡିଏମ୍‌କେ ଓ ବାମମୋର୍ଚ୍ଚାର ସଦସ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ୍‌ବାଜି କରିଥିଲେ। ସରକାର ଶୋଇରହି ନିଜ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବା ଏମାନେ ଅଭିଯୋଗ କରିଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ସେମାନଙ୍କୁ ନିଜ ସ୍ଥାନକୁ ଯିବା ଲାଗି ଅନୁରୋଧ କରିଥିବା ବେଳେ କେହି ଶୁଣି ନ ଥିଲେ। ଆଖିରେ କଳା ପଟି ବାନ୍ଧି କେତେକ ବିକ୍ଷୋଭ କରିଥିଲେ। ହଟ୍ଟଗୋଳ ଯୋଗୁ ଶେଷରେ ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା।




ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ପାର୍ଲାମେଣ୍ଟ ପରିସରରେ ରାହୁଲ ଗାନ୍ଧୀ ଓ ଅନ୍ୟ କଂଗ୍ରେସ ଏମ୍ପିମାନେ ବିକ୍ଷୋଭ କରୁଛନ୍ତି।

# ୩ କରୋନା ରୋଗୀ ଚିହ୍ନଟ

## ପୁଣି ଜାରି ହେଲା କଟକଣା

**ନୂଆଦିଲ୍ଲୀ,୨।୩(ପି.ଟି.)**

ଭାରତରେ ଆଉ ୩ ଜଣ କରୋନା ରୋଗୀ ଦିଲ୍ଲୀ, ତେଲଙ୍ଗାନା ଓ ଜୟପୁରରୁ ଚିହ୍ନଟ ହୋଇଛନ୍ତି। ଇଟାଲୀରୁ ଦିଲ୍ଲୀ ଆସିଥିବା ବ୍ୟକ୍ତିଙ୍କ ଠାରେ କରୋନା ଭୂତାଣୁ ଥିବା ଜଣାପଡିଛି। ତେଲଙ୍ଗାନାରେ କରୋନା ସଂକ୍ରମିତ ବ୍ୟକ୍ତି ଜଣକ ପୂର୍ବରୁ ଦୁବାଇ ଯାଇଥିଲେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି। ସେହିପରି ଇଟାଲୀରୁ ଫେରିଥିବା ଅନ୍ୟ ଜଣେ ସଂକ୍ରମିତ ଥିବା ଜୟପୁରରେ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା କରାଯାଉଛି। ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାନି ଆଡଭାଇଜରି ଜାରି କରାଯାଇଛି। ବିମାନ ବନ୍ଦରଗୁଡ଼ିକରେ ଯାଞ୍ଚ ବଢ଼ାଇବାକୁ କୁହାଯିବା ସହ ଅତ୍ୟଧିକ ସଂକ୍ରମିତ ଦେଶକୁ ନ ଯିବା ଲାଗି ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି। ୨୧ଟି ବିମାନ ବନ୍ଦର, ୧୨ଟି ବୃହତ ଓ ୬୫ଟି କ୍ଷୁଦ୍ର ବନ୍ଦରରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୨୫,୭୩୮ ଜଣଙ୍କୁ ନଜରରେ ରଖାଯାଇଛି। ଅତି ଜରୁରୀ ନ ଥିଲେ ଚାଇନା, ଇରାନ, ଇଟାଲୀ, ଦକ୍ଷିଣ କୋରିଆ ଓ ସିଙ୍ଗାପୁର ନ ଯିବା ଲାଗି ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ୩୭ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି। ଇରାନ ଓ ଇଟାଲୀରେ ଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସେଠାକାର ସରକାରଙ୍କ ସହ ଆଲୋଚନା ଚାଲିଥିବା ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୨୧୭ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୫ ଜଣଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିଛି। ଅନ୍ୟ ୨୩ ଜଣଙ୍କୁ ରିପୋର୍ଟକୁ ଅପେକ୍ଷା କରାଯାଇଛି।

# ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

## ଗଛରେ ଟାଙ୍ଗିଦେଲେ

## ୭ ସ୍କୁଲ ଛାତ୍ର ଗିରଫ

**ତେଜ୍‌ପୁର,୨।୩:** ଆସାମର ବିଶ୍ୱନାଥ ଜିଲା ଅନ୍ତର୍ଗତ ଚକ୍‌ଲା ଗ୍ରାମରେ ଜଣେ ନାବାଳିକା(୧୨)ଙ୍କୁ ଗଣବଳାତ୍କାର କରାଯିବା ପରେ ମାରି ଗଛରେ ଟଙ୍ଗାଇ ଦିଆଯାଇଛି। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଥିବା ବେଳେ ୭ ସ୍କୁଲ ଛାତ୍ରଙ୍କୁ ଗିରଫ କରାଯାଇଥିବା ପ୍ରକାଶ। ହାଇସ୍କୁଲ ପରୀକ୍ଷା ଦେଇ ଛାତ୍ରମାନେ ଫେରିଥିବାବେଳେ ଶୁକ୍ରବାର ରାତିରେ ଏଭଳି କାଣ୍ଡ ରଚିଥିବା ପୋଲିସ କହିଛି। ପରୀକ୍ଷା ଶେଷ ହେବା ପରେ ପାର୍ଟି କରିବା ଆଳରେ ଛାତ୍ରମାନେ ନାବାଳିକାକୁ ଘରକୁ ଡ଼ାକିଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିବା ସହ ମାରି ନିକଟସ୍ଥ ଜଙ୍ଗଲର ଏକ ଗଛରେ ଟାଙ୍ଗି ଦେଇଥିଲେ ବୋଲି ପୋଲିସ କହିଛି। ଶନିବାର ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ରବିବାର ୭ ସ୍କୁଲ ଛାତ୍ରଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି।

### ଇତିହାସର ଆଇନାରେ

**ମାର୍ଚ୍ଚ ୩ର ପ୍ରମୁଖ ଘଟଣା**

୧୯୮୫ ମାର୍ଚ୍ଚ ୩ରେ ଚିଲିର ଭାଲ୍‌ଖିପାରାଇସୋ ଅଞ୍ଚଳରେ ଭୂକମ୍ପ ହେବାରୁ ୧୮୦ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ୮.୩ ଥିଲା।

୨୦୧୩ ମାର୍ଚ୍ଚ ୩ରେ ପାକିସ୍ତାନର କରାଚୀରେ ବୋମା ବିସ୍ଫୋରଣ ହେବାରୁ ପ୍ରାୟ ୫୦ ଜଣ ପ୍ରାଣ ହରାଇଥିଲେ। ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ।

# ୧୧ ଦୋଷୀଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

## ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

**ରାଞ୍ଚି,୨।୩**

ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ମାମଲାରେ ରାଞ୍ଚିର ଏକ କୋର୍ଟ ୧୧ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜିଲା ଜଜ୍ ନଭ୍‌ନୀତ୍ କୁମାର ଫେବୃୟାରୀ ୨୬ରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିବା ବେଳେ ସୋମବାର ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକ ଦୋଷୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନାଦେଶ ଶୁଣାଯାଇଛି। ଦୋଷୀମାନେ ହେଲେ କୁଲ୍‌ଦୀପ ଓରାଅନ୍, ସୁନୀଲ ଓରାଅନ୍, ସନ୍ଦୀପ ତିର୍କୀ, ଅଜୟ ମୁଣ୍ଡା, ରଞ୍ଜନ ଓରାଅନ୍, ନବୀନ ଓରାଅନ୍, ବସନ୍ତ କଚ୍ଛପ, ରବି ଓରାଅନ୍, ରୋହିତ୍ ଓରାଅନ୍, ସୁନୀଲ ମୁଣ୍ଡା ଓ ରିଶି ଓରାଅନ୍। ଗତବର୍ଷ ନଭେମ୍ବର ୨୬ରେ ଜଣେ ପୁରୁଷ ବନ୍ଧୁଙ୍କ ସହ ଆଇନ ଛାତ୍ରୀ ଜଣକ ରାଞ୍ଚି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ସ୍କୁଟିରେ ଫେରୁଥିବା ବେଳେ ବାଟରେ ଗାଡ଼ିରୁ ତେଲ ସରିଯାଇଥିଲା। ବାଟରେ ଅପେକ୍ଷା କରିଥିବା ବେଳେ ବାଇକ୍‌ରେ ଆସୁଥିବା ୮ ଜଣ ଯୁବକ ଛାତ୍ରୀଙ୍କୁ ବାଟରୁ ଜୋର୍‌ଜବରଦସ୍ତ ଉଠାଇ ନେଇ ନିକଟସ୍ଥ ଇଟାଭାଟିରେ ବଳାତ୍କାର କରିଥିଲେ। ପରେ ସେଠାରେ ଅନ୍ୟ ୪ ଜଣ ପହଞ୍ଚି ମଧ୍ୟ ବଳାତ୍କାର କରିଥିଲେ। ଘଟଣା ପରେ ପୀଡ଼ିତା ପୋଲିସରେ ଅଭିଯୋଗ କରିବାରୁ ୧୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଜଣେ ବଳାତ୍କାରୀ ନାବାଳକ ହୋଇଥିବାରୁ ମାମଲା ଏବେ ଜୁଭେନାଇଲ କୋର୍ଟରେ ଚାଲିଛି।






# ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ

- ବନ୍ଦ ହେବ ରାଜ୍ୟର ପ୍ରାୟ ୫୮୦୦ ବିଦ୍ୟାଳୟ
- ୨୦ରୁ କମ୍ ପିଲା ଥିବା ବିଦ୍ୟାଳୟ ବନ୍ଦ ହେବା ନିଶ୍ଚିତ
- ୪୦ରୁ କମ୍ ଥିବେ, ୧କିମି ଭିତରେ ଅନ୍ୟ ସ୍କୁଲ ଥିଲେ ସମାନ ନିୟମ

ଭୁବନେଶ୍ୱର,୨।୩(ବ୍ୟୁରୋ)

ରାଜ୍ୟ ସରକାର ବର୍ତ୍ତମାନ ପ୍ରତ୍ୟେକ ସ୍କୁଲର ଗୋଟିଏ କ୍ଲାସ ପିଛା ଜଣେ ଲେଖାଏ ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏହାକୁ ସଫଳ କରିବା ପାଇଁ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏକ ନୂଆ ଯୋଜନା ପ୍ରସ୍ତୁତ କରିଛି। ସେହି ଅନୁଯାୟୀ ରାଜ୍ୟରେ ଚାଲିଥିବା ପାଖାପାଖି ୫୪ହଜାର ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୫,୮୦୦ ସରକାରୀ ବିଦ୍ୟାଳୟକୁ ଖୁବ୍‌ଶୀଘ୍ର ବନ୍ଦ କରିଦିଆଯିବ। ଯେଉଁସବୁ ବିଦ୍ୟାଳୟରେ ୨୦ଜଣରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ସେଗୁଡ଼ିକ ପ୍ରଥମେ ବନ୍ଦ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୦ଜଣରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଥିବା ସ୍କୁଲଗୁଡିକ ବନ୍ଦ କରିଦେବା ଉପରେ ସରକାର ନିଷ୍ପତ୍ତି ନେଇଥିଲେ। ଏହିଭଳି ରାଜ୍ୟର ମୋଟ ୭୪୦ଟି ସ୍କୁଲକୁ ସରକାର ବନ୍ଦ କରି ସାରିଥିବା ଜଣାପଡିଛି। ଏହିସବୁ ବିଦ୍ୟାଳୟର ପିଲାମାନଙ୍କୁ ନିକଟସ୍ଥ ସ୍କୁଲରେ ମାଗଣାରେ ସରକାର ନାମ ଲେଖାଇବା ସହିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରିଛନ୍ତି। ସେହି ଢାଞ୍ଚାରେ ବର୍ତ୍ତମାନ ୨୦ରୁ କମ୍ ପିଲା ପଢୁଥିବା ସ୍କୁଲ ବନ୍ଦ କରିଦେଇ ସେହି ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଉଛି। ଏହାସହ ଯେଉଁ ବିଦ୍ୟାଳୟଗୁଡିକରେ ଭିତ୍ତିଭୂମି ଠିକ୍ ଥିବ ସେଠାରେ ହିଁ ପିଲାଙ୍କ ନାମ ଲେଖାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବନ୍ଦ ହେବାକୁଥିବା ସ୍କୁଲଗୁଡିକର ଶିକ୍ଷକମାନଙ୍କୁ ଯେଉଁ ବିଦ୍ୟାଳୟରେ ପିଲାମାନଙ୍କ ଅନୁପାତ ଠିକ୍ ଥାଇ ଶିକ୍ଷକମାନଙ୍କ ସଂଖ୍ୟା କମ୍ ଥିବ ସେଠାରେ ନିଯୁକ୍ତି ଦିଆଯିବ। ଅପରପକ୍ଷରେ ସବୁ ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଅନୁପାତ ଠିକ୍ ରଖାଯିବ ବୋଲି ଜଣାପଡିଛି। ଯେଉଁସବୁ ବିଦ୍ୟାଳୟ ବନ୍ଦ କରିଦିଆଯିବ ସେହିସବୁ ସ୍କୁଲ ଗୃହଗୁଡ଼ିକ ସରକାରଙ୍କ ପଞ୍ଚାୟତ ଅଧୀନକୁ ଯିବ। ବନ୍ଦ ହେବାକୁ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକର ସମ୍ପତ୍ତି ଉକ୍ତ ଗ୍ରାମପଞ୍ଚାୟତ ଅଧୀନରେ ରହିବ। ସେହିପରି ଉଚ୍ଚ ବିଦ୍ୟାଳୟଗୁଡିକର ସମ୍ପତ୍ତି ପଞ୍ଚାୟତ ସମିତି ଅଧୀନରେ ରଖାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

ଏହାଛଡ଼ା ୪୦ରୁ କମ୍ ପିଲା ପାଠ ପଢୁଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ସରକାର ବନ୍ଦ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ହେଲେ ସବୁ ସ୍ଥାନରେ ଏହା କାର୍ଯ୍ୟକାରୀ ହେବନାହିଁ। ଯେଉଁ ସ୍କୁଲ ବନ୍ଦ କରାଯିବ ତା'ର ନିକଟସ୍ଥ ୧ କି.ମି. ପରିଧି ମଧ୍ୟରେ ଯଦି କୌଣସି ସରକାରୀ ସ୍କୁଲ ଥିବ ତେବେ ସେଠାରେ ଉକ୍ତ ନିଷ୍ପତ୍ତି ଲାଗୁ କରାଯିବ। ଯଦି ୧ କି.ମି. ପରିଧି ମଧ୍ୟରେ କୌଣସି ସରକାରୀ ସ୍କୁଲ ନ ଥିବ ତେବେ ୪୦ରୁ କମ୍ ପିଲା ପଢୁଥିବା ବିଦ୍ୟାଳୟଗୁଡିକୁ ସରକାର ବନ୍ଦ କରିବେ ନାହିଁ। ସବୁ ଜିଲାର ଜିଲାପାଳଙ୍କ ଅଧୀନରେ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ କମିଟି ରହିଛି, ସେମାନେ ହିଁ ଏହା ଉପରେ ନିଷ୍ପତ୍ତି ନେବେ। ସେହିଭଳି ସ୍କୁଲ ପାଖରେ ଯଦି ଜାତୀୟ ରାଜପଥ, ନଦୀ, ହ୍ରଦ, ପାହାଡ ଆଦି ରହିଥିବ ସେ ସ୍ଥାନରେ ସ୍କୁଲଗୁଡିକରେ କମ୍ ଉପସ୍ଥାନ ଥିଲେ କ'ଣ ହେବ ସେନେଇ ମଧ୍ୟ ଜିଲାପାଳଙ୍କ ଅଧୀନରେ ରହିଥିବା କମିଟି ନିଷ୍ପତ୍ତି ନେବ ବୋଲି ସୂଚନା ମିଳିଛି।

# ବୀଣାପାଣି ମହାନ୍ତି ପାଇବେ 'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର'

## ୨୦୧୯ ମସିହା ଲାଗି ସମ୍ମାନିତ ହେବେ ୧୫ ସାହିତ୍ୟିକ

ଭୁବନେଶ୍ୱର,୨।୩(ବ୍ୟୁରୋ)

ପ୍ରଖ୍ୟାତ କଥାଶିଳ୍ପୀ ତଥା ବିଶିଷ୍ଟ ସାହିତ୍ୟିକା ବୀଣାପାଣି ମହାନ୍ତି ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ୨୦୧୯ ମସିହା ଲାଗି ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ସୋମବାର ଓଡିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ଓ ନିରବଚ୍ଛିନ୍ନ ସାଧନା ପାଇଁ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିଭଳି କବିତା, ଗଳ୍ପ, ଉପନ୍ୟାସ, ଅନୁବାଦ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଗି ରାଜ୍ୟର ୧୫ଜଣ ବୟୋଜ୍ୟେଷ୍ଠ ସାହିତ୍ୟିକ, ସାହିତ୍ୟିକାଙ୍କୁ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯିବ। ସେମାନେ ହେଲେ ସାହିତ୍ୟିକ ମୀନକେତନ ପୁରୋହିତ, ଗୌରଚନ୍ଦ୍ର ପଣ୍ଡା, ପଦ୍ମନାଭ ସାହୁ, ଇନ୍ଦୁଲତା ମହାନ୍ତି, ବିଭୂତି ଭୂଷଣ ପଟ୍ଟନାୟକ, ଶୈଳେନ୍ଦ୍ର କୁମାର ମହାପାତ୍ର, ନିରଞ୍ଜନ ପାଢୀ, ଶ୍ରୀକାନ୍ତ ଚରଣ ପାତ୍ର, କବିବର ପରିଡ଼ା, ତ୍ରିନାଥ ନାୟକ, ମନୀନ୍ଦ୍ର ମହାନ୍ତି, ରବି ମହାପାତ୍ର, ଶରତ ଚନ୍ଦ୍ର କର, ବ୍ରଜ ଦାସ ଓ ଅଖିଳାନନ୍ଦ ବେବର୍ତ୍ତା।

'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର' ପାଇବାକୁ ମନୋନୀତ ହୋଇଥିବା ବୀଣାପାଣି ମହାନ୍ତି ୧୯୩୬ ନଭେମ୍ବର ୧୧ରେ କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ବରିଷ୍ଠ ଶିକ୍ଷାବିତ୍ ସହ ଜଣେ ସୁପ୍ରସିଦ୍ଧ ଲେଖିକା। ସେ ମଧ୍ୟ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚଳିତବର୍ଷ ଲାଗି ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ବୀଣାପାଣି ୧୯୬୦ରେ ଅର୍ଥନୀତି ବିଭାଗରେ ଅଧ୍ୟାପକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ୧୯୯୨ରେ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ସାହିତ୍ୟକୁ ଚିରଦିନ ପାଇଁ ଆଦରି ନେଇଥିଲେ। ତାଙ୍କ ରଚିତ କେତେକ ଲୋକପ୍ରିୟ ଗଳ୍ପ ଓ ଉପନ୍ୟାସ ପୁସ୍ତକ ମଧ୍ୟରେ ରହିଛି 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ', 'ସାୟାହ୍ନର ସ୍ୱର', 'ଅନ୍ୟ ଅରଣ୍ୟ', 'ପାଟଦେଇ', 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ପ୍ରମୁଖ। ଗଳ୍ପ ସଂକଳନ 'ପାଟଦେଇ' ପାଇଁ ୧୯୯୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଭାରତୀ ପୁରସ୍କାର ଭଳି ଏକାଧିକ ପୁରସ୍କାର ଓ ସମ୍ମାନର ସେ ଅଧିକାରୀ। ଓଡ଼ିଆ ସାହିତ୍ୟରେ ନିମ୍ନବର୍ଗ ମଣିଷ ଓ ନାରୀର ସମସ୍ୟାକୁ ଅତ୍ୟନ୍ତ ଚମତ୍କାରଭାବେ ନିଜ ସାହିତ୍ୟ ସୃଷ୍ଟିରେ ବର୍ଣ୍ଣନା କରିଛନ୍ତି ଏହି ଲେଖିକା। କେବଳ ଏତିକି ନୁହେଁ, ଏକାଧିକ ସାରସ୍ୱତ କୃତିର ଅନୁବାଦ କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।



# ଦୀଘା ମୁହାଣରୁ ଧରାହେଲା ୯ ଶହ କେଜି ବିରଳ ପ୍ରଜାତିର ମାଛ

## ୨୦ ହଜାରରେ ହେଲା ନିଲାମ

**ଭୋଗରାଇ,୨।୩(ଡି.ଏନ.ଏ.):** ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଗଭୀର ସମୁଦ୍ରରୁ ସୋମବାର ସକାଳେ ଏକ ବିରଳ ପ୍ରଜାତିର ମଗରମାଛ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି। ଏହି ମାଛର ଓଜନ ପ୍ରାୟ ୯୦୦ କିଲୋଗ୍ରାମ। ମତ୍ସ୍ୟଜୀବୀମାନେ ୩ଟି ଟ୍ରଲରରେ ଏହି ବୃହତକାୟ ମାଛକୁ ଧରି ଦୀଘା ମୁହାଣକୁ ଆଣିଥିଲେ। ମାଛଟିକୁ ସ୍ଥାନୀୟ ମାର୍କେଟ୍‌ରେ ୨୦ହଜାର ଟଙ୍କାରେ ନିଲାମ କରାଯାଇଛି। ମାଛ ବ୍ୟବସାୟୀ ରବୀନ୍ଦ୍ର ସାମଲ ଏହାକୁ କିଣିଥିଲେ। ଏହି ବିରଳ ମାଛ ଦେଖିବାକୁ ଚିଲପକ୍ଷୀ ଓ ହାତୀର କାନ ଭଳି। ଇଂରାଜିରେ ଏହି ମାଛକୁ ଷ୍ଟିଙ୍ଗ ରାୟ ଓ ସ୍ଥାନୀୟ ଲୋକେ ହାତୀ କାନିଆ ବୋଲି କହିଥାନ୍ତି। ବ୍ୟବସାୟୀ ଏହି ମାଛକୁ ଏକ ଗାଡ଼ି ଯୋଗେ କୋଲକାତା ମାଛ ମାର୍କେଟ୍‌କୁ ବିକ୍ରି କରିବା ଉଦ୍ଦେଶ୍ୟରେ ନେଇଛନ୍ତି। ସେଠାରେ ୪ ଗୁଣରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେବ ବୋଲି ମାଛ ବ୍ୟବସାୟୀ କହିଛନ୍ତି। ତେବେ ଏହି ମାଛକୁ କାଟି ଖାଦ୍ୟ ଉପଯୋଗୀ କରାଯିବା ସହ ଏହାକୁ ଔଷଧ ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ। ବିରଳ ପ୍ରଜାତିର ମାଛକୁ ଦେଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବିରଳ ପ୍ରଜାତିର ଜଳଜୀବ ମୃତ୍ୟୁମୁଖରେ ପଡୁଥିବାରୁ ପ୍ରକୃତି ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି।


ଦୀଘା ମୁହାଣରେ ଧରାପଡ଼ିଥିବା ବିରଳ ପ୍ରଜାତିର ବୃହତକାୟ ମାଛ।

ସୂଚନାନୁଯାୟୀ, ୨୦୧୨ ଡିସେମ୍ବର ୧୨ ତାରିଖରେ ଦୀଘା ଗଭୀର ସମୁଦ୍ରରେ ଜାହାଜ ଲୁହା ଫ୍ୟାନ୍‌ରେ ୨୦ ଟନ୍‌ରୁ ଅଧିକ ଓଜନର ତିମି ପ୍ରଜାତିର ମାଛ କଟିଯାଇ କ୍ଷତବିକ୍ଷତ ହୋଇ ଦୀଘା ମୁହାଣକୁ ଭାସି ଆସିଥିଲା। ତିମିର ମୃତ୍ୟୁରେ ଏକମାସ ଧରି ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଦୀଘା-ଶଙ୍କରପୁର ଫିସାର ଆଣ୍ଡ ଫିସେସ୍ ଆସୋସିଏଶନ ସମ୍ପାଦକ ଶ୍ୟାମ ପ୍ରସାଦ ଦାସ କହିଛନ୍ତି, ବର୍ଷକୁ ୫ରୁ ୮ଟି ଏହିଭଳି ବିରଳ ପ୍ରଜାତିର ମାଛ ଜାଲରେ ପଡ଼ିଥାଏ ଓ ଏହି ମାଛକୁ କଲିକତା ମାଛ ମାର୍କେଟ୍‌ରେ ଚଢ଼ା ଦାମ୍‌ରେ ବିକ୍ରି ହୋଇଥାଏ।






## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜୁ ଜୟନ୍ତୀରେ ବଣ୍ଟାଯିବ 'ପକ୍କାଘର ଯୋଗ୍ୟତା କାର୍ଡ'

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

- ସହରାଞ୍ଚଳ ବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର
- ମାର୍ଚ୍ଚ ୫ରୁ ୨ ସପ୍ତାହ ଧରି ଚାଲିବ
- ବିଜୁ ଜୟନ୍ତୀ କେମିତି ପାଳନ କଲେ ସମସ୍ତେ ଫଟୋ ପଠାଇବେ

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଦିବସକୁ ଆସନ୍ତା ୫ ତାରିଖରେ ବିଜେଡି ପକ୍ଷରୁ ପାଳନ କରାଯିବ। ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ଲୋକଙ୍କ ସହ ଏହି ଦିବସ ପାଳନ କରାଯିବ। ବିଜୁ ଜୟନ୍ତୀ ଦିବସଠାରୁ ୨ ସପ୍ତାହ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ପକ୍କାଘର ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ 'ପକ୍କାଘର ଯୋଗ୍ୟତା କାର୍ଡ' ପ୍ରଦାନ କରାଯିବ। ସେହିପରି ସହରାଞ୍ଚଳରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ 'ଜାଗା ମିଶନ' ମାଧ୍ୟମରେ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଣ୍ଟାଯିବ। ଏହି କାର୍ଯ୍ୟକୁ ଆନ୍ତରିକତାର ସହିତ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ଜିଲା ସଭାପତି, ଛାମୁଆ ସଙ୍ଗଠନର ରାଜ୍ୟ ସଭାପତି ଏବଂ ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।

ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏଥର ବିଜୁ ଜୟନ୍ତୀ ସମାରୋହ ଆସନ୍ତା ୫ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ବ୍ଲକ ଏବଂ ପୌରାଞ୍ଚଳରେ ବୈଠକ କରାଯାଇ ନବୀନ ପଟ୍ଟନାୟକଙ୍କ ୨୦ବର୍ଷ ସରକାରର

### ଦଳୀୟ ନେତୃତ୍ୱଙ୍କୁ ଚିଠି ଲେଖିଲେ ନବୀନ

ସଫଳତା ସମ୍ପର୍କରେ ପ୍ରଚାର କରାଯିବ। ଏହି ଦିବସକୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ବିଜୁ ଜୟନ୍ତୀଠାରୁ ତାଙ୍କ ତିରୋଧାନ ଦିବସ ଅର୍ଥାତ୍ ଏପ୍ରିଲ ୧୭ ତାରିଖ ମଧ୍ୟରେ ଛାମୁଆ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ତଥା ଜୀବନବିନ୍ଦୁ କାର୍ଯ୍ୟକ୍ରମ ଚାଲିବ। ଅନ୍ୟପକ୍ଷରେ ମାର୍ଚ୍ଚ ୮ ତାରିଖରେ ମହିଳା ଦିବସ ଅବସରରେ ଦଳର ମହିଳା ସଙ୍ଗଠନ ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯାଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୦ଜଣ ସଫଳ ମହିଳାଙ୍କୁ ସମ୍ମାନିତ କରାଯିବ। ଏହାସହ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତେ ଏହାର ଫଟୋ ଏବଂ ଭିଡିଓ ପଠାଇବା ପାଇଁ ସମସ୍ତଙ୍କୁ ସେ ଅନୁରୋଧ କରିଛନ୍ତି।

# ସରିଲା ମାଟ୍ରିକ୍ ପରୀକ୍ଷା: ୧୮ରୁ ଖାତାଦେଖା

**କଟକ ଅଫିସ, ୨।୩**

### କପି କରି ଧରାପଡ଼ିଲେ ୯୪୭ ପରୀକ୍ଷାର୍ଥୀ

ସୋମବାର ଶେଷ ହୋଇଛି ଚଳିତବର୍ଷର ମାଟ୍ରିକ ପରୀକ୍ଷା। ଆସନ୍ତା ୧୮ରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖାତା ଦେଖା ଚାଲିବ। ୬୧ଟି ମୂଲ୍ୟାୟନ କେନ୍ଦ୍ରରେ ୧୫ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟାୟନକାରୀ ଖାତାଦେଖା ଦାୟିତ୍ୱରେ ନିୟୋଜିତ ହେବେ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ଉତ୍ତରଖାତାଗୁଡ଼ିକ ପର୍ଯ୍ୟାୟକ୍ରମେ ମୂଲ୍ୟାୟନ କେନ୍ଦ୍ରକୁ ଅଣାଯାଉଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୋମବାର ପରୀକ୍ଷାର ଶେଷ ଦିନରେ ୧୫୦ ପରୀକ୍ଷାର୍ଥୀ କପି କରି ଧରାପଡ଼ିବା ସହ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୧୪୯ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ଜଣେ ପରୀକ୍ଷାର୍ଥୀ ଅଛନ୍ତି। ସୋମବାର ମାଟ୍ରିକ୍ ପରୀକ୍ଷାରେ ସାମାଜିକ ବିଜ୍ଞାନ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ଓଡ଼ିଆ, ତେଲୁଗୁ, ହିନ୍ଦୀ, ସଂସ୍କୃତ ପ୍ରଶ୍ନପତ୍ର ରହିଥିଲା। ଚଳିତବର୍ଷ ମୋଟ ୯୪୭ ଜଣ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୬୦ହଜାର ୯୦୫ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ। ୨୮୮୮ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ପ୍ରଥମ ଦିନରେ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହୋଇଛି ବୋଲି ଅଭିଯୋଗ ହୋଇଥିବାବେଳେ ଏହା ଭିତ୍ତିହୀନ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ କିମ୍ବା ଅନ୍ୟ କୌଣସି ବିଶୃଙ୍ଖଳା ଦେଖିବାକୁ ମିଳିନି। ପ୍ରଶ୍ନପତ୍ର ଉପରେ ପ୍ରଥମଥର ନିମନ୍ତେ ଲାଗୁ ହୋଇଥିବା ଡିଜିଟାଲ କୋଡ୍ ବ୍ୟବସ୍ଥା ଫଳପ୍ରଦ ହୋଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଖାତା ଦେଖା ପ୍ରକ୍ରିୟା ମଧ୍ୟ ସୁଚାରୁରୂପେ କରାଯିବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ଆଶା ପ୍ରକଟ କରିଛନ୍ତି।

# ବିସ୍ଫୋରକ ବୋଝେଇ ଟ୍ରକ ଜବତ, ୨ ଅଟକ

**ଜୟପୁର, ୨।୩(ଡି.ଏନ.ଏ/ନି.ପ୍ର)**

କୋରାପୁଟ ଜିଲା ଜୟପୁର ଟାଉନ ଥାନା ପୋଲିସ ସୋମବାର ସ୍ଥାନୀୟ ଗାନ୍ଧିଛକଠାରେ ଏକ ବିସ୍ଫୋରକ ବୋଝେଇ ଟ୍ରକକୁ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି। ଉକ୍ତ ଟ୍ରକରେ ୨ ଶହ ବସ୍ତା ବିସ୍ଫୋରକ ଥିବା ଜଣାଯାଇଛି। ଏହା ହାଇଦ୍ରାବାଦରୁ ସାଲୁର ଦେଇ ମାଲକାନଗିରି ଜିଲାର କୋରକୁଣ୍ଡା ଏବଂ ମୋଟୁ ଅଞ୍ଚଳର ଦୁଇଟି ପଥର କୁଆଁରିକୁ ଚାଲାଣ ହେଉଥିଲା। ଡ୍ରାଇଭର ବିସ୍ଫୋରକ ସାମଗ୍ରୀ ବିକ୍ରି ଓ ପରିବହନର କାଗଜପତ୍ର ପୋଲିସକୁ ପ୍ରଦାନ କରିଛନ୍ତି। କିନ୍ତୁ ଯାଞ୍ଚ ବେଳେ ଟ୍ରକରେ ୧୭୮ ବସ୍ତା ବୋଝେଇ ବଦଳରେ ୨୦୦ ବସ୍ତା ଥିବା ଜଣାଯାଇଛି। ମାଓବାଦୀ ପ୍ରବଣ କୋରାପୁଟ ଏବଂ ମାଲକାନଗିରି ଜିଲାକୁ ରାତିରେ ବିସ୍ଫୋରକ ଦ୍ରବ୍ୟ ପରିବହନ ବେଆଇନ। ହେଲେ ଏହା କିପରି ନିଆଯାଉଥିଲା ସେନେଇ ତଦନ୍ତ କରାଯାଉଛି। ଏନେଇ ହାଇଦ୍ରାବାଦ ବିକ୍ରି ସଂସ୍ଥା ଓ ମାଲକାନଗିରି ପୋଲିସଙ୍କୁ ଯୋଗାଯୋଗ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

## ଆଜିଠୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନ ବିଜ୍ଞାନ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ରହିଛି। ତେବେ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ। ପରୀକ୍ଷାର୍ଥୀମାନେ ସକାଳ ୯ଟା ୪୫ ସୁଦ୍ଧା ନିଜ ସିଟ୍‌ରେ ବସିବା ପାଇଁ ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୧୪୩ କେନ୍ଦ୍ରରେ ପରୀକ୍ଷା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୩ ଲକ୍ଷ ୫୦ ହଜାର ୮ଶହ ପରୀକ୍ଷାର୍ଥୀ ରହିଥିବାବେଳେ ବିଜ୍ଞାନରେ ୯୭ ହଜାର ୫୪୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଆସନ୍ତା ୨୮ତାରିଖରେ ଯୁକ୍ତ୨ ପରୀକ୍ଷା ସରିବ।

# ବିବାଦୀୟ ଜମି ଉପରୁ ଦାବି ଛାଡ଼ିଲେ ମୁସଲମାନ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଦୀର୍ଘ ୧୦ ବର୍ଷ ଧରି ଦିଲ୍ଲୀର ଶାହରନପୁରସ୍ଥିତ ଏକ ଜମିକୁ ନେଇ ଲାଗି ରହିଥିବା ବିବାଦର ପରିସମାପ୍ତି ଲାଗି ମୁସଲମାନ ଓ ଶିଖ୍ ସମ୍ପ୍ରଦାୟ ନିଷ୍ପତ୍ତି ନେଇଛନ୍ତି। ଏହି ଜମିକୁ ନେଇ ୨୦୧୪ରେ ଦଙ୍ଗା ସୃଷ୍ଟି ହୋଇଥିଲା। ନିକଟରେ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗାବେଳେ ମୁସଲମାନମାନଙ୍କୁ ସହାୟତାର ହାତ ବଢ଼ାଇଥିଲେ ଶିଖ୍ ସମ୍ପ୍ରଦାୟ। ଫଳରେ କୃତଜ୍ଞତାର ନିଦର୍ଶନ ସ୍ୱରୂପ ମୁସଲମାନ ସମ୍ପ୍ରଦାୟ ବିବାଦୀୟ ଜମି ଉପରୁ ଦାବି ଫେରାଇନେବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ ଦଶନ୍ଧି ପୂର୍ବେ କୁତୁବଶେର ଅଞ୍ଚଳରେ ଗୁରୁଦ୍ୱାର କମିଟି ଉକ୍ତ ଜମିକୁ କିଣିଥିଲା। ଗୁରୁଦ୍ୱାର ପରିସର ବଢ଼ାଇବା ଏହି ଜମି କିଣିବାର ଉଦ୍ଦେଶ୍ୟ ଥିଲା।

### ଶିଖ୍‌ଙ୍କ ପ୍ରତି କୃତଜ୍ଞତାର ନିଦର୍ଶନ

ଜମି କିଣିବା ପରେ ସେଠାରେ ଥିବା ଏକ ମସ୍‌ଜିଦ ସମେତ କେତେକ କୋଠାକୁ ଭାଙ୍ଗିଦିଆଯାଇଥିଲା। ୨୦୧୪ ଜୁଲାଇରେ ସେଠାରେ ଗୁରୁଦ୍ୱାର କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହ ଦଙ୍ଗାରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୩୩ ଜଣ ଆହତ ହୋଇଥିଲେ। ଶେଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏବେ ମୁସଲମାନ ସମ୍ପ୍ରଦାୟ ଉକ୍ତ ଜମି ଉପରୁ ଅଧିକାର ତ୍ୟାଗ କରିଛନ୍ତି। ତାହା ବଦଳରେ ସେମାନଙ୍କୁ ବିକଳ୍ପ ଜମି ଯୋଗାଇ ଦେବା ସହ ମସ୍‌ଜିଦ ନିର୍ମାଣ ଖର୍ଚ୍ଚ ଦେବା ଲାଗି ଗୁରୁଦ୍ୱାର ପରିଚାଳନା କମିଟି ରାଜି ହୋଇଛି।

ପ୍ରଥମ ପୃଷ୍ଠାରୁ...

## ୨୪ ଘଣ୍ଟାରେ...

ପରିବହନ ବିଭାଗ ୧,୭୬୮ଜଣଙ୍କଠାରୁ ୮ ଲକ୍ଷ ଆଦାୟ କରିଥିବାବେଳେ ପୋଲିସ ୨,୧୧୨ ଜଣଙ୍କଠାରୁ ୧୮ ଲକ୍ଷ ଆଦାୟ କରିଛି। ସେହିଭଳି ସୋମବାର ଭୁବନେଶ୍ୱର ଆରଟିଓ-୨ ପକ୍ଷରୁ ଯାଞ୍ଚ କରାଯାଇ ୪୫ଟି ଚାଲାଣ କଟାଯାଇଛି, ଯାହାର ପରିମାଣ ହେଉଛି ୨ଲକ୍ଷ ୧୫ ହଜାର ଟଙ୍କା। ସେହିପରି ଆରଟିଓ-୧ ପକ୍ଷରୁ ୬୦ ଚାଲାଣ କଟାଯାଇଥିବାବେଳେ ଅଢ଼େଇ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ପୁଣି ଅଟକିଲା...

ଫିଙ୍ଗିଦିଆଯାଇଥିଲା। ୧୪ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖି ବୁଜିଥିଲେ। ମୁଖ୍ୟ ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକ ହୋଇଥିବାରୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ତାଙ୍କର ବିଚାର ହୋଇଥିଲା। ଅନ୍ୟ ୪ ଜଣଙ୍କୁ ଦୋଷୀସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ତେବେ ସେମାନେ ଜଣକ ପରେ ଜଣେ ପିଟିଶନ ଓ ରାଜକ୍ଷମା ଆବେଦନ କରୁଥିବାରୁ ଫାଶୀଦଣ୍ଡ କାର୍ଯ୍ୟକାରୀ ହୋଇପାରୁ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚତୁର୍ଥ ସ୍ଥାନକୁ ଶନିଦୃଷ୍ଟି ଯୋଗୁ ପାରିବାରିକ ସ୍ତରରେ ଅନ୍ୟ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହୋଇପାରେ। ସତର୍କତା ଅଭାବରୁ ହାତରୁ ସୁଯୋଗ ଖସିଯିବାର ଆଶଙ୍କା ରହିଛି। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବେ ଏବଂ ପ୍ରକାଶନ, ପ୍ରଶାସନ, ଗବେଷଣା କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** କର୍ମଭାବରେ ରବି ଓ ବୁଧ ହେତୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ଶତ୍ରୁ ଉପଦ୍ରବ ଲାଗି ରହିପାରେ।

**ମିଥୁନ** ନୂତନକର୍ମାରମ୍ଭ କରିବା ସକାଶେ ବିଭିନ୍ନ ଯୋଜନା କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଆତ୍ମୀୟମାନଙ୍କ ଖାପଛଡା ମନୋଭାବରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଦୂରଯାତ୍ରାର ସୁଯୋଗ ଜୁଟିପାରେ।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଆଶାପୂରଣ ହେବ ଏବଂ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ସଫଳତା ପାଇବେ। ଭୁଲ୍ ବୁଝାମଣାବଶତଃ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** ପାପପ୍ରଭାବରେ ମଙ୍ଗଳ ଯୋଗୁ ଅଯଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ କିନ୍ତୁ ସନ୍ତାନଙ୍କ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** ଅନୁକୂଳଗ୍ରହସ୍ଥିତିରୁ ଆଜି ବନ୍ଧୁମାନଙ୍କ ସହ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମାନସିକ ଅସ୍ଥିରତା କାରଣରୁ ପାରିବାରିକ ସ୍ତରରେ ଦୁର୍ଭାବନା ବଢ଼ି ବଢ଼ି ଚାଲିବ। ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। ନିଜର ଫାଇଦା ହାସଲ ପାଇଁ ସହକର୍ମୀମାନେ ଫନ୍ଦିଫିକର କରିପାରନ୍ତି।

**ତୁଳା** ଯୁକ୍ତିତର୍କଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ। ଗୁରୁଜନଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ବିଛା** ସ୍ୱଗୃହୀ ବୃହସ୍ପତିଙ୍କ ପ୍ରଭାବରେ କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ସ୍ୱାର୍ଥସାଧନ ନୈରାଶ୍ୟରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ଏଣେ ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ଧନୁ** ସଭାସମିତିରେ ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବେ। ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି। କୌଣସି ଆଗନ୍ତୁକଙ୍କ ସହ ତର୍କଜନିତ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅତୀତର ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରି ଅସ୍ଥିରତା ଅନୁଭବ କରିବେ। ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ଚେଷ୍ଟା କରୁଥିବା କାମ ମଧ୍ୟ ଠିକ୍‌ଭାବେ ଚାଲିବ।

**କୁମ୍ଭ** ଅତୀତକୁ ଧରିବସିଲେ ଏହି ସମୟର ସୁବିଧା, ସୁଯୋଗକୁ ହରାଇବାକୁ ପଡିବ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**ମୀନ** ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଉଦ୍ୟମ ସଫଳ ଦିଗରେ ଜଣେ କୃଷ୍ଣବର୍ଣ୍ଣର ବ୍ୟକ୍ତି ସାହାଯ୍ୟ କରିବାର ସୂଚନା ରହିଛି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ମଙ୍ଗଳବାର, ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୧।୧୮ମି. ପରେ ମୃଗଶିରା/ବୃଷ, ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ଦିବା ଘ.୮।୨୮ମି. ଗତେ ଘ.୧୦।୪୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୨୪ମି. ଗତେ ଘ.୧୧।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୨।୫୩ମି. ଗତେ ଘ.୪।୨୧ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302

real estate

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/outright ରେ) ମିଳୁଅଛି। 9937025614, 7008390130.** D-68480

ଘରବାରି ବାଉଣ୍ଡାରୀ ପ୍ଲଟ୍ ୩୦ଫୁଟ ରାସ୍ତା ଟଙ୍କପାଣିରୋଡ଼ ସାଇମନ୍ଦିର ଠାରୁ ୪କି.ମି. ୪୫୦/- 7077102741. D-63976

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

**340 decimal gharabari plot near Check Gate, Pipili, Bhubaneswar-Puri road for sale, 9937162220.** D-16994

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8249005131, 9337061817. D-68500

ସୁନ୍ଦରପଦା **Hitech Plaza** ପାଖରେ **30'ରାସ୍ତା, ଘରବାରି, boundary,** ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। **6370292040.** D-68495

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Infocity 200ft. road ପାଖରେ ଘରବାରି, yellowzone 3900sqft. plot ବିକ୍ରିହେବ। Contact- 9778928492. D-68339

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

Ready resale 2BHK-45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

**GENERAL**

**PURCHASE**

ପ୍ରିଣ୍ଟିଙ୍ଗ ମେସିନ୍ ଆବଶ୍ୟକ। Printing Machine required for purchase, Bhubaneswar. 9437008388. D-68340

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

to-let

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

healthcare

Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Ayurvedic full body massage ladies and gents. Contact- 9861064981. D-68794

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before Executive Magistrate, Rairangpur, I have changed my name from Bholanath Marandi to Bholanath Marndi on dated 27.02.2020. D-16991

By virtue of an affidavit before Executive Magistrate, Bhubaneswar, I Lili Jenamani W/o- Jitendra Jenamani, declare that after marriage, I have changed my name from Lili Rani Behera to Lili Jenamani for all purpose. D- 16995

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଶ୍ରମିକମାନେ ଦେଶର ପ୍ରକୃତ ନିର୍ମାତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଶ୍ରମିକମାନେ ହେଉଛନ୍ତି ଦେଶର ପ୍ରକୃତ ନିର୍ମାତା। ଦେଶ ପାଇଁ ସେମାନଙ୍କ ତ୍ୟାଗ ଅତୁଳନୀୟ। ତେଣୁ ସେମାନଙ୍କ ସାମାଜିକ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ନିର୍ମାଣ ଶ୍ରମିକ ସପ୍ତାହ ପାଳନର ରାଜ୍ୟସ୍ତରୀୟ ସମାରୋହକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଶ୍ରମିକଙ୍କ ହକ୍ ପାଇଁ ମୁଁ କାମ କରୁଛି, କରିଚାଲୁଥିବି। ଓଡ଼ିଶା ହେଉଛି ଶ୍ରମିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଆଗୁଆ ରାଜ୍ୟ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପ୍ରାୟ ୩୦ ଲକ୍ଷ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ କଲ୍ୟାଣ ପାଇଁ ୧୫୦୦ କୋଟିରୁ ଅଧିକ ଟଙ୍କାର ସହାୟତା ଦିଆଯାଇଛି। ୨୨ହଜାର


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଶ୍ରମିକଙ୍କୁ ପକ୍କା ଘର ଯୋଗାଇ ଦିଆଯାଇଛି ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ରାଶି ପ୍ରଦାନ କରିଥିଲେ।

ରାଜ୍ୟ ଶ୍ରମ ବିଭାଗ ଓ ଇଏସ୍‌ଆଇ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ କହିଲେ, ଶ୍ରମିକଙ୍କ ପାଇଁ କାର୍ଯ୍ୟକାରୀ

**ନିର୍ମାଣ ଶ୍ରମିକ ସପ୍ତାହର ରାଜ୍ୟସ୍ତରୀୟ ସମାରୋହ**

ହେଉଥିବା ଯୋଜନାଗୁଡ଼ିକ କିପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଶ୍ରମିକଙ୍କ କଲ୍ୟାଣ ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସ୍ୱାଗତ ଭାଷଣ ଓ ଶ୍ରମ ଆୟୁକ୍ତ ତଥା କଲ୍ୟାଣ ବୋର୍ଡ ସଦସ୍ୟ ସଚିବ ଏନ୍. ଥିରୁମାଲା ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୬ହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ, ଶ୍ରମିକ ସଙ୍ଗଠନର ବହୁ ପ୍ରମୁଖ ନେତା ଓ ବିଭାଗୀୟ ପଦାଧିକାରୀ ଯୋଗଦେଇଥିଲେ।

# ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

କୋକସରା, ୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ବଡପୋଡାଗୁଡା ଗ୍ରାମର ହେମରାଜ ଦୁର୍ଗା (୨୬)ଙ୍କ ଶନିବାର ହାଇଦ୍ରାବାଦରେ କାମ କରୁଥିବା ବେଳେ ୪ ମହଲା ଉପରୁ ଖସିପଡି ମୃତ୍ୟୁ ଘଟିଥିଲା। ସୋମବାର ହେମରାଜଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ଗାଁରେ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଫାଟି ପଡିଥିଲା। ଶୋକାକୁଳ ପରିବେଶରେ ମୃତଦେହ ସତ୍କାର କରାଯାଇଛି।

ସୂଚନା ଅନୁସାରେ, ହେମରାଜ ୩ ବର୍ଷ ତଳେ ହାଇଦ୍ରାବାଦକୁ ଯାଇ ସେଠାରେ ଏକ ସଂସ୍ଥାରେ କାମ କରୁଥିଲେ। ଗତ କିଛି ମାସ ତଳେ ସେ ଗାଁକୁ ଆସିଥିଲେ। ବଡଭାଇ ଯୁଗଳ ଓ ଟଙ୍କଧରଙ୍କ ସହିତ ମିଶି ପୁଣିଥରେ ହାଇଦ୍ରାବାଦକୁ ଯାଇଥିଲେ। ସେଠାରେ ୩ ଭାଇ ମିଶି ଶ୍ରମିକ କାମ କରୁଥିଲେ।

**ଶୋକାକୁଳ ପରିବେଶରେ ସତ୍କାର**


ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ।

ସବୁଦିନ ଭଳି ଶନିବାର ସକାଳୁ ହେମରାଜ ୪ ମହଲା କୋଠାରେ ସେଣ୍ଟରିଂ କରୁଥିଲେ। ହଠାତ୍ ସେ ତଳକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଗାଁ ବଡପୋଡାଗୁଡାକୁ ନେଇ ଆସିଥିଲେ। ରୋଜଗାରକ୍ଷମ ପୁଅକୁ ହରାଇ ବିଧବା ମା' ଦୁଃଖରେ ଭାଙ୍ଗି ପଡିଛନ୍ତି। କୌଣସି କାରଣରୁ ହେମରାଜଙ୍କ ସ୍ତ୍ରୀଙ୍କୁ ଶଙ୍ଖା ଭାଙ୍ଗିବାକୁ ସୁଯୋଗ ନ ଦେବାରୁ ସେ କାନ୍ଦି କାନ୍ଦି ଫେରିଯାଇଥିଲେ। ଶେଷରେ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# ରମେଶ ପାଣିଗ୍ରାହୀଙ୍କୁ ମିଳିବ 'ସାହିତ୍ୟ ଭାରତୀ ସମ୍ମାନ'

ଭୁବନେଶ୍ୱର, ୨।୩(ବ୍ୟୁରୋ)



ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ୨୦୨୦ ମସିହା ପାଇଁ ସମ୍ମାନଜନକ 'ସାହିତ୍ୟ ଭାରତୀ ସମ୍ମାନ' ଘୋଷଣା କରାଯାଇଛି। ଚଳିତବର୍ଷ ଲାଗି ବିଶିଷ୍ଟ ସାହିତ୍ୟିକ ଏବଂ ନାଟ୍ୟକାର ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ ଏହି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଆଧୁନିକ ଓଡ଼ିଆ ନାଟକ କ୍ଷେତ୍ରରେ ପ୍ରମୁଖ ଅବଦାନ ସହ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଏବଂ ଗବେଷଣା ଲାଗି ତାଙ୍କୁ ଏହି ସମ୍ମାନ ମିଳିବ। ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ।

ଏହାବ୍ୟତୀତ ଫାଉଣ୍ଡେଶନ ପକ୍ଷରୁ ୨୦୨୦ ବର୍ଷ ଲାଗି 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଘୋଷଣା କରାଯାଇଛି। ଖ୍ୟାତନାମା କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ଏହି ସମ୍ମାନ ମିଳିବ। ସେହିଭଳି ଔପନାସିକା ବିଜୟିନୀ ଦାସଙ୍କୁ ଚଳିତବର୍ଷ ଲାଗି 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ। ଉଭୟ ପ୍ରତିଭାଙ୍କୁ ୨୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ଜଣାଶୁଣା ସାହିତ୍ୟକାର ଦେବାଶିଷ ସାମନ୍ତରାୟ ଏବଂ ଡ. ସୁଶୀଲ କୁମାର ବାଗଙ୍କୁ ଫାଉଣ୍ଡେଶନ ପକ୍ଷରୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ମିଳିବ। ଅନୁଷ୍ଠାନର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ ସ୍ମୃତିରେ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଶ୍ରୀ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ପ୍ରାଣୀ ବିଜ୍ଞାନୀ, ସାମାଜିକ କର୍ମୀ, ସାହିତ୍ୟିକା ତଥା ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦିଙ୍କୁ ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ସେ ଏହି ସମ୍ମାନ ପାଇବେ। ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ କଟକ କଳା ବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ମାଧବ କୌଶିକ, ମୁଖ୍ୟ ବକ୍ତାଭାବେ ଡ. ସଙ୍ଘମିତ୍ରା ମିଶ୍ର ଏବଂ ଟ୍ରଷ୍ଟି ଡ. ଜୟନ୍ତ ରଥ ଯୋଗଦେଇ ପୁରସ୍କାର ପ୍ରଦାନ କରିବା ସହ ଅଭିଭାଷଣ ରଖିବେ।

# ୬ ପର୍ଯ୍ୟନ୍ତ ବର୍ଷା, ୯ରୁ ବଢ଼ିବ ତାତି

ଭୁବନେଶ୍ୱର, ୨।୩(ବ୍ୟୁରୋ): ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଖପାଖରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଯୋଗୁ ୩ରୁ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ସମ୍ଭାବନା ରହିଛି। ୩ ତାରିଖ ଦିନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ବରଗଡ଼ ଆଦି ଜିଲାରେ ହାଲ୍‌କା ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ୪ ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ସ୍ୱଳ୍ପ ଧରଣର ବର୍ଷା ହେବ। ୫ ଓ ୬ ତାରିଖରେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ତିନିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ବୋହିବା ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୪ ତାରିଖ ଦିନ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କନ୍ଧମାଳ, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବଜ୍ରପାତ ହେବ। ୫ ତାରିଖ ଦିନ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ଅନୁଗୋଳ, କନ୍ଧମାଳ, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଢେଙ୍କାନାଳ ଓ କଟକ ଏବଂ ୬ ତାରିଖରେ କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଆଦି ଜିଲାରେ ବଜ୍ରପାତ ହେବ। ଏହି ତିନିଦିନ ଉକ୍ତ ଜିଲାଗୁଡ଼ିକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ୯ରୁ ଭୁବନେଶ୍ୱରରେ ପାଗ ବଦଳିବା ସହ ତାପମାତ୍ରା ବଢ଼ିବ। ୯ରୁ ୧୨ ମଧ୍ୟରେ ସର୍ବାଧିକ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ତାପମାତ୍ରା ବିଶେଷ ବଢ଼ିବ ନାହିଁ। ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ସୋନପୁରରେ ଦିନର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ଓ ଅନ୍ୟ ଅଞ୍ଚଳର ପାଗ ପ୍ରାୟତଃ ସ୍ୱାଭାବିକ ରହିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସୋମବାର ଦିନ ମାଲକାନଗିରିରେ ସର୍ବାଧିକ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ମିଲିସିଆ ଗିରଫ

## ବିସ୍ଫୋରକ ଓ ଖାଦ୍ୟ ସାମଗ୍ରୀ ନେଇ ଯାଉଥିବା ବେଳେ ଧରାପଡ଼ିଲେ

ଭବାନୀପାଟଣା, ୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ମାଓବାଦୀପ୍ରବଣ ଅଞ୍ଚଳରେ ପୋଲିସ କୋମ୍ବିଂ ଅପରେଶନକୁ ଜୋର କରିଛି। ମାଓବାଦୀ ଦମନ ଅଭିଯାନ ସମୟରେ ସୋମବାର କଳାହାଣ୍ଡି ପୋଲିସ ମ.ରାମପୁର ଥାନା ଅଧୀନ ବାରବନ୍ଧା ରିଜର୍ଭ ଜଙ୍ଗଲରୁ ଘନ ମାଝି ନାମକ ଜଣେ ମିଲିସିଆ ମାଓବାଦୀଙ୍କୁ ଗିରଫ କରିଛି। ସେ ମାଓବାଦୀଙ୍କୁ ବିସ୍ଫୋରକ, ଖାଦ୍ୟ ପଦାର୍ଥ, ମାଓବାଦୀ ପ୍ରଚାରପତ୍ର ଯୋଗାଇ ଦେଉଥିବା ସମ୍ପର୍କରେ କଳାହାଣ୍ଡି ଏସ୍‌ପି ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମାଓବାଦୀ ଦମନ ଦାୟିତ୍ୱରେ ଥିବା ଯବାନମାନେ ବାରବନ୍ଧା ଜଙ୍ଗଲରୁ ଘନଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ବିସ୍ଫୋରକ, ମାଓବାଦୀ ସାମଗ୍ରୀ ସହିତ ପ୍ରଚାରପତ୍ର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ମ.ରାମପୁର ଥାନାରେ ଏକ ମାମଲା (ନଂ.୪୯/ ୨୦୨୦) ରୁଜୁ ହୋଇଛି। ସୋମବାର ଘନଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଗିରଫ ମିଲିସିଆ ଘନ ମାଝି।



# ବିଦ୍ୟୁତ୍ ସଂସ୍କାର: ପ୍ରଗତି ନା ପ୍ରତାରଣା

ୖକୈଳାସ ରାୟ

ବକେୟା ଆଦାୟ ପାଇଁ ବିଦ୍ୟୁତ୍ କାଟ୍‌ର ଚେତାବନୀ ଏବଂ ବିଦ୍ୟୁତ୍ ସେବାରେ ସମ୍ପୃକ୍ତ କମ୍ପାନୀମାନଙ୍କ ଶୁଳ୍କବୃଦ୍ଧି ଆବେଦନରୁ ହିଁ ଏଭଳି ଏକ ପ୍ରସଙ୍ଗ ଓ ପ୍ରଶ୍ନର ଅବତାରଣା। ସେସୁ ସମେତ ଚାରୋଟିଯାକ ବଣ୍ଟନକାରୀ କମ୍ପାନୀ ବାକି ଟଙ୍କା ଆଦାୟ ଲାଗି ଗଣମାଧ୍ୟମ ମୁଖର କରି ସୂଚନା ପ୍ରସାରଣ କରିଆସୁଛନ୍ତି ଯେ, ସେମାନେ ଦେବାଳିଆ ଅବସ୍ଥା ଦେଇ ଗତି କରୁଛନ୍ତି। ବାକି ଟଙ୍କା ଆଦାୟ ନ ହେଲେ କମ୍ପାନୀଗୁଡିକୁ ଚଳାଇବା ସମ୍ଭବ ହେବନାହିଁ। ସମାନ୍ତର ଭାବରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ କମ୍ପାନୀ ଓ କର୍ପୋରେଶନଗୁଡ଼ିକ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ନିୟାମକ ଆୟୋଗ ଖୁବ୍ ନିକଟରେ ହୁଏତ ଶୁଳ୍କ ବୃଦ୍ଧି ସମ୍ପର୍କରେ ମତ ଦେବେ (ଶୁଳ୍କ ବୃଦ୍ଧି କରିବା ଛଡା ଆୟୋଗଙ୍କର ଅନ୍ୟ କୌଣସି ନିୟନ୍ତ୍ରଣ ଥିବା ଭଳି ମନେହୁଏ ନାହିଁ)। ଉପରୋକ୍ତ ଘଟଣାଚକ୍ରରୁ ଏହା ହିଁ ହୃଦ୍‌ବୋଧ ହେଉଛି ଯେ, ସମ୍ପୃକ୍ତ କମ୍ପାନୀ ଓ କର୍ପୋରେଶନଗୁଡ଼ିକ ବୋଧହୁଏ ଆଜିଯାଏ ସଂସ୍ଥା ପରିଚାଳନା ଛାଡି ଘରୁ ଖାଇ ଘୋଡା ଆଗରେ ଡେଇଁବା ଅଭ୍ୟାସ କରୁଥିଲେ। କାରଣ ବିଜୁଳି କିଣି ଉପଭୋକ୍ତାଙ୍କୁ ବିକ୍ରି କରୁଥିବା ଏହି ବିତରକ କମ୍ପାନୀଗୁଡ଼ିକ ବିଦ୍ୟୁତ୍ କ୍ରୟ ବାବଦ ଋଣ ଭାରରେ ବୁଡିଥିବା ଗ୍ରୀଡ୍‌କୋର ଦେୟ ଚାରି ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବାକି ରଖିଥିବା ବେଳେ ସରକାର ଗ୍ୟାରେଣ୍ଟର ପଡି ଦେଇଥିବା ତିନି ହଜାର କୋଟିରୁ ଊର୍ଦ୍ଧ୍ୱ ଋଣ ପରିଶୋଧ କରୁନାହାନ୍ତି। ଉପଭୋକ୍ତାଙ୍କଠାରୁ ନିଜର ପ୍ରାପ୍ୟ ମଧ୍ୟ ଅସୁଲ କରିବାକୁ ସକ୍ଷମ ହେଉନାହାନ୍ତି। ଅନ୍ୟପକ୍ଷରେ ଉପଭୋକ୍ତାଙ୍କୁ ନିର୍ଦ୍ଧାରିତ ମାନର ସେବା ଯୋଗାଇବାକୁ ସମର୍ଥ ହେଉ ନ ଥିବାବେଳେ ନିର୍ଦ୍ଧାରିତ ପରିମାଣର ସରବରାହ ଓ ବଣ୍ଟନଜନିତ କ୍ଷତି ମଧ୍ୟ ହ୍ରାସ କରିପାରି ନାହାନ୍ତି।

ସଂସ୍କାରକୁ ଅନ୍ଧକାରରୁ ଆଲୋକକୁ ଯାତ୍ରା ବୋଲି ଅଭିହିତ କରି ୧୯୯୫ରୁ ସଂସ୍କାର ଯୋଜନା ଓ ରୂପାୟନ ପ୍ରକ୍ରିୟାରେ କୋଟି କୋଟି ଟଙ୍କା ବ୍ୟୟ କରାଗଲା ଏବଂ ଦୀର୍ଘକାଳର କଷ୍ଟଲବ୍ଧ ଭିତ୍ତିଭୂମି ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ଗ୍ରୀଡ୍‌କୋ, ଓଏଚ୍‌ପିସି, ସେସ୍କୋ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପ୍ରଭୃତି କମ୍ପାନୀ ଗଢାଯାଇ ସେମାନଙ୍କୁ ରାଜ୍ୟର ବିଦ୍ୟୁତ୍ ସେବା ଦାୟିତ୍ୱ ଦିଆଗଲା। ସଂସ୍କାରର ପ୍ରତିଶ୍ରୁତ ଲକ୍ଷ୍ୟ ଥିଲା- ପରିଚାଳନା ଦକ୍ଷତା ବୃଦ୍ଧି, ଭିତ୍ତିଭୂମି ସଶକ୍ତୀକରଣ, ଉତ୍ପାଦନ ଅଭିବୃଦ୍ଧି, କ୍ଷତି ହ୍ରାସ, ଉନ୍ନତମାନର ସୁଲଭ ଉପଭୋକ୍ତା ସେବା ପ୍ରଦାନ ଏବଂ ସର୍ବୋପରି ଏଥିପାଇଁ ନିବେଶ ଲାଗି ଆବଶ୍ୟକ ବ୍ୟାପକ ପୁଞ୍ଜି ଆକର୍ଷଣ ଓ ଆହରଣ।

ଅଦ୍ୟାବଧି ନିର୍ଦ୍ଧାରିତ ଲକ୍ଷ୍ୟ କେତେ ପରିମାଣରେ ହାସଲ ହୋଇଛି ତାହାର ବାସ୍ତବ ଆକଳନ କରାଗଲେ, ଏକ ବିସ୍ତୃତ ବିବରଣର ସଂକ୍ଷିପ୍ତ ସାରାଂଶ ଏହା ହିଁ ହୋଇପାରେ- 'ମେଣ୍ଢା ଧୋଉ ଧୋଉ ନିର୍ବାଳ।' ଅଭିଶପ୍ତ ମେଣ୍ଢାଟିମାନ ରାଜ୍ୟର କଷ୍ଟଲବ୍ଧ ବିଦ୍ୟୁତ୍ ଭିତ୍ତିଭୂମି, ଆକ୍ରାନ୍ତ ଉପଭୋକ୍ତା ଏବଂ ରାଜ୍ୟ ସରକାର ହୋଇପାରନ୍ତି, କାରଣ ସେଇମାନେ ହିଁ ବୋଝ ବୋହୁଛନ୍ତି। ଗଲା ପଚିଶ ବର୍ଷରେ ଏକ ଟଙ୍କାର ଆହରଣୀୟ ପୁଞ୍ଜିନିବେଶ ସମ୍ଭବ ହୋଇପାରି ନାହିଁ। ପୁଞ୍ଜି ଆକର୍ଷଣ ପରିବର୍ତ୍ତେ ଅବାଧ ବିକର୍ଷଣ ଘଟିଛି। ଫଳତଃ ଶୂନ୍ୟ ପୁଞ୍ଜିରେ ରାତାରାତି କମ୍ପାନୀମାନ ଗଜିଉଠି କୋଟିପତି ବନିଛନ୍ତି। ଭିକାରିଙ୍କ ଭଙ୍ଗା ସାଇକେଲ 'ଅଡି' କାରରେ ରୂପାନ୍ତରିତ ହୋଇଛି। ନୂଆ ରୂପରେ, ନୂଆ କୌଶଳରେ ରାଜ୍ୟ ଓ ରାଷ୍ଟ୍ରର ସ୍ୱାର୍ଥ ଲୁଣ୍ଠନ ହେବା ସାଙ୍ଗକୁ ବ୍ୟକ୍ତିସ୍ୱାର୍ଥ ସାଧନର ଇତିହାସ ପରିପୁଷ୍ଟ ହୋଇଛି। ଆମରି ଖାଇ ଆମକୁ ନାଲି ଆଖି ଦେଖାଇ, ଭୁଆଁ ବୁଲାଇ, କାଠଗଡାରେ ଛିଡାକରି ଶହ ଶହ କୋଟି ଲୁଟି ବିଦେଶୀ, ଦେଶୀ କମ୍ପାନୀଗୁଡ଼ିକ ସହଜରେ ଖସିଯାଇ ପାରିଛନ୍ତି। ଥରକୁ ଥର ଚୋର ଚାଲିଗଲା ପରେ ହିଁ ଆମଠି କେବଳ ଲୋକଦେଖାଣିଆ ଚେତା ପଶିଛି ଏବଂ ଆମେ ସେହି ଅଭ୍ୟାସର ପୁନରାବୃତ୍ତି କରି ଆମ ସମ୍ବଳର ସୁରକ୍ଷା ଓ ସୁପରିଚାଳନା ନାମରେ ଆଉ ଜଣେ ଚୋରକୁ ସାଧୁ ଦର୍ଶାଇ ସିଂହାସନରେ ଅଭିଷିକ୍ତ କରିଆସୁଛେ। ଏଭଳି ଘଟଣାର ପୁନରାବୃତ୍ତି ହିଁ ଘଟିଚାଲିଛି ଏବଂ ସଂସ୍କାରର ରସ (ବୋଧହୁଏ ଉପଭୋକ୍ତାଙ୍କ ରକ୍ତ) ମିଳିମିଶି ଚୋରମାନେ ହିଁ ସେବନ କରି ଚାଲିଛନ୍ତି। ଫଳରେ ଉପଭୋକ୍ତାଙ୍କ ରକ୍ତର ସ୍ୱାଦ ବଢିଚାଲିଛି ଏବଂ ତାହା ମଧ୍ୟ ସହଜଲବ୍ଧ ହୋଇପାରୁଛି।

ଏଭଳି ଅଭ୍ୟାସର ମୂଳ କାରଣ ଖୋଜିଲେ ନଗ୍ନଚିତ୍ର ଦିଶିବ ଯେ, ସଂସ୍କାର ଆରମ୍ଭରୁ ଆଜିଯାଏ ରାଜ୍ୟ ଶାସନରେ ଥିବା ସରକାର ଓ ବିରୋଧୀ ଏକ ହିଁ ଲାଉର ମଞ୍ଜି ଏବଂ ଯିଏ ଯାହା ଅମଳରେ ମାପିଚୁପି ଘରୋଇ କମ୍ପାନୀ ପ୍ରୀତିର ପ୍ରବକ୍ତା- ପ୍ରତିବାଦୀ-ପ୍ରବକ୍ତା ଭୂମିକା ନିଖୁଣଭାବେ ନିର୍ବାହ କରୁଛନ୍ତି। ଦ୍ୱିତୀୟତଃ ରାଜ୍ୟ ବିଦ୍ୟୁତ୍ ସେବାକୁ ସଂସ୍କାରିତ ଓ ନିର୍ମଳ କରିବାର ସୂତ୍ରଧର ରୂପେ ଯେଉଁ ଅଭିଜ୍ଞମାନଙ୍କୁ ସୁଯୋଗ ଦିଆଗଲା ସେଇମାନଙ୍କ ଭିତରୁ ଅନେକେ ହିଁ ବିଦ୍ୟୁତ୍ ବୋର୍ଡକୁ ନିର୍ମୂଳ କରିବାର ମୁଖ୍ୟ ପୁରୋଧା ଥିଲେ। କେଉଁ ସ୍ୱାର୍ଥରେ ବା କାହା ସ୍ୱାର୍ଥରେ ସକଳ ସମ୍ବଳ ସମୃଦ୍ଧ ଆମ ରାଜ୍ୟର ଆଲୋଚ୍ୟ ସଂସ୍ଥାଗୁଡିକ ଦେବାଳିଆ ହେଲା ତାହା ଆଉ ଅଧିକ ଉଲଗ୍ନ କରିବା ନିଷ୍ପ୍ରୟୋଜନ।

ପ୍ରସଙ୍ଗକ୍ରମେ ଯେଉଁ ପ୍ରଶ୍ନଗୁଡିକୁ ଆଉ ଅଧିକକାଳ ଅଣଦେଖା କରି ହେଉନାହିଁ, ତାହା ହେଲା- ରାଜ୍ୟରେ ବିଦ୍ୟୁତ୍ ସଂସ୍କାର କ'ଣ ବ୍ୟବସ୍ଥାକୁ ଦେବାଳିଆ କରିବା ପାଇଁ ଆପଣାଯାଇଥିଲା କି? ସଂସ୍କାର ପ୍ରକ୍ରିୟାର ରସ କ'ଣ ଉପଭୋକ୍ତାଙ୍କ ରକ୍ତ କି? ଉପଭୋକ୍ତା କିମ୍ବା ରାଜ୍ୟ ରାଜକୋଷ ବ୍ୟତୀତ କେବଳ ଘରୋଇ କମ୍ପାନୀ, ଠିକାଦାର ଏବଂ ସେମାନଙ୍କ ଦଲାଲମାନଙ୍କୁ ପୋଷିବା ପାଇଁ ଅର୍ଥାତ୍ ଚୋରଙ୍କୁ ଚାରିଖୁଣ୍ ମାଫ୍ କରି ଆଲୋକରୁ ଅନ୍ଧାରକୁ ଯାତ୍ରା ପାଇଁ ସଂସ୍କାର ପ୍ରକ୍ରିୟା ଆପଣାଯାଇଥିଲା କି? ଏଭଳି ଅପସଂସ୍କାରର ଆୟୁଷ ଆଉ କେତେକାଳ?

ଏ ପ୍ରଶ୍ନର ଉତ୍ତର ଦେବ କିଏ? ଏଇଏସ୍, ବିଏସ୍‌ଇଏସ୍, ରିଲାଏନ୍ସ, ଏନ୍‌ଜେନ, ଫେଡ୍‌କୋ ପ୍ରଭୃତି ହସ୍ତୀ ଏବଂ ଆର୍‌ୟୁପିଏଲ, ଏସ୍‌ୟୁପିଏଲ, ନୀଳାଚଳ ପାୱାର ନେଟ୍‌ୱର୍କ/ଏନର୍ଜି ପ୍ରଭୃତି ଖୁଚୁରା ଠକ, ଠିକାଦାରଙ୍କୁ ପୋଷିଲା ପରେ ଏବଂ ସେମାନଙ୍କଠାରୁ ଠିକିଲା ପରେ ମଧ୍ୟ ସରକାର ଓ ନିୟାମକ ଆୟୋଗ ଏବେ ଟାଟା ପାୱାରକୁ ଯାଚି ଗୁଞ୍ଜି ସେସୁକୁ ବିକ୍ରି କରୁଛନ୍ତି। ଆଗକୁ ଅନ୍ୟାନ୍ୟ କମ୍ପାନୀମାନ ବିକ୍ରି ହେବ। ଏହି ନେଣଦେଣ ଅନୈତିକ ଏବଂ ରାଜ୍ୟ ସ୍ୱାର୍ଥବିରୋଧୀ ବୋଲି ଅଭିଯୋଗ ହେଉଥିଲେ ମଧ୍ୟ ସରକାର ଏବେ ନିର୍ବୀର୍ଯ୍ୟ ଭୂମିକା ନିର୍ବାହ କରୁଛନ୍ତି। ବିଦ୍ୟୁତ୍ ସେବା ଭଳି ସମ୍ବେଦନଶୀଳ ଅତ୍ୟାବଶ୍ୟକ କ୍ଷେତ୍ରରେ ଏଭଳି ଦାୟିତ୍ୱହୀନତା ଆଗକୁ କେଉଁ ପରିଣତି ଦେବ ତାହା ହିଁ ଉଦ୍‌ବେଗର କାରଣ। ଗଣତାନ୍ତ୍ରିକ ସରକାରଟିଏ ନିଜେ ଯେଉଁଠି ନୈତିକ ଦାୟିତ୍ୱ ଗ୍ରହଣ କରିବାକୁ ଅନିଚ୍ଛୁକ ସେ କାହାଠାରୁ କିଭଳି ଉତ୍ତରଦାୟିତ୍ୱ ଖୋଜିବ? ଇଏ ତ ବଳିର ଘାତକ ମଥାରେ ସିନ୍ଦୂର ପିନ୍ଧାଇବା ଭଳି କଥା।

'ମୋ ସରକାର'ର ଅପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର '୫-ଟି' ଟିମ୍‌କୁ ଆମେ ଦୈନିକ ଧରିତ୍ରୀର ୨୩।୭।୨୦୦୧ ସମ୍ପାଦକୀୟ 'ଆମେ ଯାଉଛୁ କହି ଚୋର ଚାଲିଲେ' ଥରେ ପଢିବାକୁ ଅନୁରୋଧ କରୁଛୁ। ସମ୍ପାଦକୀୟ ଚେତାବନୀ ଥିଲା- ଶେଷରେ ଓଡିଶାକୁ ଏକ ଗୁରୁତର ବିଦ୍ୟୁତ୍ ଏବଂ ଆର୍ଥିକ ସଙ୍କଟରେ ପକାଇ ଏଠାରେ ବ୍ୟବସାୟ କରିବା ସମ୍ଭବ ନୁହେଁ ବୋଲି କହି ଏଇଏସ୍ ପୁନର୍ବାର ପେଡିପୁଟୁଳା ବାନ୍ଧିବ। ଆଜି ଯାଉ କିମ୍ବା ଛ' ମାସ ପରେ ଯାଉ, ଏଇଏସ୍ ଏକତରଫା ଅତ୍ୟଧିକ ଲାଭ ଚୋରି କରି ବିଦାୟ ନେବ। ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ନିଜର ସୁବିଧା ହାସଲ କରି ମଜା ଦେଖୁଛନ୍ତି।

ବାସ୍ତବରେ ତାହା ହିଁ ଘଟିଥିଲା ଏବଂ ଆଜି ବି ଘଟୁଛି। ସରକାର ଏଭଳି କ୍ଲୀବ ଭୂମିକା ନିର୍ବାହ କଲେ ଏବଂ ଲୋକେ ସବୁ ସହିନେଲେ ବେପାରୀମାନେ ସେହି ଘଟଣାର ପୁନରାବୃତ୍ତି ହିଁ କରିବେ। କାରଣ ଗୋଟିଏ ପଟେ ରାଜ୍ୟ ବିଦ୍ୟୁତ୍ ବ୍ୟବସ୍ଥା ଏକ ଅତ୍ୟନ୍ତ ଦୟନୀୟ, ଅସହାୟ, ଛେଉଣ୍ଡ ଅବସ୍ଥାରେ ଥିବାବେଳେ ଅନ୍ୟପଟେ ଓଡ଼ିଶାର ନିରୀହ ବିଦ୍ୟୁତ୍ ଉପଭୋକ୍ତାଙ୍କ ରକ୍ତ ସାରା ଭାରତରେ ଏବେ ସବୁଠୁ ସୁଆଦିଆ, ଶସ୍ତା ଓ ତାହାର ଅବାଧ ସେବନ ପାଇଁ ଅଧିକର୍ତ୍ତାଏ ପଛଦ୍ୱାରରେ ମାଗଣା ଲାଇସେନ୍ସ ଦେଉଛନ୍ତି।

ଅନିଳାଞ୍ଚଳ, ମାରୁତି ନଗର, ପୁରୀ-୨,
ମୋ-୯୯୩୮୩୮୨୪୪୦

(ଏହା ହେଉଛି ଲେଖକଙ୍କ ନିଜସ୍ୱ ମତ। ଏ ସମ୍ପର୍କରେ ଧରିତ୍ରୀର କୌଣସି ମତ ନାହିଁ।)

# ନମସ୍କାର ଓ ଆଶୀର୍ବାଦ

ଅଲେଖ ଚନ୍ଦ୍ର ମିଶ୍ର

ନମଃ, ନମସ୍ତେ, ନମସ୍କାର, ଜୁହାର, ଓଳଗି, ଦଣ୍ଡବତ, ପ୍ରଣାମ, ଅଭିନନ୍ଦନ, ଅଭିବାଦନ ଏ ସମସ୍ତ ପ୍ରାୟ ସମାର୍ଥକ ଶବ୍ଦ। ଏଗୁଡ଼ିକ ଏପରି ସମ୍ବେଦନଶୀଳ ଯେ, ଏହାର ଉଚ୍ଚାରଣକର୍ତ୍ତା ଏବଂ ଗ୍ରହୀତା ଉଭୟଙ୍କୁ ଆପ୍ୟାୟିତ କରେ। ଏଥିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ। କାରଣ ସବୁ ମଣିଷଙ୍କ ଭିତରେ ସମାନ ଆତ୍ମା ବିଦ୍ୟମାନ- ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ। ବରଂ ଏହା କର୍ତ୍ତାଙ୍କର ବିନମ୍ରତାର ନିଦର୍ଶନ ଏବଂ ଗ୍ରହୀତାଙ୍କର ଶୁଭେଚ୍ଛାର ବାର୍ତ୍ତାବହ। ସମ୍ମାନ ପ୍ରଦାନ, ଭକ୍ତି ନିବେଦନ, ଆନୁଗତ୍ୟ ପ୍ରକାଶ, ସ୍ୱାଗତ ସମ୍ବର୍ଦ୍ଧନା, ସାକ୍ଷାତ୍ ସମ୍ଭାଷଣ, କୃତଜ୍ଞତା ଜ୍ଞାପନ, ଖୁସି ପ୍ରକଟ ଇତ୍ୟାଦି ପାଇଁ ସଚରାଚର ବ୍ୟବହୃତ ଏହା ଏକ ଲୋକପ୍ରିୟ ମାଧ୍ୟମ। ସ୍ଥଳବିଶେଷରେ ଏହାର ପ୍ରକାର ଭେଦ ଭିନ୍ନ ଭିନ୍ନ ହେଲେ ବି (ଯଥା: ନାକରେ ନାକ ଘଷି, କାନ୍ଧରେ କାନ୍ଧ ମିଳେଇ, କରମର୍ଦ୍ଦନ କରି ଇତ୍ୟାଦି) ଆମ ସଂସ୍କୃତିରେ ଏହାର ରୂପରେଖ ନିମ୍ନୋକ୍ତ ଢଙ୍ଗରେ ହୋଇଥାଏ। ଯଥା: ଆପାଦମସ୍ତକ ଭୂଲୁଣ୍ଠିତ, ଦଣ୍ଡବତ, ସାଷ୍ଟାଙ୍ଗ, ଭୂମିଷ୍ଠ, ଆଣ୍ଠୁ ମାଡି, ମୁଣ୍ଡ ମାଡି, ବେକ ନଇଁ, ପାଦ ସ୍ପର୍ଶକରି, ପାଦରୁ ଧୂଳି ନେଇ, ଦଣ୍ଡାୟମାନ ଅଥବା ଚାଲୁ ଚାଲୁ ଗୋଟିଏ ବା ଦୁଇଟି ହାତ ଟେକି, ଶିର ଅବନ୍ନତ କରି, ସାଲ୍ୟୁଟ (ସଲାମ) କରି, ଜୋତା ଓହ୍ଲେଇ, ଟୋପି ବା ପଗଡି କାଢି, ପାଦୋଦକ ପାଇ ଇତ୍ୟାଦି। ଦେଶକାଳପାତ୍ର ଭେଦରେ ନମସ୍କାର ଉପରୋକ୍ତ ପ୍ରକ୍ରିୟାରେ ସମ୍ପାଦିତ ହୋଇଥାଏ। ଏହାର ମୂଳମନ୍ତ୍ର ହେଲା ଏଥିପାଇଁ ଇଚ୍ଛା ଓ ଆଗ୍ରହ ଥିବା ଉଚିତ। ନଚେତ୍ ଏହା 'ମାଗି ଓଳଗି, ଯାଚି କଲ୍ୟାଣ' ଭଳି ହାସ୍ୟାସ୍ପଦ ହୋଇଯାଏ।

ସାଧାରଣତଃ ନମସ୍କାର ଉଦ୍ଦେଶ୍ୟରହିତ ଏବଂ ପ୍ରତ୍ୟାଶାବର୍ଜିତ ହେବା ବିଧେୟ। ପୁନଶ୍ଚ ନମସ୍କାର କରିବା ବେଳେ ମନ ନିର୍ମଳ ରହିବା ଉଚିତ। ଏ କ୍ଷେତ୍ରରେ ରାମାୟଣବର୍ଣ୍ଣିତ ଅନ୍ଧମୁନି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ। ତାଙ୍କର ଅନ୍ଧତ୍ୱର କାରଣ ଥିଲା ପୂର୍ବ ଜନ୍ମରେ ତାଙ୍କ ଗୃହରେ ଅତିଥି ହୋଇଥିବା ଜଣେ ଋଷିଙ୍କୁ ସସ୍ତ୍ରୀକ ନମସ୍କାର କଲାବେଳେ ତାଙ୍କର ଗୋଦର ଗୋଡକୁ ଦେଖି ଉଭୟେ ଘୃଣାରେ ଚକ୍ଷୁ ବନ୍ଦ କରିଦେଇଥିଲେ। ଏହା ଦେଖି ଅତିଥି ଋଷି ତାଙ୍କୁ କହିଥିଲେ 'ତଥାସ୍ତୁ'। ସେହିପରି ବିନ୍ଧ୍ୟଗିରି ନିଜର ଗୁରୁ ଅଗସ୍ତିଙ୍କୁ ମୁଣ୍ଡ ମାଡି ନମସ୍କାର କଲାବେଳେ ତା' ମନରୁ ଅହଂକାର ଦୂର ହୋଇ ନ ଥିଲା (ମେରୁପର୍ବତ ସହିତ ପ୍ରତିଯୋଗିତା ଯୋଗୁ)। ତେଣୁ ମହର୍ଷି ତାକୁ ସେ ଫେରିବା ପର୍ଯ୍ୟନ୍ତ ସେମିତି ପଡି ରହିବାକୁ କହିଥିଲେ ଏବଂ ଆଉ ଫେରିଲେନି। ଦେବସଭାରେ ଶିବ ଶ୍ୱଶୁର ଦକ୍ଷଙ୍କୁ ନମସ୍କାର କରି ନ ଥିବା ହିଁ ଦକ୍ଷଯଜ୍ଞ ଭଙ୍ଗ ଓ ଶିବ ସତୀଙ୍କୁ ହରାଇବାର ମୂଳ କାରଣ ଥିଲା।

ନମସ୍କାର ଯେପରି ଭିନ୍ନ ଭିନ୍ନ ତା'ର ପ୍ରତିକ୍ରିୟା ବା ଆଶୀର୍ବାଦ ସେହିପରି ନାନା ପ୍ରକାରର। ବୁଢ଼ାବୁଢ଼ୀଙ୍କୁ ନମସ୍କାର କଲେ ସେମାନଙ୍କର ଅନ୍ତର ଭିତରୁ ଯେଉଁ ନିଷ୍କାମ ଶବ୍ଦଗୁଡିକ ସ୍ଫୁରିତ ହୁଏ ତାହା ହେଲା 'ବୁଢାଟିଏ/ବୁଢୀଟିଏ ହେଇଥାଆ, ପାଚିଲା ବାଳରେ ସିନ୍ଦୂର ନାଉଥା, ତୋ ପାଦ ଅଗରେ କଣ୍ଟା ନ ବାଜୁ, ମୋ ଆୟୁଷ ତତେ ଲାଗିଯାଉ, ଦୀର୍ଘାୟୁ, ନିରାମୟ ହୋଇଥା, କୋଟି ପରମାୟୁ ହେଉ, ତୋର ସବୁ ରୋଗବୈରାଗ ମତେ ଝାଡିଝୁଡି ଦେ, ତୋର ସବୁ ବାଧାବିଘ୍ନ ଆଡ ହୋଇଯାଉ, ତୋର ରାସ୍ତାରେ କଣ୍ଟା ନ ରହୁ' ଇତ୍ୟାଦି। ବୟସ୍କ କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ସେମାନେ ସାଧାରଣତଃ କହିଥାନ୍ତି, ହେଲା, ହେଲା ବାପା/ମା' (କହି ଦୁଇ ହାତରେ ଉଠେଇ ନେବା), ତୁମକୁ କିଏ ଅକଲ୍ୟାଣ କରୁଛିରେ ବାବୁ/ମା, ସବୁ ମଙ୍ଗଳ ହେଉ, ଭଲରେ ରୁହ, ସୁଖ ଆନନ୍ଦରେ ଦିନ କାଟୁଥା ଇତ୍ୟାଦି। ଶିକ୍ଷକ, ଗୁରୁ ଅଥବା ଗୁରୁଜନଙ୍କୁ ନମସ୍କାର କଲେ ସେମାନେ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି, 'ସିଦ୍ଧିରସ୍ତୁ, ବିଜୟୀ ଭବ, ସର୍ବତ୍ର କୃତକାର୍ଯ୍ୟ ହୁଅ' ଇତ୍ୟାଦି।

ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତଙ୍କୁ ନମସ୍କାର କଲେ ତାଙ୍କ ମୁହଁରୁ ସ୍ୱତଃ ନିଃସୃତ ହୋଇଥାଏ 'ମନୋବାଞ୍ଛା ପୂର୍ଣ୍ଣମସ୍ତୁ, ଦୀର୍ଘାୟୁ ଭବ, ଆୟୁଷ୍ମାନ୍ ଭବ, କୁଶଳମସ୍ତୁ, ସର୍ବାରିଷ୍ଟ ଶାନ୍ତିର୍ଭବତୁ, ମନୋଭୀଷ୍ଟ ସିଦ୍ଧିର୍ଭବତୁ' ଇତ୍ୟାଦି। କିନ୍ତୁ ମାତାପିତାଙ୍କୁ ନମସ୍କାର କଲେ ଏ ସମସ୍ତ ଏକ ସ୍ଥାନରେ ପ୍ରାପ୍ତ ହୁଏ। ମୁନିଋଷିଙ୍କୁ ନମସ୍କାର କଲେ ତତ୍‌କ୍ଷଣାତ୍ ଫଳ ପ୍ରାପ୍ତି ହୁଏ ଏବଂ ସମସ୍ତ ସଙ୍କଟ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ଦେବଦେବୀଙ୍କୁ ନମସ୍କାର କଲେ ସେମାନେ କିଛି କୁହନ୍ତିନି ସିନା କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ପ୍ରକାରାନ୍ତରେ ସୂଚେଇ ଦିଅନ୍ତି- ଯେପରି ତାଙ୍କ ମସ୍ତକରୁ ଫୁଲଖସିବା, ଅନ୍ତଃକରଣରେ ସକାରାତ୍ମକ ସଂକେତ ଅନୁଭବ କରିବା, ସ୍ୱପ୍ନରେ ଆବିର୍ଭୂତ ହେବା, ଗୁହାରିଆ ବା ଅଧିଆ ପଡିଥିଲେ ସ୍ୱପ୍ନାଦେଶ ହେବା, ଅଚିରେ କାମନା ଫଳବତୀ ହେବା ଇତ୍ୟାଦି।

ଶାସ୍ତ୍ରାନୁସାରେ ସୂର୍ଯ୍ୟଦେବତାଙ୍କୁ ନମସ୍କାର କଲେ ଯେଉଁ ଫଳପ୍ରାପ୍ତି ହୁଏ ତାହା ନିମ୍ନୋକ୍ତ ପ୍ରକାରର-

''ଆଦିତସ୍ୟ ନମସ୍କାରଂ ଯେ କୁର୍ବନ୍ତି ଦିନେ ଦିନେ।
ନ ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ।।''

ଏହା ଏକ ଅନୁଭୂତିର କଥା ଯେ ସାମାନ୍ୟ ନମସ୍କାରଟିଏ ବେଳେ ବେଳେ ଦୀର୍ଘଦିନର ତିକ୍ତ ସମ୍ପର୍କକୁ ମଧୁର କରିଦିଏ ଏବଂ ମନୋମାଳିନ୍ୟ ଦୂର ହୋଇଯାଏ। ଅତଏବ ନମସ୍କାର ପାଇଁ ଆଦୌ କୁଣ୍ଠା ରହିବା ଉଚିତ ନୁହେଁ। ପ୍ରତିପକ୍ଷରୁ ପ୍ରତିଦାନ ଥାଉ ବା ନ ଥାଉ। କିନ୍ତୁ କ୍ଷୋଭର କଥା କାଳକ୍ରମେ ନମସ୍କାରର ରୂପରେଖ ବଦଳିବାରେ ଲାଗିଛି ଏବଂ ତା' ସହିତ ବଦଳିଯାଉଛି ଆଶୀର୍ବାଦର ସଂଜ୍ଞା। ଏବେ ନମସ୍କର୍ତ୍ତାଙ୍କର ପ୍ରତିଦାନସ୍ୱରୂପ ଶୁଷ୍କ ପ୍ରତିନମସ୍କାରଟିଏ ହିଁ ଆଶୀର୍ବାଦର ସ୍ଥାନ ନେଉଛି। ନମସ୍କାରର ଶୁଦ୍ଧତା ସହିତ ଆଶୀର୍ବଚନର ଆନ୍ତରିକତା ବିଲୟର ଦ୍ୱାରଦେଶରେ ଉପନୀତ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ୍-୪,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପରିବାର ପାଇଁ ବୋଝ ପାଲଟି ବୃଦ୍ଧାଶ୍ରମରେ ଜୀବନ କାଟୁଥିବା ମା'ବାପାମାନଙ୍କୁ କିନ୍ତୁ ଅନାଥ ଶିଶୁମାନେ ବୋଝ ଲାଗୁନାହାନ୍ତି। ବୟସର ଅପରାହ୍ଣରେ ଏମାନେ ଅନାଥ ଶିଶୁଙ୍କୁ କୋଳେଇ ନେଉଛନ୍ତି। ଗୁଜରାଟର ଏକ ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଏଭଳି ମହତ୍ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଛନ୍ତି। 'ଜୀବନ ସନ୍ଧ୍ୟା' ବୃଦ୍ଧାଶ୍ରମର ଅନ୍ତେବାସୀମାନେ 'ଶିଶୁଗୃହ' ନାମକ ଏକ ଅନାଥାଶ୍ରମର ଶିଶୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଶିଶୁମାନଙ୍କୁ ସେମାନେ ପାଇ ଖୁବ୍ ଖୁସି ଅନୁଭବ କରିଥିବା ଲକ୍ଷ୍ୟ କରାଯାଇଥିଲା। ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ସପ୍ତାହରେ ଦିନେ ଶିଶୁମାନଙ୍କ ସହ ସମୟ ବିତାଇବା ଲାଗି ସ୍ଥିର କରାଯାଇଥିବା କହିଛନ୍ତି ବୃଦ୍ଧାଶ୍ରମର ଜଣେ ଅଧିକାରୀ। ଏହାଦ୍ୱାରା ଶିଶୁମାନେ ସ୍ନେହ ଓ ଶ୍ରଦ୍ଧା ପାଇପାରିବେ ଏବଂ ଏହା ସେମାନଙ୍କୁ ଜୀବନରେ ଆଗକୁ ବଢିବାରେ ସାହାଯ୍ୟ କରିବ। ଭାବନାତ୍ମକ ଦୃଷ୍ଟିରୁ ଉଭୟେ ଲାଭାନ୍ୱିତ ହେବେ ବୋଲି କହନ୍ତି ବୃଦ୍ଧାଶ୍ରମର ଅଧ୍ୟକ୍ଷ ସି.କେ. ପଟେଲ।

## ଚିରନ୍ତନୀ

ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩ ମାର୍ଚ୍ଚ ୧୯୯୫**

- ପୂର୍ବତନ କମ୍ୟୁନିଷ୍ଟ ବାଚସ୍ପତି ଜୋମେ ଓଲେକସିଙ୍କୁ ପୋଲାଣ୍ଡର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦେଶର ପାର୍ଲାମେଣ୍ଟ ନିର୍ବାଚିତ କରିଛି।
- ବିହାର ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ ସଂକ୍ରାନ୍ତ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ବିରୁଦ୍ଧରେ ଦାଏର କରାଯାଇଥିବା ରିଟ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଛି।

# କବି ହେବା ନୋହିଲା

ବୈକୁଣ୍ଠନାଥ ମିଶ୍ର

କାହିଁକି କେଜାଣି କବିତା ଲେଖିବା ପାଇଁ ମନରେ ପ୍ରବଳ ଉତ୍କଣ୍ଠା ଜାଗ୍ରତ ହେଲା। ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବିଦ୍ୟାଳୟର ବାର୍ଷିକ ପତ୍ରିକାରେ ମୋର ଏକ କବିତା ପ୍ରକାଶ ପାଇଥିଲା। ମହାବିଦ୍ୟାଳୟରେ ମଧ୍ୟ ଅନୁରୂପ ଭାବେ ଗୋଟିଏ/ଦୁଇଟି କବିତା ବାର୍ଷିକ ପତ୍ରିକାରେ ପ୍ରକାଶିତ ହୋଇ ସହପାଠୀ ଓ ଆତ୍ମୀୟଙ୍କଠାରୁ ମିଳିଥିଲା ଅନେକ ପ୍ରଶଂସା, ଯାହା କବିତା ଲିଖନ ପାଇଁ ମୋତେ ଅନୁପ୍ରେରିତ କରିଥିଲା। ଆଗ୍ରହ ବଢିଲା ଓ ସମୟର ଗତି ସହ ତାଳଦେଇ ବଢିଚାଲିଲା କବିତା ଲେଖାର ଝୁଙ୍କ୍। ଅନେକ କବିତା ଲେଖି ତା'ର ପାଣ୍ଡୁଲିପିକୁ ସାଇତି ରଖିଛି। ଦିନେ ଭାବିଲି କୌଣସି କବିତା ପାଠୋତ୍ସବରେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କଲେ ମୋତେ ସମସ୍ତେ କବି ବୋଲି ଜାଣିବେ ଓ ମୋର କବିତା ଲେଖାର ଶ୍ରମ ସାର୍ଥକ ହେବ।

କିଛିଦିନ ପରେ ମୋତେ ସେ ସୁଯୋଗ ମିଳିଲା। ଆମ ଗ୍ରାମଠାରୁ ୧୦/୧୫ କିଲୋମିଟର ଦୂରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିବର ରାଧାନାଥଙ୍କୁ ଅନୁସରଣ କରି ଲେଖିଥିବା ମୋ କବିତାଟି ପଢ଼ିଲି, ଯାହାର ପ୍ରଥମ ପଦଟି ଥିଲା ଏହିପରି- ପରାଚୀ ଭୂଖଣ୍ଡେ ଆର୍ଯ୍ୟ ବାସସ୍ଥଳୀ, ଶୋଭା ସୁଷମାରେ ସ୍ୱର୍ଗଠାରୁ ବଳି... କବିତାଟି ପାଠ କରି ମୁଁ ନିଶ୍ଚିତ ଥିଲି ଯେ, ସଭାପତିଙ୍କ ଦ୍ୱାରା ମୋ କବିତାଟି ଉଚ୍ଚ ପ୍ରଶଂସିତ ହେବ ଓ ଶ୍ରୋତାଙ୍କର କରତାଳିରେ ସଭାସ୍ଥଳୀ ମୁଖରିତ ହେବ। କିନ୍ତୁ ସେପରି କିଛି ହେଲାନାହିଁ। ସଭା ସାଙ୍ଗ ହେବା ପରେ ସଭାପତିଙ୍କୁ ମୋ କବିତା ସମ୍ବନ୍ଧରେ ଜାଣିବାକୁ ଚାହିଁବାରୁ ସେ କହିଲେ, ଦେଖନ୍ତୁ ଆପଣଙ୍କର ଇଏ ଛାନ୍ଦ କବିତା। ଏସବୁ କବିତାର ଯୁଗ ଆଉ ନାହିଁ। ଏପରି କବିତା ଲେଖି ଆପଣ କ'ଣ ଭାବୁଛନ୍ତି ଆପଣ କବି ହୋଇଯିବେ? ଆଧୁନିକ, ରୋମାଣ୍ଟିକ, ଉଦ୍ଭଟ, ପ୍ରତୀକଧର୍ମୀ କିମ୍ବା ଦୁର୍ବୋଧ କବିତା ପରି ଯୁଗୋପଯୋଗୀ କବିତା ଲେଖନ୍ତୁ।

ତା'ପରେ ପ୍ରେମିକ କବି ମାୟାଧର ମାନସିଂହଙ୍କ ଅନୁସରଣରେ ଏକ ପ୍ରେମ କବିତା ଲେଖିଲି, ଯାହାର କିଛି ଅଂଶ ଏହିପରି- ତୁମେ ତ ମୋର ଘୁମନ୍ତ ନିଶି ଅଳସୀ ଶୀତ ଚନ୍ଦ୍ରିକା, ତୁମେ ତ ମୋର ଚପଳକାନ୍ତା ହୃଦ ପଞ୍ଜୁରୀ ଶାରିକା।... ଉତ୍ସୁକତାର ସହ ଆଉ ଏକ କବିତା ଆସରକୁ ଚାହିଁ ବସିଲି। ସେଦିନ ଉପଗତ ହେଲା। କିନ୍ତୁ ଏଥର ମଧ୍ୟ ମୋର ଆଶା ନିରାଶାରେ ପରିଣତ ହେଲା, ଯେତେବେଳେ ଜାଣିଲି ପଠିତ କବିତାଗୁଡ଼ିକ ମଧ୍ୟରେ ମୋ କବିତା ସର୍ବ ନିମ୍ନରେ ଅଛି। ସଭା ସାଙ୍ଗ ହେଲା ପରେ ମୁଁ ଅତି ସନ୍ତର୍ପଣରେ ଏକାନ୍ତରେ ସଭାର ଅଧକ୍ଷ ତଥା ଚୟନକର୍ତ୍ତାଙ୍କୁ ମୋ କବିତା ସମ୍ବନ୍ଧରେ ପଚାରିଲି। ସଂଯୋଗକୁ ପୂର୍ବର ସଭାପତି ମଧ୍ୟ ଆଜିର ସାହିତ୍ୟ ସଭାରେ ଅଧ୍ୟକ୍ଷତା କରୁଥାନ୍ତି। ସେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ କହିଲେ, ଏହା କ୍ଲିଷ୍ଟ କବିତା, ପାଠକ ମନକୁ ଛୁଇଁପାରିବ ନାହିଁ। ସାମ୍ପ୍ରତିକ ଯୁଗ ପାଇଁ ଏସବୁ ଅଚଳ କବିତା ଓ ଏଥିରେ ଆଧୁନିକତାର ଝଲକ ନାହିଁ। ଏ କବିତା ଲେଖି ଆପଣ କିପରି ଆସ୍ପର୍ଦ୍ଧା କରୁଛନ୍ତି ଯେ ଆପଣ ପାଠକୀୟ ଆଦୃତି ସାଉଁଟି ପାରିବେ ବୋଲି? ଆପଣ ଯଦି ନିହାତି ଲେଖିବାକୁ ଚାହୁଁଛନ୍ତି- ତେବେ ଗଦ୍ୟ କବିତା ଲେଖନ୍ତୁ- ଯାହା ଦୁର୍ବୋଧ, ପ୍ରତୀକଧର୍ମୀ ଓ ଉଦ୍ଭଟ ହୋଇଥିବ ଏବଂ ଆଧୁନିକତାର ବାସ୍ନା ବି ବହନ କରୁଥିବ। ନଚେତ୍ ଏପରି ଲେଖିବା ବନ୍ଦ କରନ୍ତୁ।

କବିତା ରଚନାର ବିଧିବିଧାନ ସମ୍ବନ୍ଧରେ ଯେହେତୁ ମୁଁ ଅଜ୍ଞ, ତେଣୁ ନୀରବ ରହିଲି ଓ ଆଉ ଏକ ଆସରକୁ ଅପେକ୍ଷା କଲି। ମନେ ମନେ ସ୍ଥିର କଲି ଏଥର ଏମିତି କବିତାଟିଏ ଲେଖିବି, ଯାହା ଚୟନକର୍ତ୍ତା ତଥା ଆୟୋଜକଙ୍କ ପାଇଁ ବିରକ୍ତିକର ହେବ। ଅଳ୍ପଦିନ ଅନ୍ତରେ ସେ ସୁଯୋଗ ଆସିଲା। କବିତା ରଚନାରେ ସଫଳତା ପ୍ରାପ୍ତିକୁ ଗୌଣ କରି ଚୟନକର୍ତ୍ତାଙ୍କ ମନରେ ବିରକ୍ତିଭାବ ସୃଷ୍ଟି କରିବାର ପ୍ରୟାସ ନେଇ ଲେଖିଲି-

ଯାଉଥିଲି ରାସ୍ତାରେ ଭେଟିଲି ମୁଁ କୁକୁର,
ବସିଲି ତା' ପିଠିରେ ଧରିଲି ତା' କାନକୁ।
ଉଡି ଉଡି ନେଇଗଲା ମହାଶୂନ୍ୟ ମଧ୍ୟକୁ,
ଫିଙ୍ଗି ଦେଲା ମତେ ନେଇ ଅତଳ ସମୁଦ୍ରେ।
ନ ପାଇଲି କୂଳ ଆଉ କିନାରା-
ପାଲଟିଲି ପଥହରା ପଥିକ-
ନିର୍ବାକ୍-ନିସ୍ପନ୍ଦ-ଚତୁଃପାର୍ଶ୍ୱ ଅନ୍ଧକାରମୟ।

ଏଥରକ କବିତା ପାଠୋତ୍ସବରେ ପହଞ୍ଚି ଆୟୋଜକଙ୍କ ହାତକୁ କବିତାଟି ବଢାଇଦେଇ ଚୁପ୍ ହୋଇ ନିଜ ଆସନରେ ବସିରହିଲି। ଖୁବ୍‌ଶୀଘ୍ର ମୋ ପାଳି ପଡିଲା। ମନରେ ଉତ୍ତେଜନା, ଦେହରେ ଶିହରଣ ଓ ହୃଦୟରେ ଅବିଶ୍ୱାସର ଏକ ପୁଞ୍ଜୀଭୂତ ସମାହାରରେ କବିତା ପଠନ ପାଇଁ ଆଗେଇଗଲି। ନ ଥିଲା ମନରେ ସରସତା କିମ୍ବା ପୂର୍ବର ଆବେଗ। ମନେମନେ ନିଜକୁ ଧିକ୍କାରିଲି, କାହିଁକି ଏ କବିତା ଲେଖିଲି ବୋଲି। ଭରା ସଭାରେ ମୋତେ ହିଁ ତ ଏହା ପଢ଼ିବାକୁ ହେବ। ସାହସ ସଞ୍ଚୟ କରି କବିତାଟି ପଢିଲି। ଲକ୍ଷ୍ୟ କଲି ସଭାସ୍ଥଳୀ କରତାଳିରେ ଉଚ୍ଛୁଳି ପଡୁଛି। ମୁଁ ଭାବିଲି ମୁଁ ଯାହା ଲେଖିଛି ତାକୁ ମୁଁ ଠିକ୍ ଭାବେ ବିଝିନାହିଁ; ହେଲେ ଏ ସୁଧୀ ଶ୍ରୋତୃମଣ୍ଡଳୀ କ'ଣ ବୁଝିଲେ ଯେ ପୁଲକିତ ହୋଇ କରତାଳି ବର୍ଷଣ କରୁଛନ୍ତି? ମୁଁ ଲକ୍ଷ୍ୟ କଲି ମୁଁ ଏକା ଉଦାସ ଓ ଆଉ ସମସ୍ତେ ଉତ୍‌ଫୁଲ୍ଲ। ସଭାକାର୍ଯ୍ୟର ଅନ୍ତିମ ପର୍ଯ୍ୟାୟରେ ସଭାପତିଙ୍କ ଅଭିଭାଷଣ ଥିଲା ମୋ କବିତାର ଉଚ୍ଛ୍ୱସିତ ପ୍ରଶଂସାରେ ଶତମୁଖ। ସେ କହିଲେ ଶ୍ରୀଯୁକ୍ତ ମିଶ୍ରଙ୍କର କବିତାଟି ପ୍ରତୀକଧର୍ମୀ, ସମୟୋପଯୋଗୀ ଓ ସମାଜ ପାଇଁ ଏକ ସୁନ୍ଦର ଚେତାବନୀ। ଝିଅଟି ନିଃସଙ୍ଗଭାବେ ନିଛାଟିଆ ରାସ୍ତାରେ ଗମନ କରୁଛି। ଶ୍ୱାନ ପରି ଅନୁଧାବନ କରୁଥିବା ତା'ର ପ୍ରେମିକ ତାକୁ ବାଇକ୍‌ରେ ଲିଫ୍ଟ ଦେଉଛି। ପଛ ସିଟ୍‌ରେ ବସି ଝିଅଟି ପ୍ରେମିକର କାନ୍ଧକୁ ଧରିଛି। ଗାଡିର ବେଗ କ୍ରମଶଃ ପ୍ରଖରତର ହେଉଛି। ହଠାତ୍ ବାଇକଟି ରାସ୍ତାର ଗୋଟିଏ କଡକୁ ମାଡିଯାଇ ଏକ ଗଛରେ ଧକ୍କା ହୁଏ। ଝିଅଟି ଖଣ୍ଡେ ଦୂରକୁ ଛିଟିକି ପଡି ଚେତାଶୂନ୍ୟ ହୋଇଯାଏ। ସଚେତ ହୋଇ ନିଜକୁ ଆବିଷ୍କାର କରେ ମେଡିକାଲ ବେଡରେ। ନା ଅଛି ପ୍ରେମିକ- ନା କେହି ଆତ୍ମୀୟ ପରିଜନ। ଚାରିଆଡେ କେବଳ ଶୂନ୍ୟତା ଆଉ ଶୂନ୍ୟତା।

ଏବେ ବୁଝିଗଲି ମୋ ରଚିତ ଅନାବନା କବିତାର ମାହାତ୍ମ୍ୟ। ନା ଅଛି ଶବ୍ଦ ସଂଯୋଜନାର କଳାକୌଶଳ- ନା ଆଭିଧାନିକ ଉପଯୁକ୍ତ ଶବ୍ଦ ଚୟନ। ଯାହା ସାଧାରଣରେ ଦୁର୍ବୋଧ, ଯାହାର ନିର୍ଯ୍ୟାସ ସ୍ୱୟଂ କବିକୁ ମଧ୍ୟ ଅସ୍ପଷ୍ଟ, ତାହା ଏତେ ମର୍ମସ୍ପର୍ଶୀ ହୋଇପାରେ ବୋଲି ଏବେ ମୋର ହୃଦ୍‌ବୋଧ ହେଲା। ଏହା ନିଚ୍ଛକ ସତ୍ୟର ଅବତାରଣା ମାତ୍ର! ଭାଜିଗଲା ମୋ କବିତା ଲେଖା ସ୍ୱପ୍ନ। ଭଞ୍ଜଙ୍କ ଦୁର୍ବୋଧ କବିତା ସିନା ପଣ୍ଡିତ, ବାରାଙ୍ଗନା ଓ ପଥଚାରୀଠାରୁ ଆରମ୍ଭ କରି ଚଷା ଓ ଯୋଷା ପର୍ଯ୍ୟନ୍ତ ସମସ୍ତେ ଗାଉଥିଲେ ହେଲେ ମୋ ଅଳଙ୍କାରଶୂନ୍ୟ ଛାନ୍ଦହୀନ କବିତାକୁ କିଏ ବା କାହିଁକି ଗାଇବ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

## ସୁ-ଡୋ-କୁ

su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | 1 | | | | | | D | | 8 | | 5 | |
| | | A | | | C | 5 | | | 0 | B | | | | |
| | | C | | 6 | B | | | 3 | | | 5 | | 8 | |
| | | 1 | | | A | 7 | 8 | | | | | 6 | | 9 |
| | 8 | | | | | E | | | 6 | | | 7 | | |
| | | | | 8 | 7 | B | | | | | A | | 6 | |
| D | | | A | 0 | | | | | | | E | | 1 | 3 |
| | 0 | 3 | | | | 2 | | C | 5 | | | A | | |
| | C | 9 | E | | | | | | | 0 | 3 | | B | |
| B | | | | 3 | | | 5 | | C | | 6 | | 2 | 8 |
| 2 | 1 | 6 | 9 | | | 8 | | | | 3 | | | | |
| 9 | 4 | | 6 | 1 | E | 3 | | | | | B | | | |
| | | | | | 3 | | | E | | | | 2 | | |
| 5 | | | D | 4 | | | | 1 | | | | | 9 | 7 |
| | E | | | C | | | 2 | A | 1 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 8 | B | 5 | 1 | A | 7 | 6 | D | 3 | C | E | 0 | 9 | 2 |
| C | 2 | 0 | B | 3 | 6 | 4 | 8 | 9 | A | D | 5 | 7 | E | 1 |
| 5 | 9 | 6 | 0 | 4 | E | B | A | C | 7 | 1 | 2 | 8 | 3 | D |
| 3 | D | E | 9 | C | 7 | 1 | 2 | 0 | B | 6 | 8 | 4 | 5 | A |
| 1 | 7 | A | D | 8 | 2 | 5 | 3 | E | 0 | 4 | 9 | B | 6 | C |
| B | 6 | C | 1 | 9 | 0 | 3 | 4 | 5 | E | 7 | A | 2 | D | 8 |
| 8 | 0 | 2 | E | 6 | C | D | 9 | A | 4 | 5 | B | 3 | 1 | 7 |
| E | 4 | 3 | 8 | 7 | B | 2 | 0 | 1 | C | 9 | D | 6 | A | 5 |
| D | A | 9 | 4 | 2 | 5 | 8 | B | 7 | 6 | 3 | 1 | C | 0 | E |
| 7 | 1 | 5 | A | D | 3 | E | C | 6 | 8 | 2 | 0 | 9 | 4 | B |
| 2 | 5 | D | C | 0 | 4 | A | 7 | 3 | 1 | B | 6 | E | 8 | 9 |
| A | 3 | 8 | 7 | E | 9 | C | 1 | B | D | 0 | 4 | 5 | 2 | 6 |
| 0 | C | 7 | 6 | A | D | 9 | E | 2 | 5 | 8 | 3 | 1 | B | 4 |
| 6 | E | 4 | 2 | B | 1 | 0 | 5 | 8 | 9 | A | C | D | 7 | 3 |
| 9 | B | 1 | 3 | 5 | 8 | 6 | D | 4 | 2 | E | 7 | A | C | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍ ସଂସ୍କୃତି ପଥରେ ଦୌଡୁଛୁ

ମହାଶୟ,

ପୂର୍ବେ ଝିଅପୁଅଙ୍କର ଜନ୍ମଦିନରେ ଷଷ୍ଠୀ ପୂଜା, ସତ୍ୟନାରାୟଣ ପାଲା ଆଦି ହେଉଥିଲା। ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ଅନୁକରଣରେ ବାର୍ଥ ଡେ ପାର୍ଟି କ୍ରମରେ କେକ୍ ଉପରେ ମହମବତି ଜଳାଇ ତାକୁ ଫୁଙ୍କି ଲିଭାଇବା ସମସ୍ତେ ଦେଖୁଥିବେ। ରଙ୍ଗବେରଙ୍ଗର ମହମବତିକୁ କେକ୍ ପରି ଖାଇବା ଜିନିଷ ଉପରେ ରଖିବା କ'ଣ ଠିକ୍? ସେମିତି ଜଳୁଥିବା ବତିକୁ ଫୁଙ୍କି ଲିଭାଇବାବେଳେ କେକ୍ ଉପରେ ଛେପ ପଡ଼ିପାରେ। ସେହିପରି ଭୋଜିଭାତ ଆଜିକାଲି ବ୍ୟୟବହୁଳ ବଫେ ପାର୍ଟିରେ ପରିଣତ। ଠିଆହୋଇ ମାଗି ମାଗି ଖାଇବା, ଅନେକ ତୈଳ ଚର୍ବିଯୁକ୍ତ, ମସଲାଯୁକ୍ତ ଆମିଷ ଭୋଜନ କ'ଣ ଆମ ଉତ୍କଳୀୟଙ୍କ ନିମନ୍ତେ ପ୍ରଯୁଜ୍ୟ? ଆମେ ଭୁଲ୍ ସଂସ୍କୃତି ପଥରେ ଦୌଡୁଛୁ। ସମସ୍ତେ ବିଚାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ପୁରୀ

### ନିରାମୟ ଔଷଧର ଅଭାବ

ରାଜ୍ୟ ସରକାରଙ୍କ ତରଫରୁ ନିରାମୟ ଯୋଜନାରେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ମାଗଣାରେ ଜରୁରୀ ଔଷଧ ଯୋଗାଇ ଦିଆଯାଉଛି। ମାତ୍ର ଡାକ୍ତରଖାନାଗୁଡ଼ିକ ଆବଶ୍ୟକତା ଅନୁସାରେ ଯେତେ ପରିମାଣରେ ମାଗୁଛନ୍ତି ତା' ଠାରୁ କମ୍ ଔଷଧ ଯୋଗାଇ ଦିଆଯାଉଛି। ଏହି କାରଣରୁ ବେଳେ ବେଳେ କିଛି ଔଷଧ ଉପଲବ୍ଧ ହେଉନାହିଁ। ଗରିବ ରୋଗୀମାନେ ସେହିସବୁ ଔଷଧ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଉଦାହରଣ ସ୍ୱରୂପ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଏକ ମାସରୁ ଅଧିକ ସମୟ ଧରି କ୍ୟାଲସିୟମ୍ ବଟିକା ଓ ସିରପ୍ ମିଳୁନାହିଁ। ଏଣୁ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରଖାନାକୁ ଆବଶ୍ୟକତା ଅନୁସାରେ ସବୁ ଔଷଧ ଯୋଗାଇ ଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ଯେଉଁମାନେ ଗୁଡ଼ାଏ କଥା କୁହନ୍ତି,
ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍








ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସୋମବାର ମହାନଗର ନିଗମସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀରେ ପୁଷ୍ଟିସାର ଖାଦ୍ୟ ବିଷୟରେ ଅଙ୍ଗନୱାଡି କର୍ମୀମାନେ ବୁଝାଉଛନ୍ତି (ବାମ)। ଅଇଁଠାପାଲିସ୍ଥିତ ସେଣ୍ଟ ଜାଭିୟର ସ୍କୁଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର (ମଝି)। ବରେଇପାଲି ବୈଦ୍ୟନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା ସହର ପରିକ୍ରମା କରୁଛି ।

# ୧୧ରେ ରାସ୍ତାରୋକୋ କରିବୁ

ସମ୍ବଲପୁର,୨।୩ (ବ୍ୟୁରୋ)

କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ରେଞ୍ଜ ଅଫିସ ରେଞ୍ଜ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଦର ରେଞ୍ଜରେ ୯, ରେଢାଖୋଲରେ ୯ ଓ କୁଚିଣ୍ଡାରେ ୬ ରେଞ୍ଜ ସହ ମୋଟ ୨୪ ରେଞ୍ଜ ଅଫିସ ସମ୍ମୁଖରେ ୨ ଦିନ ଧରି ଏହି ଧାରଣା ଓ ଭିକ୍ଷୋଭ ଚାଲିବ। କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର କରିବା, ପୂର୍ବ ବର୍ଦ୍ଧିତ ଦରମା ଲାଗୁ କରିବା, ସମସ୍ତ ସମାଜିକ ସୁରକ୍ଷା ସହାୟତା, ନିରାପତ୍ତା ପ୍ରଦାନ କରିବା, ସାମାଜିକ ସୁରକ୍ଷା ପାଇଁ ୨ ହଜାର କେରି ବଦଳରେ ୧ ହଜାର କେରି କରିବା, ରେଞ୍ଜ ଅଫିସ ଗୁଡିକ ଓ ଫଡି ଘର ଗୁଡିକ ଉଚ୍ଛେଦ କରା ନ ଯିବାକୁ ଦାବି କରାଯାଇଛି। ରହିଛି । ଯଦି କେନ୍ଦ୍ର ଓ ରାଜ୍ୟ ସରକାର ୭ ଦିନ ଭିତରେ ଅଥାର୍ତ ମାର୍ଚ୍ଚ ୧୦ ତାରିଖ ଭିତରେ ସମାଧାନ କରି ଦାବି ପୂରଣ ନ କରିବେ ତାହା ହେଲ ୧୧ ତାରିଖ ରାସ୍ତାରୋକୋ କରାଯିବ। ୨୧ ଜିଲାରେ ସମସ୍ତ ରାଜ୍ୟ ଓ ଜାତୀୟ ରାଜପଥ ଅବରୋଧ କରି ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି । କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି, ଉପସଭାପତି ଗୋକୁଳ ମେହେର, ସଂପାଦକ ସଞ୍ଜିତ ମହାନ୍ତି, ମହମ୍ମଦ ମୁତୁଜା, କୀର୍ତ୍ତନ୍ୟ ସେନାପତି, କିଶୋର ପ୍ରଧାନ, ରମେଶ ମହାର, ଉଦିତ ତ୍ରିପାଠୀ, ଭକ୍ତ ମାଝି, ଦୈତାରୀ ନାଏକ, ବିଜିତେନ୍ଦ୍ରୀୟ ଷଣ୍ଢ ପମୁଖ ନେତୃତ୍ୱ ନେଇଛନ୍ତି।




ସମ୍ବଲପୁର କେନ୍ଦୁପତ୍ର କମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

# ୨୨ ପ୍ୟାକ୍ସରେ ତାଲା ପକାଇଦେଲେ ଚାଷୀ




ମାନେଶ୍ୱର ସମବାୟ ସମିତିରେ ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।




ସମ୍ବଲପୁର ରେମେଡେ ସମବାୟ ସମିତିରେ ତାଲା ପକାଇ ଦିଆଯାଉଛି ।

ସମ୍ବଲପୁର/ପଡିଆବାହାଲ/ଧମା,୨।୩ (ବ୍ୟୁରୋ/ଡି,ଏନ.ଏ.)

## ଟୋକନକୁ ବିରୋଧ, ବଳକା ଧାନ କିଣିବାକୁ ଦାବି

ଟୋକନ ବ୍ୟବସ୍ଥାକୁ ବିରୋଧ କରି ପୂର୍ବ ଘୋଷଣ ମୁତାବକ ସମ୍ବଲପୁର ସଦର ସବ୍‌ଡିଭିଜନରେ ଥିବା ୨୨ଟି ପ୍ୟାକ୍ସରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସୋମବାରଠାରୁ ଚାଷୀମାନେ ତାଲା ପକାଇ ଦେଇଛନ୍ତି । ଜିଲା କୃଷକ ସଂଗଠନ ଆହ୍ୱାନ କ୍ରମେ ବିଭିନ୍ନ ଚାଷୀ ସଂଗଠନ ନିଜ ନିଜ ନିକଟସ୍ଥ ପ୍ୟାକ୍ସରେ ତାଲା ଦେଇଥିଲେ। ପ୍ୟାକ୍ସରେ କର୍ମଚାରୀମାରେ କାମ କରୁଥିବା ସମୟରେ ସେମାନଙ୍କୁ ବାହାର କରି ଦେଇଥିଲେ। ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ । ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥାରେ ତ୍ରୁଟି ରହିଛି । ଆଜି ମଧ୍ୟ ପ୍ରାୟ ୩୦ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି । ସେଥି ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଯାଇଛି। କେତେକ ଚାଷୀ ବାଧ ହୋଇ କମ୍ ଦରରେ ବିକ୍ରି କରିଛନ୍ତି । ଟୋକନ ବ୍ୟବସ୍ଥା ଯୋଗୁ ଦଲାଲ ସଂଖ୍ୟା ବୃଦ୍ଧି ପାଇଛି । ମିଲର୍ସମାନେ ମନ ଇଚ୍ଛା କଟନୀ ଛଟନି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି । ତେଣୁ ଭୁବନେଶ୍ୱରରେ ବସି ସଚିବମାନେ ବାସ୍ତବ ସମସ୍ୟା ନ ଜାଣି ଟୋକନ ବ୍ୟବସ୍ଥା ବାଧ୍ୟତା ମୂଳକ କରିଛନ୍ତି । ରାଜନେତା କି ମନ୍ତ୍ରୀ ନୁହେଁ ଯଦି ସଚିବ ସ୍ତରରେ ଚାଷୀଙ୍କ ସହ ଆଲୋଚନା କରିବେ, ଟୋକନ ବ୍ୟବସ୍ଥାରେ କ'ଣ ସମସ୍ୟା ହେଉଛି ତା ଉପରେ ସମାଧାନ କରିବେ ତାହା ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ । ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ୟାକ୍ସ ଗୁଡିକରେ ତାଲା ପଡି ରହିବ ବୋଲି କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ କହିଛନ୍ତି । ଜିଲା ସଭାପତି ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, ଦେବେନ୍ଦ ପ୍ରଧାନ, ଚନ୍ଦ୍ର ଶେଖର ପଣ୍ଡା, ଉମେଶ ମିଶ୍ର, ବ୍ୟୋମକେଶ ଠାକୁର, ଏମ. ଗୋବିନ୍ଦୁ, ଅଶ୍ୱିନୀ ପୃସେଟ ପ୍ରମୁଖ ନେତୃତ୍ୱ ନେଇଥିଲେ । ସମବାୟ ସମିତି ଗୁଡିକୁ ଶତାଧିକ ମହିଳା ଓ ପୁରୁଷ ଚାଷୀମାନେ ଆସି ତାଲା ମରିଥିଲେ । ଫଳରେ ସମବାୟ ସମିତିର ସବୁ କାମ ଠପ ହୋଇ ପଡିଛି। ଏବେ ଋଣ ପରିଷୋଧ ଓ ସଂଗ୍ରହ କରିବା ସମୟ। ତେଣୁ ବ୍ୟାଙ୍କ କାମରେ ବାଧା ସୃଷ୍ଟି ହୋଇଛି । ସେହିପରି ସାର ଓ କୀଟନାଶକ ମଧ ସମବାୟ ସମିତି ଦେଇ ପାରିବ ନାହିଁ। ଏ ସମ୍ପର୍କରେ ଡିଆରସିଏସ ଲିଙ୍ଗରାଜ ନାଏକ କହିଛନ୍ତି ଯେ, ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରୁଛନ୍ତି । ତେଣୁ ପଞ୍ଜୀକରଣ କରିବେ ନାହିଁ ବୋଲି ଘୋଷଣା କରିଥିଲେ । ଆଜିଠାରୁ ସମବାୟ ସମିତିରେ ତାଲା ପକାଇ ଦେଇଛନ୍ତି। ଅନ୍ୟପକ୍ଷେ ଆମ ପଡିଆବାଲ ପ୍ରତିନିଧି ଜଣାଇଛନ୍ତି ଯେ, ଚାଷୀନେତା ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାଷୀମାନେ ବାହାମ ସେବା ସମବାୟ ସମିତି ଅଫିସରେ ତାଲା ମାରିଛନ୍ତି। ସେହିଭଳି ଧମା, ପ୍ରତିନିଧିଙ୍କ ସୂଚନା ଅନୁସାରେ ଗତ ଖରିଫ ଋତୁରେ ଧାନକିଣା ପାଇଁ ରାଜ୍ୟ ସରକାର କରିଥିବା ଟୋକନ ବ୍ୟବସ୍ଥା ଯୋଗୁ ଚାଷୀମାନେ ହଇରାଣ ହୋଇଛନ୍ତି। ଏଣୁ ଚଳିତ ରବି ଋତୁରେ ଏହି ଟୋକନ ବ୍ୟବସ୍ଥା ବନ୍ଦ କରାଯିବା ପାଇଁ ଦାବି ହୋଇଛି । ଏଥିପାଇଁ ମଙ୍ଗଳବାର ଜିଲା କୃଷକ ସଂଗଠନ ଆହ୍ୱାନରେ ମାନେଶ୍ୱର ବ୍ଲକର ଧମା, ବରଗାଁ ଓ ସାହାସପୁର ସୋସାଇଟିକୁ କୃଷକମାନେ ଆସି ତାଲା ପକାଇ ଦେଇଛନ୍ତି । ଧମାରେ ଧମା ଖାଡେଶ୍ୱରୀ କୃଷକ ସଂଗଠନ ସଭାପତି ଦିଲୀପ ମହାପାତ୍ରଙ୍କ ନେତୃତ୍ୱରେ ଗିରିଗୋବର୍ଦ୍ଧନ ପଣ୍ଡା, ଗଙ୍ଗାଧର ମହାପାତ୍ର, ଭକ୍ତ ବନ୍ଧୁ ସାହୁ, ଚକ୍ରଧର ପୂଜାରୀଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସାହାସପୁର ସୋସାଇଟିରେ ସଭାପତି ରାଧାକାନ୍ତ ପାଣିଗ୍ରାହୀ, ତ୍ରିନାଥ ପଣ୍ଡା, ବିଜୁ ଅଗ୍ରୱାଲ, ପ୍ରଦୀପ ପତି, ସବ୍ୟସାଚୀ ବହିଦାର, ଅଜିତ ସିଂ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ବିବାହ ପରେ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ

ସମ୍ବଲପୁର,୨।୩ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ବରେଇପାଲି ଅଞ୍ଚଳର ଜଣେ ଯୁବତୀ ପ୍ରେମ ବିବାହ ପରେ ପ୍ରତାରଣାର ଶିକାର ହୋଇଥିବା ନେଇ ଅଇଁଠାପାଲି ଓ ମହିଳା ଥାନାରେ ଅଭିଯୋଗ କରିଛନ୍ତି । ସ୍ୱାମୀ ପବନ ବିଶ୍ୱକର୍ମାଙ୍କ ନାମରେ ସେ ପ୍ରତାରଣା ଅଭିଯୋଗ କରିଛନ୍ତି। ସେହିଭଳି ଶ୍ୱଶୁର ଘର ସଦସ୍ୟଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ପ୍ରାୟ ୧୫ ଦିନ ହେବ ସ୍ୱାମୀ ପବନ ବିଶ୍ୱକର୍ମା ସହ ଯୋଗଯୋଗ ହୋଇ ପାରୁ ନ ଥିବାରୁ ସେ ଛାଡି ଚାଲିଯାଇଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ମହିଳା ଥାନା ପୋଲିସ ଦ୍ୱାରା ପୂର୍ବରୁ ପବନ ଗିରଫ ହୋଇ ଜେଲ ଯାଇଥିଲେ। ହେଲେ ଜାମିନରେ ଆସି ପୁଣି ଦୁହେଁ ଏକାଠି ରହୁଥିଲେ।

# ଛେଳି ଚୋରି କରି ୩ ଗିରଫ

ସମ୍ବଲପୁର,୨।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଆମଲିପାଏନ ଗ୍ରାମର ୩ ଜଣଙ୍କୁ ଛେଳି ଚୋରି ଅଭିଯୋଗରେ ପୋଲିସ ଗିରଫ କରିଛି। ସେମାନେ ହେଲେ କାଳିଆ ଭୋଇ, ଯୋଗେନ୍ଦ୍ର ଭୋଇ, କୁନା ଭୋଇ। ଅଭିଯୋଗ କ୍ରମେ ସ୍ଥାନୀୟ ଏକ ଢାବାରୁ ଏମାନେ ବାରମ୍ବାର ଛେଳି ଚୋରି କରି ନେଉଥିଲେ। ଢାବା ମାଲିକଙ୍କ ଅଭିଯୋଗ ଆଧାରରେ ପୋଲିସ ଏମାନଙ୍କୁ ଗିରଫ କରିଛି।

# ହାଇୱା ମାଲିକ ୨୦ ହଜାର ଟଙ୍କା ଜରିମାନା ଗଣିଲେ

କୁଚିଣ୍ଡା, ୨।୩ (ଡି.ଏନ.ଏ)

କୁଚିଣ୍ଡାରେ ଏକ ହାଇୱା (ଓଡି ୨୩ ଜି-୯୬୩୬) ୨୦ ହଜାର ଟଙ୍କା ଜରିମାନା ଗଣିଛି। ତହସିଲଦାର ପ୍ରତିମା ପିଙ୍ଗ ସାପ୍ତାହିକ ବଜାର ପାଖରୁ ଏହାକୁ ଜବତ କରିଥିଲେ। ବାରମ୍ବାର ରାଜସ୍ୱ ଫାଙ୍କି ବାଲି ଚୋରି କରୁଥିବାରୁ ତହସିଲଦାର ଏହି ଜୋରିମାନା କରିଥିଲେ । ଗାଡି ମାଲିକ ପହଞ୍ଚି ଜୋରିମାନ ପୈଠ କରିବା ପରେ ଏହାକୁ ରିଲିଜ କରି ଦିଆଯାଇଛି।

# ଜାଲିଆତି କରି ଜମି ବିକିବାକୁ ଉଦ୍ୟମ କରି ୩ ଗିରଫ

ରେଙ୍ଗାଲି,୨।୩(ଡି.ଏନ.ଏ.)

ଜାଲିଆତି କରି ଜମି ବିକିବାକୁ ଉଦ୍ୟମ ଅଭିଯୋଗରେ ରେଙ୍ଗାଲି ପୋଲିସ ୩ଜଣଙ୍କୁ ଗିରଫ କରିଛି। ଏହି ୩ଜଣ ହେଲେ ଜମନକିରା ଥାନା ପଧାନପାଲି ନୂଆବୁର୍ଦ୍ଦା ଗ୍ରାମର କୈଳାଶ ସାହୁ (୫୬), ମାଝିପାଲି ଅଞ୍ଚଳର ରଞ୍ଜନ ମେହେର (୨୩) ଓ ପ୍ରକାଶ ସିଂ (୨୨)। ତହସିଲଦାର ସୁନୀଲ ମେହେରଙ୍କ ଅଭିଯୋଗ ଆଧାରରେ ପୋଲିସ ଏମାନଙ୍କୁ ଗିରଫ କରିଛି।

DSPL-291

## ବିଶ୍ୱ ଶ୍ରୁତି ଦିବସ

୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶ୍ରୁତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

### ଶ୍ରୁତି ବଧିରତା ପ୍ରତିରୋଧର ଉପାୟ

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଢା, ତେଲ ଆଦି) ପୂରାନ୍ତୁ ନାହିଁ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ତେଲମୁନି ଆଦି ଲଗାନ୍ତୁ ନାହିଁ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

DIPR-10003/13/0085/1920

## ସମ୍ବଲପୁରୀ ବସ୍ତ୍ରାଳୟ

ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି

୧୦% + ୨୦%

ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ

-: ନୂତନ ବସ୍ତ୍ରର ସମ୍ଭାର :-

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

## पंजाब नैशनल बैंक ... भरोसे का प्रतीक! ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ** । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ<br>ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / **ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ**, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / **ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ**, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, **୫) ୰ ଶୋବି ସାହୁ**, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର **(କ) ମୌଜା: କୁଣେଇ (ରଣପଡ଼ା)**, ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି **୰ ଶୋବି ସାହୁ**, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି **ରମେଶ ଚନ୍ଦ୍ର ସାହୁ**, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି **୰ ଶୋବି ସାହୁ**, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, **(ଖ) ମୌଜା: କୋଣାର୍କ**, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି **୰ ମହେଶ୍ୱର ସାହୁ**, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



ଜିଲାପାଳ ଏବଂ ଏସ୍‌ପି ଦୁଇଜଣ ବିଦ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ,୨।୩(ଡି.ଏନ.ଏ.)**

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିବା ୩୪ଟି ଦରଖାସ୍ତର ଶୁଣାଣି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗତ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଉପରେ ହୋଇବେଳେ ୭ଟି ସାମୂହିକ ସମସ୍ୟା ରହିଥିଲା । ୧୨ଟି ଦରଖାସ୍ତର ତୁରନ୍ତ ଶୁଣାଣି କରି ସମାଧାନ କରାଯାଇଥିଲା । ବାରକୋଟ ବ୍ଲକ ଅଧୀନ ତୁସୁଳା ଗ୍ରାମର ପ୍ରତୀମା ନାୟକଙ୍କୁ ୮ହଜାର ଟଙ୍କା, ହରେକୃଷ୍ଣପୁରର ରୁନୁ ଗଡ଼ନାୟକଙ୍କୁ ୫ହଜାର ଟଙ୍କା, ରେଗଡ଼ାଖୋଲର ନାରାୟଣ ଜାଲଙ୍କୁ ୧୦ହଜାର ଟଙ୍କା, ଡାଙ୍ଗିମୁଣ୍ଡାର ଘନ ନାୟକଙ୍କୁ ୫ହଜାର ଟଙ୍କା ଏବଂ ହାତୀଶାଳ ସାହିର ଜ୍ୟୋତି ରଣବିଡାଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ମଞ୍ଜୁର କରିଥିଲେ। ଶିବିରରେ ଦେବଗଡ଼ ବାବୁସାହିର ସୋନାଲି ଦେବ ଏବଂ ପୁରୁଣାଗଡ଼ର ଈଶାରାଣୀ ସାହୁଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ଯୋଗଦେଇଥିବା ଜନସାଧାରଣ ମୁଖ୍ୟତଃ ଆର୍ଥିକ ସହାୟତା, ଧାନ ବିକ୍ରି ଅବ୍ୟବସ୍ଥା, ସ୍କୁଲ ପାଚେରୀ ନିର୍ମାଣ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଯୋଗାଣ, ବକେୟା ପାଉଣା, ଆଧାରକାର୍ଡ ପ୍ରଦାନ, ଜମି ସମସ୍ୟା, ଚାଉଳ ଯୋଗାଣ, ଭତ୍ତା, ପାନୀୟ ଜଳଯୋଗାଣତ୍, କାଳିଆ ଯୋଜନାରେ ସାମିଲ, ଘରଡିହ ପ୍ରଦାନ, ପ୍ରଧାମମନ୍ତ୍ରୀ ଆବାସ ଯୋଜନା ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଏସ୍‌ପି ରାହୁଲ ଜୈନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଧର୍ମସଭା ଆୟୋଜନ ନେଇ ଆପତ୍ତି ଉଠାଇଲା ଜନ ଜାଗରଣ ମଞ୍ଚ

**ଦେବଗଡ,୨।୩(ଡି.ଏନ.ଏ)**

ଆସନ୍ତା ୫ ତାରିଖରୁ ସ୍ଥାନୀୟ ପତ୍ରାପାଲିଠାରେ ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀଙ୍କ ଦ୍ୱାରା ଏକ ଧର୍ମସଭା ଆୟୋଜିତ ହେବାକୁ ଯାଉଛି । ଏହି ଧର୍ମସଭା ଆଳରେ ଧର୍ମପରିବର୍ତ୍ତନର ଆଶଙ୍କା ପ୍ରକାଶ କରିଛି ସ୍ଥାନୀୟ ଜନ ଜାଗରଣ ମଞ୍ଚ। ମଞ୍ଚର ପ୍ରଭାସ ଚନ୍ଦ୍ର ମିଶ୍ର, ଡିଲେଶ୍ୱର ମହାପାତ୍ର, ପୁଷ୍ପମ ଗଙ୍ଗଦେବ, ସୁବାସ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଭୁକ୍ତା, ପବିତ୍ର ପୂଜାରୀ ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜଣେ ସ୍କୁଲ ଶିକ୍ଷୟିତ୍ରୀ ପୂର୍ବରୁ ଅନେକବାର ଏଭଳି ଧର୍ମସଭାମାନ ଆୟୋଜନ କରିଥିବା ଓ ଆୟୋଜିତ ହେବାକୁ ଥିବା ଧର୍ମସଭାରେ ଜଣେ ଆଫ୍ରିକିୟ ବ୍ୟକ୍ତି ଯୋଗଦେଉଥିବା ମଞ୍ଚ ପକ୍ଷରୁ ଦର୍ଶାଯାଇଛି। ଏହି ସ୍ମାରକପତ୍ରର ନକଲ ଜିଲା ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱରସ୍ଥିତ ମୋ ସରକାର କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଥିବା ଜନ ଜାଗରଣ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦୁପତ୍ର କର୍ମଚାରୀ ସଂଘର ଧାରଣା

**କୁଣ୍ଡେଇଗୋଳା କେନ୍ଦୁପତ୍ର ରେଞ୍ଜ ସ୍ଥାନାନ୍ତର ନିଷ୍ପତ୍ତିର ପ୍ରତିବାଦ**

**ଦେବଗଡ,୨।୩(ଡି.ଏନ.ଏ)**

ଦେବଗଡ ବନଖଣ୍ଡ(କେନ୍ଦୁପତ୍ର) ଅଧିନ କୁଣ୍ଡେଇଗୋଳା କେନ୍ଦୁପତ୍ର ରେଞ୍ଜକୁ ଉଚ୍ଛେଦ ନିଷ୍ପତ୍ତିର ପ୍ରତିବାଦ ସହ ଅନ୍ୟାନ୍ୟ ୮ ଦଫା ଦାବିରେ ସୋମବାର ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରେଞ୍ଜ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା । ଓଡିଶା ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ କୁଣ୍ଡେଇଗୋଳା ରେଞ୍ଜ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ଗଡନାୟକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଧାରଣାରେ ଅନ୍ତର୍ଯ୍ୟାମୀ ସାହୁ, ଖଗେଶ୍ୱର ଗଡନାୟକ, ଭୋଲେଶ୍ୱର ପ୍ରଧାନ, ଗୋପାଳ ପ୍ରଧାନ, ରମାକାନ୍ତ ଧଳ, କୁଣ୍ଡେଇଗୋଳା କେନ୍ଦୁପତ୍ର ରେଞ୍ଜ ଅଧିନ ବିଭିନ୍ନ ଗ୍ରାମରୁ ଶତାଧିକ ପୁରୁଷ ଓ ମହିଳା କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ, କର୍ମଚାରୀ ଉପସ୍ଥିତ ଥିଲେ । କୁଣ୍ଡେଇଗୋଳା ରେଞ୍ଜ ଉଚ୍ଛେଦ ନିଷ୍ପତ୍ତିର ପ୍ରତ୍ୟାହାର କରିବା, ବର୍ଦ୍ଧିତ ମଜୁରି ହାରରେ ସିଜିନାଲ କର୍ମଚାରୀମାନଙ୍କୁ ଦରମା ପ୍ରଦାନ, କେନ୍ଦୁପତ୍ର ତୋଳାଳି, ବନ୍ଧାଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ନିମନ୍ତେ ସାମାଜିକ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବା, କେନ୍ଦୁପତ୍ର ବିକ୍ରୀ ନୀତିର ସଂଶୋଧନ, କେନ୍ଦୁପତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର, ସମସ୍ତ କେନ୍ଦୁପତ୍ର କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ପ୍ରଦାନ କରିବାକୁ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଆଗାମୀ ୧୦ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୧୧ତାରିଖ ଦିନ ସଂଘ ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି କର୍ମଚାରୀ ସଂଘର କୁଣ୍ଡେଇଗୋଳା ରେଞ୍ଜ ସମ୍ପାଦକ ଗଡନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଧାରଣାରେ କେନ୍ଦୁପତ୍ର କର୍ମଚାରୀ ସଂଘ।

# ବ୍ଲକସ୍ତରୀୟ ବିଜେଡି କାର୍ଯ୍ୟକାରିଣୀ ବୈଠକ



ବାରକୋଟ ବିଡିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଉଛି।

**ଦେବଗଡ,୨।୩(ଡି.ଏନ୍.ଏ.)**

ତିଲେଇବଣି କୈଳାସଠାରେ ତିଲେଇବଣି ବ୍ଲକ ବିଜେଡ଼ି ସଭାପତି ବାବୁଲାଲ ପୃଷେଠ୍‌ଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିପରି ବାରକୋଟ ବ୍ଲକ ଅଧୀନ ତାରିଣୀ ମନ୍ଦିର ପରିସରରେ ବ୍ଲକ ସଭାପତି ହୀରାଲାଲ ସାହୁଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ପଞ୍ଚାୟତର ସଭାପତିଙ୍କ ସମେତ ଜିଲା ବିଜେଡ଼ି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କୃଷକ ସେଲ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ରାଜ୍ୟ ଯୁଥ୍ ପରିଷଦ ସଦସ୍ୟ ସୁଜିତ କୁମାର ପ୍ରଧାନ, ଆଇନଜୀବୀ ରଞ୍ଜନ କୁମାର ସାହୁ, ନଗର ସଭାପତି ସୁକଦେବ ଭଞ୍ଜ, ବରକୋଟ ବ୍ଲକର ରାଜକିଶୋର ସାହୁ, ନେତ୍ରାନନ୍ଦ ସାହୁ, ମଦନ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସାଙ୍ଗଠନିକ କ୍ଷେତ୍ରରେ ଉନ୍ନତି ଏବଂ ଲୋକଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଜିଲା ସଭାପତି ବିଶ୍ୱାଳ କର୍ମୀମାନଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ବାରକୋଟ ବିଡିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# କଣ୍ଢେଇ ଇଲେଭେନ ଷ୍ଟାର ଚାମ୍ପିୟନ

**ଦେବଗଡ,୨।୩(ଡି.ଏନ.ଏ.)**

ମା' କାଳୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବାରକୋଟ କଲେଜ ପଡ଼ିଆଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କ୍ରିକେଟ କ୍ଲବ ଏବଂ କଣ୍ଢେଇ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ କଲା କ୍ରିକେଟ କ୍ଲବକୁ ପରାସ୍ତ କରି କଣ୍ଢେଇ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ମା' କାଳୀ କ୍ରିକେଟ କ୍ଲବର ସଭାପତି ସଂଗ୍ରାମ କୁମାର ଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣି ଯୋଗଦେଇ ଚାମ୍ପିୟନ କଣ୍ଢେଇର ଇଲେଭାନେ ଷ୍ଟାର ଓ ରନର୍ସ ଅପ କଲା କ୍ରିକେଟ କ୍ଲବକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ସମ୍ପାଦକ ସାଗର ବାରିକ, ସଦସ୍ୟ ଚିନୁ ପେଣ୍ଡେଇ, ଜୟପାଲ ଓ ପ୍ରଣବ କୁମାର ସାହୁଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।



ଅତିଥିମାନେ ଚାମ୍ପିୟନ କଣ୍ଢେଇ ଇଲେଭେନ ଷ୍ଟାର ଦଳକୁ ପୁରସ୍କୃତ କରୁଛନ୍ତି।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |



ପୋଷା କୁକୁର ପଞ୍ଜୀକରଣ ନ କଲେ ଏଣିକି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ଗାଜିଆବାଦରେ ପୋଷା କୁକୁର ପଞ୍ଜିକରଣ ମଡ଼େଲ ସଫଳ ରହିଛି। ଏହାକୁ ଦୃଷ୍ଟିରେ ରଖି ମିରଟ, କାନପୁର ଓ ବାରାଣାସୀ ନଗର ନିଗମ ପକ୍ଷରୁ ଏହି ମଡ଼େଲ ଲାଗୁ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଏହି ୩ ସହର ଗାଜିଆବାଦ ନଗର ନିଗମ ସହିତ ଯୋଗାଯୋଗ କରିଛନ୍ତି। ଗାଜିଆବାଦରେ ଚଳିତ ବର୍ଷ ଫେବୃୟାରୀରେ ପୋଷା କୁକୁର ପଞ୍ଜିକରଣ ଲାଗି ମୋବାଇଲ୍ ଆପ୍‌ର ପ୍ରଚଳନ କରାଯାଇଥିଲା। ଇତିମଧ୍ୟରେ ୨୫୫ ମାଲିକ ସେମାନଙ୍କ ପୋଷା କୁକୁରର ପଞ୍ଜିକରଣ କରି ସାରିଛନ୍ତି। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ।

# ବନ୍ୟଜୀବଙ୍କ ବିନା ପୃଥିବୀ ଶୁଷ୍କ ପାଲଟିବ

ବିଶ୍ୱ ବନ୍ୟଜୀବ ଦିବସ ପ୍ରତିବର୍ଷ ୩ ମାର୍ଚ୍ଚରେ ପାଳନ କରାଯାଉଛି। ଏହି ଅବସରରେ ବିଶ୍ୱର ଜୈବ ବିବିଧତାରେ ସବୁ ପ୍ରଜାତିର ଜୀବଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସ୍ମରଣ କରାଯାଏ। ଏହି ଦିବସରେ ବନ୍ୟଜୀବଙ୍କ ଉପରେ ସୃଷ୍ଟି ହେଉଥିବା ବିପଦ ଉପରେ ଅନୁଧ୍ୟାନ କରାଯିବା ସହ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଗଭୀର ଅନୁଧ୍ୟାନ କରାଯାଏ। ସଂକଟରେ ଥିବା ଜୀବ ତଥା ବନସ୍ପତିର ସୁରକ୍ଷା ପାଇଁ ୩ ମାର୍ଚ୍ଚ ୧୯୭୩ରେ 'କନଭେସନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍ଡ ସ୍ପେସିସ୍' (ସିଆଇଟିଇଏସ୍) ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୩ରେ ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ସିଆଇଟିଇଏସ୍‌ର ୧୬ତମ ଅଧିବେଶନରେ ପ୍ରଥମେ ଏହି ଦିବସ ପାଳନ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିଚାରକୁ ନେଇ ୨୦ ଡିସେମ୍ବର ୨୦୧୩ରେ ଜାତିସଂଘ ସାଧାରଣ ପରିଷଦର ୬୮ତମ ଅଧିବେଶନରେ ୩ ମାର୍ଚ୍ଚକୁ ବିଶ୍ୱ ବନ୍ୟଜୀବ ଦିବସ ଭାବେ ଘୋଷଣା କରାଯାଇଥିଲା। ୨୦୧୪ରେ ପ୍ରଥମେ ଉକ୍ତ ଦିବସ ପାଳନ କରାଯାଇଥିଲା।

ବନ୍ୟ ଜୀବଜନ୍ତୁ ତଥା ବୃକ୍ଷଲତା ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଏହା ମଧ୍ୟ ପ୍ରାକୃତିକ ସଂସାଧନ ପୁନଃ ପ୍ରାପ୍ତ କରିବାରେ ସହଯୋଗ କରେ। ବନ୍ୟଜୀବଙ୍କୁ ମଣିଷ ଅନବରତ ଧ୍ୱଂସ କରିବା ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ହେଉଛି । ଏବେ ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତିବର୍ଷ ପୃଥିବୀରୁ ୭୩,୦୦୦ପ୍ରଜାତିର ଜୀବ (ପ୍ରତିଦିନ ପାଖାପାଖି ୨୦୦ ପ୍ରଜାତି) ବିଲୁପ୍ତ ହୋଇଯାଉଛି। ଏଥି ମଧ୍ୟରୁ କେବଳ ଜଙ୍ଗଲ ଧ୍ୱଂସ ହେବା କାରଣରୁ ପ୍ରତିବର୍ଷ ୫୩,୦୦୦ ପ୍ରଜାତିର ଜୀବ ବିଲୁପ୍ତ ହୋଇଯାଉଛନ୍ତି। ଏଣୁ ମାନବ ଜୀବନ ସୁରକ୍ଷିତ ରଖିବାକୁ ହେଲେ ଆମକୁ ବନ୍ୟଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା କରିବାକୁ ହେବ। ବନ୍ୟଜୀବ ବିନା ପୃଥିବୀ ଏକ ଶୁଷ୍କ ଗ୍ରହ ପାଲଟିଯିବ ଯେଉଁଠି ଜୀବନ ସମ୍ଭବ ହୋଇପାରିବନାହିଁ। ବନ୍ୟଜୀବଙ୍କ ସୁରକ୍ଷା କରି ଆମେ ନିଜକୁ ତଥା ପୃଥିବୀର ଅସ୍ତିତ୍ୱକୁ ରକ୍ଷା କରିପାରିବା। ବନ୍ୟଜୀବଙ୍କ ପ୍ରତି ଆମ ଶ୍ରଦ୍ଧା ଓ ସୁରକ୍ଷାର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାରେ ଏହି ଦିବସ ଆମକୁ ଚେତାଇଦିଏ। ଏମାନଙ୍କ ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବା ଉକ୍ତ ଦିବସର ଏକ ସାର୍ଥକ ପଦକ୍ଷେପ। ୨୦୧୪ ରେ ପ୍ରଥମେ ଉକ୍ତ ଦିବସର ସ୍ଲୋଗାନ ରହିଥିଲା 'ବନ୍ୟଜୀବ ସମ୍ପର୍କିତ ଅପରାଧ ଉପରେ ସଚେତନ ହେବାର ଏହା ଉପଯୁକ୍ତ ସମୟ'। ସେବେଠାରୁ ଏହି ଦିବସ ଏକ ନର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ପାଳନ କରାଯାଇଆସୁଅଛି। ୨୦୨୦ରେ ବିଶ୍ୱ ବନ୍ୟଜୀବ ଦିବସର ସ୍ଲୋଗାନ୍ ରହିଛି ' ସବୁ ଜୀବନ ପୃଥିବୀରେ ତିଷ୍ଠି ରହୁ'।



ବିଶ୍ୱ ବନ୍ୟଜୀବ ଦିବସ

# ଏଥର ଆକ୍ରମଣ କରିବ ଡ୍ରୋନ୍ ଫାଇଟର ପ୍ଲେନ୍




**ସାନ୍‌ଫ୍ରାନ୍ସିସ୍‌କୋ:** ମହାକାଶ ଗବେଷଣା ତଥା ମହାକାଶ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଘରୋଇ କମ୍ପାନୀ ସ୍ପେସ୍-ଏକ୍ସର ସିଇଓ ଏଲନ୍ ମସ୍କ କହିଛନ୍ତି ଯେ,ଭବିଷ୍ୟତରେ ଯୁଦ୍ଧ ଫାଇଟର୍ ଜେଟ୍‌ରେ ହେବନି , ହେବ ଡ୍ରୋନ୍ ଫାଇଟର ପ୍ଲେନ୍‌ରେ। ଆକାଶରେ ଆଉ ଏଫ୍-୩୫ ଉଡିବା ବି ଦେଖିବାକୁ ମିଳିବନି। ଯୁଦ୍ଧାସ୍ତ୍ର ପ୍ରତିଯୋଗିତାରେ ଏହା ଏକ ନୂଆ ଅଧ୍ୟାୟ ମଧ୍ୟ ସୃଷ୍ଟି କରିବ। ଆମେରିକା ବାୟୁସେନା ପକ୍ଷରୁ ଫ୍ଲୋରିଡାରେ ଆୟୋଜିତ ଏୟାର ୱାରଫେୟାର ସିମ୍ପୋସିୟମ୍‌ରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମସ୍କ ଏହା କହିଛନ୍ତି। ଭବିଷ୍ୟତରେ ଯେଉଁ ଡ୍ରୋନ୍ ବ୍ୟବହାର କରାଯିବ ତାହା ସ୍ୱୟଂଚାଳିତ। ଡ୍ରୋନ୍‌ର ଯୁଦ୍ଧଶୈଳୀକୁ ପାଇଲଟ ରିମୋଟ୍ ମାଧ୍ୟମରେ ସଂଚାଳନ କରିପାରିବେ। ଇତିମଧ୍ୟରେ ଆମେରିକା ବାୟୁସେନା ଅତ୍ୟାଧୁନିକ ଜେଟ୍ କ୍ଷମତା ସମ ଡ୍ରୋନର ପରୀକ୍ଷା ମଧ୍ୟ ସଫଳତାର ସହ କରିସାରିଛି। ଏହି ଡ୍ରୋନ୍ ଫାଇଟର୍ ନାମ ଏକ୍ସକ୍ୟୁ୫୮-ଏ ଭାଲ୍‌କିରି। ଏହା ମାନବ ଚାଳିତ ଫାଇଟର ବିମାନ ସହ ବିଭିନ୍ନ ଅପରେଶନରେ ସହଯୋଗ କରିବ ବୋଲି କୁହାଯାଉଛି। ଯୁଦ୍ଧ ସମୟରେ ବିଭିନ୍ନ ଦିଗ ଉପରେ ନିରୀକ୍ଷଣ କରିବା ସହ ଠିକ୍ ଭାବେ ଷ୍ଟ୍ରାଇକ୍ ବି କରିପାରିବ। ଏହାର କମ୍ ଓଜନର ସ୍ମାର୍ଟ ବମ୍ ନେବା ଭଳି କ୍ଷମତା ରହିଛି। ଏଫ୍-୧୬ ଫାଇଟିଂ ଫାଲକନ୍‌ର ରେଞ୍ଜ ୨,୬୦୦ ମାଇଲ ଓ ଏଫ-୨୨ ରାପ୍ଟରର ରେଞ୍ଜ ୧,୮୦୦ ମାଇଲ୍‌ରୁ ଅଧିକ ଥିବାବେଳେ ଏହି ଡ୍ରୋନ୍ ଫାଇଟର୍‌ର ରେଞ୍ଜ ରହିଛି ୨,୫୦୦ ମାଇଲ।

# ଦିଲ୍‌ଜିତଙ୍କ ସହ ଇଭାଙ୍କା

**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପରିବାର ସହ ଦୁଇଦିନିଆ ଭାରତ ଗସ୍ତରେ ଆସିଥିଲେ। ତାଙ୍କ ସହ ଥିଲେ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ, ଝିଅ ଇଭାଙ୍କା ଓ ଜ୍ୱାଇଁ ଜେରେଡ। ଏମାନେ ଭାରତ ଗସ୍ତ ସମୟରେ ତାଜମହଲ ଭ୍ରମଣରେ ଯାଇଥିଲେ। ସେଠାରେ ଇଭାଙ୍କା ତାଙ୍କ ସ୍ୱାମୀ ଜେରେଡଙ୍କ ସହ ଯେଉଁସବୁ ଫଟୋ ଉଠାଇଥିଲେ ଆମେରିକା ଫେରିବା ପରେ ସେସବୁକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ। ଆଉ ଏହାପରେ ଫଟୋ ସବୁ ଭାଇରାଲ ହେବାରେ ଲାଗିଥିଲା। ଏବେ ଏହି ଫଟୋକୁ ନେଇ ମିମ୍ସ କରାଯାଉଥିବା ବେଳେ ଏଥିରେ ପଞ୍ଜାବୀ ଗାୟକ ଦିଲ୍‌ଜିତ ଦୋସାଂଝ ଓ ବଲିଉଡ୍ କଳାକାର ମନୋଜ ବାଜପେୟୀଙ୍କ ନାଁ ବି ସାମିଲ ହୋଇଥିବା ଦେଖାଯାଇଛି। ଦିଲଜିତ୍ ଏବେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଇଭାଙ୍କାଙ୍କ ସହ ତାଜମହଲ ପରିସରରେ ବସିଥିବା ଦେଖାଯାଇଛି। ଏହି ଫଟୋ ଶେୟାର କରି ଦିଲଜିତ୍ ଲେଖିଛନ୍ତି ଇଭାଙ୍କା କୁଆଡେ ତାଙ୍କୁ ତାଜମହଲ ବୁଲାଇବାକୁ ନେବାକୁ କହିବାରୁ ଦୁହେଁ ମିଶି ତାଜମହଲ ବୁଲିବାକୁ ଯାଇଥିଲେ। ଦିଲଜିତଙ୍କ ଏହି ଟୁଇଟ୍‌ର ଉତ୍ତରରେ ଇଭାଙ୍କା କହିଛନ୍ତି, ତାଜମହଲ ବୁଲାଇଥିବାରୁ ଧନ୍ୟବାଦ। ଏହି ମୁହୂର୍ତ୍ତକୁ କେବେ ଭୁଲି ହେବନାହିଁ। କେବଳ ଦିଲ୍‌ଜିତ ନୁହେଁ ଏବେ ଫଟୋଶପ୍ ମାଧ୍ୟମରେ କେତେଜଣ ଇଭାଙ୍କାଙ୍କ ଫଟୋସହ ନିଜ ଫଟୋ ଯୋଡି ସୋସିଆଲ ମିଡିଆରେ ଶେୟାର କରିଥିବା ଦେଖାଯାଇଛି।

ଫଟୋ ଭାଇରାଲ



# ୧୫ ମିନିଟରେ ସ୍ତନକର୍କଟ ଚିହ୍ନିବ 'ନିରାମଇ' ଡିଭାଇସ୍

**ବେଙ୍ଗାଲୁରୁ:** ଭାରତରେ ସ୍ତନକର୍କଟରେ ବହୁ ମହିଳାଙ୍କ ମୃତ୍ୟୁ ଘଟିଥାଏ। ତେବେ ସ୍ତନକର୍କଟର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରିଲେ ଏହା ଘାତକ ହୋଇପାରି ନ ଥାଏ ବୋଲି ଚିକିତ୍ସକ କହିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗୀତା ମଞ୍ଜୁନାଥ ନାମକ ଜଣେ ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ପକ୍ଷରୁ 'ନିରାମଇ' ଡିଭାଇସ୍ ତିଆରି କରାଯାଇଛି। ଏହା ସହାୟତାରେ ମାତ୍ର ୧୫ ମିନିଟ୍ ମଧ୍ୟରେ ସ୍ତନକର୍କଟ ଚିହ୍ନଟ କରାଯାଇପାରୁଛି। ଏହି ଥର୍ମାଲ ସେନସର ଡିଭାଇସ୍ ୫ ମିଲିମିଟର ଆକାରର ଟ୍ୟୁମରକୁ ସହଜରେ ଚିହ୍ନଟ କରିପାରୁଛି। ଏହାଦ୍ୱାରା ଇତିମଧ୍ୟରେ ୨୫ ହଜାର ମହିଳାଙ୍କ ସ୍ତନକର୍କଟ ଚିହ୍ନଟ ହୋଇପାରିଛି। ଏହା ୩୦ରୁ ଅଧିକ ହସ୍ପିଟାଲରେ ଉପଲବ୍ଧ ହେଉଛି। ନିଜ ଦାଦା ଝିଅ ଭଉଣୀଙ୍କର ସ୍ତନକର୍କଟରେ ମୃତ୍ୟୁ ହେବା ପରେ ଗୀତା ଏଭଳି ଡିଭାଇସ୍ ତିଆରି କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ସମ୍ପ୍ରତି ଭାରତରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୬ ଜଣ ସ୍ତନକର୍କଟରେ ପୀଡ଼ିତ। ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ଏହାର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରି ନ ଥାଏ। ସେହିପରି ୬୬ ପ୍ରତିଶତ ଏଥିରୁ ଚିକିତ୍ସା ପରେ ସୁସ୍ଥ ହୋଇଥାନ୍ତି। ଅପରପକ୍ଷରେ ପୃଥିବୀର ବିଭିନ୍ନ ବିକଶିତ ରାଷ୍ଟ୍ରରେ ୯୦ ପ୍ରତିଶତ ମହିଳା ଚିକିତ୍ସା ପରେ ସ୍ତନକର୍କଟରୁ ମୁକ୍ତ ହୋଇପାରୁଛନ୍ତି।



# ରିଲିଜ ହେଲା 'ସୂର୍ଯ୍ୟବଂଶୀ'ର ଟ୍ରେଲର

## ଟ୍ରାଫିକ ଜାମ୍‌କୁ ଦୂରେଇବାକୁ ଅକ୍ଷୟଙ୍କ ନୂଆ ଫର୍ମୁଲା



**ମୁମ୍ବାଇ:** ବଲିଉଡ୍ ଅପ୍ କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର, କ୍ୟାଟ୍ରିନା କୈଫ, ଜ୍ୟାକି ଶ୍ରଫ, ଗୁଲ୍‌ଶନ ଗ୍ରୋଭର, ବିଧାନ ଶର୍ମା ଆଦିଙ୍କୁ ଦେଖିବାକୁ ମିଳିବ। ଏହି ଟ୍ରେଲର ରିଲିଜ୍ ଅବସରରେ ଟ୍ରାଫିକ ଜାମ୍‌କୁ ଦୂରେଇ ଦେବାକୁ ଅକ୍ଷୟ କୁମାର ଏକ ନୂଆ ଫର୍ମୁଲା ଆପଣେଇ ଥିବା ଦେଖାଯାଇଛି। ଟ୍ରେଲର୍ ରିଲିଜ ଅବସରରେ ସେ ଏକ ରେସିଂ ବାଇକ୍ ନେଇ ପହଞ୍ଚିଛନ୍ତି। ଏହି ରେସିଂ ବାଇକ୍ ସହ ଅକ୍ଷୟ ହାତରେ ହେଲମେଟ୍ ଧରିଥିବାର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାସହ ଅକ୍ଷୟ ଲେଖିଛନ୍ତି 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ଅବସରରେ ମୁମ୍ବାଇ ଟ୍ରାଫିକରୁ ବଞ୍ଚିବାକୁ ଆଜି ସୂର୍ଯ୍ୟବଂଶୀ ହେଲିକପ୍ଟର ବଦଳରେ ବାଇକ୍‌ର ସାହାରା ନେଇଛନ୍ତି। ଅକ୍ଷୟଙ୍କ ଏହି ଫଟୋକୁ ଦେଖିବା ପରେ ତାଙ୍କର ପ୍ରଶଂସକମାନେ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି।

# ୨ ବର୍ଷ ହେବ ନିଜକୁ ଜୀବିତ ପ୍ରମାଣ କରିପାରୁନାହାନ୍ତି

**ଭୋପାଳ:** ଅନେକ ସମୟରେ ଭତ୍ତା ପାଇଁ ମୃତ ଲୋକଙ୍କୁ ଜୀବିତ ଦର୍ଶାଯାଇଥାଏ। କିନ୍ତୁ ମଧ୍ୟପ୍ରଦେଶରେ ଜଣେ ଜୀବିତ ମହିଳା ମୃତ ଘୋଷିତ ହେବା ଯୋଗୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ମହିଳା ଜଣକ ନିଜକୁ ଜୀବିତ ବୋଲି ପ୍ରମାଣ କରିବାର ପ୍ରୟାସ ଜାରି ରଖିଥିବା ଖବର ବି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ରତଲାମ୍‌ର ସ୍ୱାତିପୁରାରେ ବାସ କରୁଥିବା ରେଖା ନାମକ ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି ଘଟିଛି। ସରକାରୀ କାଗଜପତ୍ରରେ ସେ ମୃତ ଘୋଷିତ ହୋଇଛନ୍ତି। ଦୀର୍ଘ ୨ ବର୍ଷ ହେଲା ନିଜକୁ ଜୀବିତ ପ୍ରମାଣ କରିବା ପାଇଁ ସେ ନିୟମିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଘୂରି ବୁଲୁଛନ୍ତି। ତେବେ ତାଙ୍କ କଥା କେହି ଶୁଣୁନାହାନ୍ତି। ତାଙ୍କୁ ସରକାରୀ ଭାବେ ଏପର୍ଯ୍ୟନ୍ତ ଜୀବିତ ଘୋଷଣା କରାଯାଇ ପାରିନାହିଁ। ୨ ବର୍ଷ ତଳେ ରେଖାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ବିଧବା ଭତ୍ତା ପାଇଁ ସ୍ଥାନୀୟ ନଗର ନିଗମ କାର୍ଯ୍ୟାଳୟରେ ଆବେଦନ କରିବାକୁ ପହଞ୍ଚିଥିଲେ। ସେଠାରେ ଥିବା କାଗଜପତ୍ରରେ ସ୍ୱାମୀଙ୍କ ସହିତ ରେଖାଙ୍କ ମୃତ୍ୟୁ ଘଟିଥିବା ପଞ୍ଜୀକରଣ କରାଯାଇଥିବା ଦେଖିବାକୁ ମିଳିଥିଲା। ନିଜକୁ ଜୀବିତ ପ୍ରମାଣ କରି ଭତ୍ତା ପାଇବାରେ ସବୁ ଆଶା ହରାଇବା ପରେ ଏବେ ବାଧ୍ୟ ହୋଇ ରେଖା ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ସମ୍ପୃକ୍ତ ଅଧିକାରୀମାନେ କାଗଜପତ୍ରରେ ରେଖାଙ୍କୁ ଜୀବିତ ଦର୍ଶାଇବା ପାଇଁ ୧୫ ଦିନ ସମୟ ନେଇଛନ୍ତି।



# ପ୍ରଥମ ପଦାତିକ ମ୍ୟୁଜିୟମ

**ଭୋପାଳ:** କାର୍ପାସ ବସ୍ତ୍ର ଏବଂ ସୁସ୍ୱାଦୁ ଖାଦ୍ୟକୁ ନେଇ ଯଶ ଅର୍ଜନ କରିଥିବା ଇନ୍ଦୋର ଏବେ ସାରା ଦୁନିଆକୁ ଶୁଣାଇବ ଭାରତୀୟ ପଦାତିକ ବାହିନୀର ଶୌର୍ଯ୍ୟ, ବୀରତ୍ୱର ଗାଥା। ଇନ୍ଦୋର ନିକଟବର୍ତ୍ତୀ ପର୍ଯ୍ୟଟନ ବିଭବରେ ଭରପୂର ମହୋ (mhow)ରେ ନିର୍ମାଣ ଚାଲିଛି ଦେଶର ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ପଦାତିକ ମ୍ୟୁଜିୟମ। ଏହାର ପ୍ରଥମ ପର୍ଯ୍ୟାୟ କାମ ଶେଷ ହୋଇସାରିଛି। ଚଳିତବର୍ଷ ଏହାକୁ ସାଧାରଣ ଲୋକଙ୍କ ଲାଗି ଖୋଲାଯିବାକୁ ଯୋଜନା କରାଯାଉଛି।

ଭାରତକୁ ବିଭିନ୍ନ ସମୟରେ ବିଦେଶୀ ଶକ୍ତି କରାୟତ୍ତ କରିଛନ୍ତି। ବ୍ରିଟିଶ ଶାସନରୁ ମୁକ୍ତ ହେବା ପରେ ବି ଅନେକ ଯୁଦ୍ଧ ଦେଖିଛି ଏହି ଦେଶ। ଆଉ ସବୁବେଳେ ପଦାତିକ ବାହିନୀ ନିଜର ପରାକାଷ୍ଠା ଦେଖାଇ ସୃଷ୍ଟି କରିଛି ଉଦାହରଣ। ଏହାକୁ ଜନମାନସରେ ପରିଚିତ କରାଇବା ହିଁ ପଦାତିକ ମ୍ୟୁଜିୟମ ନିର୍ମାଣର ପ୍ରମୁଖ ଉଦ୍ଦେଶ୍ୟ। ମ୍ୟୁଜିୟମରେ ୧୭୪୭ରୁ ୨୦୨୦ ଯାଏ ସୈନ୍ୟବାହିନୀର ଗୌରବଶାଳୀ ଇତିହାସ, ବୀରତ୍ୱଗାଥା, ବଳିଦାନକୁ ଥ୍ରୀ ଡି ପ୍ରିଣ୍ଟର ମାଧ୍ୟମରେ ପ୍ରଦର୍ଶିତ ହେବ। ଏଥିସହ ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ସୈନିକମାନଙ୍କ ପ୍ରତିକୃତିକୁ ଜୀବନ୍ତ ଭାବେ ନିର୍ମାଣ କରାଯାଇଛି। ଏଥିସହ ଯୁଦ୍ଧ ଏବଂ ଯୁଦ୍ଧ ପରବର୍ତ୍ତୀ ସମୟର ଫଟୋ ଗ୍ୟାଲେରି ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ୨ ଏକର ଜମି ଉପରେ ପରିବ୍ୟାପ୍ତ ତଥା ୩ ମହଲାବିଶିଷ୍ଟ ଏହି ମ୍ୟୁଜିୟମକୁ ତିନି ପର୍ଯ୍ୟାୟରେ ନିର୍ମାଣ କରାଯାଉଛି। ୨୦୦୯ରୁ ଏହା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ କାମ ଅନ୍ତିମ ଚରଣରେ ପହଞ୍ଚି ସାରିଛି। ଦ୍ୱିତୀୟ ଏବଂ ତୃତୀୟ ଫେଜ୍ କାମ ଅତି ଶୀଘ୍ର ଆରମ୍ଭ ହେବ। ଏଥିରେ ୧୭୫୭ର ରକ୍ତାକ୍ତ ପଲାସୀ ଯୁଦ୍ଧ, ୧୭୬୪ର ବକ୍ସାର ଯୁଦ୍ଧ, ୧୮୯୭ର ସାରାଗଡ଼ି ଯୁଦ୍ଧ, ୧୯୬୫ ଏବଂ ୧୯୭୧ରେ ସଂଗଠିତ ଭାରତ-ପାକିସ୍ତାନ ଯୁଦ୍ଧ ବିଷୟରେ ବିସ୍ତୃତ ବିବରଣୀ ରହିବ। ଏଥିସହ ବୀର ଶିବାଜୀ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ଗୌରବମୟ ଜୀବନୀ ମଧ୍ୟ ସ୍ଥାନିତ କରାଯିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମ୍ୟୁଜିୟମରେ ସ୍ଥାନିତ ଯବାନଙ୍କ ଷ୍ଟାଚ୍ୟୁଗୁଡ଼ିକ ବେଶ୍ ଜୀବନ୍ତ ହୋଇଛି। ଯବାନମାନେ ୪୦ ଫୁଟ ଉଚ୍ଚତାରୁ ଡେଇଁବା, ଘରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଧରିବା ଆଦି ବିଷୟବସ୍ତୁ ଉପରେ ଆଧାରିତ ଅବିକଳ ଡମି ବେଶ୍ ଚିତ୍ତାକର୍ଷକ ହୋଇଛି। ମ୍ୟୁଜିୟମରେ ପ୍ରବେଶ ପାଇଁ ଅନ୍‌ଲାଇନରେ ଟିକେଟ ଉପଲବ୍ଧ ହେବ। ଦିନକୁ ମାତ୍ର ୧୦୦ ଜଣ ପର୍ଯ୍ୟଟକଙ୍କୁ ପରିଦର୍ଶନର ସୁବିଧା ମିଳିବ। ମ୍ୟୁଜିୟମକୁ ସମ୍ପୂର୍ଣ୍ଣ ପରିକ୍ରମା କରିବାକୁ ସାଢ଼େ ୨ ଘଣ୍ଟା ସମୟ ଲାଗିବ। ଥରକେ ୪୦ ଜଣ ଲୋକଙ୍କୁ ବୁଲିବାର ସୁବିଧା ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।





"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ପୁଅ ପାଇଁ ବାପା ୪୩ ହଜାର ଟଙ୍କା ଜରିମାନା ଦେଲେ

**ସମ୍ବଲପୁର, ୨।୩ (ବ୍ୟୁରୋ) :** ସମ୍ବଲପୁର ସହରରେ ସୋମବାର ଗାଡିମୋଟର ଯାଞ୍ଚବେଳେ ଜଣେ ନାବାଳକ ବାଇକ ଚାଳକ ଧରାପଡିଛନ୍ତି। ସମ୍ପୃକ୍ତ ନାବାଳକଙ୍କ ବାପାଙ୍କ ନାମରେ ପୋଲିସ ୪୩ ହଜାର ଟଙ୍କାର ଚାଲାଣ କାଟିଥିଲା। ତାଙ୍କ ବାପା ଅନ୍‌ଲାଇନରେ ଏହି ଜରିମାନା ଟଙ୍କା ଜମା କରିଛନ୍ତି। ସେହିପରି ଅନ୍ୟ ଜଣେ ନାବାଳକ ମଧ ବାଇକ୍ ଚଳାଇ ଧରାପଡ଼ିଛନ୍ତି। ତାଙ୍କ ଅଭିଭାବକଙ୍କୁ ୩୭ ହଜାର ଟଙ୍କା ଗଣିବାକୁ ପଡ଼ିଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଜମନକିରା, ୨।୩ (ଡି.ଏନ.ଏ.):** ଜମନକିରା ଥାନା ଛେମୁଣ୍ଡା ଗାଁରେ ସୋମବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମହିଳା ଜଣକ ହେଲେ ଗାଁର କ୍ଷମାନିଧି ନାଏକଙ୍କ ସ୍ତ୍ରୀ ପ୍ରେମଶିଳା ନାଏକ (୫୩)। ଆତ୍ମହତ୍ୟା କରିବା ଲାଗି ସେ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିବା ପୋଲିସ କହୁଛି। ଏ ନେଇ ଜମନକିରା ଥାନାରେ ଏକ ମାମଲା (ନଂ. ୧/୨୦୨୦) ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ଲାଗି କୁଚିଣ୍ଡା ଡାକ୍ତରଖାନା ପଠାଇଛି। ଥାନା ଅଧିକାରୀ ବାଳକୃଷ୍ଣ କହଁର କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ।

### ରେଢ଼ାଖୋଲରେ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

**ରେଢାଖୋଲ, ୨।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ବିଜୁ ଜନତା ଦଳର ନବ ନିର୍ବାଚିତ ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କୁ ରେଢାଖୋଲ ଭୀମ ଭୋଇ ଛକରେ ଦଳୀୟ କର୍ମୀ ସମ୍ବର୍ଦ୍ଧିତ କରିଛନ୍ତି। ଭୁବନେଶ୍ୱରରୁ ସେ ସମ୍ବଲପୁର ଫେରିବା ବାଟରେ ରେଢାଖୋଲ ଛକରେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଦଳୀୟ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ପୂର୍ବତନ କାଉନସିଲର ରାଜୀବଲୋଚନ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, କ୍ଷୀରୋଦ ଖିଲାରୀ, ବିକ୍ରମ ବାହାଦୁର, ମନୋଜ ରାଏ, ଶମ୍ଭୁଚରଣ ପ୍ରଧାନ, ପୀତବାସ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମି ଯୋଗ ଦେଇଥିଲେ। ଜିଲା ସଭାପତି ଦଳୀୟ କର୍ମୀଙ୍କ ସହ ସଂଗଠନ ବିଷୟରେ ଆଲୋଚନା କରିଥିଲେ।

# କ୍ଷତିପୂରଣ, ନିଯୁକ୍ତି ଦେବାରେ ବିଳମ୍ବ

- ତଲାବିରା କୋଇଲାଖଣି ବିବାଦ
- ମାତ୍ର ୧୧୯ ଏକର ଜମି ଅଧିଗ୍ରହଣ ହୋଇଛି
- ବିସ୍ଥାପିତଙ୍କ ଅସନ୍ତୋଷ ବଢ଼ୁଛି

**ସମ୍ବଲପୁର, ୨।୩(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ତଲାବିରା କୋଇଲାଖଣି-୧ ଓ ୨କୁ ନେଇ ଲାଗି ରହିଥିବା ବିବାଦର ସମାଧାନ ବାଟ ଫିଟୁନାହିଁ। କୋଇଲା ଉତ୍ତୋଳନ ଲାଗି ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଏନ୍‌ଏଲ୍‌ସି ଅଧିକାରୀ ଓ ପ୍ରଶାସନର ଅବହେଳା ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ବିସ୍ଥାପିତ ଓ ପ୍ରଭାବିତ ପରିବାର ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କଲେ ପୋଲିସ ଫୋର୍ସ ଲଗାଇ କମ୍ପାନୀ କାମ କରୁଛି। ଏପରିକି ହକ୍ ମାଗୁଥିବା ବିସ୍ଥାପିତ ଓ ପ୍ରଭାବିତଙ୍କୁ ଜେଲ୍ ପଠାଇ ଦିଆଯାଉଛି । ହେଲେ ଜମି ଓ ଘର ହରାଉଥିବା ପରିବାରକୁ ଉଚିତ କ୍ଷତିପୂରଣ ରାଶି ପ୍ରଦାନ କରାଯାଉନାହିଁ। ସରକାରୀ ନିୟମ ଅନୁସାରେ ବିସ୍ଥାପିତ ପରିବାରର ସଦସ୍ୟଙ୍କୁ ଯୋଗ୍ୟତା ଅନୁସାରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ନାହିଁ। ତେଣୁ ବିସ୍ଥାପିତଙ୍କ ଆନ୍ଦୋଳନ ଧୀରେ ଧୀରେ ଉଗ୍ରରୂପ ନେବାରେ ଲାଗିଛି ।

କମ୍ପାନୀ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଖିଣ୍ଡା ଓ ତଲାବିରା ଗ୍ରାମରେ ମୋଟ ୪୬୦ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ହେଲେ ଏ ପର୍ଯ୍ୟନ୍ତ ମାତ୍ର ୧୧୯ ହେକ୍ଟର ଏକର ଜମି ଅଧିଗ୍ରହଣ କରାଯାଇଛି । ଖିଣ୍ଡାରେ ମାତ୍ର ୧୪ କୋଟି ଓ ତଲାବିରାରେ ୩୦ କୋଟି ଟଙ୍କା ଜମି ଅଧିଗ୍ରହଣ ବାବଦକୁ ଲୋକଙ୍କୁ ଦିଆଯାଇଛି। ଆହୁରି ୩୪୧ ହେକ୍ଟର ଜମି ଅଧିଗ୍ରହଣ ବାକି ରହିଛି। ସେହିପରି ଝାରସୁଗୁଡା ଜିଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଏବେ ଆରମ୍ଭ କରାଯାଇଛି । ହେଲେ କାହାକୁ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯାଉ ନାହିଁ। ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ରାମପୁର, ମାଲଦା, ପତ୍ରାପାଲି, ଖିଣ୍ଡା, ତଲାବିରାରେ ରୟତି ଜମିରେ ରହୁଥିବା ମୋଟ ୨୫୮୪ ପରିବାର ବିସ୍ଥାପତି ହେବେ। ସେହିପରି ସରକାରୀ ଜମିରେ ଜବରଦଖଲ କରି ରହୁଥିବା ପ୍ରାୟ ୧୦ ହଜାର ୯୬ ପରିବାର ବିସ୍ଥାପିତ ହେବେ ବୋଲି ଚିହ୍ନଟ କରାଯାଇଛି । ସରକାରୀ ଜମିରେ ଘର କରି ରହୁଥିବା ପରିବାର ବର୍ଗଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ, ନ ହେଲେ ସେମାନଙ୍କୁ ଘର ଦିଆଯିବ। ହେଲେ ବିସ୍ଥାପିତ ଓ ପ୍ରଭାବିତଙ୍କୁ କମ୍ପାନୀ ଓ ଜିଲା ପ୍ରଶାସନ ଦେଇଥିବା ଏହି ପ୍ରତିଶ୍ରୁତି ଉପରେ ସନ୍ଦେହ ସୃଷ୍ଟି ହୋଇଛି। ବିସ୍ଥାପିତ ପରିବାରକୁ ମଧ ଥଇଥାନ କରିବାର ବ୍ୟବସ୍ଥା ଆଜିଯାଏ କରାଯାଉନାହିଁ। ସେମାନେ ରହୁଥିବା ଘର ନିକଟରେ ବେଆଇନ ଭାବେ ବିସ୍ଫୋରଣ କରାଯାଉଛି। ଏହାଦ୍ୱାରା ଘରର କାନ୍ଥ ଫାଟି ଯିବା ସହ ଟାଇଲ ଓ ଆଜବେଷ୍ଟସ ଭାଙ୍ଗି ଯାଉଛି । ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି।

ପ୍ରଶାସନ-କମ୍ପାନୀ-ବିସ୍ଥାପିତମାନଙ୍କୁ ନେଇ ବୈଠକ କରାଯାଉଛି। ହେଲେ ସମାଧାନ ରାସ୍ତା ବାହାରୁନାହିଁ । ଫେବୃୟାରୀ ୨୦ ତାରିଖ ମଧ ଜିଲାପାଳ ଶୁଭମ୍ ସକ୍‌ସେନା କମ୍ପାନୀ ଅଧିକାରୀଙ୍କୁ ଡାକି ବୈଠକ କରିଥିଲେ। କ୍ଷତିପୂରଣ ଓ ନିୟମ ଅନୁସାରେ ଯଥା ସମ୍ଭବ ନିଯୁକ୍ତି ଦେବା ପାଇଁ ତାଗିଦ କରିଥିଲେ। କମ୍ପାନୀ ମଧ ଜିଲାପାଳଙ୍କୁ ପ୍ରତିଶ୍ରୁତି ଦେଇଥିଲା। ହଲେ କମ୍ପାନୀର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କମ୍ପାନୀ ଅଧିକାରୀ ସୁରେଶ ସୁମନ ସଫେଇ ଦେଇ କହିଛନ୍ତି ଯେ, ବୈଠକରେ ଯାହା ନିଷ୍ପତ୍ତି ହୋଇଥିଲା ତାହା ପାଳନ କରାଯାଉଛି । ବିସ୍ଥାପିତଙ୍କ ଦାବି ଅନୁସାରେ ଅଧିଗ୍ରହଣ ହେଉଥିବା ୧୧ କିସମ ଜମିର ପରିମାଣ ବୃଦ୍ଧି କରାଯାଇଛି। ଏକର ପିଛା ପ୍ରାୟ ୩୬ ଲକ୍ଷରୁ ୪୨ ଲକ୍ଷ ପର୍ଯ୍ୟନ୍ତ ହେଉଛି। ଜମିର କ୍ଷତିପୂରଣ ନେବାରେ ପାରିବାରିକ ସମସ୍ୟା ରହିଛି। ତେଣୁ ଟଙ୍କା ଦେବାରେ ବିଳମ୍ବ ହେଉଛି। ଆବଶ୍ୟକ କାଗଜପତ୍ର ଦାଖଲ କରାଗଲେ ଉଚିତ ଲୋକମାନଙ୍କୁ କ୍ଷତିପୂରଣ ଦିଆଯିବ। ଏହା ସହ କୋଇଲା ଖଣି ପାରିପାର୍ଶ୍ୱିକ ବିକାଶ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ତଲାବିରା କୋଇଲାଖଣି-୧ ଓ ୨ ଅଞ୍ଚଳରେ ଝାରସୁଗୁଡା ଓ ସମ୍ବଲପୁର ଜିଲାର ୧୯୧୪ ହେକ୍ଟର ସରକାରୀ ଜମି ଓ ଯଥାକ୍ରମେ ୩୮୫ ହେକ୍ଟର ୪୬୦ ହେକ୍ଟର ରାଜସ୍ୱ ଜମି ରହିଛି। ଏହି ଅଞ୍ଚଳରେ କୋଇଲା ଉତ୍ତୋଳନ ଲାଗି ଏବେ ସୁଦ୍ଧା ପ୍ରାୟ ୧ ଲକ୍ଷ ୩୨ ହଜାର ଗଛ କଟାଯାଇଛି । ଆଦାନୀକୁ ସବ୍ କଣ୍ଟ୍ରାକ୍ଟର ଭାବେ ଏନ୍‌ଏଲ୍‌ସି ନିଯୁକ୍ତି ଦେଇଛି। ହେଲେ ପ୍ରାୟ ୫ ବର୍ଷ ହେଲା ବିସ୍ଥାପିତ ଲୋକେ ବିରୋଧ କରିବାରୁ କାମ ବନ୍ଦ ରହିଥିଲା। ଏବେ ପୋଲିସ ଲଗାଇ ମାଟି ଖୋଲା କାମ ଆରମ୍ଭ କରାଯାଇଛି।

### ୪ ଅଟକ, ୧ଲକ୍ଷ ୯୬ ହଜାର ଟଙ୍କା ଜରିମାନା

**ସମ୍ବଲପୁର, ୨।୩(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପୋଲିସ ଓ ଆରଟିଓ ମିଳିତ ଭାବେ ବିଭିନ୍ନ ସ୍ଥାନରେ ମଙ୍ଗଳବାର ଦ୍ୱିତୀୟ ଦିନରେ ଯାଞ୍ଚ କରିଛି। ପୋଲିସ ପକ୍ଷରୁ ୫୮୫ ଜଣଙ୍କ ନିକଟରୁ ୧ ଲକ୍ଷ ୯୬ ହଜାର ଟଙ୍କା ଜରିମାନା ଅଦାୟ କରାଯାଇଛି। ସେହପରି ଆରଟିଓ ପକ୍ଷରୁ ୪୩ ହଜାର ଟଙ୍କାର ଚାଲାଣ କଟା ଯାଇଛି। ବୁଆପଡା ଛକ, କଚେରି ଛକ, ଲକ୍ଷ୍ମୀ ଟକିଜ ଛକରେ ଗାଡିମୋଟର ଯାଞ୍ଚ କରାଯାଇଥିଲା। ନିଶାଦ୍ରବ୍ୟ ସେବନ କରି ବାଇକ ଚଳାଇବା ନେଇ ୪ ଜଣଙ୍କୁ ଅଟକ ରଖାଯାଇଛି ବୋଲି ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରା ସୂଚନା ଦେଇଛନ୍ତି।

### ମାଈଁଙ୍କୁ ଭଣଜାଙ୍କ ଦୁର୍ବ୍ୟବହାର ଅଭିଯୋଗ

**ସମ୍ବଲପୁର, ୨।୩ (ବ୍ୟୁରୋ)**

ଧୁନ୍ଧୁମୁରା ଥାନା ଅଞ୍ଚଳରେ ଜଣେ ନାବାଳକ ନିଜ ମାଈଁଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ପୋଲିସ ନାବାଳକଙ୍କୁ ଧରି ଜୁଭେନାଇଲ ବୋର୍ଡ ପାଖରେ ହାଜର କରିଥିଲା। ନୋଟିସ ଦେଇ ନାବାଳକଙ୍କୁ ଛାଡି ଦିଆଯାଇଛି।

# ମା' ମାଟି, ସାହିତ୍ୟ, ସଂସ୍କୃତିକୁ ଭୁଲିବା ଉଚିତ ନୁହେଁ

**ନାକଟିଦେଉଳ, ୨।୩(ଡ଼ି.ଏନ.ଏ.)**



ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସ୍ଥାନୀୟ କଲେଜରେ ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ ଅବସରରେ ସାହିତ ଆସର ଅନୁଷ୍ଠିତ ହୋଇଯାଇଛି । ନିଜ ମାଆ ମାଟି, ସାହିତ୍ୟ ଏବଂ ସଂସ୍କୃତିକୁ ଭୁଲିବା ଆଦୌ ଉଚିତ ନୁହେଁ । ଅଞ୍ଚଳର ସାହିତ୍ୟ ଓ ସଂସ୍କୃତିକୁ ସମ୍ମାନ ଦେଲେ ଆମେ ଆଗକୁ ବଢି ପାରିବା। ସାହିତ୍ୟ ଓ ସଂସ୍କୃତିର ବିକାଶ ଘଟିଲେ ସମାଜର ଧାରା ପରିବର୍ତ୍ତନ ହୋଇଥାଏ ବୋଲି ଏହି ସମାରୋହରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ସଂସଦର ସଭାପତି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରଙ୍ଗବତୀ ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଡ଼.ସୁରେନ୍ଦ୍ର ନାଥ ତ୍ରିପାଠୀ ଏବଂ ଡ.ସନ୍ତୋଷ କୁମାର ଦାଶ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ସାହିତ୍ୟର ଆବଶ୍ୟକତା ଏବଂ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ମଧୁଧାରା ସହିତ ହରିହର ସାହୁଙ୍କ ରଚିତ ପୁସ୍ତକ କବିତା ମଞ୍ଜରୀ, ଅଧ୍ୟାପିକା ଡ.ସରଶୀରାଣୀ ନାୟକଙ୍କ ରଚିତ ପୁସ୍ତକ ସମ୍ଭାବନା ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁଙ୍କ ରଚିତ ପୁସ୍ତକ ଆକାଂକ୍ଷା ଉନ୍ମୋଚିତ ହୋଇଥିଲା। କିସିଣ୍ଡା ଗ୍ରାମର ବିଶିଷ୍ଟ କୃଷ୍ଣଗୁରୁ ଶିଳ୍ପୀ ଦଶରଥ ମୁଣ୍ଡା ଏବଂ ଦେବଗଡ଼ କୋରଡ଼ ଗ୍ରାମର କବି ଫକୀର ମୋହନ ଦେହୁରୀଙ୍କୁ ସମ୍ମାନିତ କରାଯାଇଥିଲା । ସୁଧୀର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପକ ଡ.ଦୀପେନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିର, କଲେଜ ଏବଂ କ୍ୟାପସୁଲ କିଡ୍ସର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଅଧ୍ୟାପକ ଡ. ଦୀପେନ ପଟ୍ଟନାୟକ, ଶେଷଦେବ ବିଶ୍ୱାଳ ଏବଂ କନ୍ଦର୍ପ ରାଉଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୫୦ଜଣ କବି ଯୋଗଦେଇ କବିତା ପାଠ କରିଥିଲେ।

## ଅଟୋ-ବାଇକ୍ ଧକ୍କାରେ ଯୁବକ ମୃତ

### ଭଉଣୀ ବାହାଘର ପାଇଁ ହାଟକୁ ଜିନିଷ କିଣିବାକୁ ଯାଇଥିଲେ

**ରେଢାଖୋଲ, ୨।୩(ଡି.ଏନ.ଏ.)**

ରାତି ପାହିଲେ ଅର୍ଥାତ୍ ମଙ୍ଗଳବାର ଭଉଣୀର ବାହାଘର। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ସରିଛି। ବନ୍ଧୁବାନ୍ଧବ ମଧ ଘରେ ପହଞ୍ଚିଛନ୍ତି। ଭଉଣୀ ବାହାଘର ପାଇଁ ସେ ପଡୋଶୀ ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ କଦଳୀଗଡ ସାପ୍ତାହିକ ବଜାରକୁ ଜିନିଷ କିଣିବାକୁ ଯାଉଥିଲେ। ହେଲେ ଆଉ ଘରକୁ ଫେରି ନାହାନ୍ତି। ଭଉଣୀ ବାହାଘରର ଦିନକ ଆଗରୁ ତାଙ୍କର ମୃତ୍ୟୁ ଘଟିଛି। ପଡୋଶୀ ଅନୁଗୋଳ ଜିଲା କିଶୋରନଗର ଥାନା ଅଧୀନ ବାଜପୁରରେ ସୋମବାର ଏହି ହୃଦୟବିଦାରକ ଘଟଣା ଘଟିଛି। ଏହି ଖବର ପାଇବା ପରେ ସମଗ୍ର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗାଁର ସ୍ୱାଧୀନ ପ୍ରଧାନ (୧୯) ନିଜ ଭଉଣୀ ବାହାଘର ଦେଖିବା ଆଗରୁ ଆର ପାରିକୁ ଚାଲି ଯାଇଛନ୍ତି।

ରେଢାଖୋଲ ଥାନା ଅଧୀନ କଦଳୀଗଡ ପଞ୍ଚାୟତର ମହୁଲମୁଣ୍ଡା ଛକ ନିକଟରେ ସୋମବାର ମଧ୍ୟାହ୍ନ ୧ଟାରେ ଏକ ଥଣ୍ଡା ପାନୀୟ ବୋଝେଇ ଅଟୋ ସହ ସ୍ୱାଧୀନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଟୋ (ନଂ ଓଡି୧୯ ଜେ-୪୬୨୪)ଟି କଦଳୀଗଡରୁ ଫେରୁଥିଲା। ବାଇକ୍ (ନଂ ଓଡି ୧୯କେ-୨୦୪୪)ରେ ସ୍ୱାଧୀନ ନିଜ ଗାଁ ବାଜପୁରରୁ କଦଳୀଗଡ ହାଟକୁ ଯାଉଥିଲେ। ହେଲେ ମହୁଲମୁଣ୍ଡା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଥାନାକୁ ଅଣାଯାଇଥିଲା। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ରେଢାଖୋଲ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ ୪୭/୨୦) ରୁଜୁ ହୋଇଛି। ଦୁର୍ଘଟଣାପରେ ଅଟୋ ଚାଳକ ଫେରାର ହୋଇଯାଇଛନ୍ତି।

# ଧରାପଡ଼ିଲେ ନିଶାସକ୍ତ କନଷ୍ଟେବଲ

### ଏସ୍‌ପି ନିଲମ୍ବନ କଲେ

**ସମ୍ବଲପୁର, ୨।୩ (ବ୍ୟୁରୋ)**



ସମ୍ବଲପୁର ଟ୍ରାଫିକ ପୋଲିସ କନଷ୍ଟେବଲଙ୍କୁ ନିଶାଦ୍ରବ୍ୟ ସେବନକୁ ନେଇ ଯାଞ୍ଚ କରୁଛି।

ସମ୍ବଲପୁରରେ ଟ୍ରାଫିକ୍ ନିୟକ କଡାକଡି କରାଯାଇଛି। ପୋଲିସ ପଞ୍ଝାରେ ସୋମବାର ଜଣେ ପୋଲିସ କନଷ୍ଟେବଲ ନିଶାଶକ୍ତ ଅବସ୍ଥାରେ ଧରାପଡିଛନ୍ତି। ସେ ହେଲେ ଧନୁପାଲି ଥାନା ଅଧୀନ ଭୁଲିଆପଡା ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ଦିଲୀପ ନାଗ। ଲକ୍ଷ୍ମୀଟକିଜ ଛକରେ ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ ଚାଲିଥିଲା। ଏହି ସମୟରେ ସେହି ବାଟଦେଇ ବିନା ହେଲମେଟରେ ସେ ଯାଉଥିଲେ। ହେଲେ ପୋଲିସ ହାତରେ ଧରା ପଡିଯାଇଥିଲେ। ତାଙ୍କୁ ଅଟକାଇବା ପରେ ନିଶାଦ୍ରବ୍ୟ ସେବନ କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିଭଳି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଇଛି। ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ବୋଲି ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରା କହିଛନ୍ତି।

### ଏସ୍‌ୟୁ ଛାତ୍ରଙ୍କ ଜିଦ୍‌ରେ ବୈଠକରୁ ଉଠିଗଲେ କର୍ତ୍ତୃପକ୍ଷ

**ସମ୍ବଲପୁର, ୨।୩(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ମେଡିକାଲ ଫିଜିକ୍ସ ପାଠ୍ୟକ୍ରମରେ ଥିବା ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି। ସୋମବାର ପ୍ରଶାସନିକ କୋଠା ସମ୍ମିଳନୀ କକ୍ଷରେ କୁଳପତି ଦୀପକ ବେହେରାଙ୍କ ଅଧ୍ୟତାରେ ବୈଠକ ବସିଥିଲା। ଆନ୍ଦୋଳନ ପ୍ରତ୍ୟାହାର କରି କ୍ଲାସରେ ଯୋଗ ଦେବାକୁ ଛାତ୍ରୀଛାତ୍ରଙ୍କୁ କର୍ତ୍ତୃପକ୍ଷ କହିଥିଲେ। ପୁରୁଣା କଥା ଉପରେ ଆଲୋଚନା ନ କରି ଆଗକୁ କିଭଳି ସମସ୍ତ ସମସ୍ୟାର ସମାଧାନ ହେବ ସେ ନେଇ ସହଯୋଗ କରିବାକୁ କହିଥିଲେ। ହେଲେ ଛାତ୍ରୀଛାତ୍ର ରାଜିହୋଇ ନ ଥିଲେ। ପୂର୍ବରୁ ଯାହା ଦାବି ରହିଥିଲା, ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପାଳନ କରାଯାଉ ବୋଲି ଅଡି ବସିଥିଲେ। ଏଥିରେ ରାଗି ଯାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବୈଠକରୁ ଉଠି ଚାଲି ଯାଇଥିଲେ।





ସମ୍ବଲପୁର ମାଝୀପାଲି ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟରେ ଆୟୋଜିତ ଟେକ୍ନୋ ଉତ୍ସବରେ ଅତିଥିମାନେ ଛାତ୍ରମାନଙ୍କୁ ପୁରସ୍କୃତ କରୁଛନ୍ତି ।

## ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ଟେକ୍ନୋ ଉତ୍ସବ

**ସମ୍ବଲପୁର, ୨।୩(ବ୍ୟୁରୋ)**

ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଟେକ୍ନୋ ଉତ୍ସବ-୨୦୨୦ ମାଝିପାଲି ଦେବେଇପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ଡିପ୍ଲୋମା ଇଞ୍ଜିନିୟରିଂ, ବିସିଏ, ବିବିଏ, ବିଏସସି, ବିଏ, ବି-କମ୍ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏହି ଟେକ୍ନୋ ଉତ୍ସବ ଜରିଆରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ହୋଇଥାଏ । ସେମାନେ ପ୍ରଦର୍ଶନୀରେ ନିଜ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ କରିପାରିଥାନ୍ତି ବୋଲି ଇନଷ୍ଟିଚ୍ୟୁଟ ଅଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ ନିଜ ବକ୍ତବ୍ୟରେ କହିଥିଲେ । ପ୍ରିନ୍ସିପାଲ ଡ. ଉମେଶ କୁମାର ରାଉତ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଅନ୍ଧବିଶ୍ୱାସରୁ ଦୂରେଇ ଶିକ୍ଷାକୁ ଅଗ୍ରାଧିକାର ଦିଅ

**ନାକଟିଦେଉଳ, ୨।୩(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତ କାଉଁଶୀପାଳ ଦନେଇମୁଣ୍ଡାରେ ବସବାସ କରୁଥିବା ମୁଣ୍ଡା ସଂପ୍ରଦାୟର ହୋ ସମାଜ ପକ୍ଷରୁ ତିନି ଦିନ ଧରି ଚାଲିଥିବା ମାଗେ ପରବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସମାଜରେ ରହିଥିବା ଅନ୍ଧ ବିଶ୍ୱାସକୁ ଦୂର କରି ଶିକ୍ଷାକୁ ଅଗ୍ରାଧିକାର ଦେବାକୁ ଏଥିରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ସୋମବାର ଦେହୁରୀ ରମେଶ ତିରିଆ ଗାଁ ଦେବତୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଆୟୋଜିତ ସମାରୋହରେ ଶିମିଳିପାଳ ସରପଞ୍ଚ ସଂଜିତ ତିରିଆ, ସମିତିସଭ୍ୟ ବେଣୁଧର ପ୍ରଧାନ, ୱାର୍ଡ଼ ସଭ୍ୟ ପ୍ରକାଶ ମାଝି, ବେନେଦିକ ଲାକ୍ରା, ଗାମା ସୋରେନ ଏବଂ ଡାଙ୍ଗିଲ ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାନବୁଡ଼ିଆ ତିରିଆ, ମୁଣ୍ଡା ତିରିଆ, ସାଲୁକା ତିରିଆ, ସୌରେନ ବବଙ୍ଗା ଏବଂ ବନାରସ ତିରିଆ ପ୍ରମୁଖ ସହଯୋଗ କରିଥିଲେ।



ମାଗେ ପରବରେ ହୋ ସମାଜର ମହିଳା ଓ ପୁରୁଷ ନୃତ୍ୟ କରୁଛନ୍ତି।

# ସ୍କୁଲ ବିରୋଧରେ ପ୍ରଶାସନକୁ ଫେରାଦ

**ସମ୍ବଲପୁର, ୨।୩ (ବ୍ୟୁରୋ)**



ସମ୍ବଲପୁର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସୋମବାର ଭାଜପା କର୍ମକର୍ତ୍ତା ସ୍କୁଲ ନାମରେ ଅଭିଯୋଗ କରୁଛନ୍ତି।

ସମ୍ବଲପୁର ସାକ୍ଷୀପଡାସ୍ଥିତ ଏକ ଘରୋଇ ଇଂଲିଶ ମାଧମ ସ୍କୁଲ ନାଁରେ ସୋମବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏହି ସ୍କୁଲରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ମାନସିକ ଅତ୍ୟାଚାର କରାଯାଉଛି। ସ୍କୁଲରେ ଏସି ଚାଲିବା ବାବଦକୁ ବେଆଇନ ଭାବେ ପିଲାଙ୍କଠାରୁ ଟଙ୍କା ଆଦାୟ କରାଯାଉଛି। ସ୍କୁଲ କର୍ତ୍ତୃପକ୍ଷ ପୂରା ମନମାନି ଚଳାଇଛନ୍ତି। ଉନ୍ନତ ଶିକ୍ଷାଦାନ ଦେବା ପରିବର୍ତ୍ତେ ଶିକ୍ଷାକୁ ନେଇ ବ୍ୟବସାୟୀ କରଣ କରି ଚାଲିଛନ୍ତି। ପିଲାଙ୍କ ସ୍ୱାର୍ଥକୁ ଆଦୌ ଦେଖୁ ନାହାନ୍ତି। ପିଲାଙ୍କଠାରୁ ଏହି ଏସି ବାବଦକୁ ଫି' ଆଦାୟକୁ କେନ୍ଦ୍ରକରି ନିକଟରେ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକମାନେ ବିରୋଧ କରିଥିଲେ। ସ୍କୁଲର ମାନସିକ ଅତ୍ୟାଚାରରେ ଅତିଷ୍ଠ ହୋଇ ଜଣେ ଅଭିଭାବକ ଆତ୍ମହତ୍ୟା ଉଦ୍ୟମ ମଧ କରିବାକୁ ପଛାଇ ନ ଥିଲେ। ଅନ୍ୟପକ୍ଷେ ଏହି ସ୍କୁଲର ଏନଓସି, ଜମି ପରିମାଣ, ଏସ୍‌ଡିଏ, ପରିବେଶ ମଞ୍ଜୁରୀ, ଅଗ୍ନିଶମ ବିଭାଗର ଅନୁମତି ରହିଛି କି ନାହିଁ ସେ ନେଇ ତଦନ୍ତ କରାଯିବା ଜରୁରୀ ହୋଇ ପଡିଛି। ସୋମବାର ଭାଜପା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଭାଜପା ଏହି ସ୍କୁଲ ବିରୋଧରେ ଏଭଳି ଗୁରୁତର ଅଭିଯୋଗ କରିଛି। ଭାଜପା ଜିଲା ସଭାପତି ଗିରୀଶ ପଟେଲ, ଗୋବିନ୍ଦ ଅଗ୍ରୱାଲ, ଅନିଲ ବେହେରା, ମୁକେଶ ଜରିୱାଲ, ସଞ୍ଜୟ ଷଡଙ୍ଗୀ, ପ୍ଲାବନ ମିଶ୍ର, ଅବିନାଶ ତିୱାରୀ, ଜୟବ୍ରତ ଦେ, ସୌମିତ୍ରୀ ଯତୀ, ଜଗନ୍ନାଥ ଆଚାର୍ଯ୍ୟ, ଦେବାଶିଷ ପୁରୋହିତ ପ୍ରମୁଖ ପ୍ରଶାସନ ନିକଟରେ ଏହି ଅଭିଯୋଗ କରି ତଦନ୍ତ ପୂର୍ବକ ସ୍କୁଲ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



❝ ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ରମେଶ



ଅଭିଜିତ୍



ଚିନ୍ମୟ



ପ୍ରଦୀପ୍ତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ନିୟମ କୋହଳ ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ରାଜ୍ୟ ସରକାର ପୁନର୍ବାର ଟ୍ରାଫିକ ଧରପଗଡ଼ କଡାକଡି କରିଛନ୍ତି। ଦୁଇଥର ୩ ମାସ ଲେଖା ମହଲତ ଦେବା ପରେ ସରକାର ମାର୍ଚ୍ଚ ୧ ତାରିଖରୁ ପୁଣି କଠୋର ହୋଇଛନ୍ତି। ଟ୍ରାଫିକ ଧରପଗଡ଼ ଜୋରଦାର ହୋଇଥିବା ବେଳେ ଧରାପଡୁଥିବା ନିୟମ ଉଲ୍ଲଂଘନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଟ୍ରାଫିକ ଧରପଗଡ କୋହଳ କରିବାକୁ କଂଗ୍ରେସ ଦାବି କରିଛି। ଯଥାଶୀଘ୍ର ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ସହ ଅନ୍ୟ ରାଜ୍ୟ ଭଳି ଜରିମାନା କମାଇବାକୁ ଦାବି କରାଯାଇଛି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବାକୁ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି ଯେ, ଟ୍ରାଫିକ ନିୟମ ଉଲ୍ଲଘଂନ ନାମରେ ସାଧାରଣ ଜନତାଙ୍କୁ ଅତ୍ୟାଚାର କରାଯାଉଛି। ପୋଲିସ ଓ ଆର.ଟି.ଓ. ଗାଡି ଚାଳକଙ୍କୁ ଯେଭଳି ବ୍ୟବହାର କରୁଛନ୍ତି ତାହା ହିଟ୍‌ଲରି ଶାସନ ଓ ଇଦ୍ ଅମିନ୍ ଶାସନକୁ ବଳି ଯାଇଛି। ଗାଡି ଚାଳକଙ୍କ ଉପରେ ଯେଉଁ ଜରିମାନା ଲାଗୁ କରାଯାଉଛି, ତାହା ଗାଡିର କ୍ରୟ ମୂଲ୍ୟ ଠାରୁ ଅଧିକ। ରୋଗୀ, ଛାତ୍ର, ପରୀକ୍ଷାର୍ଥୀ ଏବଂ ଅତିଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯାଉଥିବା ଗାଡିକୁ ଅଟକାଇ ଗାଳିଗୁଲଜ କରିବା ସହ ଥାନାକୁ ଜବରଦସ୍ତ ନିଆଯାଉଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସ୍ପୃହଣୀୟ ନୁହେଁ। ଲୋକମାନେ ଭୋଟ ଦେଇ ବିଜେଡି ଓ ଭାଜପାକୁ ସରକାରରେ ବସାଇଛନ୍ତି। ମାତ୍ର ସରକାରକୁ ଆସିବା ପରେ ଲୋକମାନଙ୍କ ପ୍ରତି ଉଭୟ ଦଳ ଯେଭଳି ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ତାହା ଜନସାଧାରଣଙ୍କୁ ଅତିଷ୍ଠ କଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଯଦି ନିୟମ ପରିବର୍ତ୍ତନ ନ କରନ୍ତି ଏବଂ ପୋଲିସ ଓ ଆର.ଟି.ଓ. ତାଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ସଂଶୋଧନ ନ କରନ୍ତି, ତେବେ ଆର.ଟି.ଓ., କମିଶନର ଅଫିସ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସୁରେଶ ଚେତାବନୀ ଦେଇଛନ୍ତି। ସୁରଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ଖରାପ ବ୍ୟବହାରକୁ ସମର୍ଥନ କରାଯିବନି। ଭଦ୍ର ବ୍ୟବହାର ଲୋକଙ୍କୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଧନ ଜୀବନ ରକ୍ଷା କରିବା ସରକାରଙ୍କ ଦାୟିତ୍ୱ। ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ପରେ ରାଜ୍ୟରେ ୫୦ପ୍ରତିଶତ ଦୁର୍ଘଟଣା ହ୍ରାସ ପାଇଛି। ସମସ୍ତେ ନିୟମକୁ ପାଳନ କରିବା ଦରକାର ବୋଲି ସେ କହିଛନ୍ତି।

# ଏଲ୍‌ଏନ୍‌ଜି ଗ୍ୟାସ ଟର୍ମିନାଲରେ ନିଆଁ

**ଚାନ୍ଦବାଲି,୨।୩(ଡି.ଏନ.ଏ.):** ଭଦ୍ରକ ଜିଲା ଧାମରା ବନ୍ଦର କମ୍ପାନୀ(ଆଦାନୀ) ପରିସରରେ ନିର୍ମାଣାଧୀନ ଏଲ୍‌ଏନ୍‌ଜି ଗ୍ୟାସ୍ ଟର୍ମିନାଲରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ବନ୍ଦର କମ୍ପାନୀ ଓ ଧାମରା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବହୁ ଉଦ୍ୟମ ପରେ ସୋମବାର ସକାଳେ ସେମାନେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଓ କ୍ଷୟକ୍ଷତି ସମ୍ପର୍କରେ ଅଧିକ ତଥ୍ୟ ମିଳିପାରି ନାହିଁ। ଏଥିରେ କାହାର ଜୀବନ ହାନି ହୋଇ ନ ଥିବାବେଳେ ବ୍ୟାପକ ଯନ୍ତ୍ରପାତି ପୋଡ଼ି ଯାଇଥିବା ଜଣାପଡ଼ିଛି।



## ଜିଲା ଚିଠି
## ନବରଙ୍ଗପୁର

# ନାବାଳିକାଙ୍କ ବିବାହ

ନବରଙ୍ଗପୁର ଜିଲାରେ ନାବାଳିକାଙ୍କ ବିବାହ ବଢ଼ିବାରେ ଲାଗିଛି। ଗତ ସପ୍ତାହକ ମଧ୍ୟରେ ପ୍ରଶାସନ ପକ୍ଷରୁ ଲଗାତାର ୩ ଦିନରେ ତିନୋଟି ନାବାଳିକା ବିବାହ ରୋକାଯାଇଛି। ପରିବାରର ଚାପରେ ହେଉ କିମ୍ବା ସହମତିରେ ନାବାଳିକାମାନେ ବିବାହ କରୁଛନ୍ତି। ଅନ୍ୟପକ୍ଷେ ପାଠ ପଢ଼ିବା ପାଇଁ ଆଗ୍ରହ ଥିବା ନାବାଳିକା ମଧ୍ୟ ଚାପରେ ବିବାହ କରିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହେଉଛି। ଜଣେ ନାବାଳିକା ବିବାହ କରିବା ଦ୍ୱାରା ଭବିଷ୍ୟତରେ ତା'ର ସ୍ୱାସ୍ଥ୍ୟ ସମସ୍ୟା ବଢୁଛି। କଅଁଳ ବୟସରେ ପରିବାର ବୋଝ ସେହି ନାବାଳିକାଙ୍କ ମାନସିକ ଚାପ ବଢ଼ାଉଛି। ହେଲେ ଏ ଦିଗରେ ସଚେତନତାର ଅଭାବ ରହୁଛି। ଯେଉଁ ପରିବାର ସଦସ୍ୟମାନେ ନାବାଳିକା ତଥା ବାଲ୍ୟବିବାହ ବେଆଇନ ବୋଲି ଜାଣିପାରୁ ନାହାନ୍ତି ସେଠାରେ ଗାଁର ଭଦ୍ର ବ୍ୟକ୍ତି, ଶିକ୍ଷିତ ଲୋକ ସେମାନଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି। ଅନ୍ୟପକ୍ଷେ ଯେଉଁ ପରିବାରରେ ଏପରି ବାଲ୍ୟବିବାହ ହେଉଛି ସେମାନଙ୍କ ସମ୍ପର୍କୀୟ ଏଥିପାଇଁ ଆଇନ କ'ଣ ରହିଛି ବୁଝାଇ ପାରୁନାହାନ୍ତି। କେତେକ କ୍ଷେତ୍ରରେ ନାବାଳିକାଙ୍କ ବିବାହରେ ଶିକ୍ଷିତ ବ୍ୟକ୍ତି ଯୋଗଦେଇ ଭୋଜି ଆୟୋଜନରେ ସାମିଲ ହେଉଛନ୍ତି। ଏଥିରୁ ଜଣାପଡୁଛି ଶିକ୍ଷିତ ହୋଇ ମଧ୍ୟ ଜଣେ ଜାଣିଶୁଣି ଏ ସମ୍ପର୍କରେ ଅଜଣା ରହୁଛନ୍ତି। କୌଣସି ସୂତ୍ରରୁ ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡଲାଇନ ଓ ପୋଲିସ ଖବର ପାଇଲେ ନାବାଳିକା ବିବାହକୁ ରୋକାଯାଇପାରୁଛି। ଇତିମଧ୍ୟରେ ଜିଲାରେ ଏକାଧିକ ନାବାଳିକାଙ୍କ ବିବାହ ହୋଇସାରିଥିବା ନଜିର ରହିଛି। ନାବାଳିକା ଗର୍ଭଧାରଣ ପରେ ପ୍ରସବ ଓ ପ୍ରସୂତି ସମୟରେ ନାନା ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି। ରକ୍ତହୀନତା ସହିତ ମାଆ ଓ ଶିଶୁଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠୁଛି। ମାତୃ ଓ ଶିଶୁ ମୃତ୍ୟୁର ଆଶଙ୍କା ରହୁଛି। ନାବାଳିକାଙ୍କୁ ୧୮ ବର୍ଷ ହୋଇ ନ ଥିବାରୁ ଗର୍ଭ ଧାରଣ ଓ ପ୍ରସବ ପରେ ମଧ୍ୟ ସରକାରଙ୍କ ମମତା ଯୋଜନାରୁ ସହାୟତା ପାଇବାରେ ବଞ୍ଚିତ ହେଉଛନ୍ତି। ପ୍ରତି ଗାଁରେ ଶିକ୍ଷକ, ଅଙ୍ଗନୱାଡି ଓ ଆଶା କର୍ମୀ, ଲୋକ ପ୍ରତିନିଧି, ପଞ୍ଚାୟତସ୍ତରୀୟ ଅଧିକାରୀ ପ୍ରମୁଖ ରହୁଛନ୍ତି। ନାବାଳିକା ତଥା ବାଲ୍ୟବିବାହ ରୋକିବା ଓ ଏଥିପ୍ରତି କ'ଣ ଆଇନ ରହିଛି ତାହା ସଚେତନତା କରାଇବା ଆବଶ୍ୟକ ରହିଛି। କେବଳ ଯେ ପ୍ରଶାସନ ସଚେତନ କରାଇବ ଓ ଲୋକେ ବୁଝିବେ ତାହା ନୁହେଁ, ଏଠି ସମସ୍ତଙ୍କ ଦାୟିତ୍ୱ ରହିଛି। ଜଣେ ନାବାଳିକା କିଭଳି ଭଲ ପାଠ ପଢ଼ି ଉଚ୍ଚଶିକ୍ଷିତ ହେବ। ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବା ପରେ ସିଏ ବିବାହ କରି ନିଜ ପରିବାର ସହ ସୁଖରେ ଜୀବନଯାପନ କରିବ ସେଥିପ୍ରତି ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

– ସଦାଶିବ ପ୍ରହରାଜ

# ଦାୟିତ୍ୱ ନେଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ସଞ୍ଜୟ ଦାସବର୍ମା ସୋମବାର ଲୋକ ସେବା ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନୁମୋଦନକ୍ରମେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ସଞ୍ଜୟଙ୍କ ନିଯୁକ୍ତି ସମ୍ପର୍କରେ ଏକ ବିଜ୍ଞପ୍ତି ରବିବାର ପ୍ରକାଶ ପାଇଥିଲା। ଏହି ପଦବୀ ସହ ସଞ୍ଜୟଙ୍କୁ କ୍ୟାବିନେଟ ପାହ୍ୟା ମଧ୍ୟ ମିଳିଛି। ସୋମବାର ପୂର୍ବାହ୍ନରେ ସଞ୍ଜୟ ଦାୟିତ୍ୱ ନେବା ପରେ ଅପରାହ୍ନରେ ସିଏମ୍‌ଓ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସମୟରେ ଯୋଜନା ବୋର୍ଡର ରୂପରେଖ ପରିବର୍ତ୍ତନ ଏବଂ ଜନସାଧାରଣଙ୍କ ସେବାରେ ଏହାକୁ ସକ୍ରିୟଭାବରେ ଭାଗୀଦାରି କରିବା ନେଇ ଆଲୋଚନା ହୋଇଥିଲା। ଦାୟିତ୍ୱ ନେବା ସମୟରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ଗଣମାଧ୍ୟମକୁ ମତାମତ ଦେଇ ଯୋଜନା ବୋର୍ଡକୁ ଅଧିକ ଫଳପ୍ରଦ କରାଯିବା ସହ ଜିଲା ଯୋଜନାକୁ ବୋର୍ଡ ମାଧ୍ୟମରେ ଅଧିକ ଗତିଶୀଳ କରାଯିବ। କେରଳ ଓ ତେଲେଙ୍ଗାନା ଭଳି ରାଜ୍ୟ ଯୋଜନା ବୋର୍ଡ ନୂଆ ରୂପ ପାଇବ ବୋଲି ସଞ୍ଜୟ କହିଛନ୍ତି। ଅପରପକ୍ଷରେ ବିରୋଧୀ କଂଗ୍ରେସ ଓ ଭାଜପା ଯୋଜନା ବୋର୍ଡ ଉପାଧ୍ୟକ୍ଷ ନିଯୁକ୍ତିକୁ ଶାସକ ଦଳର ଥଇଥାନ କେନ୍ଦ୍ର ବୋଲି ଅଭିହିତ କରିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ଯୋଜନା ବୋର୍ଡ ଅଫିସକୁ କୌଣସି ଫାଇଲ ଆସେ ନାହିଁ। ବର୍ଷ ବର୍ଷ ଧରି ଏହାର ବୈଠକ ବସି ନ ଥାଏ। ଉପାଧ୍ୟକ୍ଷଙ୍କୁ ସଚିବାଳୟରେ କେବଳ ଗୋଟିଏ ଚାମ୍ବର ମିଳିଥାଏ ବୋଲି ସାଲୁଜା କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଯୋଜନା ବୋର୍ଡ ଏକ ଥଇଥାନ ବୋର୍ଡ। ଅପରପକ୍ଷରେ ଏପରି ଅଭିଯୋଗକୁ ବିଭାଗୀୟ ମନ୍ତ୍ରୀ ଖଣ୍ଡନ କରିଛନ୍ତି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ କହିଛନ୍ତି ଯେ, କେନ୍ଦ୍ରରେ ଥିବା ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରାଯିବ। ବିରୋଧୀଙ୍କ ଅଭିଯୋଗର କୌଣସି ଆଧାର ନାହିଁ। ଏହାକୁ ଅଧିକ ଲୋକାଭିମୁଖୀ କରିବା ସମ୍ପର୍କିତ ନୀତିଗତ ନିଷ୍ପତ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେହେରା କହିଛନ୍ତି।



ଲୋକ ସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ତତ୍କାଳୀନ ମହାକାଳପଡ଼ା ଆଇଆଇସିଙ୍କୁ ମିଳିଲା ଜାମିନ

**କଟକ ଅଫିସ,୨।୩:** କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ହାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାରେ ତତ୍କାଳୀନ ଆଇଆଇସି ଶ୍ୟାମଘନ ବେହେରାଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ତେବେ ନିମ୍ନ ଅଦାଲତ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ନିଜ ରାୟରେ ଜଣାଇଛନ୍ତି। ମାମଲାର ଶୁଣାଣି ବେଳେ ପ୍ରତ୍ୟେକ ଥର ସେ ନିମ୍ନ ଅଦାଲତରେ ହାଜର ହେବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଏହି ମାମଲାର ଶୁଣାଣି କରିଥିଲେ। ମାମଲାର ବିବରଣୀରୁ ପ୍ରକାଶ, ମୋବାଇଲ ଚୋରି ଅଭିଯୋଗରେ ମହାକାଳପଡା ଥାନା ଅଧୀନ ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ୍ ମୂଷା ନାମକ ଯୁବକଙ୍କୁ ୨୦୧୮ ଅଗଷ୍ଟ ୨୫ ତାରିଖରେ ତତ୍କାଳୀନ ଆଇଆଇସି ଶ୍ୟାମଘନ ଗିରଫ କରିଥିଲେ। ଏହାର ପରଦିନ ଥାନା ନିକଟ ଏକ ନିର୍ମାଣାଧୀନ ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ପୋଲିସ ତାଙ୍କୁ ପିଟିପିଟି ମାରିଦେବା ପରେ ରଶିରେ ଝୁଲାଇ ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ।


**COLLECTORATE, MALKANGIRI**
**District Child Protection Unit (Child Welfare Section)**
**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରି**

**ବିଜ୍ଞାପନ** No.g-82

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୌଣସି ଏକ ମହିଳା ଗତ ଜାନୁୟାରୀ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇ ଛାଡି ଚାଲିଯାଇଅଛି। ସେହି ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ରଖାଯାଇଅଛି। ଉକ୍ତ ଶିଶୁକନ୍ୟାର ଯଦି କେହି ସମ୍ପର୍କୀୟ ଓ ଦାବିଦାର ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣପତ୍ର ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ମାଲକାନଗିରିଙ୍କ କାର୍ଯ୍ୟାଳୟରେ, (ଫୋନ ନଂ.୦୬୮୬୧୨୩୧୨୧୧) ଯୋଗାଯୋଗ କରିବାହେବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ। ଏହି ଶିଶୁର କୌଣସି ଦାବିଦାର ଏକ ମାସ ମଧ୍ୟରେ ନ ମିଳିଲେ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ।



**ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**

OIPR-33019/11/0004/1920



ଓଡ଼ିଶା ସରକାର
**DISTRICT RURAL DEVELOPMENT AGENCY, KANDHAMAL**
**Panchayati Raj & Drinking Water Department**
**Government of Odisha**
Tel: 06842 (STD Code) 253696 (Off.), 253709 (Res.), 255297, 253905 (Fax), Email: ori-dphulbani@nic.in
No. 990/ Date: 02.03.2020

**OFFICE ORDER**

The advertisement for contractual engagement of Gram Rozgar Sevak (GRS) of Kandhamal District under MGNREGA vide Advertisement No. 3828, dated 11.09.2019 is hereby cancelled and further advertisement shall be published in near future.

*Sd./- Collector-cum-CEO, Zilla Parishad, Kandhamal*



**OFFICE OF THE PRINCIPAL**
**S.V.M. AUTONOMOUS COLLEGE**
**JAGATSINGHPUR-754103 (ODISHA)**
Tel: 06724-220027, Fax: 06724-220119, Email: svmc.orissa@gmail.com

**ADVERTISEMENT**

Sealed quotations are invited from the intending suppliers / authorized dealers / publishers having GST/VAT clearance for supply of Library Books (Text Books as per CBCS pattern) of this college under WB-OHEPEE scheme. The quotations reflecting the Percentage of discount on the books admissible for educational institution, should reach the office of the Principal, S.V.M. Autonomous College, Jagatsinghpur through Regd. Post / Speed Post only by 21.03.2020 upto 5 PM. The sealed quotations will be opened on 23.03.2020 at 11 AM. The details of indents may be downloaded from our website www.svmcauto.org.in.

The undersigned reserves the right to reject any or all quotations without assigning any reason thereof.

*Sd./- (Smt. NITARANI KAR), Principal*
*S.V.M. Autonomous College, Jagatsinghpur*


## ଆଜି କ'ଣ କେଉଁଠି

**ମୁରିବାହାଲ**
- ଶ୍ରୀମଦ ଭାଗବତ ପାରାୟଣ ଓ ସତ୍‌ସଙ୍ଗ, ଜମିଦାରପଡା, ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ବିଶ୍ୱ ଶ୍ରବଣ ଦିବସ, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶିକ୍ଷଣ କେନ୍ଦ୍ର, ପୂର୍ବାହ୍ନ ସାଢେ ୧୦ଟା।

**ବରଗଡ଼**
- ଜିଲାସ୍ତରୀୟ ଲୋକକଳା ମହୋତ୍ସବ, ଢ଼ୋଲବନ୍ଧ(ପଦ୍ମପୁର), ପୂର୍ବାହ୍ନ ୧୦ଟା ।

**ବିଜେପୁର**
- ୧୬ପ୍ରହର ଅଖଣ୍ଡ ନାମଯଜ୍ଞ, ବିଜେପୁର ଜମିଦାରପଡା, ଅପରାହ୍ନ ୩ଟା।

**ବୌଦ୍ଧ**
- କୃଷ୍ଣା ସମାଜର ବାସନ୍ତୀକ ପୂଜା, ବୌଦ୍ଧ ଶୀତଳା ମନ୍ଦିର, ପୂର୍ବାହ୍ନ ୮ଟା ।

**ଦେବଗଡ଼**
- ବ୍ଲକସ୍ତରୀୟ ଏମ୍‌ଆଇଏସ୍ ଟ୍ରେନିଂ, ଟାଉନ୍ ହାଇସ୍କୁଲ, ପୂର୍ବାହ୍ନ ୧୦ଟା ।
- ପୋଲିସ ପକ୍ଷରୁ ଜନସଂପର୍କ ଶିବିର, ପାନିଭଣ୍ଡାର ଗାଁ, ଦେବଗଡ଼, ଦିନ ୧୧ଟା

**ବେଲପାହାଡ଼**
- ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପ୍ରତିଷ୍ଠାତା ଜେ.ଏନ୍.ଟାଟାଙ୍କ ୧୮୧ତମ ଜନ୍ମ ବାର୍ଷିକ ଉତ୍ସବ, ପୂର୍ବାହ୍ନ ୯ଟା, ଟାଟାପାର୍କ।

# ଅଧିକାଂଶ ନାରୀ ନିର୍ଯାତନା ପ୍ରସଙ୍ଗରେ ବିଜେଡି ନେତା ସାମିଲ: ଭାଜପା

**ଭୁବନେଶ୍ୱର,୨।୩(ବ୍ୟୁରୋ):** ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ମହିଳାଙ୍କ ସହ ବଳାତ୍କାର, ଅସଦାଚରଣ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଭାବେ ଶାସକ ଦଳ ନେତା ଓ କର୍ମୀମାନେ ବିଭିନ୍ନ ବଳାତ୍କାର ଘଟଣାରେ ସାମିଲ ଥିବା ପ୍ରମାଣ ମିଳୁଛି। ଯାଜପୁର ଜିଲା କୁଆଖିଆ ରସୁଲପୁର ବ୍ଲକ ଅତଲପୁର ପଞ୍ଚାୟତର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଶାସକ ଦଳର ଜଣେ ସରପଞ୍ଚ ଏଭଳି କାଣ୍ଡ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, କ୍ଷମତାର ଅହଙ୍କାର ଓ ଔଦ୍ଧତ୍ୟତା ଶାସକ ଦଳର ପରିଚୟ। ଏହା ସମଗ୍ର ନାରୀ ସମାଜ ପ୍ରତି ଲଜ୍ଜାର ବିଷୟ। ପୀଡିତା ଜଣକ ଘରକୁ ଫେରିବା ପରେ ଘଟଣାକୁ ଥାନାରେ ଆପୋସ ବୁଝାମଣା କରି ରଫାଦଫା କରିବାକୁ ଶାସକ ଦଳ ନେତା ପ୍ରୟାସ ଚଳାଇଛନ୍ତି। ଏଥିଲାଗି ପୀଡିତାର ବାପାଙ୍କୁ ଧମକ ମିଳୁଛି। ଯାଜପୁର ଜିଲାରେ ବାରମ୍ବାର ଏଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଛି। ଶାସକ ଦଳ ନେତା ଓ କର୍ମୀ ଏଭଳି କର୍ମରୁ ନିଜକୁ ଦୂରେଇ ନ ରଖିଲେ ଆଗାମୀ ଦିନରେ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି ଯେ, ଭାଜପା ନେତ୍ରୀ ସବୁବେଳେ ନାରୀଙ୍କୁ ନେଇ ଭୁଲ୍ ତଥ୍ୟ ଏବଂ ସମ୍ବେଦନହୀନ ମନ୍ତବ୍ୟ ରଖୁଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ସେ ଏଭଳି ମନ୍ତବ୍ୟ ରଖି ଆସୁଥିଲେ। ଲୋକମାନେ ଏହାକୁ ବୁଝିପାରି ନିର୍ବାଚନ ଫଳାଫଳରେ ତାହା ଦେଖାଇ ଦେଲେ ବୋଲି ସୁଲତା କହିଛନ୍ତି।


**OFFICE OF THE AUDIT OFFICER, LOCAL FUND AUDIT,**
**4TH & 5TH FLOOR, SPECIAL TREASURY No.1 BUILDING**
**BHUBANESWAR**

**O.O. No. 684/LFA** **QUOTATION** **Dt. 28.02.2020**

No.S-37 :- Sealed quotations are invited from interested reputed Travel Agencies, Tour Operators/service providers or private individuals on or before 4.00 P.M. of 16.03.2020 for providing one no. of Tiago/Bolt/Celerio (Petrol) vehicles having sitting capacity not more than five including driver, which shall confirm to the terms and conditions (Annexure-II) for official use in Office of the Audit Officer, Local Fund Audit, Bhubaneswar on monthly rent basis :

1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution free Certificate, Valid Contract Carriage Permit, Proof of up to date tax payment etc. which are mandatory for plying of vehicles.
2) Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle in a Government/Semi Government organization preferably for a period of at least three years.
3) The Driver should be well behaved, gentle and obedient in nature.
4) A sum of Rs. 5000/- shall be deposited by the intending bidders in shape of Account payee Bank Draft drawn in favour of the Audit Officer, Local Fund Audit, Bhubaneswar and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5) The Successful bidder will have to deposit Rs. 10,000/- in shape of account payee Bank Draft as performance security deposit which will be kept along with security deposit with the hirer till the completion of the contract or termination of the agreement, if any, which is earlier.
6) The monthly rate of hire charge be quoted separately in the general bid information (excluding fuel and lubricants).
7) The Vehicle must achieve a fuel efficiency of 17 Kms per litre.
8) The details of the make and year of manufacture of the vehicle, registration no., mileage (Kms covered per litre) and name of the Driver with driving License No. and period of validity should be specifically provided in the general bid information to be furnished with the Quotation (Annexure-III).
9) The Quotation completed in all respect should reach the undersigned on or before 16.03.2020 by 4.00 P.M. and shall be opened on 16.03.2020 at 5.00 P.M. in presence of the bidders or their authorized representatives.
10) The bidders are requested to refer letter No.30464/F dt. 06.09.2019 of Finance Department, Odisha, for further details.

**Sd./- Audit Officer,**
**Local Fund Audit, Bhubaneswar**
**OIPR-05009/11/0007/1920**



**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ୍ ନଂ.-୩ ଏବଂ ୫, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯
ଦୂରଭାଷ: 0674-2597149, 2597152 (ଅଫିସ୍), ଫାକ୍ସ: 0674-2597155,
ୱେବ୍‌ସାଇଟ୍: www.osssc.gov.in

**ବିଜ୍ଞାପନ**

ସଂଖ୍ୟା: IIE-34/2016-15 (C)/ OSSSC, ତାରିଖ: 26.02.2020

**ଜିଲ୍ଲାସ୍ତରୀୟ ଉଦ୍ୟାନ ସମ୍ପ୍ରସାରଣ ସେବକ (HEW) ଓ ଗ୍ରାମ୍ୟ କୃଷି ସେବକ (VAW) ପଦବୀର ପ୍ରାର୍ଥୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା**

**No. T-204:-** ଜିଲ୍ଲାସ୍ତରୀୟ ଉଦ୍ୟାନ ସମ୍ପ୍ରସାରଣ ସେବକ ଓ ଗ୍ରାମ୍ୟ କୃଷି ସେବକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା- IIE-34/2016-448(C)/OSSSC, ତା16.11.2016ରିଖ ଓ IIE-34/2016-561(C)/OSSSC, ତା20.12.2016ରିଖ ଅନୁଯାୟୀ ଲିଖିତ ପରୀକ୍ଷା ଆସନ୍ତା ତା31.05.2020 ରବିବାର ଦିନ ପୂର୍ବାହ୍ନ 9.30 ଘଟିକାରେ ସମସ୍ତ ଜିଲ୍ଲା ସଦର ମହକୁମାର ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

ପ୍ରାର୍ଥୀମାନେ ଆୟୋଗଙ୍କ ୱେବ୍‌ସାଇଟ୍ www.osssc.gov.inକୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାର କରି ପ୍ରବେଶପତ୍ର 15.05.2020 ତାରିଖଠାରୁ ଡାଉନ୍‌ଲୋଡ୍ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ। ପ୍ରାର୍ଥୀମାନେ ଆୟୋଗଙ୍କ ୱେବ୍‌ସାଇଟ୍ www.osssc.gov.inକୁ ଯାଇ ପରବର୍ତ୍ତୀ ସୂଚନା ପାଇପାରିବେ।

ଆୟୋଗଙ୍କ ଆଦେଶମତେ
ସ୍ୱା./– ସଚିବ
OIPR-09007/11/0008/1920

ଦିବ୍ୟାଙ୍ଗ ହେଲେ ମଧ୍ୟ ଏମାନେ ଅନ୍ୟମାନଙ୍କଠାରୁ କମ୍ ନୁହନ୍ତି। ବିଭିନ୍ନ ପ୍ରତିବନ୍ଧକକୁ ଏଡ଼ାଇ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇ ଚାଲିଛନ୍ତି । ଚଳିତ ମାସ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ। ଏହି ଅବସରରେ ଅନ୍ୟପାଇଁ ପ୍ରେରଣା ସାଜିଥିବା କେତେଜଣ ଦିବ୍ୟାଙ୍ଗ ମହିଳାଙ୍କୁ ନେଇ ଉପସ୍ଥାପନା...

# ତଥାପି ସକ୍ଷମ





ଏ ବର୍ଷର ସ୍ଲୋଗାନ ରହିଛି 'ଆଇ ଆମ୍ ଜେନେରେଶନ ଇକ୍ୱାଲିଟି : ରିୟଲାଇଜିଂ ୱିମେନ'ସ ରାଇଟ୍'।

## ଦୃଢ଼ ମନୋବଳ ମୋତେ ବାଟ ଦେଖାଇଛି : ଅଙ୍ଗୁରବାଳା ରଥ

"ମୁଁ ଜନ୍ମ ନେବାର ମାତ୍ର ୧୦ ମାସ ହୋଇଥାଏ। ଭାଗ୍ୟର ବିଡ଼ମ୍ବନା। ହଠାତ୍ ମୋର ଡାହାଣ ହାତ ଏବଂ ବାମଗୋଡ଼ ପୋଲିଓଗ୍ରସ୍ତ ହେଲା। ତା'ପରେ ସତେ ଯେମିତି ଆମ ପରିବାର ଉପରେ ଆକାଶ ଛିଣ୍ଡି ପଡ଼ିଲା। ଏତେ ଛୋଟ ବେଳୁ ମୋ ଦାୟିତ୍ୱ ତୁଲାଇବାକୁ ମା'ବାପା ଆଦୌ ଅବହେଳା କରି ନ ଥିଲେ। ଯେତେବେଳେ ମୁଁ ସବୁକଥା ଜାଣିଲି ଏବଂ ମୋର ବୟସ ବଢ଼ିଗଲା ସେତେବେଳଠାରୁ ନିଜ କାମ ନିଜେ କରିବାକୁ ଚେଷ୍ଟାକଲି। ଏବେ ନିଜେ ରୋଜଗାର କରିପାରୁଛି। ପରିବାର ଦାୟିତ୍ୱ ନିଜେ ତୁଲାଉଛି" ବୋଲି କହନ୍ତି ଯାଜପୁରରୋଡ୍ ଉମାପଦା ଗ୍ରାମର ଅଙ୍ଗୁରବାଳା ରଥ। ବାପା ଗୋଲଖ ବିହାରୀ ରଥ ଓ ମାଆ ସ୍ନେହଲତା ରଥଙ୍କର ବଡ଼ ଝିଅ ସେ। ପରିବାରରେ ୮ ଭାଇ ଭଉଣୀ। ସେତେବେଳେ ତାଙ୍କ ବାପା ପ୍ରାଇମେରି ଟିଚର ଥିଲେ। ଦରମା କମ୍ ପାଉଥିଲେ ବି ବାଧାବିଘ୍ନକୁ ସାମ୍ନା କରି ତାଙ୍କ ବାପା ପରିବାରଟିକୁ ଚଳାଇନେଉଥିଲେ। ଅଙ୍ଗୁରବାଳା ମାଟ୍ରିକ୍ ଆଉ ସି.ଟି. ପାସ୍ କଲା ପରେ ପ୍ରଥମେ ହଳଦୀଗଡ଼ିଆ ମଦନମୋହନ ନୋଡାଲ ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ସେ ଏବେ ଚୂନଭାଟି ପ୍ରୋଜେକ୍ଟ ପ୍ରାଇମେରି ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ୧୫ ବର୍ଷର ଶିକ୍ଷକତା ଜୀବନର ସୁଖଦୁଃଖ ଭରା ସ୍ମୃତିକୁ ନିଜ ମନ ଭିତରେ ସାଇତି ରଖିଛନ୍ତି ଅଙ୍ଗୁରବାଳା। ଏହି ଶାରୀରିକ ଭିନ୍ନକ୍ଷମତା ତାଙ୍କ ପାଇଁ କେବେ ସମସ୍ୟା ହୋଇ ଠିଆହୋଇନାହିଁ। ଏପରି କି ନିଜ ନିତ୍ୟକର୍ମ ପାଇଁ ସେ କାହା ଉପରେ ନିର୍ଭର କରନ୍ତିନି।



ଚନ୍ଦ୍ରକାନ୍ତି



ସୁପ୍ରିୟା



ଜ୍ୟୋସ୍ନାରାଣୀ



ପ୍ରଣତି



ଅଙ୍ଗୁରବାଳା

ମନରେ ଅଦମ୍ୟ ସାହସ। ଦୃଢ଼ ମନୋବଳ ତାଙ୍କୁ ଆଜି ଏତେ ବାଟ ଆଗେଇନେଇଛି ବୋଲି କହନ୍ତି ସେ। କେବଳ ସେତିକି ନୁହେଁ, ଅବସର ସମୟରେ ସିଲେଇ କାମରେ ନିଜକୁ ନିୟୋଜିତ ରଖନ୍ତି ସେ। ସମୟ ସହ ତାଳଦେଇ ବୟସ ବଢୁଛି। ହେଲେ ଜଣେ କର୍ମଜୀବୀ ଭାବରେ ନିଜ ଜୀବନ ରଥକୁ ସେ ଖୁସିର ସହ ଆଗେଇନେଇ ଚାଲୁଛନ୍ତି।

## ଆର୍ଥିକ ପରିସ୍ଥିତି ସୁଧାରିପାରିଛି : ଚନ୍ଦ୍ରକାନ୍ତି ସାନ୍ଧ

ପରିବାରର ଆର୍ଥିକ ପରିସ୍ଥିତି ପ୍ରତି ମୁହୂର୍ତ୍ତରେ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା। ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ ସତ, କିନ୍ତୁ ପରିବାର ଉପରେ ବୋଝ ହୋଇ ରହିବାକୁ ସେ ଚାହିଁ ନ ଥିଲେ। ପିଲାଟି ବେଳୁ କିପରି ନିଜ ଗୋଡ଼ରେ ନିଜେ ଠିଆହେବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଥିଲେ। ସେ ହେଲେ ବରଗଡ଼ ଜିଲା ସରସରା ପଞ୍ଚାୟତ ଡେଲେନ୍ଟିକ୍ରା ଗ୍ରାମର ଚନ୍ଦ୍ରକାନ୍ତି ସାନ୍ଧ। ଘରେ ୨ ଭାଇ ଓ ୨ ଭଉଣୀ। ବରଗଡ଼ ଓମେନ୍ସ କଲେଜରୁ ବ୍ରେଲି ଅକ୍ଷରରେ ପାଠ ପଢ଼ି ସେ ଓଡ଼ିଆ ଅନର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତା'ପରେ ମନରେ ଶିକ୍ଷକତାର ସ୍ୱପ୍ନ ଉଙ୍କି ମାରିଥିଲା। ବଲାଙ୍ଗୀର ଏସ୍‌ଟି ସ୍କୁଲରୁ ସି.ଟି. ପାସ୍ କରିବା ପରେ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ। ବର୍ତ୍ତମାନ ସେ ସ୍ଥାନୀୟ ଡେଲେନ୍ଟିକ୍ରା ପ୍ରାଇମେରି ସ୍କୁଲରେ ଶିକ୍ଷକତା କରୁଛନ୍ତି। ସାତବର୍ଷର ଶିକ୍ଷକତା ଜୀବନରେ ବାପା ଟେଙ୍ଗୁନୁ ସାନ୍ଧ ଓ ମାଆ ସାବିତ୍ରୀ ସାନ୍ଧଙ୍କ ସହଯୋଗ ବେଶ୍ ରହିଛି ବୋଲି କୁହନ୍ତି ସେ। ଘରଠାରୁ ୧ କି.ମି. ଦୂର ସ୍କୁଲରେ ପହଞ୍ଚିବାରେ ପିଲାମାନଙ୍କ ସହଯୋଗକୁ ପ୍ରଶଂସା କରନ୍ତି ଚନ୍ଦ୍ରକାନ୍ତି।

## ପରିଶ୍ରମର ମୂଲ୍ୟ ମିଳିଛି : ସୁପ୍ରିୟା ପାତ୍ର

ସୁପ୍ରିୟା ପାତ୍ର। ଘର ପୁରୀ ଜିଲା ନିମାପଡ଼ା ବ୍ଲକ ଅଣ୍ଟିଆ ସାହିରେ। ବାପା ସ୍ୱର୍ଗତ ସୁରେନ୍ଦ୍ରନାଥ ପାତ୍ର ଓ ମାଆ ଜ୍ୟୋତିବାଳା ପାତ୍ର। ପରିବାରରେ ୪ ଭଉଣୀ। ଜଣେ ଭଉଣୀଙ୍କୁ ଛାଡ଼ିଦେଲେ ବାପାମାଆଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଭିନ୍ନକ୍ଷମ। ଜନ୍ମରୁ ପାର୍ସିଆଲି ସାଇଟେଡ୍ ବ୍ଲାଇଣ୍ଡ ସୁପ୍ରିୟା ନିମାପଡ଼ା କଲେଜରୁ ଓଡ଼ିଆ ଅନର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୦୨ରେ ଯାଜପୁର ଜିଲା ବରୀ ବ୍ଲକ ମାଟିଆପଡ଼ା ଗ୍ରାମର ସଞ୍ଜୀବ କୁମାର ଜେନାଙ୍କୁ ପ୍ରେମ ବିବାହ କଲେ। ପୁଣି ଏମିତି ସଂଯୋଗ ଯେ ସ୍ୱାମୀ ସଞ୍ଜୀବ ମଧ୍ୟ ତାଙ୍କର ଦୁଇ ଆଖି ହରାଇ ସାରିଛନ୍ତି। ଏବେ କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ପାଖରେ ଉଭୟ ସ୍ୱାମୀସ୍ତ୍ରୀ ଘରଭଡ଼ା ନେଇ ରହୁଛନ୍ତି। ଦୁହେଁ ପାଉଛନ୍ତି ଭିନ୍ନକ୍ଷମ ଭତ୍ତା। ସଞ୍ଜୀବ ପେସାରେ ଜଣେ ଆଷ୍ଟ୍ରୋଲୋଜର। ଆଉ ଏଥିପାଇଁ ସମସ୍ତ ଶ୍ରେୟ ସେ ଦିଅନ୍ତି ସୁପ୍ରିୟାଙ୍କୁ। ସୁପ୍ରିୟା ବହୁ କଷ୍ଟରେ ଜାତକ ପଢ଼ି ଶୁଣାନ୍ତି ସ୍ୱାମୀଙ୍କୁ। ଆଉ ଏହାକୁ ଶୁଣି ଭବିଷ୍ୟବାଣୀ ଦିଅନ୍ତି ସଞ୍ଜୀବ। ବିବାହ ପରେ ଆର୍ଥିକ ପରିସ୍ଥିତିକୁ ସୁଧାରିବାକୁ ଉଭୟ ସ୍ୱାମୀ-ସ୍ତ୍ରୀ ମିଶି ବ୍ୟବସାୟ କରିବା ପାଇଁ ଜ୍ୟୋତିଷଶାସ୍ତ୍ର ଲାଇନ୍‌କୁ ପେସା କରିବାକୁ ନିଷ୍ପତ୍ତି ନେଲେ। ଓଡ଼ିଶା ଏବଂ ଓଡ଼ିଶା ବାହାରର ଲୋକଙ୍କୁ ବି ଫୋନ୍ ଯୋଗେ ଭବିଷ୍ୟବାଣୀ ଦେଇ ଉଭୟ ବେଶ୍ କିଛି ରୋଜଗାର କରିପାରୁଛନ୍ତି। ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳୁଛି ଆଉ ଏଥିପାଇଁ ସେମାନେ ଖୁବ୍ ଖୁସି ବୋଲି କୁହନ୍ତି ସୁପ୍ରିୟା।

## ଦିବ୍ୟାଙ୍ଗ ବୋଲି ନିଜକୁ କେବେ ଭାବିନି : ଜ୍ୟୋସ୍ନାରାଣୀ ନାୟକ

ଦିବ୍ୟାଙ୍ଗ ହେଲେ ମଧ୍ୟ ସେ କେବେ ହାର୍ ମାନିନାହାନ୍ତି। ପିଲାବେଳୁ ନିଜ ଗୋଡ଼ରେ କିପରି ନିଜେ ଛିଡ଼ାହେବେ ସେ ନେଇ ନିଜକୁ ପ୍ରସ୍ତୁତ କରିସାରିଥିଲେ। ଆଉ ତାଙ୍କର ଏହି ନିଶା ଆଜି ତାଙ୍କୁ ସ୍ୱାବଲମ୍ବୀ କରାଇପାରିଛି। ଜନ୍ମରୁ ତାଙ୍କର ମେରୁଦଣ୍ଡ (ସ୍ପାଇନାଲ୍ କଡ୍)ରେ ସମସ୍ୟା ରହିଛି। କିନ୍ତୁ ନିଜକୁ କେବେ ଦିବ୍ୟାଙ୍ଗ ବୋଲି ଭାବନ୍ତିନି ସେ। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍ ଗୋଡ଼ା ଗ୍ରାମର ଜ୍ୟୋସ୍ନାରାଣୀ ନାୟକ। ବାପା ଶତ୍ରୁଘ୍ନ ନାୟକ ଓ ମାଆ ସ୍ୱର୍ଗତ ସଜନୀ ନାୟକ। ୪ ଭଉଣୀ ୨ ଭାଇରେ ତାଙ୍କ ପରିବାର। ବାପାମାଆଙ୍କର ସାନ ଝିଅ ସେ। ରେଭେନ୍‌ଶା କଲେଜରୁ ରାଜନୀତି ବିଜ୍ଞାନରେ ଗ୍ରାଜୁଏସନ ସାରି ବାଣୀବିହାରରେ ଲାଇବ୍ରେରି ଆଣ୍ଡ୍ ଇନ୍‌ଫର୍ମେଶନ ସାଇନ୍ସରେ ପିଜି କଲେ। ଏବେ ତିର୍ତ୍ତୋଲ ବ୍ଲକରେ ଏନ୍‌ଆର୍‌ଏଲ୍‌ଏମ୍ (ଜାତୀୟ ଗ୍ରାମୀଣ ଜୀବିକା ମିଶନ)ରେ କାର୍ଯ୍ୟରତ। ଏହା ପୂର୍ବରୁ ୱାର୍ଲ୍ଡ ବ୍ୟାଙ୍କ୍ ପ୍ରୋଜେକ୍ଟରେ ୫ ବର୍ଷ ଧରି କାମ କରିଥିଲେ।

## ନିଜ ଖର୍ଚ୍ଚ ନିଜେ ଉଠାଉଛି : ପ୍ରଣତି ସାହୁ

ଛୋଟ ବେଳୁ ତାଙ୍କର ନିଶା ଥିଲା ବଡ଼ ହେଲେ ଚାକିରି କରିବେ। ବର୍ତ୍ତମାନ ସମୟରେ ପ୍ରତିଟି ମହିଳା ଆତ୍ମନିର୍ଭରଶୀଳ ହେବା ଜରୁରୀ ବୋଲି କୁହନ୍ତି ସେ। ଜନ୍ମ ହେବାର ୩ ବର୍ଷ ପରେ ତାଙ୍କ ବାମ ଗୋଡ଼ ପୋଲିଓରେ ଆକ୍ରାନ୍ତ ହେଲା। କିନ୍ତୁ ଏଥିରେ ସେ ଭାଙ୍ଗି ପଡ଼ି ନ ଥିଲେ। ବରଂ ତାଙ୍କର ଲକ୍ଷ୍ୟପଥରେ ଆଗେଇ ଚାଲିଲେ। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ବ୍ଲକ ସିଂହାଳ ଭଗବାନପୁରର ପ୍ରଣତି ସାହୁ। ବାପା ସ୍ୱର୍ଗତ ଶରତ ଚନ୍ଦ୍ର ସ୍ୱାଇଁ ଓ ମାଆ ସ୍ୱର୍ଗତ ଶାନ୍ତିଲତା ସ୍ୱାଇଁ। ପରିବାରରେ ୨ ଭାଇ ଓ ୨ ଭଉଣୀ। ପ୍ରଣତି ପାଟକୁରାସ୍ଥିତ କୋରୁଅ ଓମେନ୍ସ କଲେଜରୁ ଯୁକ୍ତ ତିନି ପାସ୍ କଲେ। ପରେ ଏକ ଟ୍ରାଭେଲ୍ ଏଜେନ୍ସିରେ ୩ ବର୍ଷ କାମ କଲେ। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ବାପୁଜୀନଗରରେ ଏକ ପ୍ରାଇଭେଟ୍ କମ୍ପାନୀରେ ସେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ଟ୍ରାଇ ହ୍ୱିଲର ସ୍କୁଟିରେ ସେ ଅଫିସ୍‌କୁ ଯାଆନ୍ତି। ସମାଜସେବା କାର୍ଯ୍ୟରେ ବି ନିଜକୁ ନିୟୋଜିତ ରଖିଛନ୍ତି ପ୍ରଣତି। ଖରାଦିନେ ଜଳଛତ୍ରଠାରୁ ଆରମ୍ଭକରି ବର୍ଷାଦିନେ ସ୍କୁଲ୍, କଲେଜ ଓ ରାସ୍ତାକଡ଼ରେ ବୃକ୍ଷରୋପଣ କରିବା ସହ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମରେ ବି ସେ ନିଜକୁ ଜଡ଼ିତ ରଖନ୍ତି। ୧୩ ବର୍ଷ ହେବ ଆତ୍ମନିର୍ଭରଶୀଳ ହୋଇ ନିଜ ଖର୍ଚ୍ଚ ନିଜେ ଉଠାଇ ପାରୁଥିବାରୁ ସେ ଖୁବ୍ ଖୁସି ବୋଲି କୁହନ୍ତି ପ୍ରଣତି। – ଦେବସ୍ମିତା ମହାନ୍ତି

---

# ଗୃହିଣୀଙ୍କ ପାଇଁ



- ଶପିଂକୁ ଯିବା ପୂର୍ବରୁ ଆପଣଙ୍କ ଗ୍ରୋସରିର ଲିଷ୍ଟ୍ ମୋବାଇଲରେ ସେଭ୍ କରନ୍ତୁ। ଏପରି କଲେ ଆପଣ କୌଣସି ଦୋକାନକୁ ଯାଇ ସାମଗ୍ରୀ ଆଣିବାକୁ ଭୁଲିବେ ନାହିଁ।
- ଡଷ୍ଟବିନ୍‌ର ତଳଭାଗରେ ପୁରୁଣା ଖବରକାଗଜ ପକାନ୍ତୁ। ଏହାଦ୍ୱାରା କୌଣସି ଲିକ୍ୱିଡ୍ ବା ଅପରିଷ୍କାର ଡଷ୍ଟବିନ୍‌ରେ ଲାଗି ରହିବ ନାହିଁ।
- ଟବ୍ ଏବଂ ବେସିନ୍‌କୁ ସଫା କରିବାକୁ ହେଲେ ଏଥିରେ ବାଥ୍‌ରୁମ୍ କ୍ଲିନର ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ପରେ ସଫା କରନ୍ତୁ।

ଫ୍ୟାଶନ

# ଟ୍ରାଇବାଲ୍ ପ୍ରିଣ୍ଟ



ଖରାଦିନେ ଟ୍ରାଇବାଲ୍ ପ୍ରିଣ୍ଟର ରହିଛି ଡିମାଣ୍ଡ। ସ୍କର୍ଟ, ଟପ୍ସ୍, ବ୍ଲାଉଜ୍, ଶର୍ଟସରେ ବି ଏହି ପ୍ରିଣ୍ଟକୁ ଆପଣାଇପାରିବେ..

– ଜ୍ୟାମେଟ୍ରିକ୍ ସେପ୍ସ ଏବଂ ଆବ୍‌ଷ୍ଟ୍ରାକ୍ଟସ୍ ଲାଇନ୍ସର ଟ୍ରାଇବାଲ୍ ପ୍ରିଣ୍ଟ ମାର୍କେଟରେ ମିଳୁଛି। ଟ୍ରାଇବାଲ୍ ପ୍ରିଣ୍ଟସରେ ବ୍ରାଇଟ୍ ରେଡ୍, ପିଙ୍କ୍, ଅରେଞ୍ଜ୍, ଗ୍ରୀନ୍, ଲାଇମ୍ ଗ୍ରୀନ୍, ବ୍ଲୁ ଭଳି କଲର କମ୍ବିନେଶନ ମାନିଥାଏ।

– ଟ୍ରାଇବାଲ୍ ପ୍ରିଣ୍ଟସ ଆପଣଙ୍କର କ୍ଲାସିକ୍ ଲୁକ୍‌କୁ କଲରଫୁଲ୍ ଏବଂ ପର୍ସନାଲିଟିକୁ ବେଶ୍ ମ୍ୟାଚିଂ କରିଥାଏ। ପ୍ଲେନ୍ ବ୍ଲୁ ଜିନ୍ସ ବା ଧଳା ଶାର୍ଟ ସହ ମିକ୍ସ ଏଣ୍ଡ ମ୍ୟାଚ୍ କରି ପିନ୍ଧନ୍ତୁ। ଏହା ଆପଣଙ୍କୁ ଡିଫରେଣ୍ଟ ଲୁକ୍ ଦେବ।

– ପ୍ଲେନ୍ ଜିନ୍ସ ସହ ଟ୍ରାଇବାଲ୍ ପ୍ରିଣ୍ଟର ଶାର୍ଟ ଆପଣଙ୍କୁ କଲରଫୁଲ୍ ଲୁକ୍ ଦେଇଥାଏ। ଧଳା ଶାର୍ଟ ସହ ଟ୍ରାଇବାଲ୍ ପ୍ରିଣ୍ଟର ସ୍କର୍ଟ ବା ପ୍ଲାଜୋ ପ୍ୟାଣ୍ଟସ ମ୍ୟାଚିଂ କରିଥାଏ। ଟ୍ରାଇବାଲ୍ ପ୍ରିଣ୍ଟର ମ୍ୟାକ୍ସି ଡ୍ରେସ୍ ବି ଆପଣାନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।



ଖାଦ୍ୟରୁଚି

### ଆବଶ୍ୟକ ସାମଗ୍ରୀ

ଚକଟାଯାଇଥିବା ପନିର – ୧/୨ କପ୍, ମିଲ୍କ ମେଡ୍ – ୧/୪, କ୍ଷୀର – ୧ଲିଟର, ଚିନି –୨୫୦ ଗ୍ରାମ୍, ପେସ୍ତା ବାଦାମ, କିସ୍‌ମିସ୍, ଅଳେଇଚ ପାଉଡର।

### ପ୍ରସ୍ତୁତି ପ୍ରଣାଳୀ

ପନିର ଖିରି ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଗ୍ୟାସ୍ ଅନ୍ କରି ପ୍ୟାନ୍‌କୁ ଗରମ କରନ୍ତୁ। ଏବେ ଏଥିରେ ପନିରକୁ ପକାନ୍ତୁ। ତୁରନ୍ତ ଏଥିରେ କ୍ଷୀର ମିଶାନ୍ତୁ। ଯେପରି ଗୋଟା ଗୋଟା ହୋଇ ନ ରହିବ ସେଥିଲାଗି ୫-୬ ମିନିଟ୍ ପର୍ଯ୍ୟନ୍ତ ଲଗାତର ଗୋଳାନ୍ତୁ। ଚିନି ପକାନ୍ତୁ। ଏବେ ଏହି ମିଶ୍ରଣରେ ମିଲ୍କ ମେଡ୍ ମିଶାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଅଳେଇଚ ପାଉଡର, କିସ୍‌ମିସ୍ ଏବଂ ବାଦାମ ମିଶାନ୍ତୁ। ଅନ୍ୟ ଡ୍ରାଏ ଫ୍ରୁଟ୍‌ସ ଗାର୍ନିସ କରି ପକାନ୍ତୁ। ପ୍ରସ୍ତୁତ ହୋଇଗଲା ପନିର ଖିରି। ଗରମ ଗରମ କିମ୍ବା ଆପଣ ଚାହିଁଲେ ଫ୍ରିଜ୍‌ରେ ରଖି ଥଣ୍ଡା କରି ଖାଇପାରିବେ।



ସୌନ୍ଦର୍ଯ୍ୟ

# ଖରାଦିନେ ତ୍ୱଚାର ଯତ୍ନ

ଖରାଦିନେ ସାଧାରଣତଃ ତ୍ୱଚା ମଳିନ ପଡ଼ିଯାଏ। ଆପଣ ଚାହିଁଲେ କିଛି ଟିପ୍ସ ଆପଣାଇ ଏଥିରୁ ଆରାମ ପାଇପାରିବେ...



– କଟନ କପଡ଼ାରେ ବରଫ ଖଣ୍ଡକୁ ରଖି ମୁହଁରେ ଘଷନ୍ତୁ। ଏହାଦ୍ୱାରା ତ୍ୱଚାକୁ ଆରାମ ମିଳିଥାଏ ଏବଂ ତ୍ୱଚା କୋମଳ ରହିଥାଏ।

– ସୂର୍ଯ୍ୟକିରଣରେ ମୁହଁ ମଳିନ ପଡ଼ିଯାଇଥିଲେ ବାରମ୍ବାର ଥଣ୍ଡାପାଣିରେ ମୁହଁ ଧୁଅନ୍ତୁ।

– ଟମାଟୋ ପେଷ୍ଟ ପ୍ରସ୍ତୁତକରି ମୁହଁରେ ଲଗାନ୍ତୁ। ଦେଖିବେ ତ୍ୱଚାକୁ କିଛି ମାତ୍ରାରେ ଆରାମ ମିଳିବ।

– ଗୋଲାପ ଜଳରେ ତରଭୁଜ ରସ ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ।

– ଏକ ଚାମଚ ମହୁରେ ଦୁଇଚାମଚ ଲେମ୍ବୁରସ ମିଶାଇ ମୁହଁରେ ଲଗାନ୍ତୁ। ଅଧଘଣ୍ଟା ପରେ ମୁହଁ ଧୋଇଦିଅନ୍ତୁ। ପ୍ରତିଦିନ ଆପଣ ଚାହିଁଲେ ଏପରି କରିପାରିବେ।

– ମୁଠାଏ ରାଶିକୁ ପେଷି ଅଧାକପ୍ ପାଣିରେ ଭିଜାନ୍ତୁ। ଦୁଇଘଣ୍ଟା ପରେ ଏହାକୁ ଛାଣି ମୁହଁକୁ ଧୁଅନ୍ତୁ। ମଳିନ ପଡ଼ିଯାଇଥିବା ତ୍ୱଚାକୁ ଆରାମ ମିଳିବ।



## ସଂକ୍ଷେପରେ

### ବିମାନରେ ମିଳିବ ଇଣ୍ଟରନେଟ ସେବା

#### ସରକାର ଦେଲେ ଅନୁମତି



**ନୂଆଦିଲ୍ଲୀ, ୨-୩:** ବିମାନ ଯାତ୍ରୀଙ୍କ ଲାଗି ଖୁସି ଖବର। ଦେଶ ମଧ୍ୟରେ ଏବେ ବିମାନ ଯାତ୍ରା ଉପରେ ଯାତ୍ରୀ ଇଣ୍ଟରନେଟ ସେବାର ଲାଭ ଉଠାଇ ପାରିବେ। ବିମାନ ଉଡାଣ ସମୟରେ ୱାଇଫାଇ ମାଧ୍ୟମରେ ଇଣ୍ଟରନେଟ ସେବା ଯୋଗାଇ ଦେବା ଲାଗି ସରକାର ଅନୁମତି ପ୍ରଦାନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ଅଧିସୂଚନା ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ବିମାନ ଅଧିନିୟମ ୧୯୩୭ରେ ସଂଶୋଧନ କରାଯାଇଥିବା ଜଣାପଡିଛି। ନୂଆ ନିୟମ ମୁତାବକ ପାଇଲଟ ଇନ୍ କମାଣ୍ଡ ଉଡାଣ ସମୟରେ ୱାଇଫାଇ ଦ୍ୱାରା ଯାତ୍ରୀଙ୍କୁ ଇଣ୍ଟରନେଟ ବ୍ୟବହାର ନେଇ ଅନୁମତି ପ୍ରଦାନ କରିପାରିବେ। ଯାତ୍ରୀ ଇଣ୍ଟରନେଟ ମାଧ୍ୟମରେ ଲ୍ୟାପଟପ, ସ୍ମାର୍ଟଫୋନ,ଇ-ରିଡର, ସ୍ମାର୍ଟୱାଚ ଟ୍ୟାବଲେଟ ଭଳି ଉପକରଣ ବ୍ୟବହାର କରିପାରିବେ। ପାଗ ଖରାପ କିମ୍ବା ଭିଜିବିଲିଟି କମ୍ ରହୁଥିଲେ ଏହି ସେବାକୁ ପାଇଲଟ ବନ୍ଦ କରିପାରିବେ ବୋଲି ନିୟମରେ ଉଲ୍ଲେଖ ରହିଛି। ପୁରୁଣା ନିୟମ ମୁତାବକ ଫ୍ଲାଇଟରେ ପାଇଲଟ କିମ୍ବା ବିମାନ ଯାତ୍ରୀ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ନ କରିବା ନେଇ କୁହାଯାଇଥିଲା। ଯାହାକୁ ଏବେ ସଂଶୋଧନ କରାଯାଇଛି। ନୂଆ ବିଜ୍ଞପ୍ତି ମୁତାବକ ବିମାନ ଲ୍ୟାଣ୍ଡ କରିବା କିମ୍ବା ରନ୍‌ୱେରେ ଥିବା ଯାଏ ଇଣ୍ଟରନେଟ ସେବା ଉପଲବ୍ଧ ହେବ ନାହିଁ ବୋଲି କୁହାଯାଇଛି। ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ବ୍ୟବହାର କରିବା ସମୟରେ ଯାତ୍ରୀ ସେମାନଙ୍କ ଡିଭାଇସ୍‌କୁ ଫ୍ଲାଇଟ କିମ୍ବା ଏରୋପ୍ଲେନ ମୋଡ୍‌ରେ ରଖି ପାରିବେ।

### ସୋନୀର ନୂତନ ଓ୍ୟାରଲେସ୍ ହେଡ୍‌ଫୋନ୍



**ନୂଆଦିଲ୍ଲୀ, ୨-୩:** ସୋନୀ ପକ୍ଷରୁ ଭାରତ ବଜାରରେ ଏହାର ଡବ୍ଲ୍ୟୁଏଚ୍-ଏଚ୍୯୧୦ଏନ୍ ହେଡ୍‌ଫୋନ୍‌ର ଶୁଭାରମ୍ଭ କରାଯାଇଛି। ନଏଜ୍ କ୍ୟାନ୍‌ସେଲେସନ୍ ପ୍ରଯୁକ୍ତିରେ ନିର୍ମିତ ଏହି ହେଡ୍‌ଫୋନ୍ ୟୁଜରଙ୍କୁ ଏକ ଚମତ୍କାର ଶ୍ରବଣ ଅନୁଭୂତି ପ୍ରଦାନ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ଓ୍ୟାରଲେସ୍ ହେଡ୍‌ଫୋନରେ ରହିଛି ହାଇ-ରେସ୍ ଅଡିଓ, କ୍ୱିକ୍ ଆଟେନ୍‌ସନ୍ ମୋଡ୍, ସେନ୍ସ ଇନ୍, ଟଚ୍ ସେନ୍‌ସର୍, ଆମାଜନ୍ ଆଲେକ୍ସା, ଗୁଗଲ ଆସିଷ୍ଟାନ୍ସ, ଉତ୍ତମ ବ୍ଲୁଟୁଥ୍ କନେକ୍ସନ୍ ପାଇଁ ଏଲ୍‌ଡିଏସି, ଡିଜିଟାଲ୍ ସାଉଣ୍ଡ ଏନ୍‌ହାନ୍ସମେଣ୍ଟ ଇନ୍ ଏଚ୍‌ଏକ୍ସ,୩୬୦ ରିଏଲିଟି ଅଡିଓ ଭଳି ଚମତ୍କାର ବୈଶିଷ୍ଟ୍ୟ। ଏହା ବାଦ ଉନ୍ନତ ବ୍ୟାଟେରି ବ୍ୟାକ୍‌ଅପ୍, କ୍ୱିକ୍ ଚାର୍ଜ ପ୍ରଯୁକ୍ତି ଗ୍ରାହକଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

> ଏୟାର ଇଣ୍ଡିଆର ବିଭିନ୍ନ ପ୍ରସଙ୍ଗକୁ ନେଇ ବର୍ତ୍ତମାନ ତର୍ଜମା କରାଯାଉଛି। ବିଡିଂ ପରିମାଣ କ'ଣ ରହିବ ତାହା ପରିବର୍ତ୍ତୀ ପର୍ଯ୍ୟାୟରେ ବିଚାରକୁ ନିଆଯିବ।
> **– ଭାସ୍କର ଭଟ୍ଟ, ଭିସ୍ତାରା ଅଧ୍ୟକ୍ଷ**



> କୃଷକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଚଳିତ ମାସ ୧୫ ତାରିଖରୁ ପୁଣି ଥରେ ପୂର୍ବଭଳି ପିଆଜ ରପ୍ତାନି କରିବାକୁ ଅନୁମତି ଦେବା ଲାଗି ସରକାର ଯୋଜନା ରଖିଛନ୍ତି।
> **– ପୀୟୁଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ**



# କରୋନା ଯୋଗୁ ଶିଳ୍ପ ଜଗତ କାର୍ଯ୍ୟକଳାପ ହ୍ରାସ

- ବିଶ୍ୱ ବଜାରରେ ଆସିପାରେ ମାନ୍ଦାବସ୍ଥା: ଓଇସିଡି
- ପେଟ୍ରୋଲିୟମ ଉଦ୍ୟୋଗର ଆମେରିକା ସମ୍ମିଳନୀ ବାତିଲ
- ହୀରା ବ୍ୟବସାୟକୁ ଲାଗିପାରେ ୧୯ ବିଲିୟନର ଝଟକା
- ରପ୍ତାନି,ଆମଦାନୀ ପ୍ରଭାବିତ ସ୍ଥିତିରେ
- ସେନସେକ୍ସରେ ୧୫୩ ପଏଣ୍ଟ ହ୍ରାସ
- କୁକୁଡ଼ା ପାଳନ କ୍ଷେତ୍ରର ୧୭୫୦ କୋଟି କ୍ଷତି



**ନୂଆଦିଲ୍ଲୀ, ୨-୩**

କରୋନା ଭାଇରସର ସଂକ୍ରମଣ ବଢିବା ଯୋଗୁ ଫେବୃୟାରୀରେ ଭାରତର ଶିଳ୍ପ ଜଗତ କାର୍ଯ୍ୟକଳାପ ହ୍ରାସ ଘଟିଛି। ଏହି ସମୟରେ ଶିଳ୍ପସଂସ୍ଥାଗୁଡିକର ଅଭିବୃଦ୍ଧି କମିଥିବା ସୋମବାର ଏକ ମାସିକ ସର୍ବେକ୍ଷଣରୁ ଏଭଳି ରିପୋର୍ଟ ସାମ୍ନାକୁ ଆସିଥିବା ଜଣାପଡିଛି। ଆଇଏଚ୍‌ଏସ୍ ମାର୍କିଟ୍ ଇଣ୍ଡିଆ ମାନୁଫାକଚରିଂ ସେକ୍ଟର ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ଚଳିତ ବର୍ଷ ଫେବୃୟାରୀରେ ୫୪.୫% ସ୍ତରରେ ରହିଛି। ଜାନୁୟାରୀରେ ଏହା ୫୫.୩% ସ୍ତରରେ ରହିଥିଲା। ପିଏମ୍‌ଆଇ ଜାନୁୟାରୀରେ ୮ ବର୍ଷର ସବୁଠାରୁ ସର୍ବୋଚ୍ଚ ସ୍ତରରେ ରହିଥିଲା। ଗତ ୩୧ ମାସ ହେବ ଲଗାତର ଭାବେ ଦେଶର ମାନୁଫାକଚରିଂ କ୍ଷେତ୍ର ପିଏମ୍‌ଆଇ ୫୦ ସ୍ତରରୁ ଉପରେ ରହିଛି। ପିଏମ୍‌ଆଇ ୫୦ସ୍ତରରୁ ଉପରକୁ ରହିଲେ ଶିଳ୍ପର ବିକାଶ ଧାରା ଅବ୍ୟାହତ ରହିଛି ବୋଲି ବିଚାର କରାଯାଏ। ୫୦ସ୍ତରରୁ ତଳକୁ ଖସିଲେ ଏଥିରେ ହ୍ରାସ ହୋଇଥିବା ବିବେଚନା କରାଯାଏ। ଜାନୁୟାରୀ ତୁଳନାରେ ବିକାଶ ହାର କମ୍ ରହିଥିବା ବେଳେ ବିକାଶ ଧାରା ଆଗାମୀ ଦିନରେ ଉନ୍ନତ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଆଇଏଚ୍‌ଏସ୍ ମାର୍କିଟର ମୁଖ୍ୟ ଅର୍ଥନୀତିଜ୍ଞ ପଲିଆନା ଡି.ଲିମା କହିଛନ୍ତି ଯେ, ଆଗାମୀ ଦିନରେ ଫ୍ୟାକ୍ଟ୍ରିଗୁଡିକର ଉତ୍ପାଦନରେ ଅଭିବୃଦ୍ଧି ଆଶା ରହିଛି। କରୋନା ଯୋଗୁ ଏବେ ଦେଶର ସାମଗ୍ରୀ ରପ୍ତାନି ଏବଂ ଆମଦାନୀ କ୍ଷେତ୍ର ଗଭୀର ପ୍ରଭାବିତ ହୋଇଛି। ଏହି ଧାରାକୁ ନେଇ ବ୍ୟବସାୟୀ ଆଶଙ୍କାରେ ରହିଛନ୍ତି। କରୋନା ଭାଇରସ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ତ ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପକୁ ଠପ୍ କରି ରଖି ଦେଇଛି। ଏହାର ପ୍ରଭାବ ପ୍ରମୁଖ ଉଦ୍ୟୋଗ କ୍ଷେତ୍ରଗୁଡିକରେ ଦେଖାଯାଇଛି।

କରୋନା ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥା ଆସିପାରେ ବୋଲି ଆର୍ଥିକ ସହଯୋଗ ଏବଂ ବିକାଶ ସଙ୍ଗଠନ(ଓଇସିଡି) ପକ୍ଷରୁ କୁହାଯାଇଛି। ଏହାବାଦ କରୋନା ଭୟରେ ପେଟ୍ରୋଲିୟମ ଉଦ୍ୟୋଗ ପକ୍ଷରୁ ଆମେରିକାରେ ହେବାକୁ ଥିବା ବିଶ୍ୱସ୍ତରୀୟ ସମ୍ମିଳନୀକୁ ବାତିଲ କରାଯାଇଛି। କରୋନା ଯୋଗୁ ୨୦୨୦-୨୧ରେ ଭାରତୀୟ ହୀରା ଶିଳ୍ପକୁ ୧୯ ବିଲିୟନ ଡଲାରର ପ୍ରଭାବ ପଡିବ। ବିଶେଷ କରି ରପ୍ତାନି ପ୍ରଭାବିତ ହେବା ନେଇ ଅନୁମାନ କରାଯାଉଛି। ସେହିଭଳି ଭାରତରେ ନୂଆ କରୋନା ରୋଗୀ ଚିହ୍ନଟ ହେବା ଯୋଗୁ ସୋମବାର ସେନସେକ୍ସରେ ୧୫୩ ପଏଣ୍ଟ ହ୍ରାସ ଘଟିଥିବା ଜଣାପଡିଛି। ଏହାବାଦ ଦେଶର କୁକୁଡା ପାଳନ କ୍ଷେତ୍ର ଏହି ଭାଇରସ ଯୋଗୁ ସାରା ଦେଶରେ ୧୭୫୦ କୋଟି ଟଙ୍କାର କ୍ଷତି ସହିଛି। ଏହାର ଭରଣା ଲାଗି ଶିଳ୍ପ ପକ୍ଷରୁ ସରକାରଙ୍କ ନିକଟରେ ପ୍ୟାକେଜ ଦାବି କରାଯାଇଛି।



ନିକଟରେ ଅନୁଷ୍ଠିତ ଟାଇମ୍ ବିଜନେସ ଆୱାର୍ଡ ୨୦୨୦ ଉତ୍ସବରେ ଖିମଜୀ ଗ୍ରୁପର ଅଟୋମୋବାଇଲ ଡିଲରଶିପ ଡିଭିଜନ 'କୁୱାସାକି ଭୁବନେଶ୍ୱର' ଦୁଇ ଚକିଆ ଯାନ ବର୍ଗରେ ବେଷ୍ଟ ଅଟୋମୋବାଇଲ ଶୋ'ରୁମ ଭାବେ ସମ୍ମାନୀତ ହୋଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରୁପ ପକ୍ଷରୁ ସୁମୀତ ଖିମଜୀ(ଡାହାଣ), ମାଇଣ୍ଡଟ୍ରିର ସହ ପ୍ରତିଷ୍ଠାତା ସୁବ୍ରତ୍ ବାଗଚୀଙ୍କଠାରୁ ଆୱାର୍ଡ ଗ୍ରହଣ କରୁଛନ୍ତି।

# ବିକାଶ ପୂର୍ବାନୁମାନ ଖସାଇଲା ଫିଚ୍

**୨୦୧୯-୨୦ରେ ଅଭିବୃଦ୍ଧି ୪.୯% ରହିପାରେ**




**ନୂଆଦିଲ୍ଲୀ, ୨-୩**

ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ପୂର୍ବାନୁମାନକୁ ରେଟିଂ ଏଜେନ୍ସି ଫିଚ୍ ସୋମବାର ୪.୯%କୁ ଖସାଇଛି। ଅର୍ଥାତ ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଜିଡିପି ବିକାଶ ହାର ଚଳିତ ବର୍ଷ କମିବ ବୋଲି ଏହା ଅନୁମାନରେ କହିଛି। ଘରୋଇ ବଜାରରେ ଚାହିଦା କମିବା ଏବଂ କରୋନା ଭାଇରସର ପ୍ରଭାବ ଯୋଗୁ ଦେଶର ସପ୍ଲାଇ ଚେନ୍ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଏହା ମତ ପ୍ରକାଶ କରିଛି। ବିକାଶ ହାରରେ ହ୍ରାସ ଏଭଳି ପ୍ରମୁଖ କାରଣ ଯୋଗୁ ହୋଇଥିବା କୁହାଯାଉଛି। ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୫.୯%କୁ ଖସିବା ନେଇ ଏହି ଏଜେନ୍ସି ପୂର୍ବରୁ କହିଥିବା ମାତ୍ର ସ୍ଥିତିରେ ପରିବର୍ତ୍ତନ ଆସିବା ଯୋଗୁ ଏହା ନିଜର ପୂର୍ବାନୁମାନକୁ ପୁଣି କମ୍ କରିବା ସହ ୫.୧%କୁ ଖସାଇଥିଲା। ମାତ୍ର ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୫.୪% ରହିପାରେ ବୋଲି ଏହା ସୂଚନା ଦେଇଛି। ସରକାର ଜାରି କରିଥିବା ଡାଟା ମୁତାବକ ଦେଶର ବିକାଶ ହାର ଚଳିତ ବର୍ଷ ଅକ୍ଟୋବର ଡିସେମ୍ବର ସମୟରେ ୪.୭% ରହିଛି।

୨୦୨୦-୨୧ ଲାଗି ସରକାର ଆଣିଥିବା ସାଧାରଣ ବଜେଟ ଦେଶର ଉଦ୍ୟୋଗ ଜଗତର ବିକାଶ ସାଧନ କରିବାକୁ ସକ୍ଷମ ହୋଇ ପାରିନାହିଁ। ବିଭିନ୍ନ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଦେବାଳିଆ ହେବା ଯୋଗୁ ଉଦ୍ୟୋଗ ଜଗତ ଉପରେ ଏହାର ପ୍ରଭାବ ରହିଛି। ଯାନ ବାହାନ ଏବଂ ହାଉସିଂ କ୍ରୟ ଲାଗି ଏନ୍‌ବିଏଫ୍‌ସି ଏକ ପ୍ରମୁଖ ଚ୍ୟାନେଲ ଭାବେ ଉଭା ହୋଇଥିଲା। କରୋନା ଭାଇରସ ଯୋଗୁ ଅଟୋମୋଟିଭ ଏବଂ ଇଲେକଟ୍ରୋନିକ୍ସ ଉତ୍ପାଦ ସପ୍ଲାଇ ଚେନ୍ ପ୍ରଭାବିତ ହୋଇଥିବା ଏଜେନ୍ସି ରିପୋର୍ଟରେ କରିଛି। ଏହାବାଦ ମାନୁଫାକଚରିଂ କ୍ଷେତ୍ର ଉପରେ ମଧ୍ୟ ଏହା ଗଭୀର ପ୍ରଭାବ ପକାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ମାନୁଫାକଚରିଂ ଏବଂ ସର୍ଭିସ କ୍ଷେତ୍ରରେ ଅଭିବୃଦ୍ଧି ଆସିବ ବୋଲି ଏହା ସୂଚନା ଦେଇଛି। ବଜେଟରେ କୃଷି କ୍ଷେତ୍ର ଲାଗି ହୋଇଥିବା ଘୋଷଣା ଯୋଗୁ ଏହାର ଲାଭ ଲୋକଙ୍କ ନିକଟରେ ପହଞ୍ଚିବ। ଏହା ଦେଶର ଅଭିବୃଦ୍ଧିକୁ ବଢାଇବା ଦିଗରେ ସହାୟକ ହୋଇ ପାରିବ। ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ଯାନ ବାହାନର ମୋଟ ବିକ୍ରି କମି ଥିବା ଯୋଗୁ ଅଟୋମୋବାଇଲ ଶିଳ୍ପ ଅଭିବୃଦ୍ଧି ମାନ୍ଦା ରହିବ। କରୋନା ଯୋଗୁ ଚୀନରୁ ପାର୍ଟସ ଆମଦାନି କ୍ଷତିଗ୍ରସ୍ତ ହେବା ଯୋଗୁ ମାନୁଫାକ୍‌ଚରିଂ କାର୍ଯ୍ୟକଳାପ ପ୍ରଭାବିତ ରହିବ।

## ଡାଲମିଆ ଓସିଏଲ୍ ଚକ୍ଷୁ କେନ୍ଦ୍ରର ୫ମ ବର୍ଷ ପୂର୍ତ୍ତି

**ଭୁବନେଶ୍ୱର,୨-୩**

ଡାଲମିଆ ଓସିଏଲ୍ ଚକ୍ଷୁ କେନ୍ଦ୍ର ରାଜ୍ୟର ସୁନ୍ଦରଗଡ ଜିଲା ଉପେକ୍ଷିତ ବର୍ଗର ଲୋକମାନଙ୍କୁ ସେବା ପ୍ରଦାନ କରିବାରେ ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରିଛି। ୨୦୧୫ରେ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ ଓ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ପକ୍ଷରୁ ମିଳିତ ଭାବେ ଏହି ଚକ୍ଷୁ ପ୍ରତିଷ୍ଠାନକୁ ଶୁଭାରମ୍ଭ କରାଯାଇଥିଲା। ସୁନ୍ଦରଗଡ ଜିଲାକୁ ଅନ୍ଧତ୍ୱମୁକ୍ତ କରିବା ଲକ୍ଷ୍ୟରେ ଏହା ସ୍ଥାପନ ହୋଇଥିଲା। ଚଳିତ ବର୍ଷ ଏହା ଏକ ମାଇଲଖୁଣ୍ଟ ସ୍ଥାପନ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଏଠାରେ ଚିକିତ୍ସା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କ ସଂଖ୍ୟା ୧ ଲକ୍ଷ ଟପିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ସୁନୀଲ କୁମାର ଗୁପ୍ତା, ଏଲଭିପିଇଆଇର ଉପାଧ୍ୟକ୍ଷ ଡ. ତାରା ପ୍ରସାଦ ରଥ ମଧ୍ୟ ଉପସ୍ଥିତ ଥିଲେ।

# ବେରୋଜଗାରି ହାର ବଢ଼ିଲା

**ସିଏମ୍‌ଆଇଇ ରିପୋର୍ଟ**

- ଫେବୃୟାରୀରେ ୪ ମାସର ସର୍ବୋଚ୍ଚ ସ୍ତର ୭.୭୮%
- ଗ୍ରାମୀଣ କ୍ଷେତ୍ରର କମ୍ ଲୋକଙ୍କୁ ମିଳିଛି ରୋଜଗାର
- ସହରୀ କ୍ଷେତ୍ର ବେରୋଜଗାରି ୮.୬୫% ସ୍ତରରେ
- ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଜାରି
- କରୋନା ଯୋଗୁ ଅର୍ଥ ବ୍ୟବସ୍ଥାରେ ସମସ୍ୟା ବଢ଼ିବ

**ନୂଆଦିଲ୍ଲୀ, ୨-୩**

ଚଳିତ ବର୍ଷ ଫେବୃୟାରୀରେ ଦେଶ ମଧ୍ୟରେ ରୋଜଗାରର ସୁଯୋଗ ହ୍ରାସ ଘଟିଛି। ଏହି ସମୟରେ ବେରୋଜଗାରି ହାର ବୃଦ୍ଧି ଘଟି ୭.୭୮% ସ୍ତରରେ ପହଞ୍ଚିଛି। ଏହା ୪ ମାସର ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ଚଳିତ ବର୍ଷ ଜାନୁୟାରୀ ତୁଳନାରେ ଫେବୃୟାରୀର ବେରୋଜଗାରି ହାର ୦.୬୨% ବଢିଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ( ସିଏମ୍‌ଆଇଇ) ପକ୍ଷରୁ ସୋମବାର ଜାରି କରାଯାଇଥିବା ଡାଟା ମୁତାବକ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ଫେବୃୟାରୀର ବେରୋଜଗାରି ହାର ୨୦୧୯ ଅକ୍ଟୋବର ପରଠାରୁ ସବୁଠାରୁ ସର୍ବୋଚ୍ଚ ସ୍ତରରେ ରହିଛି।

ମାନ୍ଦାବସ୍ଥାର ପ୍ରଭାବ ଏବେ ମଧ୍ୟ ଅର୍ଥ ବ୍ୟବସ୍ଥାରେ ରହିଥିବା ରିପୋର୍ଟରେ କୁହାଯାଇଛି। ଏହା ଯୋଗୁ ନିଯୁକ୍ତ ଉପରେ ମଧ୍ୟ ନକରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଛି। ୨୦୧୯ ବର୍ଷ ଶେଷ ତିନି ମାସରେ ଦେଶର ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ମାନ୍ଦାବସ୍ଥା ଜଟିଳ ସ୍ଥିତିଯୋଗୁ ଏବେ ଅର୍ଥ ବ୍ୟବସ୍ଥା ମୁକୁଳି ପାରିନାହିଁ ଫଳରେ ପ୍ରାୟ ସବୁ କ୍ଷେତ୍ରରେ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ଘଟିଛି। ଏହାବାଦ କରୋନା ଯୋଗୁ ଉପୁଜିଥିବା ସମସ୍ୟା ଆର୍ଥିକ ମାନ୍ଦାବସ୍ଥା ସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି।

ସିଏମ୍‌ଆଇଇ ରିପୋର୍ଟ ମୁତାବକ, ଦେଶର ଗ୍ରାମୀଣ କ୍ଷେତ୍ରରେ ଅପେକ୍ଷାକୃତ କମ୍ ଲୋକଙ୍କୁ ରୋଜଗାର ମିଳିଛି। ଏହି କାରଣ ଯୋଗୁ ଗ୍ରାମୀଣ କ୍ଷେତ୍ରରେ ବେରୋଜଗାରି ହାର ୭.୩୭% ସ୍ତରରେ ପହଞ୍ଚିଛି। ଏହା ଜାନୁୟାରୀରେ ୫.୯୭% ସ୍ତରରେ ରହିଥିଲା। ଏହି ସମୟ ମଧ୍ୟରେ ସହରାଞ୍ଚଳରେ ଗରିବୀ ହାର ହ୍ରାସ ଦେଖା ଯାଇଥିବା ଜଣାପଡ଼ିଛି। ସହରାଞ୍ଚଳରେ ବେରୋଜଗାରି ହାର ୯.୭୦%ରୁ ହ୍ରାସ ଘଟି ୮.୬୫% ସ୍ତରକୁ ଖସିଛି। ସୂଚନା ଯୋଗ୍ୟ ସିଏମ୍‌ଆଇଇ ମୁମ୍ବାଇ ଭିତ୍ତିକ ଏକ ଘରୋଇ ଥିଙ୍କ ଟ୍ୟାଙ୍କ।

**ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା.757 | **ସଂଶୋଧନ ନୋଟିସ-୨** | ତା.02.03.2020

ଏତଦ୍ୱାରା ସମାଜ ଓ ଧରିତ୍ରୀରେ ତା.୨୮।୦୨।୨୦୨୦ ସୁବର୍ଣ୍ଣପୁର ପୌର ପରିଷଦର ପ୍ରକାଶ ପାଇଥିବା ନୋଟିସ ନଂ.୭୦୧ ତା.୨୬।୦୨।୨୦୨୦ ନିଲାମ ନୋଟିସର କ୍ର.ନଂ.୧୨ (ହୋର୍ଡିଂ)ର ଅମାନତ ଜମା ଟ.୩୩,୦୦୦/- ଓ ଅପ୍‌ସେଟ୍ ମୂଲ୍ୟ ଟ.୧,୧୦,୦୦୦/- ପଢିବାକୁ ଅନୁରୋଧ। ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁବର୍ଣ୍ଣପୁର

**Office of the Principal**
**Pathani Samanta Degree College, Khandapara**
Dist-Nayagarh, Odisha, PIN-752077
e-Mail- pscollege.khandapara@gmail.com, website: www.pscollege.co.in

Tender No.01 | **TENDER CALL NOTICE** | Dt.03.03.2020

Sealed tenders are invited from registered manufactures firms/ suppliers / authorized dealers having GST, PAN registration number with IT clearance for providing computer equipments, multifunctional printers, water purifier with cooler, furniture, UG-CBCS text books, Laboratory equipments by Registered post/Speed post on or before 24.03.2020 by 1.00 P.M. The items shall be purchased from World Bank, OHEPEE funds. The details of the requirements with the specification, terms and conditions are available in the college website: **www.pscollege.co.in**. The undersigned reserves the right to cancel part or whole of tenders/quotations without specify to any reason thereof.

Sd./- Principal
Pathani Samanta Degree College, Khandapara

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,** No. CAD-1050
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
OHPC ISO 9001-14001 18001 Certified

**1st CORRIGENDUM TO TENDER CALL NOTICE NO. 33/2019-20 DATE 28.02.2020**

Name of work: **Hiring of One No. Light Vehicle (Mahindra Bolero / TUV300 / Tata Sumo Gold / Ertiga) or equivalent vehicle for UIHEP, Mukhiguda For (03) Three Years.**

The EMD of this office Tender Call Notice No.33/2019-20 Dtd.28.02.2020 for – **"Hiring of One No. Light Vehicle (Mahindra Bolero / TUV300 / Tata Sumo Gold / Ertiga) or equivalent vehicle for UIHEP, Mukhiguda for (03) Three Years"** is hereby corrected to Rs. 10,000/-

All other terms and conditions of the original tender call notice remain unaltered.

For details of the tender documents, terms and conditions please visit our website www.ohpcltd.com

Sd./- Unit Head, UIHEP, Mukhiguda
OIPR-32136/11/0039/1920

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

**Bid identification no :- VI-30(05)/SERIFED/2019-20/224/28.02.2020**

The MANAGING DIRECTOR (SERIFED), Odisha, Bhubaneswar invites Item rate Tender in single cover system in ONLINE MODE only, for the work "Renovation of Art & Craft Show House for SIDAC" at Gandamunda, Bhubaneswar. The Bidders have to participate in ONLINE bidding only. The bid document such as DTCN/BOQ etc. can be seen/downloaded from the government website : www.tendersodisha.gov.in during the period **dt.04.03.2020** to **17.00 hours** up to **dt.21.03.2020**. Online bids shall be received till **17.00 hours** till **dt.21.03.2020**. Any addendum / corrigendum / cancellation tender can also be seen in the said website.

Sd/- Managing Director

**GOVERNMENT OF ODISHA** NO. A-729
**DEPARTMENT OF WATER RESOURCES,**
**OFFICE OF THE EXECUTIVE ENGINEER, JONK IRRIGATION DIVISION, NUAPADA**
**e-Procurement Notice No-(JID) 04/2019-20**
**e-mail address: ee.jid.npd@gmail.com**
**PERCENTAGE RATE e-TENDER**

1. The Executive Engineer Jonk Irrigation Division, Nuapada, Dist-Nuapada, Pin-766105, (Odisha) on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM**, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No | BID ID No(JID) 13/19-20 TO (JID) 23/2019-20 |
| Name of Work | 11, (Eleven) Nos. C.C. guard wall & protection wall |
| Approximate value of work | Varies Rs.8.88 to Rs.49.02 Lakhs (Excluding GST) |
| Period of Completion | 06, (Six) calendar Months. |
| Classification of Bidder | 'D', 'C', 'B' & 'A' class Contractor only |
| Bid documents available Date and Time. | 06.03.2020 to 16.03.2020 up to 17.00 Hrs |
| Bid clarification start date & Closing date. | 06.03.2020 to 16.03.2020during office hours |
| Date, Time and Venue of opening of bid online. | 18.03.2020 at 11.30Hrs at O/o the Executive Engineer, Jonk Irr Division, Nuapada |
| If stipulation arises the Tender will be decided through transparency Lottery System. | 25.03.2020 at 11.30Hrs at O/o the Executive Engineer, Jonk Irr Division, Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Executive Engineer,
Jonk Irrigation Division, Nuapada.
OIPR-32393/11/0008/1920

ଓଡ଼ିଶା ସରକାର
**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA, 3RD FLOOR, HEADS OF DEPARTMENT BUILDING, BHUBANESWAR-751001**
Email-secyelbo@nic.in, Fax/Ph.0674-2394572

**NOTICE TO THE QUALIFIED CANDIDATES OF SCC (MV&HT) WRITTEN EXAMINATION-2019 FOR APPEARING THE PRACTICAL & ORAL TEST**
**No.329 dtd.29.02.2020**

**No.AA-21:-** Pursuant to the advertisement No.838 dated 06.08.2019, the result of written test held on 24.11.2019 for SCC (MV&HT) Examination-2019 including endorsement of mining has been published & uploaded in the official website.

The practical & oral test will be held in two dates i.e. on 21.03.2020 & 22.03.2020 from 9:00 AM onwards at OPTCL, Power Training Centre, Chandaka 220/132KV Grid Sub-Station Campus, Near KIIT University, Bhubaneswar-24. For details about the date, time of practical and oral test along with instructions, please visit official Website: **eicelectricityodisha.nic.in**. The qualified candidates are advised to report themselves at the aforesaid venue on the mentioned date & time with all required documents for appearing the practical & oral test.

Sd./-
EIC (Electricity)-cum-PCEI
Odisha, Bhubaneswar
OIPR- 04004/11/0018/1920

**OFFICE OF THE CDM&PHO, NAYAGARH**

**SHORT TENDER CALL NOTICE**

**Notice No. 801** **Date: 02.03.2019**

Sealed tenders are invited from the interested eligible bidders for supply E-Rickshaw to DHH, Nayagarh. The eligible criteria, terms of reference and formats for submission of bid as set forth in the tender document can be downloaded from the website **www.nayagarh.nic.in**. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: CDM & PHO, Nayagarh. Proposal(s) complete in all respect should reach the undersigned on or before 03.00 PM of 17.03.2020 through Regd/Speed Post/ Courier and the same will be opened on 18.03.2020 at 11.00 AM. The undersigned reserves the right to reject any or all the tender(s) without assigning any reason thereof.

Sd./-
**Chief District Medical & Public Health Officer, Nayagarh**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
Regd.Office: Janpath, Bhubaneswar-751022, Telephone: (0674) 2540051 (EPABX), Website: www.optcl.co.in, CIN:U4102OR2004SGC007553

**Request for Proposal (RFP)**

No. GL-VI-29/2019/5321 Dt. 27.02.2020

For and on behalf of OPTCL, the undersigned invites Request for Proposal (RFP)s under two part bidding system from the recognized, registered and experienced Agency for Providing Cleaning, Housekeeping & Sanitation works at OPTCL, Head Qrs. Office, Bhubaneswar for a period of Three year (03) from the date of commencement of the Agreement on contract basis. Complete set of bidding documents are available in OPTCL's official website **http:/www.optcl.co.in** from-**04.03.2020 (10.00 AM)** up-to **24.03.2020 (05.00 PM)**. Interested Agencies may visit OPTCL website for detail specification. The last date of submission RFP is **24.03.2020 (05.00 PM).**

**N.B:-** All subsequent addendums/corrigendum to the Request for Proposal (RFP) shall be hosted in the OPTCL's official website **http://www.optcl.co.in** only. OPTCL has the right to accept or reject any or all the RFP without assigning any reasons thereof.

Sd/-
Sr. General Manager (HRD) Gen, Admin.
CR-Advt.No.- 28/2019-20

Please connect us: optcl.odisha optcl_odisha energyodisha

**OFFICE OF THE COLLECTOR & DISTRICT MAGISTRATE, KEONJHAR**
**(ST & SC DEVELOPMENT SECTION)**
***OFFICE ORDER***

**(Estt-XII-03/2020)No. 793/ Welfare/Dated the 2nd March, 2020**

The Provisional Merit Lists (School wise), Select List for verification of certificates and Reject List of candidates, pursuant to Advertisement No. 96/ Welfare/Dated 07.01.2020 for engagement of Lady Matrons in ST&SC Development Deptt. Schools/Hostels of Keonjhar District are hereby published in the Notice Board of the DWO/All BDOs of Keonjhar District and in the District Website **www.kendujhar.nic.in** till 11.03.2020 for information of all concerned. The candidates in the Select List (7 candidates) are hereby instructed to attend certificate programme to be held on **11.03.2020 at 10.30 AM** in the District Welfare Office, Keonjhar with all original certificates/ documents.

The candidate who fails to attend the verification of certificates on 11.03.2020 as well as non-production of Original documents/ certificates at the time of verification will be liable for rejection of her candidature.

By order of the Collector, Keonjhar
Sd./-
District Welfare Officer, Keonjhar

See Career Appointment on every Wednesday & Saturday

"ଦ୍ୱିତୀୟ ଟେଷ୍ଟରେ ଭାରତ ଆଉ ଅଧିକ ୫୦ ରନ କରିଥିଲେ ଆମକୁ ଜିତିବା କଷ୍ଟକର ହୋଇଥାନ୍ତା।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



"ମୁଁ ୩୦ ଓଭର ଖେଳି ପାରିଲେ ବିଶ୍ୱର ଯେକୌଣସି କ୍ରିକେଟ ଦଳ ବିପକ୍ଷରେ ଶତକ ହାସଲ କରିପାରିବି।
–ଲିଟନ ଦାସ, ବାଂଲାଦେଶ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଭାରତ ଗସ୍ତ ଲାଗି ଦଳକୁ ଫେରିଲେ ଡୁପ୍ଲେସି

ନୂଆଦିଲ୍ଲୀ,୨।୩: ଆଗାମୀ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ଦଳକୁ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଫାଫ୍ ଡୁପ୍ଲେସି ଓ ରସି ଭାନ୍‌ଡର୍ ଡସେନ ଫେରିଛନ୍ତି। ପ୍ରଥମ ପସନ୍ଦ ସ୍ପିନର ତାବ୍ରିଜ ଶାମ୍‌ସିଙ୍କ ବଦଳରେ ବାମହାତୀ ସ୍ପିନର ଜର୍ଜ ଲିଣ୍ଡେଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ଦିଆଯାଇଛି। ୨୮ ବର୍ଷୀୟ ଶାମ୍‌ସି ବାପା ହେବାକୁ ଯାଉଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ଆଇସିସି ବିଶ୍ୱକପ୍ ପରଠାରୁ ଡୁପ୍ଲେସି ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ଖେଳିନାହାନ୍ତି। ତାଙ୍କୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଶ୍ରାମ ଦିଆଯାଇଥିଲା। ଇତିମଧ୍ୟରେ ସେ ଦଳର ଅଧିନାୟକ ପଦ ଛାଡ଼ି ଦେଇଛନ୍ତି। ଫଳରେ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ସମସ୍ତ ଫର୍ମାଟରେ ଅଧିନାୟକ ହୋଇଛନ୍ତି। ଅନ୍ୟପକ୍ଷରେ ଡସେନ ଗତବର୍ଷଠାରୁ ମଧ୍ୟକ୍ରମରେ ନିଜ ସ୍ଥାନ ପକ୍କା କରିଥିଲେ। ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଖେଳିଥିଲେ। କିନ୍ତୁ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ତାଙ୍କୁ ବିଶ୍ରାମ ଦିଆଯାଇଛି। ଦୁଇ ଜଣଙ୍କ ଅନୁପସ୍ଥିତିରେ ହେନ୍‌ରିଚ କ୍ଲାସେନ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଛନ୍ତି। ତାଙ୍କ ବ୍ୟତୀତ ପଦାର୍ପଣକାରୀ କାଇଲ ଭରନେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଦୁଇ ଜଣ ବ୍ୟାଟ୍ସମ୍ୟାନ ନିଜ ସ୍ଥାନ ବଜାୟ ରଖିଛନ୍ତି। ଶନିବାର କ୍ୟାରିୟରର ପ୍ରଥମ ମ୍ୟାଚ୍ ଖେଳିଥିବା ଜାନେମନ ମଲାନଙ୍କୁ ବାଦ୍ ଦିଆଯାଇଛି। ଦଳରେ ସ୍ଥାନ ପାଇଁ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଭଳି ସମସ୍ୟା ଚୟନକର୍ତ୍ତାଙ୍କ ପାଇଁ ଭଲ। ଭାରତ ଭଳି ଚ୍ୟାଲେଞ୍ଜିଂ ଗସ୍ତ ଲାଗି ଦଳ ଚୟନରେ ସନ୍ତୁଷ୍ଟ। **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍(ଅଧିନାୟକ), ଟେମ୍ବା ବାଭୁମା, ରାସି ଭାନ୍‌ଡର୍ ଡସେନ, ଫାଫ୍ ଡୁପ୍ଲେସି, କାଇଲ ଭେରିନ, ହେନ୍‌ରିଚ କ୍ଲାସେନ, ଡେଭିଡ ମିଲର, ଜନ୍ ଜନ୍ ସ୍ମଟ୍ସ, ଆଣ୍ଡିଲେ ଫେଲୁକ୍ୱାୟୋ, ଲୁଙ୍ଗି ଏନ୍‌ଗିଡି, ଲୁଥୋ ସିପାମ୍‌ଲା, ବେରନ ହେଣ୍ଡ୍ରିକ୍ସ, ଏନ୍‌ରିଚ ନର୍ଜେ, ଜର୍ଜ ଲିଣ୍ଡେ ଓ କେଶବ ମହାରାଜ।

### ରାଜ୍ୟ ସ୍କୁଲ ଓପନ ଚେସ୍

ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ୩ୟ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଆସନ୍ତା ୮ ତାରିଖରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏହି ପ୍ରତିଯୋଗିତାରେ ଭାଗନେଇପାରିବେ। ଟପ୍-୧୦ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଏବଂ ଅନ୍ୟ ବୟସ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଏଥିପାଇଁ ଏଣ୍ଟ୍ରି ଫି ୨୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଗତବର୍ଷ ଅବିନାଶ ଆଚାର୍ଯ୍ୟ ଚାମ୍ପିୟନ ଓ କୀର୍ତ୍ତି ଅନୁରାଗ ପ୍ରତିହାରି ରନର୍ସଅପ୍ ହୋଇଥିଲେ। ଏଥର ପ୍ରତିଯୋଗିତାରେ ମୋଟ ୭ ରାଉଣ୍ଡ ଖେଳ ହେବ ବୋଲି ଗେମ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

- ୩ ଦିନରେ ଭାରତ ହାରିଲା ଦ୍ୱିତୀୟ ଟେଷ୍ଟ
- ଜେମିସନ ପ୍ଲେୟାର ଅଫ୍ ଦି ମ୍ୟାଚ୍
- ସୌଦୀ ପ୍ଲେୟାର ଅଫ୍ ଦି ସିରିଜ



ଟ୍ରଫି ସହ ନ୍ୟୁଜିଲାଣ୍ଡ ଦଳର ଖେଳାଳିମାନେ।

**ଖ୍ରୀଷ୍ଟଚର୍ଚ୍ଚ,୨।୩(ପି.ଟି.)**

ତାରକା ଖଚିତ ବିଶ୍ୱର ୧ ନମ୍ବର ଟେଷ୍ଟ ଦଳ ଭାରତ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସାଂଘାତିକ ବିଫଳତାର ସମ୍ମୁଖୀନ ହୋଇ ୨–୦ରେ ପରାସ୍ତ ହୋଇଛି। ସ୍ଥାନୀୟ ହଗ୍‌ଲି ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ସୋମବାର ମାତ୍ର ୩ ଦିନ ମଧ୍ୟରେ ୭ ଉଇକେଟରେ ପରାସ୍ତ କରି ନ୍ୟୁଜିଲାଣ୍ଡ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଭାରତ ଏହାର ଫାଇଦା ଉଠାଇପାରି ନ ଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୬୩ ଓଭରରେ ୨୪୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୭୩.୧ ଓଭରରେ ୨୩୫ ରନ କରି ଅଲଆଉଟ ହୋଇଥିଲା ଓ ଭାରତ ୭ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ୪୬ ଓଭରରେ ୧୨୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୧୩୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

ଅଲରାଉଣ୍ଡ ପ୍ରଦର୍ଶନ ପାଇଁ କାଏଲ ଜେମିସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଟିମ୍ ସୌଦି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସିରିଜ ବିଜୟ ସହ ନ୍ୟୁଜିଲାଣ୍ଡ ୧୨୦ ପଏଣ୍ଟ ହାସଲ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ମୋଟ୍ ୧୮୦ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ସିରିଜ ହାତଛଡ଼ା କରିଥିଲେ ମଧ୍ୟ ଭାରତ ୩୬୦ ପଏଣ୍ଟ ସହ ଶୀର୍ଷରେ ରହିଛି। ଏହାପୂର୍ବରୁ ଭାରତ ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ସିରିଜ ବିଜୟ ହାସଲ କରିଥିଲା। ଗସ୍ତ ଆରମ୍ଭରେ ଭାରତ ୫–୦ରେ ଟି୨୦ ସିରିଜ ବିଜୟ ହାସଲ କରିଥିଲା। ତେବେ ଏହାପରେ ଏହି ସଫଳତାକୁ ବଜାୟ ରଖି ନ ପାରି ଦିନିକିଆ ଓ ଟେଷ୍ଟରେ ହ୍ୱାଇଟ୍‌ୱାଶର ସମ୍ମୁଖୀନ ହୋଇ ମୋଟ ୫ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି।

୧୩୨ ରନ ଟାର୍ଗେଟର ପିଛା କରି ଘରୋଇ ଦଳ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଟମ୍ ଲଥାମ (୫୨) ଓ ଟମ୍ ବ୍ଲଣ୍ଡେଲ (୫୫) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳି ପ୍ରଥମ ଉଇକେଟରେ ୧୦୩ ରନ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ କେନ୍ ୱିଲିୟମସନ ରାହାନେଙ୍କୁ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଭିଜ୍ଞ ରସ ଟେଲର ଓ ହେନେରୀ ନିକୋଲ୍ସ ୫ ରନ ଲେଖାଏ ସଂଗ୍ରହ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା ୨ ଓ ଉମେଶ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୦/୬ରୁ ଖେଳ ଆରମ୍ଭ କରି ଭାରତ ସୋମବାର ୧୨୪ରନ୍‌ରେ ଅଲଆଉଟ ହୋଇଥିଲା। **ସଂକ୍ଷିପ୍ତ ସ୍କୋର** ଭାରତ ପ୍ରଥମ ଇନିଂସ– ୬୩ ଓଭରରେ ୨୪୨ ଅଲଆଉଟ୍। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୭୩.୧ ଓଭରରେ ୨୩୫ ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ– ୪୬ ଓଭରରେ ୧୨୪ ଅଲଆଉଟ (ପୂଜାରା– ୨୪, ପୃଥ୍ୱୀ– ୧୪, କୋହଲି– ୧୪, ଜାଡେଜା– ୧୬*, ବୋଲ୍ଟ– ୪/୨୮, ସୌଦି– ୩/୩୬, ଗ୍ରାଣ୍ଡହୋମ୍– ୧/୩, ୱାଗନର– ୧/୧୮)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ– ୩୬ ଓଭରରେ ୧୩୨/୩ (ବ୍ଲଣ୍ଡେଲ– ୫୫, ଲଥାମ – ୫୨, ବୁମ୍‌ରା– ୨/୩୯, ଉମେଶ– ୧/୪୫)।

## ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ

### ବ୍ୟାଟିଂ ଆଭରେଜ

**ଭାରତ**

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ |
|---|---|---|---|---|---|---|
| ମୟଙ୍କ ଅଗ୍ରୱାଲ | ୨ | ୪ | ୧୦୨ | ୫୮ | ୨୫.୫୦ | ୧ |
| ଚେତେଶ୍ୱର ପୂଜାରା | ୨ | ୪ | ୧୦୦ | ୫୪ | ୨୫.୦୦ | ୧ |
| ରବୀନ୍ଦ୍ର ଜାଡେଜା | ୧ | ୨ | ୨୫ | ୧୬* | ୨୫.୦୦ | ୦ |
| ପୃଥ୍ୱୀ ଶ' | ୨ | ୪ | ୯୮ | ୫୪ | ୨୪.୫୦ | ୧ |
| ଅଜିଙ୍କ୍ୟ ରାହାନେ | ୨ | ୪ | ୯୧ | ୪୬ | ୨୨.୭୫ | ୦ |
| ହନୁମା ବିହାରି | ୨ | ୪ | ୮୬ | ୫୫ | ୨୧.୫୦ | ୧ |
| ରିଷଭ ପନ୍ତ | ୨ | ୪ | ୬୦ | ୨୫ | ୧୫.୦୦ | ୦ |
| ମହମ୍ମଦ ଶାମି | ୨ | ୪ | ୪୪ | ୨୧ | ୧୪.୬୬ | ୦ |
| ବିରାଟ କୋହଲି | ୨ | ୪ | ୩୮ | ୧୯ | ୯.୫୦ | ୦ |
| ଇଶାନ୍ତ ଶର୍ମା | ୧ | ୨ | ୧୭ | ୧୨ | ୮.୫୦ | ୦ |

**ନ୍ୟୁଜିଲାଣ୍ଡ**

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ |
|---|---|---|---|---|---|---|
| କାଇଲ ଜେମିସନ | ୨ | ୨ | ୯୩ | ୪୯ | ୪୬.୫୦ | ୦ |
| ଟମ୍ ଲଥାମ | ୨ | ୪ | ୧୨୨ | ୫୨ | ୪୦.୬୬ | ୨ |
| ଟମ୍ ବ୍ଲଣ୍ଡେଲ | ୨ | ୪ | ୧୧୭ | ୫୫ | ୩୯.୦୦ | ୧ |
| ଟ୍ରେଣ୍ଟ ବୋଲ୍ଟ | ୨ | ୨ | ୩୯ | ୩୮ | ୩୯.୦୦ | ୦ |
| କଲିନ ଗ୍ରାଣ୍ଡହୋମ | ୨ | ୨ | ୬୯ | ୪୩ | ୩୪.୫୦ | ୦ |
| କେନ୍ ୱିଲିୟମସନ | ୨ | ୩ | ୯୭ | ୮୯ | ୩୨.୩୩ | ୧ |
| ରସ୍ ଟେଲର | ୨ | ୩ | ୬୪ | ୪୪ | ୩୨.୦୦ | ୦ |
| ନିଲ ୱାଗନର | ୧ | ୨ | ୨୧ | ୨୧ | ୨୧.୦୦ | ୦ |
| ହେନରି ନିକୋଲାସ | ୨ | ୩ | ୩୬ | ୧୭ | ୧୮.୦୦ | ୦ |

### ବୋଲିଂ ଆଭରେଜ

**ଭାରତ**

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇକୋନୋମି |
|---|---|---|---|---|---|---|
| ଇଶାନ୍ତ ଶର୍ମା | ୧ | ୨ | ୨୩.୨ | ୭୬ | ୫ | ୩.୨୫ |
| ରବୀନ୍ଦ୍ର ଜାଡେଜା | ୧ | ୨ | ୧୫.୦ | ୪୬ | ୨ | ୩.୦୬ |
| ଯଶପ୍ରୀତ ବୁମ୍‌ରା | ୨ | ୪ | ୬୧.୪ | ୧୯୦ | ୬ | ୩.୦୮ |
| ରବିଚନ୍ଦ୍ରନ ଅଶ୍ୱିନ | ୧ | ୧ | ୨୯.୦୦ | ୯୯ | ୩ | ୩.୪୧ |
| ମହମ୍ମଦ ଶାମି | ୨ | ୩ | ୪୯.୧ | ୧୮୩ | ୫ | ୩.୭୨ |
| ଉମେଶ ଯାଦବ | ୧ | ୨ | ୩୨.୦ | ୯୧ | ୨ | ୨.୮୪ |

**ନ୍ୟୁଜିଲାଣ୍ଡ**

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇକୋନୋମି |
|---|---|---|---|---|---|---|
| ଟିମ୍ ସୌଦୀ | ୨ | ୪ | ୬୫.୧ | ୧୮୪ | ୧୪ | ୨.୮୨ |
| କାଇଲ ଜେମିସନ | ୨ | ୪ | ୫୭.୦ | ୧୪୭ | ୯ | ୨.୫୭ |
| ଟ୍ରେଣ୍ଟ ବୋଲ୍ଟ | ୨ | ୪ | ୭୧.୦ | ୨୧୩ | ୧୧ | ୩.୦୦ |
| ନିଲ ୱାଗନର | ୧ | ୨ | ୧୮.୦୦ | ୪୭ | ୨ | ୨.୬୧ |
| କଲିନ ଗ୍ରାଣ୍ଡହୋମ | ୨ | ୪ | ୪୧.୦୦ | ୭୪ | ୨ | ୧.୮୦ |

# ସେମିରେ ଅଷ୍ଟ୍ରେଲିଆ

**ମେଲବୋର୍ନ,୨।୩**

ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି। ପଡ଼ୋଶୀ ନ୍ୟୁଜିଲାଣ୍ଡକୁ ୪ ରନ୍‌ରେ ହରାଇ ଅଷ୍ଟ୍ରେଲିଆ ବିଶ୍ୱକପ୍ ହାତେଇବା ଆଶା ଉଜ୍ଜୀବିତ ରଖିଛି। ଅଷ୍ଟ୍ରେଲିଆ ସହ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଅନ୍ତିମ ୪ ପର୍ଯ୍ୟାୟରେ ଖେଳିବେ। ମାତ୍ର ଏପର୍ଯ୍ୟନ୍ତ କେଉଁ ଦଳ କାହାକୁ ଭେଟିବ ତାହା ଜଣାପଡ଼ିନାହିଁ। ମଙ୍ଗଳବାର ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଏହା ସ୍ପଷ୍ଟ ହେବ। ସ୍ଥାନୀୟ ଜଙ୍କଶନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ରୋମାଞ୍ଚପୂର୍ଣ୍ଣ ମ୍ୟାଚ୍‌ରେ ଦୁଇ ଦଳ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନି(୬୦)ଙ୍କ ଅର୍ଦ୍ଧଶତକ ବଳରେ ଧାର୍ଯ୍ୟ ୨୦ ଓଭରରେ ୫ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମେଗ ଲାନିଂ ୨୧, ଆଶ୍‌ଲେ ଗାର୍ଡନର ୨୦, ଇଲିସେ ପେରି ୨୧ ଓ ରାଚେଲ ହାଇନେସ ୧୯ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପାଇଁ ବୋଲିଂରେ ଆନ୍ନା ପିଟରସନ ଦୁଇ ଉଇକେଟ ନେଇଥିବାବେଳେ ହେଲି ଜନ୍‌ସନ ଓ ଆମେଲି କେରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଜବାବରେ ବ୍ୟାଟ୍ସଓମେନଙ୍କ ମିଳିତ ଉଦ୍ୟମ ସତ୍ତ୍ୱେ ନ୍ୟୁଜିଲାଣ୍ଡ ବିଜୟ ଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ନ୍ୟୁଜିଲାଣ୍ଡ ଶେଷ ପର୍ଯ୍ୟନ୍ତ ଖେଳି ୭ ଉଇକେଟ କ୍ଷତିରେ ୧୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟିକା ସୋଫି ଡେଭିନ ୩୧, କାଟେ ମାର୍ଟିନ ୩୭, ମାଡି ଗ୍ରୀନ୍ ୨୮ ଓ ରାଚେଲ ପ୍ରିଷ୍ଟ ୧୭ ରନ୍ କରିଥିଲେ। ଅନ୍ତିମ ଓଭରରେ ଦଳକୁ ଜିତିବା ଲାଗି ୨୦ ରନ୍ ଦରକାର ଥିଲା। କିନ୍ତୁ କାସ୍‌ପର୍କେ ଓ ମାର୍ଟିନଙ୍କ ଯୋଡ଼ି ପ୍ରଥମ ୫ ବଲରେ ମାତ୍ର ୯ ରନ୍ କରିପାରିଥିଲେ। ଅନ୍ତିମ ବଲରେ ମାର୍ଟିନ ଛକା ଲଗାଇଥିଲେ, ହେଲେ ତାହା ଯଥେଷ୍ଟ ନ ଥିଲା। ବିଜୟୀ ଦଳ ପକ୍ଷରୁ ମେଗାନ ସ୍କଟ୍ ଓ ଜର୍ଜିଆ ୱାରହାମ୍ ୩ଟି ଲେଖାଏ ସଫଳତା ପାଇଥିଲେ।



ବେଥ୍ ମୁନି

### ମୀର, ମାନସୀଙ୍କୁ ବ୍ରୋଞ୍ଜ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଭାରତୀୟ ବାଳିକା ବ୍ୟାଡ୍‌ମିଣ୍ଟନ ଖେଳାଳି ତସନିମ ମୀର ଏବଂ ମାନସୀ ସିଂ ନେଦରଲାଣ୍ଡର ହାର୍ଲେମ୍‌ଠାରେ ଅନୁଷ୍ଠିତ ୟୋନେକ୍ସ ଡଚ୍ ଜୁନିୟର ଇଣ୍ଟରନ୍ୟାଶନାଲ ୨୦୨୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ବାଳିକା ସିଙ୍ଗଲ୍ସରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଡବ୍ଲୁଏଫ୍ ଜୁନିୟର ଇଣ୍ଟରନ୍ୟାଶନାଲ ଗ୍ରାଁ ପ୍ରି ଟୁର୍ନାମେଣ୍ଟର ବାଳିକା ସିଙ୍ଗଲ୍ସରେ ଭାରତ ପ୍ରଥମ ଥର ଦୁଇଟି ବ୍ରୋଞ୍ଜ ପଦକ ଜିତିପାରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ମୀର ତୃତୀୟ ସିଡ୍ ସୋ ୟୁଲ୍ ଲିଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୧୯–୨୧, ୧୦–୨୨ରେ ପରାସ୍ତ ହୋଇଥିଲେ। ଗତବର୍ଷ ଦୁବାଇ ଇଣ୍ଟରନ୍ୟାଶନାଲ ସିରିଜରେ ସ୍ୱର୍ଣ୍ଣ ପଦକ ଜିତିଥିବା ୧୧ତମ ସିଡ୍ ମୀର ଡଚ୍ ଟୁର୍ନାମେଣ୍ଟରେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଖେଳାଳିଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ବ୍ୟାଡମିଣ୍ଟନ ଆସୋସିଏଶନ (ବାଇ) ପ୍ରକାଶ କରିଛି।

### ଚେନ୍ନାଇରେ ଧୋନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଚେନ୍ନାଇ,୨।୩**

ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କୁ ସୋମବାର ଚେନ୍ନାଇରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ପ୍ରସ୍ତୁତି କରିବା ପାଇଁ ସେ ଏଠାକୁ ଆସିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଫିସିଆଲ ଟୁଇଟର ପେଜ୍‌ରେ ଧୋନୀଙ୍କ ଏକ ଭିଡିଓ ଅପ୍‌ଲୋଡ୍ କରାଯାଇଛି। ଧୋନୀ ସିଏସ୍‌କେର ହୋମ୍ ଭେନ୍ୟୁ ଚେପକ ଷ୍ଟାଡିୟମରେ ଆଗାମୀ ଦୁଇ ଦିନ ଧରି ଅଭ୍ୟାସ କରିବେ। ଏ ନେଇ ଫ୍ରାଞ୍ଚାଇଜ ସିଇଓ କାଶୀ ବିଶ୍ୱନାଥନ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ଚଳିତ ମାସ ୧୯ ପରେ ସିଏସ୍‌କେର ଟ୍ରେନିଂ କ୍ୟାମ୍ପ ଆରମ୍ଭ ହେବ। ଆଇପିଏଲ୍ ମାର୍ଚ୍ଚ ୨୯ରେ ଉଦ୍‌ଘାଟନୀ ଦିବସରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ସିଏସ୍‌କେ ମଧ୍ୟରେ ଖେଳାଯିବ।

# ସାଙ୍ଗୱାନଙ୍କ ଉପରୁ ବାସନ୍ଦ ଉଠିଲା

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଅପିଲ ପ୍ୟାନେଲ ପୂର୍ବତନ ଏସିଆନ ରୌପ୍ୟ ପଦକ ବିଜୟୀ ବକ୍ସର ସୁମିତ ସାଙ୍ଗୱାନ (୯୧କେଜି)ଙ୍କ ଉପରୁ ୧ବର୍ଷିଆ ବାସନ୍ଦ ଦଣ୍ଡକୁ ଉଠାଇ ଦେଇଛି। ସୁମିତ ଜାଣିଶୁଣି ନିଷିଦ୍ଧ ଦ୍ରବ୍ୟ ସେବନ କରି ନ ଥିବା ପ୍ୟାନେଲ ଦର୍ଶାଇଛି। ସୋମବାର ହୋଇଥିବା ଶୁଣାଣିରେ ବକ୍ସର ଜଣକ ଦୋଷମୁକ୍ତ ହୋଇଛନ୍ତି। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ)ର ଜଣେ ଅଫିସିଆଲଙ୍କ କହିଛନ୍ତି ସାଙ୍ଗୱାନ ଜାଣିଶୁଣି କୌଣସି ନିଷିଦ୍ଧ ଦ୍ରବ୍ୟ ସେବନ କରି ନ ଥିବା ନାଡା ପ୍ୟାନେଲର ସେ ହୃଦ୍‌ବୋଧ କରାଇବାରେ ସକ୍ଷମ ହୋଇଥିଲେ। ଏଷ୍ଟାଜୋଲାମାଇଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିବା ଦ୍ୱାରା ସାଙ୍ଗୱାନ ୨୦୧୯ ଡିସେମ୍ବରୁ ଏକ ବର୍ଷ ପାଇଁ ବାସନ୍ଦ ହୋଇଥିଲେ। ପ୍ୟାନେଲ ତାଙ୍କୁ ଦୋଷମୁକ୍ତ କରିଥିବାରୁ ମୋତେ ବଡ଼ ଆଶ୍ୱସ୍ତି ମିଳିଛି ବୋଲି ଭାରତୀୟ ବକ୍ସର ଜଣକ କହିଛନ୍ତି। ପ୍ରଥମ ଶୁଣାଣି ବେଳେ ମୁଁ କେତେକ ମେଡିକାଲ ରିପୋର୍ଟ ଦାଖଲ କରି ପାରି ନ ଥିଲି, ଯାହା ଫଳରେ ମୋତେ ସେତେବେଳେ ଏକ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ୨୭ବର୍ଷୀୟ ଅନ୍ତର୍ଜାତୀୟ ପଦକଧାରୀ କହିଛନ୍ତି, ଆଖିରେ ସଂକ୍ରମଣ ଯୋଗୁ ମୋତେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବାକୁ ପଡ଼ିଥିଲା। ସେତେବେଳେ ମୋତେ ଖୁବ୍ ଯନ୍ତ୍ରଣା ହୋଇଥିଲା। ଏପରିକି ମୁଁ ମୋ ଆଖିଖୋଲି ପାରି ନ ଥିଲି। ମୋ ଶରୀରରେ କ'ଣ ଘଟୁଛି ତାହା ମୁଁ ବୁଝିପାରୁ ନ ଥିଲି। ମୋ ଶରୀରରେ ଏଷ୍ଟାଜୋଲାମାଇଡ୍‌ର ପ୍ରଭାବ ୧୩ ଦିନ ପର୍ଯ୍ୟନ୍ତ ରହିଥିଲା। ସେ ସମୟରେ ନ୍ୟାଶନାଲ କ୍ୟାମ୍ପରେ ମୋର ଓଜନ କରାଯାଇଥିଲା। ମୋ ଯକୃତର ଆକାର ବୃଦ୍ଧି ପାଇଥିଲା। ଅପିଲ ପ୍ୟାନେଲ ନିକଟରେ ଏସମ୍ପର୍କିତ ମେଡିକାଲ ରିପୋର୍ଟ ଉପସ୍ଥାପନ ଦ୍ୱାରା ମୁଁ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିପାରିଥିଲି। ୨୦୧୨ ଅଲିମ୍ପିଆନ ସସ୍‌ପେଣ୍ଡ ହେବା ଦ୍ୱାରା ମଙ୍ଗଳବାରଠାରୁ ଜୋର୍ଡାନର ଅମାନଠାରେ ହେବାକୁଥିବା ଅଲିମ୍ପିକ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟ ପାଇଁ ଟ୍ରାଏଲ୍ସରୁ ବଞ୍ଚିତ ହେବାକୁ ପଡ଼ିଛି। ଦୋଷ ମୁକ୍ତ ହେବାପରେ ନ୍ୟାଶନାଲ କ୍ୟାମ୍ପରେ ସାମିଲ ହେବାଲାଗି ତାଙ୍କୁ ଅନୁମତି ଦେବା ଲାଗି ସେ ମହାସଂଘ ନିକଟକୁ ଚିଠି ଲେଖିଛନ୍ତି। ଗତବର୍ଷ ଅକ୍ଟୋବରରେ ପ୍ରତିଯୋଗିତା ବାହାରେ ସାଙ୍ଗୱାନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା।



ସୁମିତ ସାଙ୍ଗୱାନ

# ଭାରତୀୟ ହକି କ୍ୟାମ୍ପରେ ୪ ଓଡ଼ିଆ



ବୀରେନ୍ଦ୍ର ଲାକ୍ରା



ଅମିତ୍ ରୋହିଦାସ



ନୀଲମ ସଞ୍ଜୀପ ଖେସ୍



ଦୀପସାନ୍ ତିର୍କୀ

**ନୂଆଦିଲ୍ଲୀ, ୨।୩**

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ପରିସରରେ ଭାରତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହୋଇଛି। ଏହି କ୍ୟାମ୍ପରେ ଭାରତୀୟ କୋର୍ ଦଳର ୩୨ ସଦସ୍ୟ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ନୀଲମ ସଞ୍ଜୀପ ଖେସ୍ ସାମିଲ ଅଛନ୍ତି। ମୁଖ୍ୟ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ସପ୍ତାହ ଜାତୀୟ କ୍ୟାମ୍ପ ଚାଲିବାପରେ ଭାରତୀୟ ଦଳ ଜର୍ମାନୀ ଓ ଇଂଲଣ୍ଡ ଯାଇ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବ। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି କ୍ୟାମ୍ପ ଖେଳାଳିଙ୍କ ପାଇଁ ବହୁ ଉପାଦେୟ ହେବ। ଭାରତୀୟ ଦଳର ଯେଉଁ ବିଭାଗରେ ଦୋଷ ଦୁର୍ବଳତା ଅଛି ତାହାକୁ ଏହି କ୍ୟାମ୍ପରେ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ ଚଳିତ ପ୍ରୋ ଲିଗ୍‌ରେ ଏପର୍ଯ୍ୟନ୍ତ ୩ଟି ଦଳକୁ ଭେଟି ସାରିଛି। ନେଦରଲାଣ୍ଡ୍ସ ବିପକ୍ଷରେ ଦଳ ୨ଟି ଯାକ ମ୍ୟାଚ ଜିତିଥିବାବେଳେ ବେଲଜିୟମ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ହାରିଛି ଓ ଜିତିଛି।

"ଆମେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ଭଲ ଫଳାଫଳ ପାଇବାରେ ଦକ୍ଷତା ରଖିଛୁ ବୋଲି ଚଳିତ ପ୍ରୋ ଲିଗ୍‌ରେ ପ୍ରମାଣିତ କରିଛୁ। ଏହା ଦଳର ଖେଳାଳିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି କରିଛି। କେଉଁ ବିଭାଗରେ ଆମକୁ କାମ କରିବାକୁ ହେବ ତାହା ମଧ୍ୟ ଜଣାପଡ଼ିଛି। ଆମକୁ କେବଳ ମ୍ୟାଚ ଉପରେ ନୁହେଁ ସମସ୍ତ ୪ଟି ଯାକ କ୍ୱାର୍ଟରରେ ଫୋକସ ରଖିବା ଆବଶ୍ୟକ" ବୋଲି ରିଡ୍ କହିଛନ୍ତି। ୪ ସପ୍ତାହ ବିଶିଷ୍ଟ କ୍ୟାମ୍ପରେ ଆମେ ସ୍କିଲ୍, ଟ୍ୟାକ୍‌ଲିଂ, ଗୋଲ ଶୁଟିଂ, ଟ୍ରାପିଂ ଉପରେ ବିଶେଷ ଧ୍ୟାନ ଦେବୁ। ଆମର ଆକ୍ରମଣାତ୍ମକ ସାମର୍ଥ୍ୟ ଉପରେ ମଧ୍ୟ କାମ କରିବାର ଅଛି। କ୍ୟାମ୍ପ ପରେ ଆମେ ଜର୍ମାନୀ ଓ ଇଂଲଣ୍ଡ ଯାଇ ସେଠାରେ ଖେଳିବୁ। ଏହାପରେ ୨୦୨୦ ଅଲିମ୍ପିକ୍ସ ପାଇଁ ଆମେ କେତେ ପ୍ରସ୍ତୁତ ତାହା ଜଣାପଡ଼ିବ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳି**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ସୂରଜ କରକେରା, ହରମନପ୍ରୀତ ସିଂ, ଦିଲପ୍ରୀତ ସିଂ, ସୁରେନ୍ଦ୍ର କୁମାର, ବୀରେନ୍ଦ୍ର ଲାକ୍ରା, ରୂପିନ୍ଦରପାଲ ସିଂ, ଗୁରିନ୍ଦର ସିଂ, ଅମିତ ରୋହିଦାସ, କୋଥାଜିତ ସିଂ ଖାଡାଙ୍ଗବାମ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ସିମରନଜିତ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ଏସ.ଭି. ସୁନୀଲ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହିବଜିତ ସିଂ, ଶମସେର ସିଂ, ବରୁଣ କୁମାର, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ନୀଲମ ସଞ୍ଜୀବ ଖେସ୍, ଜସକରନ ସିଂ, ରାଜକୁମାର ପାଲ, ଗୁରଜନ୍ତ ସିଂ, ସୁମିତ, ଚିଙ୍ଗଲେନସାନା ସିଂ।

## ସଂକ୍ଷେପରେ

### ଘୁଞ୍ଚିଲା ଆଜଲାନ ଶାହ କପ୍ ହକି

**ନୂଆଦିଲ୍ଲୀ, ୨।୩:** ଚାଇନାରୁ ସୃଷ୍ଟ କରୋନା ଭାଇରସ ଯୋଗୁ ବହୁ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ବାତିଲ କିମ୍ବା ସ୍ଥାନାନ୍ତର ହୋଇସାରିଛି। ସଦ୍ୟ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ଭାବେ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ପ୍ରଭାବିତ ହୋଇଛି। ସମ୍ମାନଜନକ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଏପ୍ରିଲରେ ଖେଳାଯିବାର ଥିଲା। ମାତ୍ର ଏହାକୁ ସୋମବାର ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ଇଭେଣ୍ଟର ୨୯ତମ ସଂସ୍କରଣ ମାଲେସିଆର ଇପୋଟଠାରେ ଏପ୍ରିଲ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା। ବର୍ତ୍ତମାନ ଏହି ଇଭେଣ୍ଟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଖେଳାଳି ଓ ଅଫିସିଆଲଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଆଜଲାନ ଶାହ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ୨୯ତମ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍), ଏସିଆ ହକି ଫେଡେରେଶନ(ଏଏଚ୍ଏଫ୍), ମାଲେସିଆ ହକି କନ୍ଫେଡେରେଶନ (ଏମ୍ଏଚ୍ସି) ଓ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକ କମିଟି ମୁଖ୍ୟ ଡାଟୋ ହାଜି ରହିମ ବିନ୍ ମହମ୍ମଦ କହିଛନ୍ତି। ଇଭେଣ୍ଟ ତାରିଖରେ ପରିବର୍ତ୍ତନ ନେଇ ଆୟୋଜକ କମିଟି କ୍ଷମାପ୍ରାର୍ଥନା କରିଛି। ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ଆଜଲାନ ଶାହ ହକି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, କାନାଡା, ଜାପାନର, ଆୟୋଜକ ମାଲେସିଆ, ପାକିସ୍ତାନ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରନ୍ତି। ଅଷ୍ଟ୍ରେଲିଆ ସର୍ବାଧିକ ୧୦ଥର ଚାମ୍ପିୟନ ହୋଇଥିବାବେଳେ ଭାରତ ୪ ଥର ଚାମ୍ପିୟନ ହୋଇଛି।

### ଅଗ୍ରଣୀ ସତ୍ତ୍ୱେ ସୌରାଷ୍ଟ୍ରର ବ୍ୟାଟିଂ ବିପର୍ଯ୍ୟୟ

**ରାଜକୋଟ, ୨।୩ (ପି.ଟି.):** ଘରୋଇ ଗୁଜରାଟ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି ପ୍ରଥମ ସେମିଫାଇନାଲ ମ୍ୟାଚ୍ରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୫୨ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ତେବେ ଦ୍ୱିତୀୟ ଇନିଂସରେ ସୌରାଷ୍ଟ୍ର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ୩ୟ ଦିବସ ଶେଷ ସୁଦ୍ଧା ସୌରାଷ୍ଟ୍ର ୨ୟ ଇନିଂସରେ ୫ ଉଇକେଟ୍ ହରାଇ ମାତ୍ର ୬୬ ରନ ସଂଗ୍ରହ କରିଛି। ଦ୍ରୁତ ବୋଲର ଚିନ୍ତନ ଗାଜାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଭ୍ରମଣକାରୀ ଦଳର ହାର୍ଦ୍ଦିକ ଦେଶାଇ (୦), କିଶାନ ପାର୍ମର (୦),ଅଭି ବାରୋଟ (୧), ବୈଷ୍ଣବରାଜ ଜାଡେଜା (୬) ଓ ପ୍ରଥମ ଇନିଂସର ଶତକ ହାସଲକାରୀ ଶେଲଡନ ଜ୍ୟାକସନ(୦) ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ। ହାତରେ ଆଉ ୫ ଉଇକେଟ୍ ରହିଥିବାବେଳେ ସୌରାଷ୍ଟ୍ର ମୋଟ୍ ଉପରେ ୧୧୮ ରନରେ ଅଗ୍ରଣୀ ହାସଲ କରିଛି। ୨୫ ବର୍ଷୀୟ ଗାଜା ମାତ୍ର ୧୫ ରନ ବିନିମୟରେ ୫ ଉଇକେଟ୍ ହାସଲ କରିଛନ୍ତି। ପୂର୍ବରୁ ସୌରାଷ୍ଟ୍ରର ପ୍ରଥମ ଇନିଂସ ସ୍କୋର ୩୦୪ ରନ ଜବାବରେ ଗୁଜରାଟ ରବିବାର ସୁଦ୍ଧା ୬ ଉଇକେଟ୍ରେ ୧୧୯ ରନ କରିଥିଲା। ସୋମବାର ଗୁଜରାଟ ଏହି ସ୍କୋରରେ ଆଉ ୧୩୩ ରନ ଯୋଗ କରି ୨୫୨ରେ ସୀମିତ ରହିଥିଲା। ଗାଜା ୬୧, ରୁଜୁଲ ୭୧, ପାର୍ଥିବ ପଟେଲ ୨୭ ଓ ଅକ୍ଷର ପଟେଲ ୨୧ ରନ କରିଥିଲେ।

# ଓଡ଼ିଶା ୧୩ ପଦକରେ ସୀମିତ

**ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ଭୁବନେଶ୍ୱର ଓ କଟକରେ ସଫଳତାର ସହ ସମ୍ପନ୍ନ ହୋଇଛି। ଦେଶର ୧୫୯ଟି ବିଶ୍ୱବିଦ୍ୟାଳୟର ୩୪୦୦ ଆଥଲେଟ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୬ଟି ସ୍ୱର୍ଣ୍ଣ, ୨୦୬ଟି ରୌପ୍ୟ ଓ ୨୮୬ଟି ବ୍ରୋଞ୍ଜ ପଦକ ପାଇଁ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଠାକାର ଭିତ୍ତିଭୂମିରେ ଶତମୁଖ ହୋଇଛନ୍ତି ରାଜ୍ୟ ବାହାରର ଖେଳାଳି ଓ ଅଫିସିଆଲ। ମାତ୍ର ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାକୁ ଦେଖିଲେ ନିରାଶ ହେବାକୁ ପଡ଼େ। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧୩ଟି ପଦକ ହାସଲ କରିଛି। ଏଥିରେ ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କିଟ୍ ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ ସହ ମୋଟ ୭ ପଦକ ପାଇଥିବାବେଳେ ବ୍ରହ୍ମପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ ସହ ୩, ସମ୍ବଲପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ ସହିତ ୨ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗୋଟିଏ ବ୍ରୋଞ୍ଜ ପଦକ ପାଇବାକୁ ସକ୍ଷମ ହୋଇଥିଲା। ଦେଖିବାକୁ ଗଲେ ପଏଣ୍ଟ ଟେବୁଲର ପ୍ରଥମ ତିନିସ୍ଥାନ ଅଧିକାର କରିଥିବା ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୭-୧୯-୧୦, ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୧୭-୧୧-୯ ଏବଂ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୧୩-୦୬-୧୪ ତୁଳନାରେ ଆମେ ବହୁ ପଛରେ। ତେବେ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଭଳି ଏଠାରେ ମଧ କେତେକ ପ୍ରତିଭା ସମ୍ପନ୍ନ ଖେଳାଳି ଜାତୀୟ ଚୟନକର୍ତ୍ତାଙ୍କ ନଜରକୁ ଆସି ପାରିଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଓଡ଼ିଶାକୁ ମିଳିଥିବା ୧୩ ପଦକ ମଧ୍ୟରୁ ସବୁଠାରୁ ଅଧିକ ସଫଳତା ପାଇଥିଲେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ତଥା ଜାତୀୟ ରେକର୍ଡଧାରିଣୀ ଦୂତୀ ଚାନ୍ଦ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇ ସାରିଥିବା ଦୂତୀଙ୍କ ପାଇଁ ଏହି ପ୍ରତିଯୋଗିତା ବିଶେଷ କଷ୍ଟକର ନ ଥିଲା। ତେବେ ଘରୋଇ ପରିବେଶରେ ଦକ୍ଷତା ଦେଖାଇ ସେ ମହିଳା ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ଏବଂ ନିଜ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ୱର୍ଣ୍ଣ ପଦକ ପ୍ରସଙ୍ଗ ଉଠିଲେ ଦୂତୀଙ୍କୁ ଛାଡ଼ିଦେଲେ କିଟ୍ ପାଇଁ ମହିଳା ରଗ୍‌ବୀ ଏବଂ ପୁରୁଷ ରିକର୍ଭ ତୀରନ୍ଦାଜୀ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି ମନୀଷା ମେରେଲ। ସେ ମହିଳା ଲଙ୍ଗଜମ୍ପରେ ଆଗକୁ ବଢ଼ିବାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ରହ୍ମପୁରର ମନୋଜ କୁମାର ସାହୁ ଭାରୋତ୍ତୋଳନରେ ସୁନା ସାଉଁଟିଛନ୍ତି।

ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ ଦୂତୀଙ୍କ ବ୍ୟତୀତ କେବଳ ମନୀଷା ଓ ମନୋଜ ସ୍ୱର୍ଣ୍ଣ ପଦକର ସ୍ୱାଦ ଚାଖିଛନ୍ତି। ମନୋଜ ପୁରୁଷ ୭୩ କେଜି ଇଭେଣ୍ଟରେ ମୋଟ ୨୬୭ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ସ୍ନାଚ୍‌ରେ ୧୧୫ ଓ କ୍ଲିନ ଆଣ୍ଡ ଜର୍କରେ ୧୫୨ କେଜି ଭାର ଉଠାଇଥିଲେ। ରୌପ୍ୟ ପଦକ ତାଲିକାରେ ଅଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳିକା ପ୍ରମିଳା କିର୍ସାନୀ, କିଟ୍ ତୀରନ୍ଦାଜ ରଞ୍ଜିତ ନାୟକ ଓ ସମ୍ବଲପୁର ମହିଳା ହକି ଦଳ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ରଗ୍‌ବୀ ଦଳ, ଭାରୋତ୍ତୋଳକ କୁମ୍ଭେଶ୍ୱର ମଲିକ, ବ୍ରହ୍ମପୁର ଭାରୋତ୍ତୋଳିକା ବନିତା ଘଡ଼େଇ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୦ ମିଟର ଧାବିକା ଦୀପାଳି ମହାପାତ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏବେ ପ୍ରତିଭା ମାନଙ୍କୁ ଉପଯୁକ୍ତ ତାଲିମ ଦେଇ ଭବିଷ୍ୟତ ପାଇଁ ଗଢ଼ିବାର ସମୟ ଆସିଛି।





ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଦୂତୀ ଚାନ୍ଦ, ମନୀଷା ମେରେଲ ଓ ମନୋଜ କୁମାର ସାହୁ।

**ପଦକ**

କିଟ୍: ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ
ବ୍ରହ୍ମପୁର: ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ
ସମ୍ବଲପୁର: ୧ ସ୍ୱର୍ଣ୍ଣ, ୧ ରୌପ୍ୟ
ଉତ୍କଳ: ୧ ବ୍ରୋଞ୍ଜ

**୫୦ତମ ବିବାହବାର୍ଷିକୀ ଶୁଭେଚ୍ଛା**



ଭାଗବତ ସାହୁ ଓ ଭାରତୀ ସାହୁ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣମାନଙ୍କ ଜୀବନ ସୁଖମୟ ଓ ମଙ୍ଗଳମୟ ହେଉ
-:ଶୁଭେଚ୍ଛା ସହ:-
ପୁତ୍ର: ଅରୁଣ ଏବଂ ଅଶୋକ, ପୁତ୍ରବଧୂ: ପ୍ରଭାସିନୀ, ଦେବୀନା, କନ୍ୟା: ଅରୁନ୍ଧତୀ, ଅନସୂୟା, ଜ୍ୱାଇଁ: ପ୍ରଦୀପ, ଅଭୟ, ନାତିନାତୁଣୀ: ଆୟୁଷ୍ମାନ, ଆଶିର୍ବାଦ, ଦିବ୍ୟା ଦେବସ୍ମିତା, ଜ୍ୟୋତିରାଦିତ୍ୟ, ଅର୍ଚ୍ଚିତା ଓ ଅବନ୍ତିକା।
ଧ-୧୬୯୯୩

### ଶ୍ରୀଲଙ୍କା ୩-୦ରେ ସିରିଜ ଜିତିଲା

**ପାଲିକେଲ୍ (ଶ୍ରୀଲଙ୍କା), ୨।୩ (ଏପି)**

ଆଞ୍ଜେଲୋ ମାଥ୍ୟୁସ୍‌ଙ୍କ ୪ ଉଇକେଟ ସଫଳତା ବଳରେ ଶ୍ରୀଲଙ୍କା ଏଠାରେ ଖେଳାଯାଇଥିବା ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୬ରନରେ ପରାସ୍ତ କରିଛି। ଏଥିସହିତ ଦଳ ୩ ମ୍ୟାଚବିଶିଷ୍ଟ ସିରିଜକୁ ୩-୦ରେ ଜିତିନେଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୫୦ ଓଭରରେ ୩୦୭ ରନ କରି ଅଲ୍ଆଉଟ ହୋଇଯାଇଥିଲା। ଟପ୍ ସ୍କୋରର କୁଶାଲ ମେଣ୍ଡିସ ୫୫ ରନ କରିଥିଲେ। ଧନଞ୍ଜୟ ଡି'ସିଲ୍‌ଭା ୪୭ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଅଲ୍‌ଜାରି ଯୋଶେଫ ୪ ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳ ୯ ଉଇକେଟରେ ୩୦୧ ରନ କରି ମ୍ୟାଚ ହାରିଯାଇଥିଲା। ଶାଇ ହୋପ୍ ୭୨ ରନ କରିଥିଲେ। ଓପନର ସୁନୀଲ ଆମ୍ବ୍ରିସ ୬୦ ବଲରୁ ୬୦ ରନ ଏବଂ ନିକୋଲାସ ପୁରନ ୫୦ ରନ କରିଥିଲେ। ମାଥ୍ୟୁସ ତାଙ୍କ ୪ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ପ୍ରଥମ ଦିନିକିଆକୁ ଏକ ଉଇକେଟ ଏବଂ ଦ୍ୱିତୀୟ ମ୍ୟାଚ ୧୬୧ ରନରେ ଜିତିଥିଲା।

# ନାଡାଲଙ୍କ ପରେ ଥିଆଗୋ ସର୍ବକନିଷ୍ଠ



ଟ୍ରଫି ସହ ଥିଆଗୋ ସିବୋଥ୍ ।

**ସାଣ୍ଟିଆଗୋ, ୨।୩ (ଏଏଫ୍‌ପି)**

୨୦୦୫ରେ ରାଫାଲ ନାଡାଲଙ୍କ ପରେ ଲାଟିନ୍ ଆମେରିକାର କ୍ଲେ କୋର୍ଟ 'ଗୋଲ୍‌ଡେନ ସୁଇଙ୍ଗ୍' ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାରେ ବ୍ରାଜିଲର ଥିଆଗୋ ସିବୋଥ୍ ୱାଇଲ୍ଡ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୯ବର୍ଷୀୟ ଥିଆଗୋ ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ନରୱେର କାସ୍ପର ରୁଡ୍‌ଙ୍କୁ ୭-୫, ୪-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏକ ଏଟିପି ଇଭେଣ୍ଟରେ ଟାଇଟଲ ଜିତିବାରେ ସେ ବ୍ରାଜିଲର ମଧ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨୦୦୫ରେ ନାଡାଲ ଯେତେବେଳେ ଏଠାରେ ଟାଇଟଲ ବିଜୟୀ ହୋଇଥିଲେ, ସେତେବେଳେ ତାଙ୍କୁ ୧୮ ବର୍ଷ ବୟସ ହୋଇଥିଲା। ଏହି ମେକ୍ସିକାନ ଇଭେଣ୍ଟ ଏବେ ମଧ କ୍ଲେ-କୋର୍ଟରେ ଖେଳାଯାଉଛି। ସୋମବାର ନୂଆ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଥିଆଗୋ ର୍‍ୟାଙ୍କିଙ୍ଗ ତାଲିକାର ୧୮୨ରୁ ୧୧୩ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

# ଫାଇନାଲରେ ସୁନ୍ଦରଗଡ଼, ବାରିପଦା, ରାଇରଙ୍ଗପୁର

**କଟକ ଅଫିସ,୨।୩**

**ଏସ୍‌ଡିସି କପ୍-୨୦୨୦**

ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସ୍‌ଡିସି କପ୍-୨୦୨୦ର ସେମିଫାଇନାଲ ମୁକାବିଲା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବର୍ଗରେ ବାରିପଦା ଓ ସୁନ୍ଦରଗଡ଼ ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ବର୍ଗରେ ସୁନ୍ଦରଗଡ଼ ଓ ରାଇରଙ୍ଗପୁର ମଧ୍ୟରେ ଫାଇନାଲ ମୁକାବିଲା ହେବ। ଆସନ୍ତା ୫ରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ।

କେନ୍ଦୁଝର ଜୋନରେ ଗୋଟିଏ ଲେଖାଏ ପୁରୁଷ ଓ ମହିଳା ବର୍ଗର ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ବାରିପଦା ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୧-୧ ଗୋଲରେ ଡ୍ର ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ବାରିପଦା ୪-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଏଠାରେ ଖେଳାଯାଇଥିବା ମହିଳା ବର୍ଗର ସେମି ମୁକାବିଲାରେ ସୁନ୍ଦରଗଡ଼ ୯-୦ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ଼ ଜୋନରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଠାରେ ଅନୁଷ୍ଠିତ ରାଇରଙ୍ଗପୁର-ସୁନ୍ଦରଗଡ଼ ବିପକ୍ଷ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ ଗୋଲରେ ଡ୍ର ରହିଥିଲା। ଅତିରିକ୍ତ ସମୟରେ ମଧ ଉଭୟ ଦଳ ୨ଟି ଲେଖାଏ ଗୋଲ ଦେଇଥିଲେ। ପରେ ପେନାଲ୍ଟି କିକ୍ ଜରିଆରେ ସୁନ୍ଦରଗଡ଼ ୫-୪ ଗୋଲରେ ବିଜୟୀ ହୋଇଥିଲା। ରାଇରଙ୍ଗପୁର-ବାରିପଦା ମଧ୍ୟରେ ଅନୁଷ୍ଠିତ ମହିଳା ବର୍ଗର ସେମିଫାଇନାଲ ମ୍ୟାଚ୍‌ରେ ରାଇରଙ୍ଗପୁର ୫-୦ ଗୋଲରେ ବିଜୟହାସଲ କରିଛି।

### ସିଏସିର ପ୍ରଥମ ବୈଠକ ଆଜି

**ମୁମ୍ବାଇ,୨।୩(ପି.ଟି.):** ବିସିସିଆଇର କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ପ୍ରଥମ ବୈଠକ ଏଠାରେ ମଙ୍ଗଳବାର ବସିବ। ଏଥିରେ ଖାଲିପଡ଼ିଥିବା ଦୁଇ ଜାତୀୟ ଚୟନକର୍ତ୍ତା ପଦବୀ ଲାଗି ଆବେଦନ କରିଥିବା ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯିବ। ଉପଦେଷ୍ଟା କମିଟିରେ ପୂର୍ବତନ କ୍ରିକେଟର ମଦନ ଲାଲ୍, ଆର୍.ପି. ସିଂ ଓ ସୁଲକ୍ଷଣା ନାଏକ ରହିଛନ୍ତି। ଖାଲିପଡ଼ିଥିବା ଦୁଇଟି ପଦବୀ ଲାଗି ୪୪ଜଣ ଆବେଦନ କରିଛନ୍ତି। ଚୟନ କମିଟି ମୁଖ୍ୟ ଏମ୍.ଏସ୍.କେ. ପ୍ରସାଦ ଓ ସଦସ୍ୟ ଗଗନ ଖୋଦାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏସିଆନ କ୍ରିକେଟ କାଉନ୍‌ସିଲ ବୈଠକ ଲାଗି ଯାଇ ନ ଥିବାରୁ ସମ୍ଭବତଃ ମଙ୍ଗଳବାର କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ନୂଆ ଚୟନ କମିଟି ଦକ୍ଷିଣ ଆଫ୍ରିକା ସିରିଜ ପାଇଁ ଭାରତୀୟ ଦଳ ଚୟନ କରିବେ ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ୱା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

# ରୋମାଞ୍ଚକ ସ୍ଥିତିରେ ବେଙ୍ଗଲ-କର୍ଣ୍ଣାଟକ ମ୍ୟାଚ୍

**କୋଲକାତା, ୨।୩ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଘରୋଇ ବେଙ୍ଗଲ ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି ୨ୟ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ବେଙ୍ଗଲ ପକ୍ଷରୁ ଧାର୍ଯ୍ୟ ୩୫୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି କର୍ଣ୍ଣାଟକ ସୋମବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ୍ ବିନିମୟରେ ୯୮ ରନ ସଂଗ୍ରହ କରିଛି। ଓପନର୍ ଲୋକେଶ ରାହୁଲ ଖାତା ଖୋଲିବା ପୂର୍ବରୁ ଇଶାନ ପୋରେଲଙ୍କ ବଲରେ ଆଉଟ୍ ହୋଇଥିବାବେଳେ ରବିକୁମାର ସମର୍ଥ ୨୭ ଓ ଅଧିନାୟକ କରୁନ ନାୟାର ୬ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଦେବଦତ୍ତ ପାଡିକଲ ୫୦ ଓ ମନୀଷ ପାଣ୍ଡେ ୧୧ ରନ କରି ଅପରାଜିତ ରହିଛନ୍ତି। ମ୍ୟାଚ୍ ୨ ଦିନ ବାକି ରହିଥିବାବେଳେ କର୍ଣ୍ଣାଟକୁ ବିଜୟ ଲାଗି ଆହୁରି ୨୫୪ ରନ ଆବଶ୍ୟକ ହେଉଛି। ଅପରପକ୍ଷରେ ଆଉ ୭ ଉଇକେଟ୍ ହାସଲ କଲେ ଘରୋଇ ଦଳ ଫାଇନାଲରେ ପ୍ରବେଶ କରିବ।

**ରଣଜୀ ଟ୍ରଫି ସେମିଫାଇନାଲ**

ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୭୨/୪ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଙ୍ଗଲ ୧୬୧ ରନରେ ସୀମିତ ରହିଥିଲା। ପ୍ରଥମ ଇନିଂସର ଶତକ ହାସଲକାରୀ ଅନୁଷ୍ଟୁପ ମଜୁମଦାର ୪୧, ସୁଦୀପ ଚାଟାର୍ଜୀ ୪୫, ଶାହବାଜ ଅହମ୍ମଦ ୩୧ ରନ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ଅଭିମନ୍ୟୁ ମିଥୁନ ୪ ଓ କ୍ରିଷ୍ଣାପ୍ପା ଗୋଥାମ ୩ ଉଇକେଟ୍ ନେଇଥିଲେ। ଫଳରେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧୯୦ ରନର ଅଗ୍ରଣୀ ହାସଲ କରିଥିବା ବେଙ୍ଗଲ ମୋଟ୍ ୩୫୨ ରନର ଟାର୍ଗେଟ୍ କର୍ଣ୍ଣାଟକ ସମ୍ମୁଖରେ ରଖିଥିଲା।



ଲୋକେଶ ରାହୁଲଙ୍କ ଉଇକେଟ ହାସଲ ପରେ ଇଶାନ ପୋରେଲ ଖୁସି ମନାଉଛନ୍ତି।

### ୩୧ ବର୍ଷ ପୂର୍ବେ ଟାଇଟଲ୍ ଜିତିଥିଲା ବେଙ୍ଗଲ

ବେଙ୍ଗଲ କ୍ରିକେଟ୍ ଦଳ ଶେଷଥର ପାଇଁ ୩୧ ବର୍ଷ ତଳେ ଭାରତୀୟ ଘରୋଇ କ୍ରିକେଟ୍‌ର ସମ୍ମାନଜନକ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଟାଇଟଲ୍ ଜିତିଥିଲା। ୧୯୮୯-୯୦ ସିଜନରେ ଦିଲ୍ଲୀକୁ ପରାସ୍ତ କରି ବେଙ୍ଗଲ ଚାମ୍ପିୟନ ହୋଇଥିଲା। ସେହିବର୍ଷ ସୌରଭ ଗାଙ୍ଗୁଲି ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ସେହିଭଳି ଯଦି ବେଙ୍ଗଲ କର୍ଣ୍ଣାଟକକୁ ପରାସ୍ତ କରେ ତେବେ ୧୩ ବର୍ଷ ପରେ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ୨୦୦୭ରେ ଶେଷଥର ପାଇଁ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ମୁମ୍ବାଇଠାରୁ ୧୩୨ ରନରେ ପରାସ୍ତ ହୋଇ ରନର୍ସଅପ୍ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ- ୩୧୨ରେ ଅଲ୍ଆଉଟ୍
କର୍ଣ୍ଣାଟକ ପ୍ରଥମ ଇନିଂସ- ୧୨୨ରେ ଅଲ୍ଆଉଟ୍
ବେଙ୍ଗଲ ୨ୟ ଇନିଂସ- ୧୬୧ରେ ଅଲ୍ଆଉଟ୍
କର୍ଣ୍ଣାଟକ ୨ୟ ଇନିଂସ- ୩/୯୮

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ୪ର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରାଜେନ୍ଦ୍ର କୁମାର ସାହୁ (ରାଜା)
ଆବିର୍ଭାବ: ୧୬।୧୧।୧୯୯୯
ତିରୋଧାନ: ୧୬।୦୩।୨୦୧୬
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଏହି ଅକାଳ ବିୟୋଗରେ ତୋର ଆତ୍ମାକୁ ଚିର ଶାନ୍ତି ଦିଅନ୍ତୁ। ତୋର ଉପସ୍ଥିତି ଆମେ ସବୁବେଳେ ପାଖରେ ଅନୁଭବ କରିପାରୁଛୁ। ତୋର ତ୍ୟାଗ, ସାହସ, ନିଷ୍ଠା ପରାୟଣ, ପରୋପକାର ମନୋଭାବ, ଭଲପାଇପବା ସମସ୍ତଙ୍କ ମନରେ ଚିର ସ୍ମରଣୀୟ ହୋଇ ରହିଥିବା ତୋର ଶୋକସନ୍ତପ୍ତ ପିତା, ମାତା, ଭାଇ, ଭଉଣୀ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୯୧୭

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



ରସବତୀ ପରିଡ଼ା
୨୬.୦୧.୧୯୩୦ - ୧୪.୦୩.୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ
Parida Family
Manapada, Gop,Puri &
NM Group of Institutions, BBSR
ଧ-୧୬୯୯୨

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିନୋଦିନୀ ଶତପଥୀ
ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ, କେ.ପି. ହାଇସ୍କୁଲ, ଗୋବିନ୍ଦପୁର, ଢେଙ୍କାନାଳ
ତିରୋଧାନ: ୨୦।୦୩।୨୦୧୩
ଚାହୁଁ ଚାହୁଁ ସାତବର୍ଷ ହୋଇଗଲା, ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ସତେ ଯେମିତି ତୁମ ସୂକ୍ଷ୍ମ ଶରୀର ଆମ ପାଖରେ ଅଛି। ତୁମର ନିଷ୍ଠାପରତା, ତ୍ୟାଗ, ଆଦର୍ଶ, ଦାନଶୀଳତା ସବୁବେଳେ ଆମର ପାଥେୟ ହୋଇ ରହିବ, ତୁମର ସ୍ନେହ, ଶ୍ରଦ୍ଧା, ମଧୁମୟ ସ୍ମୃତି ଆମପାଇଁ ସଦା ଜୀବନ୍ତ, ତୁମର ଆତ୍ମା ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
-:ଇତି:-
ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଧ-୬୯୧୦୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୦ Sambalpur, Tuesday, March 3 / 2020

## ସଂକ୍ଷେପରେ

### ଦିନ ଦ୍ୱିପ୍ରହରରେ ଶିକ୍ଷକଙ୍କ ଘରୁ ଚୋରି

**ଖଇରା,୨।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ପୂର୍ବପଡା ଗ୍ରାମର ଶିକ୍ଷକ ମାନସ କୁମାର ଲେଙ୍କାଙ୍କ ବାସଭବନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଖଇରା ଥାନା ଏସ୍ଆଇ ଅଶ୍ୱିନୀ ବେହେରା ଏକ ମାମଲା(ନଂ.୪୮/୨୦) ରୁଜୁ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଶିକ୍ଷକ ଲେଙ୍କା ସ୍କୁଲ ଚାଲିଯିବା ପରେ ତାଙ୍କ ପତ୍ନୀ ଓ ପୁଅ ଘରେ ତାଲା ଦେଇ ପଡୋଶୀ ଘରକୁ କାମରେ ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ମୁଖ୍ୟ ଦ୍ୱାର କବାଟ ତାଲା ଭାଙ୍ଗି ଘରେ ପଶି ଆଲମିରା ଭାଙ୍ଗି ଆନୁମାନିକ ୫ଲକ୍ଷ ଟଙ୍କାର ଅଳଙ୍କାର ନେଇ ପଳାଇଥିବା ଜଣାଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

**ସୋର, ୨।୩(ଡି.ଏନ୍.ଏ.):** ସୋର ବାହାନଗା ମଧବର୍ତ୍ତୀ ବିଦୁ ନିକଟସ୍ଥ ଟ୍ରେନ୍ ଲାଇନରେ ସୋମବାର ଅପରାହ୍ନ ୪ଟାରେ ଏକ ଚଳନ୍ତା ଟେନ୍ ଆଗକୁ ଡେଇଁ ଜଣେ ଅଜଣା ଯୁବକ ଆତ୍ମହତ୍ୟା କରିଛନ୍ତି। ମାଲବାହୀ ଟ୍ରେନ ଆସୁଥିବା ବେଳେ ହଠାତ୍ ଯୁବକ ଜଣକ ଲାଇନ ଉପରକୁ ଡେଇଁପଡ଼ି ଶୋଇପଡିଥିବା ଟ୍ରେନ ଡ୍ରାଇଭର ସୂଚନା ଦେଇଛନ୍ତି।

# ୮ମାସ ବିତିଲା, ରବିଧାନ ବିକ୍ରି ଟଙ୍କା ମିଳିଲା ନାହିଁ

**ବରଗଡ଼ ଅଫିସ,୨।୩**

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ସରିବା ଉପରେ। ଆଉ ଦୁଇ, ଅଢ଼େଇ ମାସ ପରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏଭଳି ସ୍ଥିତିରେ ସର୍ବାଧିକ ଧାନ ଉତ୍ପାଦନ ଯୋଗୁ ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲାରେ ଧାନ କିଣାବିକାକୁ ନେଇ ଏକ ବଡ଼ଧରଣର ଅନିୟମିତତା ପଦାକୁ ଆସିଛି। ପି-ପାସ୍ (ପେଡ୍ଡି ପ୍ରକ୍ୟୁମେଣ୍ଟ ଅଟୋନମସ ସିଷ୍ଟମ)ରେ ଡିଏଫ୍‌ଟି (ଡାଇରେକ୍ଟ ଫଣ୍ଡ୍ ଟ୍ରାନ୍ସଫର) ମାଧ୍ୟମରେ କ୍ରୟଧାନର ପ୍ରାପ୍ୟ ଚାଷୀଙ୍କୁ ପ୍ରଦାନ ବ୍ୟବସ୍ଥା ରହିଛି। ଧାନ ବିକ୍ରି ହେବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ତାହା ଚାଷୀଙ୍କ ଆକାଉଣ୍ଟରେ ଜମା ହେବ ବୋଲି ସରକାରୀ ଭାବେ କୁହାଯାଉଛି। କିନ୍ତୁ ଏହି ଜିଲାର ସରସରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧୀନରେ ରହିଥିବା ଚାଷୀଙ୍କୁ ଏପର୍ଯ୍ୟନ୍ତ ୨୦୧୯ ରବିଧାନ ବିକ୍ରିର ପ୍ରାପ୍ୟ ମିଳିପାରି ନାହିଁ । ୭୫ଜଣ ଚାଷୀ ସେତେବେଳେ ୩୩୫୯୦.୦୮ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସେହି



ବିକ୍ରିଧାନର ପ୍ରାପ୍ୟ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବିକ୍ରିଧାନର ପ୍ରାପ୍ୟ ବାବଦକୁ ୬୨ଲକ୍ଷ ୮୨ହଜାର ୬୪୦ଟଙ୍କା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସରସରା ପ୍ୟାକ୍ସ ଅଧୀନ ସରସରା, ବାଲିଜୁରୀ, ବୀରମାଲ, ବେହେରା ଆଦି ଗ୍ରାମର ୭୫ଜଣ ଚାଷୀ ବେହେରା ମଣ୍ଡିରେ ଧାନ ବିକିଥିଲେ । ସେମାନଙ୍କ ବିକ୍ରି ଧାନକୁ ପ୍ୟାକ୍ସ କ୍ରୟ କରି ଗୋଟିଏ ଦିନରେ ଅର୍ଥାତ୍ ଗତବର୍ଷ ଜୁନ୍ ୩୦ତାରିଖରେ ଜିଲାର ୭ଟି ରାଇସ୍ ମିଲ ମଧ୍ୟରେ ଯଥାକ୍ରମେ ୪୦୮.୮୦, ୨୧୫.୧୮, ୫୦୦, ୧୨୫୬.୩. ୭୮୪.୮, ୩୮୧ ଏବଂ ୪୪କୁଇଣ୍ଟାଲ ଭାବେ ଆବଣ୍ଟନ କରିଥିଲା । କିନ୍ତୁ ଧାନ ବିକ୍ରି ହେବାର ଦୀର୍ଘଦିନ ବିତିବା ସତ୍ତ୍ୱେ ଚାଷୀଙ୍କ ଆକାଉଣ୍ଟରେ ପ୍ରାପ୍ୟ ଜମା ହୋଇ ନ ଥିଲା। ଏ ନେଇ ତତ୍କାଳୀନ ପ୍ୟାକ୍ସ ସମ୍ପାଦକଙ୍କଠାରୁ ଆରମ୍ଭ କରି ଉଚ୍ଚ

> **ବରଗଡ଼ ଜିଲାରେ ଚାଷୀ ଅସନ୍ତୋଷ**
> - ୭୫ ଚାଷୀଙ୍କୁ ମିଳିନି ୬୨.୮୨ଲକ୍ଷ ଟଙ୍କା
> - କେବଳ ପ୍ରତିଶ୍ରୁତି ମିଳୁଛି, ଟଙ୍କା ମିଳୁନି
> - ଏଆରସିଏସ୍ କହିଲେ ୨/୪ଦିନ ଭିତରେ ଏହି ସମସ୍ୟାର ସମାଧାନ ହେବ

ପଦାଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କେବଳ ଆଶ୍ୱାସନା ଛଡ଼ା ଅନ୍ୟ କିଛି ମିଳି ନ ଥିଲା ବୋଲି ଚାଷୀମାନେ କହିଛନ୍ତି। ଫଳରେ ଧାର, ଉଧାର କରି ସେମାନେ ଖରିଫ ଚାଷ କରିଥିଲେ। ଖରିଫ ବିକ୍ରିଧାନର ପ୍ରାପ୍ୟ ମିଳିସାରି ଥିବାବେଳେ ଏପର୍ଯ୍ୟନ୍ତ ତାର ପୂର୍ବ ଫସଲ ଅର୍ଥାତ୍ ରବି ବିକ୍ରିଧାନର ପ୍ରାପ୍ୟ ମିଳି ନ ଥିବା ଯୋଗୁ ଚାଷୀମାନେ ବହୁ ହଟହଟାର ସମ୍ମୁଖୀନ ହେଉଛନ୍ତି ।

ଏ ସମ୍ପର୍କରେ ବାଲିଜୁରୀ ଗ୍ରାମର ଚାଷୀ ଶିବାଜୀ ବିଶ୍ୱାଳ କହିଛନ୍ତି, ତାଙ୍କ ଆକାଉଣ୍ଟରେ ବିକ୍ରି ଧାନର ପ୍ରାପ୍ୟ ଜମା ହୋଇଥିବ ଭାବି ସେ ଏକାଧିକ ଥର ବ୍ୟାଙ୍କକୁ ଯାଇ ଆକାଉଣ୍ଟ ଯାଞ୍ଚ କରିଛନ୍ତି। କିନ୍ତୁ ତାହା ଜମା ହୋଇ ନ ଥିଲା। ଫଳରେ ଯେଉଁ ମିଲ୍‌କୁ ତାଙ୍କ ଧାନ ପଠାଯାଇଥିଲା, ସେହି ମିଲ ମାଲିକଙ୍କ ପାଖକୁ ମଧ୍ୟ ସେ ଯାଇଥିଲେ। ମାତ୍ର ସମ୍ପୃକ୍ତ ମିଲ୍ ମାଲିକ ତାଙ୍କ ଧାନ ସେଠାକୁ ଆସିଥିବା ସ୍ୱୀକାର କରିଥିଲେ ସୁଦ୍ଧା ବିକ୍ରି ଧାନର ପ୍ରାପ୍ୟ ଦେବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ। ସେହିପରି ସରସରା ଗ୍ରାମର ଜଣେ ଚାଷୀ ଆଶିଷ ମିଶ୍ର କହିଛନ୍ତି, ସେ ବିକିଥିବା ଧାନର ପ୍ରାପ୍ୟ ଆକାଉଣ୍ଟରେ ଜମା ନ ହେବାରୁ ଅନେକଥର ପ୍ୟାକ୍ସ ସମ୍ପାଦକଙ୍କୁ ଭେଟିଥିଲେ। ସେତେବେଳେ ବିଭିନ୍ନ ଆଳ ଦେଖାଯାଇଥିଲା । ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ସୁଦ୍ଧା ବିକ୍ରିଧାନର ପ୍ରାପ୍ୟ ଜମା ହୋଇଯିବ ବୋଲି ସମ୍ପୃକ୍ତ ଅଧିକାରୀ ଆଶ୍ୱାସନା ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ଟଙ୍କା ମିଳିନାହିଁ । ଅନ୍ୟପଟେ ଜଣେ ଦିବ୍ୟାଙ୍ଗ ଗୋବର୍ଦ୍ଧନ ପ୍ରଧାନ କହିଛନ୍ତି, ଆସନ୍ତା ଏପ୍ରିଲ ୧୪ ଓ ୧୫ତାରିଖରେ ତାଙ୍କ ପୁଅର ବାହାଘର। ବିକ୍ରିଧାନର ପ୍ରାପ୍ୟ ମିଳିଲେ ପୁଅ ବାହାଘରରେ ତାହା ଖର୍ଚ୍ଚ କରିବି ବୋଲି ଭାବିଛି। ମାତ୍ର ଏପର୍ଯ୍ୟନ୍ତ ତାହା ମିଳିପାରି ନ ଥିବାରୁ ଚିନ୍ତାରେ ରହିଥିବା ସେ କହିଛନ୍ତି। ଏଭଳି ଅଭିଯୋଗ ନେଇ ଚାଷୀମାନେ ସୋମବାର ଜିଲାପାଳଙ୍କ ଅଫିସ ଆସିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଏବଂ ଏଆରସିଏସ ପାଣିଗ୍ରାହୀଙ୍କୁ ଭେଟି ବିକ୍ରି ଧାନର ପ୍ରାପ୍ୟ ପ୍ରଦାନ ପାଇଁ ବିହିତ ପଦକ୍ଷେପ ନେବାକୁ ଗୁହାରି କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସହକାରୀ ସମବାୟ ନିବନ୍ଧକ (ଏଆରସିଏସ) ଶରତ ପାଣିଗ୍ରାହୀଙ୍କୁ ପଚାରିବାରୁ ତତ୍କାଳୀନ ପ୍ୟାକ୍ସ ସମ୍ପାଦକଙ୍କ ବଦ୍‌ମାସୀ ଯୋଗୁ ସେଭଳି ହୋଇଥିଲା। ତାହା ତାଙ୍କ ନଜରକୁ ଆସିଛି । ୨/୪ଦିନ ମଧ୍ୟରେ ତାର ସମାଧାନ ସହିତ ଚାଷୀମାନେ ବିକ୍ରିଧାନର ପ୍ରାପ୍ୟ ଯେଭଳି ପାଇଯିବେ, ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ

**ନରସିଂହପୁର,୨।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ ସୋମବାର ପୋଖରୀରେ ବୁଡ଼ି ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦେବଭୂମି ପଞ୍ଚାୟତ ଅନ୍ତର୍ଗତ ଭୁଷ୍ଟା ଗ୍ରାମର ଶିବସୁନ୍ଦର ପ୍ରଧାନଙ୍କ ଝିଅ ଶ୍ରଦ୍ଧା(୯) ଓ ରଙ୍ଗଡାବ ଗ୍ରାମର ସୁଧୀର ସାହୁଙ୍କ ଝିଅ ପୂଜା(୯)। ଉଭୟ ସମ୍ପର୍କରେ ମାମୁ ଝିଅ ଭଉଣୀ ହୋଇଥିବା ବେଳେ ୪ର୍ଥ ଶ୍ରେଣୀର ଛାତ୍ରୀ ଥିଲେ। ପୂଜା ୨ ଦିନ ପୂର୍ବେ ମାମୁ ଘରକୁ ବୁଲିବାକୁ ଆସିଥିଲେ। ସକାଳେ ଉଭୟ ଭଉଣୀ ଘର ନିକଟ ପୋଖରୀକୁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସେଠାରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି। ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ନିର୍ମଳ କୁମାର ଜେନା ଓ ନରସିଂହପୁର ତହସିଲଦାର ଆକାଶ ରଞ୍ଜନ ସାହୁ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଛାତ୍ରୀଙ୍କୁ ଅଶ୍ଳୀଳ ଫୋନକଲ୍: ଅଧ୍ୟକ୍ଷ ଥାନାରେ ଅଟକ

**ଚାନ୍ଦବାଲି,୨।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମରା ଅଞ୍ଚଳରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଅଶ୍ଳୀଳ ଫୋନ କଲ୍ କରି ଧରାପଡ଼ିବା ଭୟରେ ଫେରାର ହୋଇଯାଉଥିଲେ ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲର ଅଧ୍ୟକ୍ଷ। ଛାତ୍ରୀଙ୍କ ବାପା ଧାମରା-ବାସୁଦେବପୁର ରାସ୍ତାରେ ଗାଡ଼ିରୁ ଅଧ୍ୟକ୍ଷଙ୍କୁ ଅପହରଣ କରି ମାଡ଼ ମାରିବା ସହ ଗାଡ଼ି ଭଙ୍ଗାରୁଜା କରିବା ଭଳି ଘଟଣା ଘଟିଛି। ଏ ନେଇ ବାଂଶଡ଼ା ଓ ଧାମରା ମେରାଇନ ଥାନାରେ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଅଧ୍ୟକ୍ଷଙ୍କୁ ଅପହରଣ ମାମଲାରେ ବାଂଶଡ଼ା ଥାନା ପୋଲିସ ସମ୍ପୃକ୍ତ ଛାତ୍ରୀଙ୍କ ବାପା ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୫୧/୨୦) ରୁଜୁ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ମେରାଇନ ପୋଲିସ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ପାଇକସାହି କ୍ଲଷ୍ଟର ଅଧୀନ ଉକ୍ତ ସ୍କୁଲର ଅଧ୍ୟକ୍ଷ ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ ଫୋନ କଲ୍ କରିଥିବାର ଅଡିଓ ଭାଇରାଲ

> **ଅଧ୍ୟକ୍ଷଙ୍କୁ ଅପହରଣ ମାମଲାରେ ୨ ଗିରଫ**

ହୋଇଛି। ଏ ସମ୍ପର୍କରେ ଜଣାପଡ଼ିବା ପରେ ରବିବାର ରାତିରେ ଏକ ବୋଲେରୋରେ ଅଧ୍ୟକ୍ଷ ଅନ୍ୟ ଦୁଇଜଣ ସହଯୋଗୀଙ୍କ ସହ ନିଜ ଘର ଭୁବନେଶ୍ୱରକୁ ପଳାଇ ଯାଉଥିଲେ। ଏହି ଖବର ପାଇ ଛାତ୍ରୀଙ୍କ ବାପା କରଣପଲ୍ଲୀସ୍ଥିତ ରୁଗାଛକଠାରେ ବୋଲେରୋରୁ ଅଧ୍ୟକ୍ଷଙ୍କୁ ଉଠାଇ ନେଇଥିଲେ ଓ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହାକୁ ବିରୋଧ କରି ସ୍ଥାନୀୟ କେତେଜଣ ଲୋକ ରୁଗାଛକରେ ଧାମରା-ବାସୁଦେବପୁର ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବାଂଶଡ଼ା ଥାନା ପୋଲିସ ସେଠାରେ ପହଞ୍ଚି ଅଧ୍ୟକ୍ଷଙ୍କ ସମେତ ୩ ଜଣଙ୍କୁ ଉଦ୍ଧାର କରିବା ସହ ଛାତ୍ରୀଙ୍କ ବାପା ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ନେଇଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ୍ୟ କେବେହେଲେ ବ୍ୟର୍ଥ ହୁଏ ନାହିଁ।

- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଆଦର୍ଶ ପ୍ରବେଶିକା ପରୀକ୍ଷା ଦେଲେ ୩୪୮ ଛାତ୍ରୀଛାତ୍ର

ତରଭା, ୨।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଜାମକାନୀ ଓଡିଶା ଆଦର୍ଶ ବିଦ୍ୟାଳୟରେ ୩୬୫ ଜଣ ଛାତ୍ରୀଛାତ୍ରୀ ଆବେଦନ କରିଥିବା ବେଳେ ୩୪୮ଜଣ ପରୀକ୍ଷା ଦେଇଛନ୍ତି। ୧୭ ଜଣ କୌଣସି କାରଣବଶତଃ ଅନୁପସ୍ଥିତ ରହିଥିଲେ। ସକାଳ ୯ଟାରୁ ଆରମ୍ଭ ହୋଇଥିବା ପରୀକ୍ଷା ୧୧ଟାଶ ଯାଏ ଚାଲିଥିଲା। ଷଷ୍ଠ ଶ୍ରେଣୀରେ ୮୦ଟି ସିଟ ପାଇଁ ୨୮୨, ସପ୍ତମରେ ୬ ସିଟ ପାଇଁ ୧୫, ଅଷ୍ଟମରେ ୭ ସିଟ ପାଇଁ ୨୪, ନବମ ଶ୍ରେଣୀରେ ୨୩ଟି ସିଟ ପାଇଁ ୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ବୋଲି ଜାମକାନୀ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ପଧାନ ସୂଚନା ଦେଇଛନ୍ତି।

# ୬ ଦଫା ଦାବିରେ କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା

ଉଲୁଣ୍ଡା, ୨।୩(ଡି.ଏନ.ଏ.)

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନ ଉଲୁଣ୍ଡା ରେଞ୍ଜ କମିଟି ତରଫରୁ ବିଭିନ୍ନ ଦାବିନେଇ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ସୋମବାର ଧାରଣା ଦେଇଥିଲେ। ସର୍ବନିମ୍ନ ମଜୁରି ବର୍ଦ୍ଧିତ ହାରରେ ସିଜନାଲ କର୍ମଚାରୀ, ୱାଚରମାନଙ୍କ ଦରମା ବୃଦ୍ଧି, ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ସହାୟତା, ସାମାଜିକ ସୁରକ୍ଷା ସହାୟତା ପାଇଁ ମାନଦଣ୍ଡ ୨ ହଜାର କେରୀ ପରିବେର୍ତ୍ତ ୧ ହଜାର କେରୀ ପୂର୍ବବତ ରଖିବା, କୌଣସି ରେଞ୍ଜ ଅଫିସ ଓ ସେକ୍ସନ ଉଚ୍ଛେଦ ନ କରିବା ସଙ୍ଗେ ସଙ୍ଗେ ବହୁ ସଂଖ୍ୟାରେ ଫଡିଗୁଡିକ ଉଚ୍ଛେଦ କରା ନ ଯିବା, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଠାଇବା, ତ୍ରୁଟିପୂର୍ଣ୍ଣ କେନ୍ଦୁପତ୍ର ବିକ୍ରୀନୀତି ଓ ପରିଚାଳନା ଗତ ତ୍ରୁଟିକୁ ସଂଶୋଧନ କରିବା ଆଦି ୬ ଦଫା ଦାବି ନେଇ ଧାରଣା ଦେଇଥିଲେ। ସୀତାରାମ ଭୋଇଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ହିମାଂଶୁ ଶେଖର ପୁରୋହିତ, କୃଷ୍ଣଚନ୍ଦ୍ର ବିଶି, ନାରାୟଣ ନାଏକ, ବିପିନ କର୍ଣ୍ଣ, ମାର୍କଣ୍ଡ ପଧାନ, ଅନନ୍ତ ଚରଣ ଦାସ, ଅମ୍ବରୀଶ ଦାସ, ଦାଶରଥି କୁରକୁରିଆ, ପତବାସ ଦେହେରୀ, ମାନସ କର୍ଣ୍ଣଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ। ଏହି ସବୁ ଦାବି ପୂରଣ ନହେଲେ ଆଗାମୀ ଦିନରେ ସେମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



କର୍ମଚାରୀ ସଂଘ କର୍ମକର୍ତ୍ତାମାନେ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

### ଟ୍ରାକ୍ଟର ଓଲଟି ପଡିବାରୁ ଶ୍ରମିକ ମୃତ

ମନମୁଣ୍ଡା, ୨।୩ (ଡି.ଏନ.ଏ)

ମନମୁଣ୍ଡା ଥାନା ଡମପଡାରୁ ପଡକା ରାସ୍ତା ବାଘ ବ୍ୟାରେଜ କେନାଲରେ ସୋମବାର ଏକ ନମ୍ବର ବିହୀନ ଟ୍ରାକ୍ଟର ଓଲଟି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କହଁରପଡାର ପ୍ରଶାନ୍ତ ଦୀପ (୨୮)। ଏହି ଦୁର୍ଘଟଣାରେ ସେହି ଗ୍ରାମର ଅନ୍ୟ ଜଣେ ଶ୍ରମିକ ସୁଦର୍ଶନ ଦନ୍ତା ଆହତ ହୋଇଛନ୍ତି। ଉକ୍ତ ଟ୍ରାକ୍ଟର ବାଲି ଆଣିବାକୁ ନଦୀକୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ କେନାଲରେ ଓଲଟି ପଡିବାରୁ ପ୍ରଶାନ୍ତ ଟ୍ରାକ୍ଟର ତଳେ ଚାପି ହୋଇ ଯାଇଥିଲେ। ଶଗଡା ଫାଣ୍ଡି ଅଧିକାରୀ ଏସ୍‌ଆଇ ଅରୁଣ ସିଂ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଛନ୍ତି । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି ।

## 'ସାହିତ୍ୟକମାନେ ସମାଜ ସଂସ୍କାରର ମୁଖ୍ୟ ପୁରୋଧା'

ଅମରପାଲି, ୨।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସପ୍ତଦୀପା ସାହିତ୍ୟ ସଂସଦର ୧୦୧ତମ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ଚମ୍ପାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ହରିହର ସିଂହ ବାବୁ ମୁଖ୍ୟଅତିଥି ଏବଂ ସାମାଜିକ ସଂଗଠନ ପ୍ରୟାସର ସଭାପତି ରାଧେଶ୍ୟାମ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମାଜ ସଂସ୍କାରରେ ସାହିତ୍ୟର ଭୂମିକା ଅତୁଳନୀୟ ଏବଂ ସାହିତ୍ୟକମାନେ ସମାଜ ସଂସ୍କାରର ମୁଖ୍ୟ ପୁରୋଧା ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଏକ କବିତା ପର୍ବ ପ୍ରହଲ୍ଲାଦ ନାଏକ ଓ ଯୁଧିଷ୍ଠିର ଖମାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଧ୍ରୁବଚରଣ କ୍ଷେତୀ, ଶ୍ୟାମ ଗୋପାଳ ହୋତା, ଭଗବାନ ବାଘ, ଦ୍ୱିତୀକୃଷ୍ଣ ପଣ୍ଡା, ହରିହର ସିଂହ ବାବୁ, ରାଧେଶ୍ୟାମ ମିଶ୍ର, ବାସୁଦେବ ରଥ, ଭାବଗ୍ରାହୀ ମେହେର, ଯୁଧିଷ୍ଠିର ଖମାରୀ, ପ୍ରହଲ୍ଲାଦ ନାଏକ, ଶଙ୍କର୍ଷଣ ଛନ୍ଦ, ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ସଂସଦର ବରିଷ୍ଠ ସଦସ୍ୟ ସ୍ୱର୍ଗତ ରବିଚନ୍ଦ୍ର ସାହୁଙ୍କ ବିୟୋଗ ହେତୁ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁଗଳ କିଶୋର ମିଶ୍ର, ସଭା ସଂଯୋଜନା କରିଥିବା ବେଳେ ଭାବଗ୍ରାହୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଆସର ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା।



ସାରସ୍ୱତ ସମାରୋହରେ ଯୋଗ ଦେଇଥିବା କବିମାନେ।

## ଓସିଏ ଭିଜନ ୨୦୨୪ କ୍ରିକେଟ: ଏସଡିସିଏ ରାଇଡର ବିଜୟୀ

ଉଲୁଣ୍ଡା, ୨।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆଠାରେ ଆୟୋଜିତ ବରିଷ୍ଠ ବିଭାଗ ଭିଜନ-୨୦୨୪ କ୍ରିକେଟ ପ୍ରତିଯୋଗିତାର ସୋମବାର ଦିନର ଖେଳରେ ଏସଡିସିଏ ରାଇଡର ଦଳ ପିଥିହସ୍ତକୁ ହରାଇ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିଣି ପିଥିହସ୍ତ ଦଳ ୨୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୯ ରନ କରିଥିଲା। ଦଳ ପକ୍ଷରୁ ସୁରେସ ଦେହୁରୀ ୨୭ ବଲରେ ୪୬ ରନ ଏବଂ ଅଭିନାଷ ନାଏକ ୨୧ ରନ କରିଥିଲେ। ବିପକ୍ଷ ଦଳର ଆଲୋକ ରଞ୍ଜନ ପର୍ଡିଆ ୪ ଉଇକେଟ ଅକ୍ତିଆର କରିଥିଲେ। ୧୬୦ ରନର ବିଜୟ ଲକ୍ଷ୍ୟ ନେଇ ବିପକ୍ଷ ଏସଡିସିଏ ରାଇଡର ଦଳ ୩୨.୫ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସର୍ବାଧିକ ସତ୍ୟନାରାୟଣ ପଧାନ ୬୨ ଏବଂ ସଞ୍ଜୀବ ସେଠୀ ୫୬ ରନ କରିଥିଲେ। ଭକ୍ତବହ୍ଲବ ଦେହେରୀ ୨ ଉଇକେଟ ନେଇଥିଲେ। ଖେଳକୁ ଶ୍ୟାମ ଶୁନ୍ଦର ପଣ୍ଡା ଏବଂ ରଘୁବୀର ମିଶ୍ର ପରିଚାଳନା କରିଥିବା ବେଳେ ସରୋଜ କୁମାର ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଖେଳକୁ ଉଲୁଣ୍ଡା ଯୁବମହାସଂଘର ମହେଶ ରଞ୍ଜନ ପୁରୋହିତ, ବିଶ୍ୱଜିତ ପାତ୍ର, ସୋନପୁରର କ୍ଷିରସାଗର ବିଭାର ଅତିଥି ଭାବେ ଯୋଗଦେଇ ରାଇଡର ଦଳର ପ୍ରଦୀପ ସେଠୀଙ୍କୁ ମ୍ୟାନ ଅପଦ ମ୍ୟାଚ ଭାବେ ପୁରସ୍କାର କରିଥିଲେ।

## କ୍ରିକେଟ: ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ

ବୌଦ୍ଧ,୨।୩(ସ୍ୱ.ପ୍ର)

ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଓ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧରେ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ମହାନଦୀ ସ୍ପୋର୍ଟିଂ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖେଳର ପ୍ରଥମ ଇନିଂସରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୨୮୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସତ୍ୟଶ୍ରୀ ଦାସ ୧୦୩ ବଲରେ ୬୭ ରନ୍, ୪୫ ବଲରେ ୬୦ ରନ୍, ଭେଙ୍କଟେଶ ଭାଣ୍ଡେ ୪୨ ବଲରେ ୫୪ ରନ୍ କରିଥିଲେ। ମହାନଦୀ ଦଳର ଦୀପକ ଟୁଡୁ ୨୭ରନ୍ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିବାବେଳେ ତନ୍ମୟ ମିଶ୍ର ୬୬ ରନ୍ ଦେଇ ୨ଟି ଉଇକେଟ ନେଇଥିଲେ । ଏହାର ଜବାବରେ ମହାନଦୀ ସ୍ପୋର୍ଟିଂ ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ କରିପାରିଥିଲା । ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୧୬୯ ରନ୍‌ରେ ବିଜୟ ଲାଭ କରିଛି । ମହାନଦୀ ସ୍ପୋର୍ଟିଂ ତରଫରୁ ଅଭୟାନନ୍ଦ ଜାନୀ ୩୭ରନ୍, ସହବ ଉଦ୍ଦିନ ୧୮ ରନ୍ କରିଥିଲେ । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂର ମନୋଜ ନାୟକ ୬ଟି ଓ ରଜନୀଶ ଯାଦବ ୨ଟି ଉଇକେଟ ନେଇଥିଲେ । ଅମ୍ପାୟାର ରିତ ରଞ୍ଜନ ଚାନ୍ଦ ଓ ବିଭୂତି ଭୂଷଣ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ । ସ୍କୋରର ଭାବେ ସାଇପ୍ରିୟ ଦାସ କାର୍ଯ୍ୟ ତୁଲାଇଥିଲେ।

## ନିଶା ସେବନ କରି ବସ୍ ଚଳାଉଥିବା ଡ୍ରାଇଭର ଗିରଫ

ତରଭା, ୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷରାରୁ ଭୁବନେଶ୍ୱର ଯାଉଥିବା ଏକ ବସର ଡ୍ରାଇଭର ସୋମନାଥ ପଧାନ(୩୭)ଙ୍କୁ ମଦ ପିଇ ଗାଡି ଚଳାଉଥିବା ଅଭିଯୋଗରେ ସୋମବାର ଗିରଫ କରାଯାଇଛି । ରବିବାର ରାତି ପ୍ରାୟ ୧୦ଟା ୧୦ମିରେ ତୁଷରା ପଟରୁ ବସ୍‌ଟି ଦ୍ରୁତଗତିରେ ଆସୁଥିବା ସମୟରେ କମସରା ବୁଲାଣିରେ ଗାଡିରେ ଲଦା ଯାଇଥିବା ଲଗେଜ ତଳେ ପଡିଯାଇଥିଲା । ଏହା ଦେଖି ଯାତ୍ରୀମାନେ କମସରା ପୋଲିସକୁ ଖବର ଦେଇଥିଲେ । କମସରା ଫାଣ୍ଡି ଅଧିକାରୀ ଅବନୀ ପଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଅଟକାଇ ଥିଲେ। ଡ୍ରାଇଭର ପଧାନଙ୍କୁ ପରୀକ୍ଷା ପରେ ସେ ନିଶା ସେବନ କରିଥିବା ଜଣାପଡିଥିଲା। ଏ ନେଇ ତରଭା ଥାନାରେ ଏକ ମାମଲା (ନଂ. ୭/୨୦)ରୁଜୁ କରି ଡ୍ରାଇଭର ପଧାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଡୋଳାମଣୀ ଭୋଇଙ୍କଠାରୁ ପ୍ରକାଶ।

## ୬୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ସୋନପୁର,୨।୩(ନି.ପ୍ର.)

ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲାପାଳଙ୍କ ମିଳିତ ଜନଶୁଣାଣି ଓ କୃଷି ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା । ଜିଲାପାଳ ମୋନିଷା ବାନାର୍ଜୀ ଲୋକଙ୍କର ଅଭିଯୋଗ ଶୁଣି ତାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ବିଡିଓ ରବିନ୍ଦ୍ର କୁମାର ପଟେଲ, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଜେନା, ଓ୍ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଇଂ ଯଜ୍ଞେଶ କୁମାର ପାତ୍ର, ସୋନପୁର କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ସିଡିପିଓ ନିବେଦିତା ସରାଫ ଉପସ୍ଥିତ ଥିଲେ। ସୋମବାର ମୋଟ ୬୦ଟି ଅଭିଯୋଗ ଆସିଥିଲା ବେଳେ ୫୩ଟି ବ୍ୟକ୍ତିଗତ ଥିଲା । ଗୋଟିଏ ଅଭିଯୋଗର ତତ୍‌କ୍ଷଣାତ ସମାଧାନ ହୋଇଥିଲା। ଗୋଟିଏ ରେଡକ୍ରସରୁ ସହାୟତା ପାଇଁ ଆବେଦନ କରିଥିଲେ । ୭ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା ।

### ଯାନବାହନ ଧରପଗଡ, ୬ହଜାର ଜରିମାନା ଆଦାୟ

ତରଭା, ୨।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ପକ୍ଷରୁ ସୋମବାର ଯାନବାହାନ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି । ଏସ.ଆଇ ପ୍ରିୟଙ୍କା ବେହେରା ଓ ପିୟୁସ ନାୟକଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇ ୧୨ଟି ଗାଡିରୁ ଜରିମାନା ବାବଦକୁ ୬ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି।

### ଡୁଙ୍ଗୁରିପାଲି ସହକାରୀ ମତ୍ସ୍ୟ ଅଧିକାରୀ ନିଲମ୍ବିତ

ପିଏମ୍‌ଏୱାଇଜିରେ ଅଯୋଗ୍ୟ ହିତାଧିକାରୀ ଚୟନ

ସୋନପୁର,୨।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମକରୁ ଧରୁଆଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇଜି)ରେ ଅଯୋଗ୍ୟ ହିତାଧିକାରୀ ଚୟନ କରିବା ଅଭିଯୋଗରେ ଧରୁଆଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଧରୁଆ ବାଙ୍କିପାଲି ପଞ୍ଚାୟତର ଟ୍ୟାଗ୍ ଅଫିସର ଥିଲେ। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ କନ୍ଦାଗାଡ ଗ୍ରାମର ଡାନିଆଲ ବାଗ, ସବୋଧ ଭୁକ୍ତା, ଜୟକୃଷ୍ଣ ବାଗ, ଗୋପାଳ ଖମାରୀ, କୁଶଳ ନାଏକ, ସୁଦାମ ନାଏକ, ଅଶୋକ କୁମାର ନାଏକ, ଅଶ୍ୱିନୀ କୁମାର ନାଏକ ଓ ଲେକ୍ରୁ ଷାଣ୍ଢଙ୍କୁ ପିଏମ୍‌ଏୱାଇରେ ୨୦ ହଜାର ଲେଖାଏ ପ୍ରଥମ କିସ୍ତି ଟଙ୍କା ମିଳିଥିଲା। ତେବେ ଏହି ୯ ହିତାଧିକାରୀ ଚୟନରେ ଚଞ୍ଚକତା ହୋଇଥିଲା। ଅଭିଯୋଗର ତଦନ୍ତ ପରେ ଅନିୟମିତତାର ପ୍ରମାଣ ମିଳିଥିଲା। ୧୦ଏକର ଚାଷ ଜମି, ଟ୍ରାକ୍ଟର, ପକ୍କା ଘର ଥିବା ଧନୀ ଲୋକଙ୍କୁ ଫାଇଦା ମିଳିଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ବିଡିଓ ସହଦେବ ସମାଧିଆ ଜିଲାପାଳ ମୋନିଷା ବାନାର୍ଜୀ ଓ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡାଙ୍କୁ ରିପୋର୍ଟ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଧରୁଆଙ୍କୁ ନିଲମ୍ବନ ପାଇଁ ଜିଲାପାଳ ବାନାର୍ଜୀ ଚିଠି ନଂ ୪୯୮୩/ତା୨୪।୧୨।୧୯ରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

NATIONAL HEALTH MISSION
PRESERVE HEARING
DSPL-291

# ବିଶ୍ୱ ଶ୍ରୁତି ଦିବସ

୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶ୍ରୁତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

## ଶ୍ରୁତି ବଧିରତା ପ୍ରତିରୋଧର ଉପାୟ

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

SBC
# ସମ୍ବଲପୁରୀ ବସ୍ତ୍ରାଳୟ

ଦୋଳ ଓ ହୋଳି ବିଶେଷ ସରକାରୀ ରିହାତି

୧୦% + ୨୦%

ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ

-: ନୂତନ ବସ୍ତ୍ରର ସମ୍ଭାର :-

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ!

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ<br>ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, ୫) ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି **୰ ଶୋବି ସାହୁ**, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି **ରମେଶ ଚନ୍ଦ୍ର ସାହୁ**, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି **୰ ଶୋବି ସାହୁ**, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, **(ଖ) ମୌଜା: କୋଣାର୍କ**, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି **୰ ମହେଶ୍ୱର ସାହୁ**, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବଚାଷୀ ମୃତ

**ଡୁଙ୍ଗୁରିପାଲି, ୨।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଧିନ ଗିଧମାଲ ଗାଁରେ ଟ୍ରାନ୍ସଫର୍ମର ଫ୍ୟୁଜ ବାନ୍ଧୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୈଳାସ ଚନ୍ଦ୍ର ସାହୁ (୩୩)। ରବିବାର ରାତିରେ ସେ ନିଜ ଜମିକୁ ପାଣି ମଡାଇବାକୁ ଯାଇଥିଲେ । ଏହି ସମୟରେ ଜମି ପାଖରେ ଥିବା ଉଠା ଜଳସେଚନ ପଏଣ୍ଟର ଟ୍ରାନ୍ସଫରମର ଫ୍ୟୁଜ ଉଡିଯାଇଥିବା ଜାଣିବାକୁ ପାଇଥିଲେ। ଫ୍ୟୁଜ ବାନ୍ଧୁଥିବା ବେଳେ ୧୧କେଭି. ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀର୍ଘ ସମୟ ଧରି କୈଳାସ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ସୋମବାର ସକାଳେ କୈଳାସଙ୍କ ମୃତଦେହ ଉଠା ଜଳସେଚନ ପଏଣ୍ଟ ବିଦ୍ୟୁତ ଟ୍ରାନ୍ସଫରମର ତଳେ ପଡିଥିବା ଗାଁର କେତେକ ଚାଷୀ ଦେଖି ତାଙ୍କ ପରିବାର ଓ ରାମପୁର ସେକ୍ସନକୁ ଖବର ଦେଇଥିଲେ। ଲାଇନମ୍ୟାନ ଘଟଣାସ୍ଥଳରେ ପହଞ୍ଚିବା ପରେ ଚାଷୀମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ପାଖରେ ଥିବା ଏକ ଗଛରେ ବାନ୍ଧିଦେଇଥିଲେ। ଖବର ପାଇ ରାମପୁର ସେକ୍ସନର ଜୁନିୟର ଇଞ୍ଜିନିୟର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲାଇନମ୍ୟାନଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୯/୨୦)ରୁଜୁ କରି ପୋଲସ ତଦନ୍ତ ଜାରି ରଖିଛି।

### ଶିଳ୍ପ ତାଲିମ ନେଲେ ୩୦ଯୁବତୀଯୁବକ

**ଉଲୁଣ୍ଡା, ୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାଠାରେ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଗତ ୧୫ ତାରିଖରୁ ଚାଲିଥିବା ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୩୦ ଜଣ ଯୁବତୀ ଯୁବକ ତାଲିମ ନେଉଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଲିମ ନେଇଥିବା ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବେନଶ୍ୱରରୁ ଆସିଥିବା ସଂଯୋଜକ ନଳିନୀକାନ୍ତ ପାଢୀ ଏବଂ ଶୁଭରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଗୁପ୍ତେଶ୍ୱର ଖୁରାଙ୍କ ସଂଯୋଜନାକ୍ରମେ ତାଲିମ ନେଇଥିବା ଯୁବତୀ ଯୁବକମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସୁଜିତ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଯୋଗ୍ୟ ହିତାଧିକାରୀ, ସରକାରୀ କର୍ମଚାରୀଙ୍କୁ ସୁରକ୍ଷା

**ସୋନପୁର, ୨।୩(ନି.ପ୍ର.)**

**ପିଏମ୍ଏୱାଇଜିରେ ଅନିୟମିତତା ଘଟଣା**

- ଏତଲାର ୧୨ ଦିନ ପରେ ବି ରୁଜୁ ହୋଇନି ମାମଲା
- ବିଡିଓଙ୍କ ଏତଲାରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ: ଆଇଆଇସି

ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଛି ମୋ ସରକାର ଯୋଜନା । ପୋଲିସ ବିଭାଗରେ ସଂସ୍କାର ଆଣିବା ପାଇଁ ୫–ଟି ବ୍ୟବସ୍ଥା ପ୍ରଚଳନ ହୋଇଛି । କିନ୍ତୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟକାରୀ ହୋଇ ପାରୁନି। ଖୋଦ୍ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଏତଲାକୁ ଅସମ୍ପୂର୍ଣ୍ଣ ଦର୍ଶାଇ ଗୁରୁତ୍ୱ ଦେଉନି ବିନିକା ପୋଲିସ। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍ଏଜିୱାଇ)ର ଅଯୋଗ୍ୟ ହିତାଧିକାରୀ ଓ ଟ୍ୟାଗ ଅଫିସର ଥିବା ଅସାଧୁ ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ମିଳୁଛି। ସେମାନଙ୍କ ନାମରେ ଫୌଜଦାରୀ ମୋକଦ୍ଦମା ରୁଜୁ ହୋଇ ପାରୁନି ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ସିଂଘିଯୁବା, ଭଣ୍ଡାର, ବାଉଁଶୁଣି ଓ ଯୁଲୁଣ୍ଡା ପଞ୍ଚାୟତରେ ପିଏମ୍ଏୱାଇଜିରେ ବ୍ୟାପକ ଅନିୟମିତତା ହୋଇଛି। ପକ୍କାଘର ଥିବା ଧନୀକ ଶ୍ରେଣୀର ବ୍ୟକ୍ତି, ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ଏହି ଯୋଜନାର ଲାଭ ଉଠାଇଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଏମଜିଏନଆରଇଜିଏସରେ ୯୫ ଦିନର ମଜୁରୀ କରାଇ ଦେବା ନାଁରେ ଜିଆରଏସ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଲାଞ୍ଚ ନେଇଛନ୍ତି । ଗତ ଡିସେମ୍ବର ମାସରେ ରାଜ୍ୟ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ ପରେ ଏଭଳି ଅନିୟମିତତାର ପର୍ଦ୍ଦାଫାଶ ହୋଇଥିଲା। ପଞ୍ଚାୟତିରାଜ ବିଭାଗର ଉପସଚିବ କୁଳମଣି ମିଶ୍ରଙ୍କ ଚିଠି ନଂ ୧୦୧୭/ତା୧୩।୦୧।୨୦୨୦ରିଖ ଅନୁଯାୟୀ ଜିଲାପାଳ ମୋନିଷା ବାନାର୍ଜୀ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିବା ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନାମରେ ଡ୍ରାଫ୍ଟ ଚାର୍ଜ କରିଛନ୍ତି। ବିଡିଓଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ସୁପାରିଶ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାର ତଥା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ମଲ୍ଲିକ ଟ୍ୟାଗ୍ ଅଫିସର ଥିବା ପିଇଓ ରମାକାନ୍ତ ନାଏକ, ଜିଆରଏସ ଅନୀଲ କୁମାର ସାହୁ, ନିରୋଜ ନଳିନୀ ନାଏକ, ସୁନୀଲ ପ୍ରସାଦ ସାହୁ ଓ କନିଷ୍ଠ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶିବ ସୁନ୍ଦର ଗୁଇଆଙ୍କ ନାମରେ ବିନିକା ଥାନାରେ ଗତ ଫେବୃୟାରୀ ୨୦ ତାରିଖରେ ଲିଖିତ ଏତଲା ଦେଇଛନ୍ତି। ସେହିପରି ମିଥ୍ୟା ସତ୍ୟପାଠ କରି ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ହଡପ କରିଥିବା ଅଯୋଗ୍ୟ ହିତାଧିକାରୀ ଯୁଲୁଣ୍ଡା ଗ୍ରାମର ଚିତ୍ର ଦନ୍ତା, ବିଲେଇବାହାଲିର ଦୌଲଥ ବାଗ, ରତନ ନାଗ, କଦଳିପାଲିର କାର୍ତ୍ତିକ କୁମ୍ଭାର, ଭଣ୍ଡାରର ଅଜାମିଳ ବାରିକ୍, ବାଉଁଶୁଣିର ପ୍ରଦୀପ୍ତ ମହଲା, କଲସେପାଲିର ସାବିତ୍ରୀ ପାଣ୍ଡେ, ତାଙ୍କ ପୁଅ ଦେବରାଜ, କମିରାର ଲୋକନାଥ ପଧାନ, ତାଙ୍କ ବାପା ଗୁଲା ପଧାନ ଓ କଣ୍ଟିଆ ପଧାନଙ୍କ ନାମରେ ଫୌଜଦାରୀ ମୋକଦ୍ଦମା ରୁଜୁ ପାଇଁ ଏତଲା ଦେଇଛନ୍ତି । କିନ୍ତୁ ଏତଲାର ଦାର୍ଘ ୧୨ ଦିନ ପରେ ବି ପୋଲିସ ମାମଲା ରୁଜୁ କରିନି । ଏତଲାରେ ସମ୍ପୂର୍ଣ୍ଣ ତଥ୍ୟ ନଥିବାରୁ ମାମଲା ରୁଜୁ ହୋଇନି । ବିଡିଓ ଅଯୋଗ୍ୟ ହିତାଧିକାରୀ ଓ ସରକାରୀ କର୍ମଚାରୀଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କଲେ ମାମଲା ରୁଜୁ ହେବ ବୋଲି ବିନିକା ଆଇଆଇସି କୁଶ ପାଣିଗ୍ରାହୀ କହିଛନ୍ତି। ତେବେ ବିଡିଓ ପୂର୍ଣ୍ଣାଙ୍ଗ ତଥ୍ୟ ନ ଦେଇ ଉପର ଠାଉରିଆ ଭାବେ କାହିଁକି ଏତଲା ଦେଇଛନ୍ତି । ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ପିଡି ଡିଆରଡିଏଙ୍କୁ ଏତଲା କପି ପଠାଇ କଣ ପାଇଁ ଚୁପ୍ ବସିଛନ୍ତି ତାହା ବୁଝାପଡୁନି। ଏହି ଘଟଣାରେ ବିଡିଓଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି। ସରକାରଙ୍କ ନିର୍ଦ୍ଦେଶ ଅନୁପାଳନ କରିବାକୁ ଯାଇ ଜିଲାପାଳ ଓ ଏସ୍‌ପି ଏକ୍ଷେତ୍ରରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ବିନିକା ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।



ମନରଞ୍ଜନ ଚିରଗୁନଙ୍କୁ ଭସ୍ମାସୁର ବରଣ କରାଯାଉଛି।

# ଦୋଳଯାତ୍ରା ମହୋତ୍ସବ ଲାଗି ଭସ୍ମାସୁର ବରଣ

**ଅମରପାଲି, ୨।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପାମାଳସ୍ଥିତ ପ୍ରସିଦ୍ଧ ଚମ୍ପେଶ୍ୱର ମନ୍ଦିର ପରିସରରେ ଆସନ୍ତା ୫ ତାରିଖଠାରୁ ୯ ତାରିଖ ପର୍ଯ୍ୟନ୍ତ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟା ୭ଟାଠାରୁ ଭସ୍ମାସୁର ଦରବାର, ମୀନାବଜାର ସାଙ୍ଗକୁ ସଂସ୍କୃତିକ କାର୍ଯ୍ୟକ୍ରମ ହେବାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଆୟୋଜନ କମିଟି ବରିଷ୍ଠ ଉପଦେଷ୍ଟା କିଶୋର ହୋତା ପ୍ରକାଶ କରିଛନ୍ତି । ଏଥିପାଇଁ ଭସ୍ମସୁର ଭୂମିକାରେ ବରିଷ୍ଠ କଳାକାର ମନରଞ୍ଜନ ଚିରଗୁନଙ୍କୁ ଆୟୋଜକ କମିଟି ସଦସ୍ୟମାନଙ୍କ ଦ୍ୱାରା ବରଣ କରାଯାଇଛି। ଚମ୍ପାମାଳ ପଞ୍ଚଦୋଳ ଯାତ୍ରା ପରିଚାଳନା କମିଟି ସଭାପତି ଲକ୍ଷ୍ମୀନାରାୟଣ ପୁରୋହିତ, ସମ୍ପାଦକ ପ୍ରମୋଦ କୁମାର ପୁରୋହିତ, ଉପଦେଷ୍ଟା ହୋତା, ଉପସଭାପତି ସରୋଜ କୁମାର ହୋତା, ବିଶ୍ୱନାଥ ଥନାପତି, ମନୋଜ କୁମାର ହୋତା, ଭୀଷ୍ମଦେବ ଥନାପତି, ଆକ୍ଷୟ ଥନାପତି, ଅବିନାଶ କର୍ଣ୍ଣ, ବିନି ମହାରଣା ପ୍ରମୁଖ ଭସ୍ମାସୁର ବରଣ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଖାଏଦ୍ ସୁରକ୍ଷା ଯୋଜନାରୁ ବଁଚିତ୍ ବୁରୁଧି

**ଉଲୁଣ୍ଡା, ୨।୩ (ଡି.ଏନ୍.ଏ.)**

**ମୁଡ୍ ଗୁଁଜ୍‌ବାକେ ଜାଗାଠାନ୍ ଅଭାବ**



ବଏସର ଶେଷ ମୁଡ଼ସାରେ ନିଜର ପରିବାର ଲୁକ୍‌କୁ ହରାଲା ଉତାରୁ ଭାତ ମୁଠେ ଆର ମୁଡ଼ ଗୁଁଜ୍‌ବାକେ ଜାଗା ଖଁଡ଼େ ଲାଗି ବାରଗୁଲ୍‌ଗୁଲା ହେଉଛନ୍ ଝନେ ୮୦ ବଛରିଆ ବୁରୁଧି। ସତେ ଯେନ୍ତା ମାଲମାଲ ସରକାରୀ ଯୋଜନା ତାକର ଲାଗି ବାଟ୍‌ବନା ହେଇଛେ। ଏନ୍ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଲିଛେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗାଁରେ।

ସୂଚନା ଅନ୍‌ସାରେ ପଞ୍ଚମହଲା ଗାଁର କ୍ଷୀର ଘିବିଲା(୮୧)। ଆପ୍‌ନେ ଛବିଲ ଘିବିଲା ଆରପାରକେ ଚାଲିଗଲା ଉତାରୁ ସେ ୧୫ ବଛର ହେଲା ନିଜର ବାପ୍ ଘର ମନମୁଣ୍ଡା ପାସର ଦମାମୁଣ୍ଡାରେ ଭାଇ ଆର ଭନ୍‌ଜା ଘରେ ରହି ଆସୁଥିଲେ। ହେଲେ ସେମାନକର ମୁରୁତୁ ହେଲାରୁ କ୍ଷୀର ଉପେ ଶୁଇନ୍ ହେଇ ନିଜର ଗାଁ ପଞ୍ଚମହଲାକେ ଫିରିଆଏଲେ। ସେଦିନ୍‌ଠାନୁ ଗାଁରେ ତାକର କେତେ ଲାଗେଲେସର କ୍ଷୀରକଁର ସେବାଯତନ କରବାର ସଂଗେ ଆଶ୍‌ରେ ଦେଇଥିଲେ। ହେଲେ ପାଖାପାଖି ମାସେ ହେଲା କ୍ଷୀର ନିଆଁସି ହେଇ ଇତାର ପିଁଢ଼ା ତାର ପିଁଢ଼ାରେ ଆଶ୍‌ରେ ନେବାକେ ଖୁଜି ବୁଲୁଛନ୍। ଏନ୍ତା କି ସେ ପଁଚେତ୍‌ର ରାଜୀବ ଭବନର ବାରନ୍‌ଡାରେ ଦିନାକେତେ ଆଶ୍‌ରେ ନେଇଥିଲେ। ହେଲେ ସେଠାନା ଲୋକ୍ ମନା କଲାରୁ ସେଦିନ୍‌ଠାନୁ ଆଶ୍‌ରେଥଲ ଆଶ୍‌ରେ ଘୂରି ବୁଲୁଛେଁ ବଲି ସେ କହିଛନ୍। ଫିଦିନ ପରହର ଘରୁ ମୁଠେ ଖାଏବାରଟା ମିଳିଯାଉଛେ ସତ୍। ହେଲେ ବଏସର ଶେଷ୍ ମୁଡ଼ସାରେ ମୁଡ଼ ଗୁଁଜ୍‌ବାର ଲାଗି ସେ ଶୀତ୍ କାକରରେ ଗୁଲ୍‌ଗୁଲା ହେଇ ବାରଦୁଆର ହେଉଛନ୍। ଏନ୍ତା ବୁଢ଼ାବୁଢ଼ୀମାନକୁ ଥଇଥାନ କରବାର ଲାଗି ସରକାରୀସ୍ତରରେ ଅନେକ ଯୋଜନା ରହିଛେ। ହେଲେ ବୁରୁଧି କ୍ଷୀରକଁର ବାବ୍‌ଦେ ଥାନୀଅ ଜନପରତିନିଧି, ଅଙ୍ଗନୱାଡି କରମୀ କି ବ୍ଲକ ପରଶାସନ ପାସେ ବି ସୂଚନା ନାଁଇଁନ। କ୍ଷୀର ବୁଢ଼ାବୁଢ଼ୀ ଭତା ୭ଶହ ଟଁକା ପାଉଛନ୍, ସେଟା ନ ତାକର ସଁପତି। ୬୫୪୬୨୭ ନମ୍ବରେ ତାକର ନାଁରେ ଗୁଟେ ବିପିଏଲ୍ କାର୍ଡ ଥିଲା। ହେଲେ ସେଟା ପରଶାସନ ତରଫୁ କାଟି ଦିଆଯାଇଛେ। ଯେନ୍‌ଥିରଲାଗି କ୍ଷୀର ୮୦ ବଛର ବଏସ୍‌ରେ ବି ଜାତୀୟ ଖାଏଦ୍ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଛନ୍। ଭିନେ ଭିନେ ସମିଆରେ ଭିନେ ଭିନେ ଲୁକ୍‌କୁ ଆବାସ ଯୋଜନାରେ ଘରଖଁଡ଼େ ଲାଗି ଗୁହାରି କରି କ୍ଷୀର ନିରାଶ ହେଇଥିବାର କହିଛନ୍। ଜିଲା ଆର ଥାନୀଅ ପରଶାସନ ବୁରୁଧି କ୍ଷୀରକଁର ଉପରେ ଦୁରୁଷ୍‌ଟି ଦେଇ ତାହାକୁ ସବୁପରକାର ସରକାରୀ ସାହାଯ୍ ସଂଗେ ଥଇଥାନ କରବାକେ ଗାଁବାସୀ ଦାବି କରିଛନ୍।

### ଗଣ୍ଡାପାଲୁ କ୍ରିକେଟ: ବାଣିଗୋଛା ଚାମ୍ପିୟନ

**ତଳଗାଁ,୨।୩(ଡି.ଏନ.ଏ.)**

ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗଣ୍ଡାପାଲୁ ମିନିଷ୍ଟାଡିୟମରେ ତୃତୀୟ ଚମ୍ପିୟନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ବୌଦ୍ଧ ଓ ନୟାଗଡ ଜିଲାର କୁଶଙ୍ଗ, ବିଶିପାଲି, ବାଣିଗୋଛା, ମାଧପୁର, କୁଲୁରୁକୁମ୍ପା, ବୁରୁପାଲ, କୁଚପାଲୁ, କଣ୍ଟିସର, ନୂଆପଡା, କୁଟିଖାର, ଜାମପଦର ଓ ଗଣ୍ଡାପାଲୁ ଆଦି ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବାଣିଗୋଛା ଓ ଗଣ୍ଡାପାଲୁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଣିଗୋଛା ଦଳ ଏଥିରେ ଚାମ୍ପିୟନ ହୋଇ ବିଜେତା ଟ୍ରଫି ହାସଲ କରିଥିଲା। ଉଦଯାପନୀ ଉତ୍ସବରେ ବାଣିଗୋଛା ସରପଞ୍ଚ ଭୁବନୀ କରଣ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ରମାକାନ୍ତ ବରର୍ତ୍ତି ଓ ପୂର୍ବତନ ସମିତି ସଭ୍ୟ କୁନା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ସୋନପୁର,୨।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତିର ସମ୍ମିଳନୀ ସୋମବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ବଳରାମ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାରେ ଆଶା କର୍ମୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଗାଁକୁ ସଫାସୁତୁରା ରଖିବା ଦିଗରେ ଗାଁ କଲ୍ୟାଣ ସମିତିର ଯୋଗଦାନ ରହିଛି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା ସଭାରେ ଅଧକ୍ଷତା କରି ଗର୍ଭବତୀ ମାମାନେ ଯେଭଳି ସରକାରୀ ଅନୁଷ୍ଠାନରେ ପ୍ରସବ କରାଇବେ ସେ ଦିଗରେ ଆଶାକର୍ମୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଗାଁ କଲ୍ୟାଣ ସମିତିକୁ ପ୍ରଦାନ କରାଯାଉଥିବା ଅର୍ଥ ଗାଁରେ ଆଲୋଚନା କରି ଠିକ୍ ଭାବେ ଖର୍ଚ୍ଚ କରିବାକୁ ବୁଝାଇଥିଲେ। ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର ମଙ୍ଗଳ) ଡାକ୍ତର ନବକିଶୋର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆସ୍ତେରିଆ କେର୍କେଟା, ଏନଏଚଏମ ଡିପିଏମ ହିମାଂଶୁ ରଞ୍ଜନ କର ଓ ଜିକେଏସର ସହକାରୀ ପରିଚାଳକ ହିତେଶ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାର ସୁସ୍ଥ ଗାଁ, ସୁସ୍ଥ ପଞ୍ଚାୟତ, ଶ୍ରେଷ୍ଠ ଆଶାକର୍ମୀ, ସ୍ୱେଚ୍ଛାସେବୀ ଓ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶ୍ରେଷ୍ଠ ଆଶାକର୍ମୀଙ୍କୁ ଅର୍ଥ ରାଶି ଦେଇ ସମ୍ମାନିତ କରାଯାଇଥିଲା।



ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱ୍ରର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱ୍ରର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai , Maharashtra-400021.
9473860496

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ...

### ଯୁବତୀଙ୍କୁ ଅପହରଣ ଅଭିଯୋଗ

ବରଗଡ଼ ଅଫିସ୍,୨।୩

ବରଗଡ଼ ସହରର ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି । ରବିବାର ଏ ନେଇ ଏତଲା ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ୨ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରଯାଉଛି । ସୂଚନା ଅନୁଯାୟୀ, ଗତ ଶନିବାର ଶନିମେଳା ଉତ୍ସବକୁ ଯିବା ବାଟରେ କିଛି ଯୁବକ ଉକ୍ତ ଯୁବତୀଙ୍କୁ ଉଠାଇ ନେଇଥିଲେ ଏବଂ ସେହିଦିନଠାରୁ ଯୁବତୀଙ୍କ ପତ୍ତା ମିଳିପାରିନାହିଁ। ଏ ନେଇ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଚାଲିଛି ବୋଲି କହିଥିଲେ।

### ଡାଲବ ହାଟପଦାକୁ ଆସୁଛି ଚୋରା ବିଦେଶୀ ମଦ

ଅତାବିରା, ୨।୩ (ଡି.ଏନ.ଏ)

୫୪ ନମ୍ବର ରାଜ୍ୟ ରାଜପଥ ଗୋଡଭଗା-ଡୁରୁମ ରାଜପଥରେ ସୋନପୁର ଭେଡେନ ଅଞ୍ଚଳରୁ ବେଆଇନ ଭାବେ ବିପୁଳ ପରିମାଣର ବିଦେଶୀ ମଦ ଡାଲବ ହାଟପଦା, କୁଲିତାଟୁକୁରା, କାଦୋବାହାଲ, ଲରମ୍ବା, ଗମ୍ଭାରୀପାଲି ଫାର୍ମ, ଭାଲୁଡୁଙ୍ଗୁରୀ, ଦୁଲମପୁର ଆଦି ଅଞ୍ଚଳକୁ ଆସୁଛି। ମଦ୍ୟପମାନଙ୍କ ପାଇଁ ବାଟୋଇ, ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜପଥ ପାର୍ଶ୍ୱରେ ଥିବା ଢ଼ାବା ଗୁଡିକରେ ଖୁଲମଖୁଲା ବିଦେଶୀ ମଦ, ନିଶାଦ୍ରବ୍ୟ ବିକ୍ରି ହେଉଛି । ଏ ସମ୍ପର୍କରେ ଗୋଡଭଗା ପାଣ୍ଡି ଅଧିକାରୀ ଏ. କେ. ନାୟକ ଓ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ଚୋରା ମଦ କାରବାର ଉପରେ ଚଢଉ କରାଯିବ ବୋଲି କହିଥିଲେ ।

### ଦଶାବତାର ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଭେଡ଼େନ,୨।୩(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ରୁଷୁଡ଼ା ଗ୍ରାମପଞ୍ଚାୟତର ହାଟଗାଁଠାରେ ଚାରିଦିନ ଧରି ଚାଲିଥିବା ଦଶାବତାର ମନ୍ଦିର ଏବଂ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। ଶୁକ୍ରବାର କଳସ ଶୋଭାଯାତ୍ରା, ଶନିବାର ପ୍ରତିଷ୍ଠା କର୍ମ, ଅନ୍ନାଧିବାସ, ରବିବାର ଜୀବନ୍ୟାସ ହୋଇ ସୋମବାର ଠାକୁର ବିଜେ, ପୂର୍ଣ୍ଣାହୁତି ଏବଂ ଅନ୍ନ ପ୍ରସାଦ ସେବନ ହୋଇଥିଲା । ଏହି ଉତ୍ସବରେ ଗୁଣନିଧି ବଘାର, ଅନ୍ତର୍ଯାମୀ ନାୟକ, ଚନ୍ଦ୍ରଶେଖର ଦେହେରୀ, ଶୁକଦେବ ମହାଲିଙ୍ଗ, ଗଣେଷ ପଧାନ, ଅକ୍ରୁର ମେହେର, ଧନମାଳି ଭୁଏ, ରାଜୀନ୍ଦ୍ର ମେହେର, ଅଶୋକ ମେହେର, ସରୋଜ ବାରିକ ଏବଂ ରଞ୍ଜନ ଭୁଏ ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ବଳରାମ ପଣ୍ଡା, ଆଶିଷ ମିଶ୍ର, ଗୋବିନ୍ଦ ରଥ, ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସୋମବାର ବନ୍ଦିତା ନାୟକ ରାମାୟଣ ପାରାୟଣ କରିଥିଲେ । ଉଦ୍ୟୋକ୍ତା ପାର୍ବତୀ ଦୀପଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ। ଅନ୍ତିମ ଦିବସରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ବିଡ଼ିଓ ମୁରଲିଧର ନାୟକ, ଯୁବନେତା ସୁରେନ୍ଦ୍ର କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

# ସଫଳତା ପାଇଁ ଆଶାବାଦୀ

ମଙ୍ଗଳବାରଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ମାଟ୍ରିକ ପରୀକ୍ଷା ଯେଭଳି ଏକ ମାଇଲଖୁଣ୍ଟ ସାଜିଥାଏ, ଉଚ୍ଚଶିକ୍ଷା ଗ୍ରହଣରେ ଯୁକ୍ତ ଦୁଇ ପରୀକ୍ଷାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଫଳରେ ଯୁକ୍ତଦୁଇ ପରୀକ୍ଷାରେ ଉତ୍କୃଷ୍ଟ ପରୀକ୍ଷାଫଳ ହାସଲ ପାଇଁ ଛାତ୍ରୀଛାତ୍ର ଲାଗି ପଡ଼ିଛନ୍ତି । ପରୀକ୍ଷାକେନ୍ଦ୍ର ଯିବା ପୂର୍ବରୁ ଫଳ ଭଲ ହେବ ବୋଲି ମଧ୍ୟ ସମସ୍ତେ ଆଶାବାଦୀ ରହିଛନ୍ତି । ସେମାନଙ୍କ ପରୀକ୍ଷା ପ୍ରସ୍ତୁତି ନେଇ ବରଗଡ଼ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର କିଛି ପରୀକ୍ଷାର୍ଥୀ ଏବଂ ଅଧ୍ୟକ୍ଷଙ୍କ ମତାମତ ନେଇଥିଲୁ ।

**ଆଜିଠୁ ଯୁକ୍ତ୨ ପରୀକ୍ଷା**



"ମାର୍ଚ୍ଚ୍ରିକ ପରୀକ୍ଷା ପାଇଁ ଯେତିକି ପାଠ୍ୟ ପ୍ରସ୍ତୁତି କରିଥିଲି। ଯୁକ୍ତ ଦୁଇ ପରୀକ୍ଷା ପାଇଁ ଏଥର ତାହାଠାରୁ ଅଧିକ ପରିଶ୍ରମ କରିଛି । ଏଥିରେ ଆମ ଶିକ୍ଷାନୁଷ୍ଠାନର ମ୍ୟାନେଜମେଣ୍ଟ, ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକମାନେ ମଧ୍ୟ ସହଯୋଗ କରିଛନ୍ତି । ପରୀକ୍ଷାଫଳ ନିଶ୍ଚୟ ଭଲ ହେବ ବୋଲି ଆଶା ରଖିଛି ।

-ଆଲିଶାରାଣୀ ସାହୁ, ଛାତ୍ରୀ



"ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ ମୁଁ ସବୁ ବିଷୟ ପ୍ରତି ଧ୍ୟାନ ଦେଇଛି। ସେଥିପାଇଁ ଅକ୍ଲାନ୍ତ ପରିଶ୍ରମ କରିଛି । ଯେଉଁ ବିଷୟରେ ଟିକିଏ କମ୍ ନମ୍ବର ରହୁଥିଲା, ଅଧ୍ୟାପିକା, ଅଧ୍ୟାପକଙ୍କଠାରୁ ସେହି ବିଷୟ ଉପରେ ସନ୍ଦେହ ମୋଚନ କରି ପ୍ରସ୍ତୁତି କରିଛି। ଏହା ସହିତ ଶ୍ରେଣୀ ପ୍ରକୋଷ୍ଠ ଶିକ୍ଷାଦାନ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେଇଛି।

-ଶୁଭଶ୍ରୀ ବିଶି, ଛାତ୍ରୀ



"ପରୀକ୍ଷା ପ୍ରସ୍ତୁତି ବହୁତ ଭଲ ଭାବେ କରିଛି। ଏହା ବ୍ୟତୀତ ତିନି, ଚାରିବର୍ଷ ପୂର୍ବର ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ସଂଗ୍ରହ କରି ସମସ୍ତ ବିଷୟ ଉପରେ ପ୍ରସ୍ତୁତି କରିଛି। ଅଧ୍ୟାପିକା, ଅଧ୍ୟାପକଙ୍କ ସହଯୋଗ ବି ନେଇଛି। ଦୈନିକ ୧୬ଘଣ୍ଟା ପରିଶ୍ରମ କରୁଥିଲି। ପରୀକ୍ଷାଫଳ ଭଲ ହେବ ବୋଲି ଆଶା ରହିଛି ।

-ପ୍ରଣୟ କୁମାର ଦୀପ, ଛାତ୍ର



"ମୁଁ ବିଜ୍ଞାନ ବିଭାଗର ସମସ୍ତ ବିଷୟ ପଢ଼ି କରି ବୁଝିଥାଏ । କିନ୍ତୁ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ପାଇଁ ଅଧିକ ସମୟ ଦେଇଛି । ବାରମ୍ବାର ପଢ଼ିବା ସତ୍ତ୍ୱେ ଯାହା ମନେ ରହୁ ନ ଥିଲା, ତାକୁ ଖାତାରେ ବାରମ୍ବାର ଲେଖି ଅଭ୍ୟାସ କରିଛି । ପରୀକ୍ଷା ପ୍ରସ୍ତୁତି ଠିକ୍ ଭାବେ କରିଛି । ସେଥିପାଇଁ ଫଳ ମଧ୍ୟ ଭଲ ହେବ ଭାବୁଛି। **-ସବ୍ୟସାଚୀ ଗଡ଼ତିଆ, ଛାତ୍ର**



"ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କ ମାର୍ଗଦର୍ଶନରେ ବର୍ଷସାରା କଠିନ ପରିଶ୍ରମ କରିଛନ୍ତି। ମ୍ୟାନେଜମେଣ୍ଟର ସହଯୋଗ ମଧ୍ୟ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କୁ ଉତ୍ସାହିତ କରିଛି । ଆଶା କରାଯାଉଛି, ଛାତ୍ରୀଛାତ୍ର ଯୁକ୍ତଦୁଇ ପରୀକ୍ଷାରେ ଉତ୍ତମ ପରୀକ୍ଷାଫଳ ସହିତ ରାଜ୍ୟରେ ଅନୁଷ୍ଠାନ ପାଇଁ ଗୌରବ ଆଣିବେ ।

-ମୁରାରୀ ପ୍ରସାଦ ସାହୁ, ଅଧ୍ୟକ୍ଷ

-(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

# ଟ୍ରାଫିକ ନିୟମକୁ ଖୋଲାଖୋଲି ଉଲ୍ଲଂଘନ

ଅତାବିରା, ୨।୩ (ଡି.ଏନ.ଏ)

ଟ୍ରାଫିକ ନିୟମ ଉପରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁ ଦିନକୁ ଦିନ ସଡକ ଦୁର୍ଘଟଣା ବଢ଼ୁଛି । ବିଭିନ୍ନ ଯାତ୍ରୀବାହୀ ଯାନବାହନରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନିଆଯାଉଥିବାରୁ ଦୁର୍ଘଟଣାଗ୍ରସ୍ତ ହୋଇ ଧନଜୀବନ କ୍ଷତି ହେଉଛି । ସଂଶୋଧିତ ମୋଟରଯାନ ଆଇନ ସାରା ରାଜ୍ୟରେ କଡାକଡି ଲାଗୁ ହୋଇଥିବା ବେଳେ ସୋମବାର ବରଗଡ ଜିଲା ଗୋଡଭଗା-ସୋନପୁର ରାଜ୍ୟ ରାଜପଥରେ ବିଭିନ୍ନ

**ସଚେତନତା ଅଭାବ**

ଯାନବାହନରେ କ୍ଷମତା ଅପେକ୍ଷା ଅଧିକ ଯାତ୍ରୀ ନିଆଯାଉଥିବା ଦୃଶ୍ୟ ସୋମବାର ଦେଖିବାକୁ ମିଳିଛି । ୫୩ ନମ୍ବର ଜାତୀୟ ରାଜପଥ ବରଗଡ-ସମ୍ବଲପୁର ଓ ୫୪ ନମ୍ବର ରାଜ୍ୟ ରାଜପଥ ଗୋଡଭଗା-ସୋନପୁର ରାସ୍ତାରେ ଗାଡିରେ ଅଧିକ ଯାତ୍ରୀ ବସାଇ ନିଆଯାଉଛି । ଏ ନେଇ ଗୋଡଭଗା ଫାଣ୍ଡି ଅଧିକାରୀ ଏ. କେ. ନାୟକଙ୍କୁ ପଚରାଯିବାରୁ ଅଧିକ ଯାତ୍ରୀ ପରିବହନ କରୁଥିବା ଗାଡି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।



ଗୋଡଭଗା-ଡୁରୁମ ରାଜପଥରେ କ୍ଷମତା ଅପେକ୍ଷା ଅଧିକ ଯାତ୍ରୀ ନିଆଯାଉଛି।

# ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ



ଭଟଲି ବ୍ଲକ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି ।

ଭଟଲି,୨।୩(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ପୋଲିସର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ସୋମବାର ସ୍ଥାନୀୟ ପଞ୍ଚାୟତ ସମିତିରେ କାର୍ଯ୍ୟରତ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନକୁ ଓହ୍ଲାଇବା ସହିତ ଅଫିସ ଫାଟରେ ତାଲା ପକାଇ ଧାରଣାରେ ବସିଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଧାରଣାସ୍ଥଳକୁ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ତାଲା ଖୋଲି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ପରେ କାର୍ଯ୍ୟାଳୟ ମଧ୍ୟରେ ଜିଲାପାଳ ପ୍ରଧାନ କର୍ମଚାରୀଙ୍କୁ ସେହି ଘଟଣାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଉକ୍ତ ବ୍ଲକ କାର୍ଯ୍ୟାଳୟକୁ ଖର୍ସଲ ଗ୍ରାମର ୭ଜଣ ଯୁବକ ପହଞ୍ଚି ବିଡ଼ିଓ ଧୀରେନ୍ଦ୍ର କୁମାର ସେଠୀଙ୍କ ନାମରେ ଜାତିକୁ ଉଠାଇ ଗାଳିଗୁଲଜ କରିବା ସହିତ ଧମକଚମକ ଦେଇଥିଲେ। ସେତେବେଳେ ବିଡ଼ିଓ ଅଫିସରେ ନ ଥିବାବେଳେ ସମ୍ପୃକ୍ତ ଯୁବକମାନେ କମ୍ପ୍ୟୁଟର ଗୃହକୁ ଯାଇ ସେଠାରେ ମଧ୍ୟ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ପରେ ବିଡ଼ିଓ ସେଠୀ ଅଫିସକୁ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପରେ ଭଟଲି ଥାନାରେ ଏତଲା ଦେଇଥିଲେ । ଏହାପରେ ଏସଡ଼ିପିଓ ସୁଧାକର ସାହୁ ଘଟଣାର ତଦନ୍ତ ଭାର ନିଜେ ନେଇଥିଲେ ଏବଂ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକମାନଙ୍କୁ ଥାନାକୁ ଆଣି ଜେରା କରିଥିଲେ । ପରେ ସେମାନଙ୍କୁ ପୁଣି ପୋଲିସ ଜାମିନରେ ଛାଡ଼ି ଦେଇଥିଲା । ଏ ନେଇ ବିଡ଼ିଓ ସେଠୀ ପୁଣି ଅବଗତ କରିବା ପରେ କୁଆଡ଼େ ଏସଡ଼ିପିଓ ମଧ୍ୟ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ରବିବାର ବରଗଡ଼ ଓଏଏସ ସଂଘର ଏକ ଜରୁରୀ ବୈଠକ ବସିଥିଲା ଏବଂ ଏସଡ଼ିପିଓଙ୍କ ସେଭଳି ଆଚରଣକୁ ନିନ୍ଦା କରାଯାଇଥିଲା ।

### ଘଣ୍ଟେଶ୍ୱରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ

ଅମ୍ବାଭୋନା, ୨।୩ (ଡି.ଏନ.ଏ)

ମାଁ ଘଣ୍ଟେଶ୍ୱରୀ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ପୁରୁଷୋତ୍ତମ ମାର୍ଗ ଅଧୀନସ୍ଥ ଦ୍ୱାରି ଘାଟିରେ ୬ ଦିନ ଧରି ଚାଲିଥିବା ଘଣ୍ଟେଶ୍ୱରୀ ମନ୍ଦିରର ପ୍ରାଣପ୍ରତିଷ୍ଠା ମହୋତ୍ସବ ବିଗ୍ରହ ସ୍ଥାପନା ସହ ଉଦଯାପିତ ହୋଇଛି । ଏହି ଅବସରରେ ଶୁଭସ୍ତମ୍ଭ ସ୍ଥାପନା, କୁମ୍ଭାଭିଷେକ କଳସଯାତ୍ରା, ଚବିଶ ପ୍ରହର ନାମଯଜ୍ଞ, ଗୋ, ସାବିତ୍ରୀ ପୂଜା, ହୋମ କଳସାରୋହଣ, ଧ୍ୱଜାରୋହଣ, ସ୍ୱର୍ଗଦ୍ୱାର ପୂଜା ଓ ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନା ସହ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ହୋଇଥିଲା । ଚବିଶ ପ୍ରହର ନାମଯଜ୍ଞରେ ବିଭିନ୍ନ ସଂକୀର୍ତ୍ତନ ଦଳ ଭାଗନେଇ ନାମଜପ କରିଥିଲେ । ଝାରପାଲି, କୁସମଡିହି, ଦ୍ୱାରି, ପ୍ରକାଶପୁର ସମେତ ଭଟଲି ବ୍ଲକର ବିଭିନ୍ନ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

### ହାଟଗାଁରେ ନୂଆ କମ୍ୟୁନିଟି ସେଣ୍ଟର

ଭେଡ଼େନ,୨।୩(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ା ଗ୍ରାମପଞ୍ଚାୟତର ହାଟଗାଁ ଠାରେ ସୋମବାର ଦିନ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଓ ଏକ କମ୍ୟୁନିଟି କେନ୍ଦ୍ର ଉଦଘାଟିତ ହୋଇଛି। ଯୁବନେତା ସୁରେନ୍ଦ୍ର କର୍ମୀଙ୍କ ପରିଚାଳନାରେ ହୋଇଥିବା ଏହି ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ବିଡ଼ିଓ ମୁରଲିଧର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଉଦଘାଟନ କରିଥିଲେ।

# ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ, ବିକ୍ରୟମେଳା ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨।୩

ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଆନୁକୂଲ୍ୟରେ ବରଗଡ଼ ଲୋକମଣ୍ଡପ ପଡ଼ିଆ (ନିଶାମଣି ହାଇସ୍କୁଲ ସମ୍ମୁଖ)ରେ ସୋମବାର ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟମେଳା ଉଦ୍‌ଘାଟିତ ହୋଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବିଧାୟକ ଆଚାର୍ଯ୍ୟ ଷ୍ଟଲ ଗୁଡ଼ିକ ବୁଲି ବାନ୍ଧକଳାର ପ୍ରଶଂସା କରିଥିବାବେଳେ ବୁଣାକାରଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲାପାଳ ପ୍ରଧାନ ଜିଲାର ବୁଣାକାରଙ୍କ ବିଷୟରେ ପଚାରି ବୁଝିବା ସହିତ ବୁଣାକାରମାନେ ବିଭିନ୍ନ ଯୋଜନାର ସୁଫଳ ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ପ୍ରଦର୍ଶନୀରେ ବରଗଡ଼, ବଲାଙ୍ଗୀର, ଗଞ୍ଜାମ, ନୟାଗଡ଼, କଳାହାଣ୍ଡି, କଟକ ଆଦି ଜିଲାର ବିଭିନ୍ନ ତନ୍ତୁବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଛନ୍ତି । ପ୍ରଦର୍ଶନୀରେ ସମ୍ବଲପୁରୀ



ବିଧାୟକ, ଜିଲାପାଳ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଉଦଘାଟନ କରୁଛନ୍ତି ।

ଶାଢ଼ୀ, ଲୁଙ୍ଗି, ଗାମୁଛା, ପାଟଶାଢ଼ି, ବେଡ୍‌ସିଟ୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି । ରାଜ୍ୟ ସରକାରଙ୍କ ତରଫରୁ ଶତକଡ଼ା ୧୦ଭାଗ ରିହାତିର ମଧ୍ୟ ବ୍ୟବସ୍ଥା ରହିଛି । ଉକ୍ତ ପ୍ରଦର୍ଶନୀ ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୨ଟାରୁ ରାତ୍ରି ୯ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ । ବରଗଡ଼ସ୍ଥିତ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ, ବୟନ ତତ୍ତ୍ୱାବଧାରକ ଶାନ୍ତନୁ କୁମାର ମେହେର, ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ, ବୟନ ନିରୀକ୍ଷକ ବୈଷ୍ଣବ ଦାସ, ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ହେମନ୍ତ କୁମାର ମିଶ୍ର, ବୟନିକାର ଡାଇରେକ୍ଟର ସଞ୍ଜୟ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବୟନଶିଳ୍ପ ବିଭାଗର ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ସରିଲା ମାଟ୍ରିକ ପରୀକ୍ଷା, ଫଳାଫଳକୁ ଅପେକ୍ଷା

ପାଇକମାଳ, ୨।୩ (ଡି.ଏନ.ଏ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି । ଏହିକ୍ରମରେ ପାଇକମାଳ ବ୍ଲକର ୬ଟି କେନ୍ଦ୍ରରେ ୧୩୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୫୮ଜଣ ପରୀକ୍ଷା ଦେଉଥିବା ବେଳେ ୪୨ଜଣ ଅନୁପସ୍ଥିତ ରହିଛନ୍ତି । ସରକାରୀ ହାଇସ୍କୁଲ ପାଇକମାଳରେ ୨୩୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଥିବା ବେଳେ ୫ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ପଲସଦା ହାଇସ୍କୁଲରେ ୧୯୨ ଜଣ ମଧ୍ୟରୁ ୧୮୧ ଜଣ, ଝିଁକି ଗ୍ରାମପଞ୍ଚାୟତ ହାଇସ୍କୁଲ ମୁନକେଲରେ ୨୧୦ ମଧ୍ୟରୁ ୨୦୨ଜଣ, ସରକାରୀ ସେବା ଆଶ୍ରମ ହାଇସ୍କୁଲ ନୃସିଂହନାଥରେ ୧୫୦ ଜଣ ମଧ୍ୟରୁ ୧୪୮ ଜଣ, ମାଣ୍ଡୋସିଲ ହାଇସ୍କୁଲରେ ୨୫୯ ଜଣ ମଧ୍ୟରୁ ୨୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ଗାୟତ୍ରୀ ହାଇସ୍କୁଲ ସାପଲହରରେ ୨୫୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାଯାଇଛି। ବ୍ଲକର ଝିଁକି ପଞ୍ଚାୟତ ହାଇସ୍କୁଲ ମୁନେକେଲରେ ସିସିଟିଭି ବ୍ୟବସ୍ଥା କରାଯାଇଥିଲା ।

# କେନ୍ଦୁପତ୍ର କର୍ମଚାରୀଙ୍କ ଗଣଧାରଣା

ବୌଦ୍ଧ,୨।୩(ସ୍ୱ.ପ୍ର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନକ୍ରମେ ବୌଦ୍ଧରେ ଶତାଧିକ କେନ୍ଦୁପତ୍ର କର୍ମଚାରୀରେ ବିଭାଗୀୟ ଅଫିସ୍ ସମ୍ମୁଖରେ ବିଭିନ୍ନ ଦାବି ନେଇ ଧାରଣା ଦେଇଛନ୍ତି। କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକମାନଙ୍କୁ ଶ୍ରମିକ ମଙ୍ଗଳ ପାଣ୍ଠିରୁ ଦିଆଯାଉଥିବା ସହାୟତା ବନ୍ଦ ନ କରିବା, ଶ୍ରମିକ ମଙ୍ଗଳ ପାଣ୍ଠିରେ ଅନ୍ତର୍ଭୁକ୍ତ ହେବା ପାଇଁ ୨ ହଜାର କେରୀ ସଂଗ୍ରହ ମାନଦଣ୍ଡକୁ ବନ୍ଦ କରି ପୂର୍ବବତ ୧ ହଜାର ରଖାଯିବା, ସିଜିନାଲ ଓ ୱାଚରମାନଙ୍କ ଦରମା ବୃଦ୍ଧି କରିବା, କେନ୍ଦୁପତ୍ର ବିକ୍ରୟ ନୀତି ସଂଶୋଧନ କରିବା, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର କରିବା ଦାବି କରାଯାଇଥିଲା। ବୌଦ୍ଧ ସାମୂହିକ କର୍ମଚାରୀ ସଂଘ ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଦିଆଯାଇଥିବା ଧାରଣାରେ ପ୍ରଥମ ଦିନ ବୌଦ୍ଧ ଅଫିସ ସମ୍ମୁଖରେ ଜିଲାର ୮ଟି ରେଞ୍ଜର କର୍ମଚାରୀମାନେ ଧାରଣା ଦେଇଥିଲେ। ଏଥିରେ ହେଡ ଚେକର ଶ୍ରୀବତ୍ସ ପ୍ରଧାନ, ବନମାଳି ସାହୁ, ବେଣୁଧର ସାହୁ ଓ ବୀରକିଶୋର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ମଙ୍ଗଳବାର ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ



କେନ୍ଦୁପତ୍ର କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

**ବାଉଁଶୁଣୀ, (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀଠାରେ ଥିବା କେନ୍ଦୁପତ୍ର ଅଫିସ ସମ୍ମୁଖରେ ସୋମବାର ବୌଦ୍ଧ ଡିଭିଜନ କେନ୍ଦୁପତ୍ର କର୍ମଚାରୀ ସଂଘ ସଂଘ ସଭାପତି ଅଖଣ୍ଡ ମହାକୁଡ଼, ସମ୍ପାଦକ ହିମାଂଶୁ ଶେଖର ପ୍ରଧାନଙ୍କ ତତ୍ତ୍ୱାବଧାନରେ ୧୨ ଘଣ୍ଟିଆ ଗଣଧାରଣା ଦିଆଯାଇଥିଲା। କର୍ମଚାରୀମାନେ ୬ଟି ଦାବି ନେଇ ଏହି ଧାରଣା ଦେଇଥିଲେ। ଏହି ଦାବିଗୁଡିକ ସମାଧାନ କରା ନ ଗଲେ ଆସନ୍ତ ୧୧ ତାରିଖରେ କର୍ମଚାରୀମାନେ ରାରଜାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ନରୋତ୍ତମ ବେହେରା, ଜୟନ୍ତ ଦେହୁରୀ, ରତ୍ନାକର ହାତୀଙ୍କ ସମେତ ସମସ୍ତ କେନ୍ଦୁପତ୍ର କର୍ମଚାରୀ ସାମିଲ ହୋଇଥିଲେ।

**ମନମୁଣ୍ଡା, (ଡି.ଏନ.ଏ):** କେନ୍ଦୁପତ୍ର କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ମନମୁଣ୍ଡା ରେଞ୍ଜ ଅଫିସ ସାମନାରେ ସୋମବାର ସମସ୍ତ ତୋଳାଳି, ବନ୍ଧାଳି, ଚପରାସି, ମୁନସି, ଚେକର କର୍ମଚାରୀମାନେ ଧାରଣାରେ ବସିଥିଲେ । ଡିଭିଜନ ସମ୍ପାଦକ ପ୍ରଦୀପ ମିଶ୍ର, ସହ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଉଭୟଙ୍କ ନେତୃତ୍ୱ ନେଇଥିଲେ। ଏହି ଦାବି ପୂରଣ ନ କଲେ ଆଗାମୀ ୧୧ ତାରିଖ ରାସ୍ତାରୋକୋ କରାଯିବ ବୋଲି ଡିଭିଜନ ସମ୍ପାଦକ ପ୍ରଦୀପ ମିଶ୍ର ଜଣାଇଛନ୍ତି ।

# ବରଗଡ଼ ବ୍ଲୁ ଡାଇମଣ୍ଡ ଚାମ୍ପିୟନ

ବରଗଡ଼ ଅଫିସ୍,୨।୩

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ସିନିୟର କ୍ରିକେଟ ପ୍ରତିଯୋଗିତାରେ ବରଗଡ଼ର ବ୍ଲୁ ଡାଇମଣ୍ଡ ପ୍ରତିପକ୍ଷ ବିକାଶ କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ସୋମବାର ସ୍ଥାନୀୟ ବିକାଶ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ ହୋଇଥିଲା। ବ୍ଲୁ ଡାଇମଣ୍ଡ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ଓଭରରେ ୭ ଉଇକେଟ ହରାଇ ୩୬୧ରନ ସଂଗ୍ରହ କରିଥିଲା । ଜବାବରେ ବିକାଶ କ୍ରିକେଟ କ୍ଲବ ୫୦ଓଭରରେ ୭ଉଇକେଟ୍ ହରାଇ ମାତ୍ର ୧୭୦ରନ୍ ସଂଗ୍ରହ କରି ହାରିଥିଲା । ଅମୀୟ ଭୂଷଣ ସାହୁ, ପ୍ରଦୀପ ଦାଶ ଖେଳ ପରିଚାଳନା କରିଥିବାବେଳେ ରଜତ ଦାଶ ସ୍କୋରର ରହିଥିଲେ । ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଏବଂ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଅତିଥି ଭାବେ ଯୋଗଦାନ କରିଥିଲେ। ସୋହେଲାର ଅଶୋକ ମିଶ୍ରଙ୍କୁ ଶ୍ରେଷ୍ଠ ବୋଲର, ବ୍ଲୁ ଡାଇମଣ୍ଡର ପ୍ରବୀଣ ଲୁହାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଲରମ୍ବର ସୌରଭ ନାଏକଙ୍କୁ ଶ୍ରେଷ୍ଠ ଖେଳାଳି ଏବଂ ବ୍ଲୁ ଡାଇମଣ୍ଡର ଆର୍ଯ୍ୟମାନ ମିଶ୍ରଙ୍କୁ

**ଜିଲାସ୍ତରୀୟ ସିନିୟର କ୍ରିକେଟ**

ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ମହାପାତ୍ର, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧକ୍ଷ ଗୁରୁଦତ୍ତ ଦାଶ, ସଦସ୍ୟ କିଶୋର ରଥ, ଚନ୍ଦ୍ରଶେଖର ପ୍ରଧାନ, ଅମୀୟ ଭୂଷଣ ସାହୁ, ରଜତ ଦାଶ, ବିକାଶ ଗ୍ରୁପର କୋଚ୍ ଅଶୋକ ସିଂ, ଖେଳ ଶିକ୍ଷକ ପିତାମ୍ବର ପ୍ରଧାନ, ଗ୍ରାଉଣ୍ଡ ମ୍ୟାନ ପିଣ୍ଟୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।




ଅତିଥି, ଆୟୋଜକଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିବୃନ୍ଦ ।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ୍ୟ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଯାନବାହନ ଧରପଗଡ଼, ୬ହଜାର ଟଙ୍କା ଜରିମାନା ଆଦାୟ

**ତରଭା, ୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଥାନା ପକ୍ଷରୁ ସୋମବାର ଯାନବାହନ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି । ଏସ.ଆଇ ପ୍ରିୟଙ୍କା ବେହେରା ଓ ପିୟୁସ ନାୟକଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇ ୧୨ଟି ଗାଡିରୁ ଜରିମାନା ବାବଦକୁ ୬ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି ।

### ଆଦର୍ଶ ପ୍ରବେଶିକା ପରୀକ୍ଷା ଦେଲେ ୩୪୮ ଛାତ୍ରୀଛାତ୍ର

**ତରଭା, ୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଜାମକାନୀ ଓଡିଶା ଆଦର୍ଶ ବିଦ୍ୟାଳୟରେ ୩୬୫ ଜଣ ଛାତ୍ରୀଛାତ୍ରୀ ଆବେଦନ କରିଥିବା ବେଳେ ୩୪୮ ଜଣ ପରୀକ୍ଷା ଦେଇଛନ୍ତି। ୧୭ ଜଣ କୌଣସି କାରଣବଶତଃ ଅନୁପସ୍ଥିତ ରହିଥିଲେ । ସକାଳ ୯ଟାରୁ ଆରମ୍ଭ ହୋଇଥିବା ପରୀକ୍ଷା ୧୧ଟଶ ଯାଏ ଚାଲିଥିଲା। ଷଷ୍ଠ ଶ୍ରେଣୀରେ ୮୦ଟି ସିଟ ପାଇଁ ୨୮୨, ସପ୍ତମରେ ୬ ସିଟ ପାଇଁ ୧୫, ଅଷ୍ଟମରେ ୭ ସିଟ ପାଇଁ ୨୪, ନବମ ଶ୍ରେଣୀରେ ୨୩ଟି ସିଟ ପାଇଁ ୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ବୋଲି ଜାମକାନୀ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ପଧାନ ସୂଚନା ଦେଇଛନ୍ତି।

# ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ୍‌ରେ ଜମି ପ୍ରଦାନ ଦାବି

## ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ, ୨।୩**

ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଭୂମିହୀନମାନଙ୍କୁ ଘରବାଡି ଜମି ଓ ପକ୍କା ଘର ଯୋଗାଇ ଦେବାକୁ ସରକାର ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ବହୁ ଗରିବ ଲୋକ ସରକାରୀ ଯୋଜନାରୁ ବାଦ୍ ପଡୁଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ଜାଗା ମିଶନ୍ ଓ ବସୁନ୍ଧରା ଯୋଜନାରେ ଘରଡିହ ଯୋଗାଇ ଦେବା ଦାବି ନେଇ ବଲାଙ୍ଗୀର ସହରର ଶତାଧିକ ମହିଳା ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଜିଲାପାଳଙ୍କୁ ଦାବିପତ୍ର ଦେବା ପରେ ଏକ ରାଲିରେ ମ୍ୟୁନିସିପାଲିଟି ଅଫିସକୁ ଯାଇ ସେଠାରେ ଘେରାଉ କରିଥିଲେ। ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ ବିପିନ କୁଶଲିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଜାଗା ମିଶନ୍ ଆବେଦନ ପତ୍ର ଧରି ଧାରଣାରେ ବସିଥିଲେ । ଗରିବ ହିତାଧିକାରୀ ହୋଇଥିଲେ ମଧ୍ୟ ସେମାନଙ୍କୁ ଜାଗା ମିଶନ୍‌ରୁ ଜମି ମିଳିନାହିଁ ବୋଲି ଅଭିଯୋଗ କରି ତୁରନ୍ତ ଏଥିରେ ସାମିଲ କରିବାକୁ ଦାବି କରିଥିଲେ । ବଲାଙ୍ଗୀର ସହରରେ ମ୍ୟୁନିସିପାଲିଟି ତରଫରୁ ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ଡ୍ରୋନ୍ ଜରିଆରେ ସର୍ଭେ କରାଯାଇ ପରିବାର ଚିହ୍ନଟ କରାଯାଇଥିଲା । ସହରରେ ୭୧୦୦ ଜଣ ଭୂମିହୀନ ଗରିବଙ୍କୁ ଚିହ୍ନଟ କରାଯାଇଥିବା ଏଥିରୁ ଅର୍ଦ୍ଧାଧିକ ଲୋକଙ୍କୁ ପ୍ରସ୍ତୁତ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ କରିଛନ୍ତି । ଏନେଇ ଜିଲାପାଳ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦାବି ଜଣାଇଥିଲେ । ଅନ୍ୟାନ୍ୟ ଦାବି ପୂରଣ ନେଇ ମଧ୍ୟ ଦାବି କରାଯାଇଥିଲା । ଦାବିପୂରଣ ନହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଡ କୁଶଲିଆ କହିଛନ୍ତି ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜାଗା ମିଶନ୍‌ରୁ ଜମିପଟ୍ଟା ଦାବି କରି ମହିଳାମାନେ ରାଲି କରୁଛନ୍ତି ।



ମନରଞ୍ଜନ ଚିରଗୁନଙ୍କୁ ଭସ୍ମାସୁର ବରଣ କରାଯାଉଛି।

# ଦୋଳଯାତ୍ରା ମହୋତ୍ସବ ଲାଗି ଭସ୍ମାସୁର ବରଣ

**ଅମରପାଲି, ୨।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପାମାଳସ୍ଥିତ ପ୍ରସିଦ୍ଧ ଚମ୍ପେଶ୍ୱର ମନ୍ଦିର ପରିସରରେ ଆସନ୍ତା ୫ ତାରିଖଠାରୁ ୯ ତାରିଖ ପର୍ଯ୍ୟନ୍ତ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟା ୭ଟାଠାରୁ ଭସ୍ମାସୁର ଦରବାର, ମୀନାବଜାର ସାଙ୍ଗକୁ ସଂସ୍କୃତିକ କାର୍ଯ୍ୟକ୍ରମ ହେବାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଆୟୋଜନ କମିଟି ବରିଷ୍ଠ ଉପଦେଷ୍ଟା କିଶୋର ହୋତା ପ୍ରକାଶ କରିଛନ୍ତି । ଏଥିପାଇଁ ଭସ୍ମାସୁର ଭୂମିକାରେ ବରିଷ୍ଠ କଳାକାର ମନରଞ୍ଜନ ଚିରଗୁନଙ୍କୁ ଆୟୋଜକ କମିଟି ସଦସ୍ୟମାନଙ୍କ ଦ୍ୱାରା ବରଣ କରାଯାଇଛି। ଚମ୍ପାମାଳ ପଞ୍ଚଦୋଳ ଯାତ୍ରା ପରିଚାଳନା କମିଟି ସଭାପତି ଲକ୍ଷ୍ମୀନାରାୟଣ ପୁରୋହିତ, ସମ୍ପାଦକ ପ୍ରମୋଦ କୁମାର ପୁରୋହିତ, ଉପଦେଷ୍ଟା ହୋତା, ଉପସଭାପତି ସରୋଜ କୁମାର ହୋତା, ବିଶ୍ୱନାଥ ଥନାପତି, ମନୋଜ କୁମାର ହୋତା, ଭୀଷ୍ମଦେବ ଥନାପତି, ଆକ୍ଷୟ ଥନାପତି, ଅବିନାଶ କର୍ଣ୍ଣ, ବିନି ମହାରଣା ପ୍ରମୁଖ ଭସ୍ମାସୁର ବରଣ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ମରନ୍ ଯଁତା ପାଲଟିଛେ ରାସ୍‌ତା

**ଲାଠୋର, ୨।୩ (ଡି.ଏନ୍.ଏ.)**

ସରକାର ଲୁକ୍‌କର ଯିବାର ଆଏବାର ଲାଗି କୋଟି କୋଟି ଟଁକା ଖରଚ୍ କରି ରାସ୍‌ତାଘାଟ, ରାସ୍‌ତା ତରେ ପାଏନ୍ ଯିବାର ଲାଗି ଲାଇନ୍‌ଜୁରି ବେବସ୍‌ତା କରୁଛନ୍। ହେଲେ ଅନେକ ଜାଗାରେ ରାସ୍‌ତାଘାଟ, ଲାଇନ୍‌ଜୁରି ବେବସ୍‌ତା ଠିକ୍ ନାଇଁଥିବାର ଲାଗି ଲୋକ୍ ନାନା ସମସିଆର ସାମନା କରୁଥିବାର ଅଭିଯୋଗ ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗାଁରେ।

ସୂଚନା ଅନ୍‌ସାରେ ୧୨ ୱାର୍ଡକେ ନେଇ ଗଠିତ ଲାଠୋର ଗାଁରେ ପାଖାପାଖି ୮ ହଜାର ଲୋକ୍ ବାସ କରୁଛନ୍। ଲାଠୋରଟା ଗୁଟେ ବେପାରବନିଜ କେନ୍ଦ୍ର ହିସାବେ ଜନାଶୁନା। ଫିଦିନ ଇଠାନକେ ବେପାରବନିଜ ଉଦେଶରେ ଲୋକ ଭିନେ ଭିନେ ଜିଲାରୁ ଯାଆସ କରୁଛନ୍। ସେ ହିସାବେ ଗାଡ଼ିମଟର ବି ଯିବଆର ଆଏବାର କରୁଛେ। ହେଲେ ଗାଁରେ ଲାଇନ୍‌ଜୁରି ବେବସ୍‌ତା ନାଁଇଁନ। ଏନ୍‌ତାଥି କଲେଜ ଛକରୁ ହନୁମାନ ଗୁଡ଼ି ତକ୍ ପିଡବ୍ଲୁଡି ରାସ୍‌ତାର ଅବସ୍‌ତା ବେହାଲ ହେଇ ମରନ୍‌ଯଁତା ପାଲଟିଛେ। ଲାଇନ୍‌ଜୁରି ବେବସ୍‌ତା ନାଇଁଥିବାର ଲାଗି ଦୁକାନ ବଜାର, ଲୁକ୍‌କର ଘରର ମଏଲା ପାଏନ୍ ସିଧା ରାସ୍‌ତା ଉପରକେ ଆସୁଛେ। ଇ ମଏଲା ପାଏନ୍ ରାସ୍‌ତାରେ ଦିନ୍ ଦିନ୍ ଧରି ଜୁଡ଼ି ରହିବାର ସଂଗେ ପରିବେଶ ପରଦୁଷିତ ହେଉଛେ। ମସା, ମାଛି, ନାନା ପୋକ୍‌ଜୋକ ନିଜର ବଉଁଶ ବଢ଼ଉଛନ୍। ଏନ୍‌ତାଥି ଲୋକ୍ ନାନା ରୋଗ୍ ବେମାରିରେ ପଡୁଥିବାର ବି ଅଭିଯୋଗ ହେଉଛେ। ଇଆଡ଼େ ବିଭାଗ ତରଫୁ ରାସ୍‌ତା ତିଆରି ନାଇଁ ହେବାର ଲାଗି ଗାଡ଼ିମଟର ଗଲା ଆଏଲା ସମିଆରେ



କଲେଜ ଛକରୁ ହନୁମାନ ଗୁଡ଼ି ତକ୍ ଯାଇଥିବାର ରାସ୍‌ତାର ଅବସ୍‌ତା।

### ଲାଇନ୍‌ଜୁରି ବେବସ୍‌ତା ଫେଲ

ବହୁତ୍ ଧୂଇଲ ଉଡୁଛେ। ଯେନ୍‌ଥିରଲାଗି ଅନେକ ସମିଆରେ ଲୋକ୍ ଅଧିନିଶାସି ହେଇଯାଉଛନ୍। ଦିନାକେତେ ଭିତରେ ବିଭାଗ ତରଫୁ ରାସ୍‌ତା ତିଆର ନାଇଁ ହେଲେ ଲାଠୋର ଗାଁରେ ଲୋକ୍ ନାନା ରୋଗ୍ ବେମାରିର ଶିକାର ହେବାରଟା ଥଏ ଆଏ ବଲି ବୁଧିଜୀବୀ ମହଲରୁ ମତ ପରକାଶ ପାଉଛେ। ରାସ୍‌ତା ଆର ଲାଇନ୍‌ଜୁରି ତିଆର ଲାଗି ଲାଠୋର ସରପଁଚ୍ ପିଡବ୍ଲୁଡି ବିଭାଗକେ ପଁଚେତ୍ ତରଫୁ ଚିଠି ଲେଖିଛନ୍। ହେଲେ ଆଏଜ୍‌ତକ ଇ ଦିଗେ ବିଭାଗ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇ। ଦିନାକେତେ ଭିତରେ ବିଭାଗ ତରଫୁ ଇ ଦିଗେ ପଦକ୍ଷେପ ନାଇଁ ନେଲେ ଲାଠୋର ପଁଚେତ୍ ତରଫୁ ସରପଁଚ ପ୍ରବିଣ କୁମାର ଅଗ୍ରୱାଲ କଣ୍ଟାବାଞ୍ଜି ପିଡବ୍ଲୁଡି ଅଫିସ ଘେରାଉ କରବେ ବଲି ସୂଚନା ଦେଇଛନ୍।

# ‘ଗନ୍ଧରେଲ ନିକଟ ଲକ୍ଷ୍ମୀଯୋରରେ ଚେକ୍‌ଡ୍ୟାମ କରାଯିବ’

**ବଲାଙ୍ଗୀର ଅଫିସ, ୨।୩**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସଦେଇପାଲି ପଞ୍ଚାୟତର ଗନ୍ଧରେଲ ଓ ଚଟିଆପାଲି ଗାଁର ଲୋକମାନେ ବିଭିନ୍ନ ସମସ୍ୟା ନେଇ ସୋମବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି । ଗନ୍ଧରେଲ ଗାଁ ଖ୍ରୀଷ୍ଟିୟାନପଡାରେ ଗତ ଅଗଷ୍ଟ ମାସ ପ୍ରଳୟଙ୍କରୀ ବନ୍ୟାରେ ଘୋର କ୍ଷତି ହୋଇଥିଲା । ବନ୍ୟା କ୍ଷୟକ୍ଷତି ଆକଳନରେ ପାତରଅନ୍ତର କରାଯାଇଥିବା ନେଇ ବିଧାୟକ ମିଶ୍ରଙ୍କୁ ପଡାର କ୍ଷତିଗ୍ରସ୍ତ ମହିଳା, ପୁରୁଷମାନେ ଜଣାଇଥିଲେ। ସହାୟତା ବଣ୍ଟରେ ଘୋର ଦୁର୍ନୀତି ହୋଇଥିବା ମଧ୍ୟ ସେମାନେ ଅଭିଯୋଗ କରିଥିଲେ ।

ଆଦୌ ଭାଙ୍ଗି ନଥିବା ଘର ଓ ଗାଁରେ ରହୁ ନ ଥିବା କେତେକ ଲୋକଙ୍କ ନାଁରେ ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ କରିଥିଲେ । ଏନେଇ ବିଧାୟକ ମିଶ୍ର ମଙ୍ଗଳବାର ଅଧିକାରୀଙ୍କ ଆଲୋଚନା କରିବେ ବୋଲି କହିଥିଲେ । ଗ୍ରାମରେ ଥିବା ଗରିବ ଲୋକ ଯେଉଁମାନଙ୍କର ଭୂମି ନାହିଁ, ରାସନ କାର୍ଡ ନାହିଁ ତଥା କୌଣସି ସରକାରୀ ସୁବିଧା ପାଇ ପାରୁନାହାନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ପ୍ରଦାନ କଲେ ସେସବୁ ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ପିଇବା ପାଣି ସମସ୍ୟା ତଥା ଗାଁ ନିକଟ ଦେଇ ଯାଇଥିବା ଲକ୍ଷ୍ମୀଯୋର ଉପରେ ଏକ ଚେକ୍ ଡ୍ୟାମ ନିର୍ମାଣ ବ୍ୟବସ୍ଥା ଶୀଘ୍ର ହେବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ମିଶ୍ରଙ୍କ ସହ ଫକୀର ମୋହନ ଥାଟି, ବିପ୍ର ନାଗ, ମନୁ ଖାନଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ଟ୍ରାନ୍ସଫର୍ମର ଫ୍ୟୁଜ ବାନ୍ଧିବା ବେଳେ ବିଦ୍ୟୁତ୍ ଆଘାତରେ ଯୁବଚାଷୀ ମୃତ

**ଡୁଙ୍ଗୁରିପାଲି, ୨।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଧିନ ଗିଧମାଲ ଗାଁରେ ଟ୍ରାନ୍ସଫର୍ମର ଫ୍ୟୁଜ ବାନ୍ଧୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୈଳାସ ଚନ୍ଦ୍ର ସାହୁ (୩୩)। ରବିବାର ରାତିରେ ସେ ନିଜ ଜମିକୁ ପାଣି ମଡାଇବାକୁ ଯାଇଥିଲେ । ଏହି ସମୟରେ ଜମି ପାଖରେ ଥିବା ଉଠା ଜଳସେଚନ ପଏଣ୍ଟର ଟ୍ରାନ୍ସଫରମର ଫ୍ୟୁଜ ଉଡିଯାଇଥିବା ଜାଣିବାକୁ ପାଇଥିଲେ। ଫ୍ୟୁଜ ବାନ୍ଧୁଥିବା ବେଳେ ୧୧କେଭି. ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀର୍ଘ ସମୟ ଧରି କୈଳାସ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ସୋମବାର ସକାଳେ କୈଳାସଙ୍କ ମୃତଦେହ ଉଠା ଜଳସେଚନ ପଏଣ୍ଟ ବିଦ୍ୟୁତ ଟ୍ରାନ୍ସଫରମର ତଳେ ପଡିଥିବା ଗାଁର କେତେକ ଚାଷୀ ଦେଖି ତାଙ୍କ ପରିବାର ଓ ରାମପୁର ସେକ୍ସନକୁ ଖବର ଦେଇଥିଲେ। ଲାଇନମ୍ୟାନ ଘଟଣାସ୍ଥଳରେ ପହଞ୍ଚିବା ପରେ ଚାଷୀମାନେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ପାଖରେ ଥିବା ଏକ ଗଛରେ ବାନ୍ଧି ଦେଇଥିଲେ । ଖବର ପାଇ ରାମପୁର ସେକ୍ସନର ଜୁନିୟର ଇଞ୍ଜିନିୟର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲାଇନମ୍ୟାନଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୯/୨୦)ରୁଜୁ କରି ପୋଲସ ତଦନ୍ତ ଜାରି ରଖିଛି।

DSPL-291

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡିଶା ସରକାର

PRESERVE HEARING

# ବିଶ୍ୱ ଶ୍ରୁତି ଦିବସ

## ୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶ୍ରୁତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

### ଶ୍ରୁତି ବଧିରତା ପ୍ରତିରୋଧର ଉପାୟ

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

SBC
# ସମ୍ବଲପୁରୀ ବସ୍ତ୍ରାଳୟ

ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି
୧୦% + ୨୦%
ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ

-: ନୂତନ ବସ୍ତ୍ର ସମ୍ଭାର :-
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ,
ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଛି।

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | **ଛଇତାନଶାଖା, ଛଇତାନ** ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ସ୍ୱ ମହେଶ୍ୱର ସାହୁ, ୫) ସ୍ୱ ଶୋବି ସାହୁ, ସ୍ୱାମୀ: ସ୍ୱ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ସ୍ୱ ଶୋବି ସାହୁ, ସ୍ୱାମୀ: ସ୍ୱ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ସ୍ୱ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ସ୍ୱ ଶୋବି ସାହୁ, ସ୍ୱାମୀ: ସ୍ୱ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ସ୍ୱ ମହେଶ୍ୱର ସାହୁ, ପିତା: ସ୍ୱ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

## ସଂକ୍ଷେପରେ



### ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଖଡିଆଳ,୨।୩ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଥାନା ଅରେଡା ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରେ ୩ଜଣ ଗୁରୁତର ହୋଇଛନ୍ତି । ଆହାତ ବ୍ୟକ୍ତି ହେଲେ ଖଡିଆଳ ଥାନା ବରଗାଁ ଗ୍ରାମର ଜୟରାମ ଶବର (୩୫), ଶଶାଙ୍କ ସବର (୪୫) ଥିବା ବେଳେ ବୁଲେଟରେ ଆସୁଥିବା ଖଡିଆଳ ସହର ନିବାସୀ ବିଶ୍ୱମିତ୍ର ରାଉତ ରାୟ (୩୫) ବୋଲି ଜଣାପଡିଛି । ଘଟଣା ସ୍ଥଳରେ ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ୩ ଜଣଙ୍କୁ ଉଦ୍ଧାର କରି ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ୩ ଜଣଙ୍କୁ ଡା. ଦିନବନ୍ଧୁ ମହାନନ୍ଦ ପ୍ରାଥମିକ ଚିକିତ୍ସା ପରେ ସ୍ଥାନୀୟ ଖଡିଆଳ ମିଶନ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଖଡିଆଳ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।



### ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଖଡିଆଳ,୨।୩ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗତ ୨୯ ତାରିଖରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପ୍ରଫୁଲ୍ଲ କୁମାର ସାହୁ ଯୋଗଦାନ କରିଥିଲେ । ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ ସଦସ୍ୟ ସ୍ୱାଗତ କରିଥିବା ବେଳେ ବିଜୁ ଯୁବ ବାହିନୀ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଖଡିଆଳ ସହରର ଉନ୍ନତିପ୍ରତି ଧାନ ଦେଇ ଖଡିଆଳ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ଉଠିବା ଏବଂ ଖଡିଆଳ ସହରରେ ଗୋଟିଏ ସୁନ୍ଦର ଉଦ୍ୟାନ, ମଶାଣିଘାଟ ଏବଂ ପରିମଳ ପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି । ଏହି ଅବସରରେ ବିଜୁ ଯୁବ ବାହିନୀର ସାଧାରଣ ସମ୍ପାଦକ ମହମ୍ମଦ ସାଇଦ, ଚନ୍ଦନ ସାହୁ, ବୃକ୍ଷବନ ପ୍ରଧାନୀ, ଆନନ୍ଦ ବଘେଲ, ସୁରେନ୍ଦ୍ର ଦଣ୍ଡସେନା, ଏନଏସି ନୋଡାଲ ଅଫିସର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଅନୀଲ ସିନ୍ଧୁର, ସୁରେନ୍ଦ୍ର, ଆନନ୍ଦ, ଏନଏସି ସଭାପତି ହେମନ୍ତ ମନହରେ, ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।



### ରାଧାକୃଷ୍ଣପଡ଼ାରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ନୂଆପଡା ଅଫିସ,୨।୩:** ସ୍ଥାନୀୟ ରାଧାକୃଷ୍ଣ ପଡାରେ ନବନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ବର୍ଷିୟାନ ଶିକ୍ଷାବିତ ଭଗବାନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକାର୍ପିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶୀବସ୍ୱ ପାଢୀ, ସଚ୍ଚିଦାନନ୍ଦ ପଟେଲ, ନାରାୟଣ କାଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ଦିନର ଆଶା ପୂରଣ ହୋଇଥିବାରୁ ପଡାବାସୀ ଖୁସି ପ୍ରକଟ କରିଛନ୍ତି । କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ପାତ୍ର, ତ୍ରିନାଥ କାଣ୍ଡ, ରାମଗୁଲା ସାହୁ, ଶୋଭାରାମ ସାହୁ, ସୁଶାନ୍ତ ପତି, ରାଜନ ସାହୁ, ପ୍ରଦୀପ ମହାପାତ୍ର, ପୁରୁଷୋତ୍ତମ ସାହୁ, ଆଦମ ଖାନ, କୁଞ୍ଜ ପଟ୍ଟନାୟକ, କୈଳାସ ସାହୁ, ମନୋଜ ନିଆଲ, ବୁଲୁ ନାଏକ, ଶ୍ରୀବତ୍ସ ପଣ୍ଡା, ଘନଶ୍ୟାମ ବାରିକ, ବିଜୟ ଚନ୍ଦ୍ର ପାଲ ପ୍ରମୁଖ ଯୋଗ ଦେଇଥିଲେ।

# ଆଶ୍ରମ ପରିଚାଳନାରେ ସ୍ୱଚ୍ଛତା ରହୁନାହିଁ

- ଲଗାମଛଡା ବ୍ୟବସ୍ଥା, ସ୍ଥାୟୀ ସମାଧାନ ଦାବି
- ମାସକରେ ଘଟିଲାଣି ୩ଟି ଘଟଣା

**ନୂଆପଡା ଅଫିସ,୨।୩**



ଦୁରବସ୍ଥାରେ ଥିବା ଏକ ଆଶ୍ରମ ।

ସରକାର ନୂଆପଡା ଭଳି ଆଦିବାସୀ ଅଧୁଷିତ ଜିଲାର ଉପାନ୍ତ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ଆବାସିକରେ ରହି ଶିକ୍ଷା ଗ୍ରହଣ ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ଏହାର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ପରିଚାଳନା ବ୍ୟବସ୍ଥା ଠପ ହୋଇପଡିଛି। ଏହାର ନମୁନା ଜିଲାରେ ଗୋଟିକ ପରେ ଗୋଟିଏ ଘଟଣା ଦେଖିବାକୁ ମିଳୁଛି। ମାସକ ମଧ୍ୟରେ ଜଣେ ହଷ୍ଟେଲରେ ରହି ପାଠ ପଢୁଥିବା ଦଶମ ଶ୍ରେଣୀ ଅନ୍ତଃସତ୍ତ୍ୱା ହେବା, ସେବାଶ୍ରମର ଜଣେ ଛାତ୍ରଙ୍କ ଆଶ୍ରମ ପଛପଟେ ମୃତ୍ୟୁ ଘଟିବା ଏବଂ ସେବାଶ୍ରମର ଜଣେ ଛାତ୍ରୀ କ୍ୟାମ୍ପସରୁ ଡେଇଁ ବାହାରେ ଆତ୍ମହତ୍ୟା କରିବା ଘଟଣା ବ୍ୟବସ୍ଥାକୁ ପଦାରେ ପକାଇଛି। ଘଟଣା ଘଟିଲେ ଜିଲାସ୍ତରୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। ସେଠାରେ ନେତା କୁଜିନେତା କାର୍ଯ୍ୟାନୁଷ୍ଠାନ ସକାଶେ ଦାବି କରୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ଚାପରେ ପଡି କେତେକ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରୁଛନ୍ତି । କଣ୍ଟ୍ରାକ୍ଟ କର୍ମଚାରୀଙ୍କୁ ବରଖାସ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ୨୦/୩୦ ହଜାର ଟଙ୍କା ହାତରେ ଧରାଇ ଦେଉଛନ୍ତି । ଏଭଳି ସ୍ଥିତିକୁ ନେଇ ଜିଲାବ୍ୟାପି ବିଭିନ୍ନ ମହଲରେ ଆଲୋଚନା ହେଉଥିବାବେଳେ ସ୍ଥାୟୀ ସମାଧାନ କରିବାକୁ ଦାବିହେଉଛି। ସୂଚନାଯୋଗ୍ୟ ଯେ, ଜିଲାର ଏହି ୩ଟି ଘଟଣା ସ୍ଥିତିକୁ ପର୍ଯ୍ୟାଲୋଚନା କଲେ ଗୋଟିଏ କଥା ନିର୍ଯ୍ୟାସ ଆସୁଛି ଯେ ପରିଚାଳନା ବ୍ୟବସ୍ଥା ଢିଲା ପଡିଯାଇଛି। ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ମୋଟ ୪୭ଟି ଆଶ୍ରମ, ସେବାଶ୍ରମ ରହିଛି । ଏଗୁଡିକରେ ପ୍ରଧାନ ଶିକ୍ଷକମାନଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଦିଆଯାଉଥିବାବେଳେ ତାଙ୍କ ଅଧୀନରେ ବାଳିକା ବିଭାଗ ସକାଶେ ଜଣେ ଲେଖାଏଁ ମେଟ୍ରନ ଏବଂ ବାଳକ ବିଭାଗ ପାଇଁ ଜଣେ ଲେଖାଏଁ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ଦେଉଛନ୍ତି। କୌଣସି ବିଦ୍ୟାଳୟରେ କ୍ୟାମ୍ପସରେ ପ୍ରଧାନଶିକ୍ଷକ କି ସହକାରୀ ଶିକ୍ଷକ ଠିକ ସମୟରେ ରହୁ ନ ଥିବା ବିଭିନ୍ନ ଘଟଣାରୁ ସ୍ପଷ୍ଟ ହୋଇଛି । ସମସ୍ତ ଦାୟିତ୍ୱ ଜୋରଜବରଦସ୍ତ ପ୍ରଧାନଶିକ୍ଷକଙ୍କୁ ନ୍ୟସ୍ତ କରୁଥିବାବେଳେ ବାକି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦାୟିତ୍ୱରୁ ମୁକ୍ତ କରାଯାଉଛି। ଏଥିରୁ ସେମାନଙ୍କୁ ଅପସାରଣ କରିବାକୁ ବିଭିନ୍ନ ସମୟରେ ପ୍ରଧାନଶିକ୍ଷକମାନେ ଦାବି କରି ଆସୁଥିବା ଦେଖାଯାଇଛି। ହେଲେ ଏହାର ପର୍ଯ୍ୟାଲୋଚନା କରାଯାଉନାହିଁ। ଉଲ୍ଲେଖଯୋଗ୍ୟ ଯେ, ଆଶ୍ରମଗୁଡିକରେ ବିଶେଷ କରି ଛାତ୍ରୀମାନଙ୍କ ମେସ, ସ୍ୱାସ୍ଥ୍ୟ ସହ ସମସ୍ତ ଦାୟିତ୍ୱ ମେଟ୍ରନମାନଙ୍କୁ ଦେବାକୁ ନିଯୁକ୍ତି ଚୁକ୍ତିପତ୍ରରେ ସ୍ପଷ୍ଟ ଭାବେ ଲେଖା ରହିଛି । ଏହାକୁ ଉପେକ୍ଷା କରି ମେଟ୍ରନମାନଙ୍କୁ ଏସବୁଥିରୁ କାହିଁକି ମୁକ୍ତ ରଖାଯାଇଛି । ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେତେବେଳେ କିଛି ଅଘଟଣ ଘଟିଲେ ମେଟ୍ରନଙ୍କୁ ଚାକିରିରୁ ବରଖାସ୍ତ କରାଯାଉଛି ବୋଲି ମେଟ୍ରନମାନେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ବିଭାଗ ପକ୍ଷରୁ ପରିଚାଳନା ବ୍ୟବସ୍ଥାକୁ ଅତି ନିକଟରୁ ଦେଖିବାକୁ ପ୍ରତି ବ୍ଲକରେ ଜଣେ ଲେଖାଏଁ ବ୍ଲକ ସମ୍ପ୍ରସାରଣ ଅଧିକାରୀ(ଡବ୍ଲ୍ୟୁଇଓ)ନିଯୁକ୍ତ ରହିଛନ୍ତି । ସେମାନେ କେବଳ ନାଁକୁ ମାତ୍ରମାସରେ ଥରେ ଲେଖାଏଁ ଘେରାଏ ଉପରଠାଉରିଆ ବୁଲି ଚାଲିଯାଉଥିବା ଚର୍ଚ୍ଚା ହେଉଛି। ଏହିଭଳି ଜିଲାସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ବ୍ୟବସ୍ଥାକୁ ଆଖି ବୁଜି ବିଶ୍ୱାସକୁ ନେଉଛନ୍ତି। ଏଭଳି ସ୍ଥିତିରେ ଅବସ୍ଥା କ'ଣ ହେଉଥିବା ତାହା ସହଜେ ଅନୁମେୟ। ଏହା ଉପରେ ବିଶେଷ ଧ୍ୟାନ ଦେବା ସହ ଏକ ଜିଲାସ୍ତରୀୟ କମିଟି ଗଠନ କରି ସେଥିରେ ମହିଳା ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରିବାକୁ ମାନବାଧିକାର କର୍ମୀ ଯାଜ୍ଞସେନୀ ମହାପାତ୍ର ଦାବି କରିଛନ୍ତି । ଅନ୍ୟପଟେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଘାସିରାମ ମାଝି ପରିଚାଳନା ଗାଇଡଲାଇନକୁ ଜିଲାପାଳ ଧ୍ୟାନ ଦେବା ଜରୁରି ବୋଲି ମତ ରଖିଛନ୍ତି ।



ସାରାବଙ୍ଗ ମଣ୍ଡିରେ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

# ମଣ୍ଡି ଅଞ୍ଚଳ ବୁଲି ଦେଖିଲେ ଭାଜପା ପ୍ରତିନିଧି

**ନୂଆପଡା ଅଫିସ,୨।୩**

ନୂଆପଡ଼ା ଜିଲାରେ ଚାଷୀଙ୍କଠାରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିବା ବେଳେ ଜିଲା ପ୍ରଶାସନ ଧାନକିଣା ବନ୍ଦ କରିଦେଇଥିବାବେଳେ ଚାଷୀମାନେ ଏବେ ବି ଆଶା ବାନ୍ଧି ମଣ୍ଡିଗୁଡିକରେ ଜଗି ରହିଛନ୍ତି । ଚାଷୀମାନେ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ପରେ ମଧ୍ୟ କୌଣସି ସୁଫଳ ପାଇପାରୁନାହାନ୍ତି। ଏଭଳି ଖବର ପାଇ ଜିଲା ଭାଜପା ପକ୍ଷରୁ ଏକ ପ୍ରତିନିଧି ଦଳ ମଣ୍ଡି ବୁଲି ଅବସ୍ଥା ଦେଖିଛନ୍ତି। ସୋମବାର ଅପରାହ୍ନରେ ଭାଜପା ପକ୍ଷରୁ ଜିଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ମନିଜର ଆର୍ଯ୍ୟ, ଦିଲୀପ କୁମାର ନିର୍ମଳକର ପ୍ରମୁଖ ସାରାବଙ୍ଗ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରି ଫେରିଛନ୍ତି । ଏଭଳି ସ୍ଥିତିରେ ଦଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମଙ୍ଗଳବାର ଜିଲାପାଳ ଅଫିସ ଘେରାଉ କରିବ ବୋଲି ଜିଲା ସଭାପତି ଠାକୁର ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ଟିମ କୁକୁରୀମୁଣ୍ଡି ସେବାଶ୍ରମ ମଧ୍ୟ ବୁଲି ଥିବା ସୂଚନା ମିଳିଛି ।

# କେନ୍ଦୁପତ୍ର କର୍ମଚାରୀ ସଂଘର ଜିଲାପାଳ ଅଫିସ ଘେରାଉ

**ନୂଆପଡା ଅଫିସ,୨।୩**



କେନ୍ଦୁପତ୍ର ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଉଛି ।

କେନ୍ଦୁ ପତ୍ର ଫଡିରେ କାମ କରୁଥିବା ଶ୍ରମିକ, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏହା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସୋମବାର ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ନିର୍ଦ୍ଦେଶକ୍ରମେ ଖଡିଆଳ ଡିଭିଜନ ପକ୍ଷରୁ ଜିଲାପାଳ ଅଫିସ ଘେରାଉ କରି ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବାହ୍ନ ୧୧ଟାବେଳେ ଜିଲା ସମ୍ପାଦକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ, ଶ୍ରମିକମାନେ ସ୍ଥାନୀୟ କେନ୍ଦୁପତ୍ର କାର୍ଯ୍ୟାଳୟଠାରୁ ଏକ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ଡିଭିଜନର ବିଭିନ୍ନ ପ୍ରାନ୍ତରୁ ମହିଳା ପୁରୁଷ କର୍ମଚାରୀ, ଶ୍ରମିକମାନେ ଆସି ସାମିଲ ରହିଥିଲେ। ଜିଲାପାଳଙ୍କ ଅଫିସକୁ ଘେରାଉ କରିଥିବାବେଳେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶେଷରେ ଜିଲାପାଳଙ୍କ ପକ୍ଷରୁ କେନ୍ଦୁପତ୍ର ଡିଏଫଓ ପ୍ରଭଞ୍ଜନ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ । ଏହି ଆନ୍ଦୋଳନରେ ଅବଦୁଲ ରସିଦ, ତୋରେଶ୍ୱର ପଟେଲ, ବାବୁଲାଲ ପଟେଲ, ଈଶ୍ୱର ଶବର, ହରେକୃଷ୍ଣ ଭୋଇ, ଶଙ୍କର ରାଉତ ପ୍ରମୁଖ ସାମିଲ ଥିଲେ । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଜିଲାବ୍ୟାପି ସମସ୍ତ ରେଞ୍ଜରେ ଆନ୍ଦୋଳନ କରାଯିବ ବୋଲି ଚେତାଇ ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ସିଜିନାଲ କର୍ମଚାରୀ, ୱାଚରଙ୍କ ଦରମା ନିର୍ଦ୍ଧାରଣକୁ ସଂଶୋଧନ, ସାମାଜିକ ସୁରକ୍ଷା ଯୋଜନା ସୁନିଶ୍ଚିତ କରିବା, ରେଞ୍ଜ, ସେକ୍ସନ ଓ ଫଡିଘର ଉଚ୍ଛେଦ ନିଷ୍ପତ୍ତି ପ୍ରତ୍ୟାହାର କରିବା ଆଦି ୧୦ଦଫା ଦାବି ରହିଛି।

# ଟ୍ରକ୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**କୋମନା,୨।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ଥାନା ଘୋଟସର ୩୫୩ ନଂ. ଜାତୀୟ ରାଜପଥ ଶିବ ମନ୍ଦିର ନିକଟରେ ଟ୍ରକ ଓ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ କୋମନା ପୋଲିସ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ସୂଚନା ଅନୁସାରେ ବଲାଙ୍ଗୀର ଜିଲା ଟୁରେକେଲା ବ୍ଲକ କୁଇବାହାଲ ଗ୍ରାମର ବାସୁଦେବ ବେମାଲ (୪୫) ଓ ସ୍ତ୍ରୀ ଉପାସୀ ବେମାଲ (୪୦) କୋମନା ବ୍ଲକ ଘୋଟସର ଗ୍ରାମର ତ୍ରିନାଥ ନାଗ ଭଣଜା ଘରକୁ ରବିବାର ସନ୍ଧ୍ୟାରେ ଏକ ବଇକ୍‌ରେ କୌଣସି କାମରେ ଆସିଥିଲେ। ସୋମବାର ସକାଳୁ ଘରକୁ ଫେରୁଥିବା ବେଳେ ଶିବ ମନ୍ଦିର ଆଗକୁ କ୍ରିଷ୍ଟା ପଟରୁ ଜୋରରେ ଆସୁଥିବା ଏକ ଟ୍ରକ (ନଂ.ସିଜି୦୭ବି– ୫୦୫୨) ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଚାଳକ ଫେରାର

**କ୍ଷତିପୂରଣ ଦାବିରେ ଉତ୍ତେଜନା**

ହୋଇଥିଲେ। ବାଇକ୍ ଚାଳକ ବାସୁଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଉପାସୀ ରାସ୍ତା ଉପରେ ଛିଟକି ପଡି ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ସମ୍ପର୍କୀୟ ଲୋକେଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ସହ ଘଣ୍ଟାଏ ଧରି କ୍ଷତିପୂରଣ ଦାବିରେ ରାସ୍ତା ରୋକୋ କରିଥିଲେ । ଖବର ପାଇ କୋମନା ଅତିରିକ୍ତ ତହସିଲଦାର ସୂର୍ଯ୍ୟନାରାୟଣ ତାଣ୍ଡି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସାମାନ୍ୟ ହୋଇଥିଲା। ରେଡକ୍ରସ ଫଣ୍ଡସରୁ ପରିବାରବର୍ଗଙ୍କୁ ୨୦ ହଜାର ଟଙ୍କା ଦେବା ପରେ ଆନ୍ଦୋଳନକାରୀ ରାସ୍ତାରୁ ହଟିଥିଲେ। ଏ ନେଇ କୋମନା ପୋଲିସ ଏକ ଦୁର୍ଘଟଣା ମାମଲା (ନଂ.୫୧/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ।

NATIONAL HEALTH MISSION
DSPL-291
PRESERVE HEARING

## ବିଶ୍ୱ ଶ୍ରୁତି ଦିବସ

### ୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶ୍ରୁତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

**ଶ୍ରୁତି ବଧିରତା ପ୍ରତିରୋଧର ଉପାୟ**

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଢା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

SBC
## ସମ୍ବଲପୁରୀ ବସ୍ତ୍ରାଳୟ

**ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି**

**୧୦% + ୨୦%**

ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ

-: ନୂତନ ବସ୍ତ୍ରର ସମ୍ଭାର :-

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ,
ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ,
ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, ୫) ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲରୁ ଏକର ୦.୨୦ ଡିସିମିଲ, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲରୁ ଏକର ୦.୨୦ ଡିସିମିଲ, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲରୁ ଏକର ୦.୨୦ ଡିସିମିଲ, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ୰ ମହେଶ୍ୱର ସାହୁ, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



# ୩ ଲକ୍ଷ ୫ ହଜାର ଟଙ୍କା ଜରିମାନା

**ପ୍ରଥମ ଦିନ : କଳାହାଣ୍ଡିରେ ଯାନବାହନ ଯାଞ୍ଚ**

ଭବାନୀପାଟଣା,୨।୩ (ଡି.ଏନ.ଏ.)

ମାର୍ଚ୍ଚ ପହିଲାରୁ ପୁଣି ଆରମ୍ଭ ହୋଇଛି ଯାନବାହନ ଧରପକଡ। କଳାହାଣ୍ଡିରେ ମଧ୍ୟ ଯାନବାହନ ଯାଞ୍ଚ କଡାକଡି ଚାଲିଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଡି ପ୍ରକାଶ କରିଛନ୍ତି। ମାର୍ଚ୍ଚ ପହିଲା ପ୍ରଥମ ଦିନ ଗାଡି ଯାଞ୍ଚ ସମୟରେ ୩ ଲକ୍ଷ ୫ ହଜାର ଟଙ୍କା ଜରିମାନା ଚାଲାଣ କାଟିଛି କଳାହାଣ୍ଡି ପରିବହନ ବିଭାଗ। ଏଥିରେ ୪୭ଟି ବିନା ହେଲମେଟ୍ ମାମଲା, ୩ ଜଣ ବିନାସିଟ୍ ବେଲ୍ଟ ମାମଲା ଓ ୬ ଜଣ ମଦ୍ୟପ ଡ୍ରାଇଭର, ମାଲ ବୋଝେଇ ଗାଡିରେ ଲୋକ ବହୁଥିବା ୨ଟି ଗାଡି ଡ୍ରାଇଭରଙ୍କୁ ଏହି ଦଣ୍ଡ ଗଣିବାକୁ ପଡିଛି ବୋଲି ଆରଟିଓ ଶୁଣ୍ଡି ପ୍ରକାଶ କରିଛନ୍ତି। ମାର୍ଚ୍ଚ ପହିଲାରୁ ସମସ୍ତଙ୍କୁ ସତର୍କ ହୋଇ ରାସ୍ତାରେ ଗାଡି ଚଳାଇବାକୁ ପଡିବ। କାରଣ ନୂଆ ମୋଟରଯାନ ଆଇନକୁ ନେଇ ସରକାର ଦେଇଥିବା ସମୟ ଶେଷ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ପରିବହନ କମିଶନର ସମସ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ପରିବହନ ବିଭାଗକୁ ଚିଠି ଲେଖିଛନ୍ତି। ମାର୍ଚ୍ଚ ୧ରୁ ଟ୍ରାଫିକ ନୀୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ନାମାରେ ୧୦ଟି ଟ୍ରାଫିକ ନୀୟମ ଉଲ୍ଲଂଘନ କଥା ପରିବହନ କମିଶନର ଉଲ୍ଲେଖ କରିଛନ୍ତି। ମଦପିଇ ଗାଡି ଚଳାଇବା, ଦ୍ରୁତଗତିରେ ଗାଡି ଚଳାଇଲେ କାର୍ଯ୍ୟାନୁଷ୍ଠାନ, ରେଡଲାଇଟ୍ ସିଗ୍ନାଲ ଡେଇଁଲେ, ଭୁଲ ଦିଗରେ ଗାଡି ଚଳାଇଲେ, ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେଲେ, ବିପଦପୂର୍ଣ୍ଣ ଭାବରେ ଗାଡି ଚଳାଇଲେ, ବାଇକରେ ୩ ଜଣ ବସିଲେ, ହେଲମେଟ୍ ନ ପିନ୍ଧିଲେ ଓ ସିଟ୍‌ବେଲ୍ଟ ନ ବାନ୍ଧିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହି ନିୟମ ଆଧାରରେ ପୁଣି କଡାକଡି ଗାଡି ଯାଞ୍ଚ ଆରମ୍ଭ ହୋଇଛି।



## ସଂକ୍ଷେପରେ

### ପ୍ରଧାନଶିକ୍ଷକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭବାନୀପାଟଣା,୨।୩ (ଡି.ଏନ.ଏ.):** ଭବାନୀପାଟଣା ଡିଆଇଇଟିଠାରେ ଶିକ୍ଷା ବିଭାଗ ପକ୍ଷରୁ କଳାହାଣ୍ଡି ଜିଲା ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷକମାନଙ୍କ ୪ ଦିନିଆ ବ୍ୟକ୍ତିତ୍ୱ ବିକାଶ ଓ ସୁପରିଚାଳନା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଡିଇଓ ସୁଶାନ୍ତ ଚୋପଦାରଙ୍କ ତତ୍ତ୍ୱାବଧାନରେ ରାମ କିଶୋର ଶର୍ମା ସାଧନ କର୍ମୀ ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶ, ଭିନ୍ନକ୍ଷମମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ଟି ବ୍ଲକର ୧୪୦୦ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଜିଲା ଭିନ୍ନକ୍ଷମ ସଂଯୋଜିକା ଲିପିକା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାପାଳଙ୍କ ଜନଶୁଣାଣି, ସମାଧାନ ଶିବିର

**ବାଉଁଶୁଣୀ, ୨।୩ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ସୋମବାର ବାଉଁଶୁଣୀ ଗ୍ରାମପଞ୍ଚାୟତରେ ଜିଲାପାଳଙ୍କ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉପଜିଲାପାଳ ଜ୍ୟୋତିରଞ୍ଜନ ନାଏକ, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ତହସିଲଦାର ସନତ କୁମାର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଦାସ, ଜିଲା ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ, ୱାଇସିଡିଏ ସଭାପତି ରାଜେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବାଉଁଶୁଣୀ ପଞ୍ଚାୟତର ଜନସାଧାରଣ ନିଜ ନିଜର ଅସୁବିଧା ଲିଖିତ ଆକାରରେ ଶିବିରରେ ଉପସ୍ଥାପନ କରିଥିଲେ । ଏହା ସହିତ ଶିଶୁ ଶ୍ରମିକ ଉପରେ ନାଟକ ପରିବେଷଣ ହୋଇଥିଲା । ବାଉଁଶୁଣୀ ସରପଞ୍ଚ ପଙ୍କଜିନୀ ନାଏକ, ପ୍ରାଣୀ ଚିକିତ୍ସକ ପ୍ରିୟବ୍ରତ ବେହେରା, ସିଡିପିଓ ମିନତି ଦେଓ, ବାଉଁଶୁଣୀ ଥାନାଧିକାରୀ ରାମସୁବ୍ରମନ୍ୟମ ପ୍ରଧାନ, ଆରଆଇ ସୁଜିତ ସାହୁ, ଗଜେନ୍ଦ୍ର ଦିଗାଲ, ହମିତ ମଲ୍ଲିକ, ଖଜୁରୀପଡା ଫରେଷ୍ଟର ଅଭିମନ୍ୟୁ ପ୍ରଧାନ, ବାଉଁଶୁଣୀ ପଞ୍ଚାୟତ ଭିଏଲଡବ୍ଲ୍ୟୁ ପ୍ରାଣବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମୋଟ ୧୧୬ଟି ଅଭିଯୋଗ ଶୁଣାଣି ହୋଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ । କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ । କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ । ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ । ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ । ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବୋଡ଼ୋ, କରମା, ଢାପ ନୃତ୍ୟ ମନମୋହିଲା

ଭବାନୀପାଟଣା,୨।୩ (ଡି.ଏନ.ଏ.)

ଜାତୀୟସ୍ତରୀୟ ଆଦିବାସୀ ଉତ୍ସବ ପରଜା-୨୦୨୦ ରବିବାର ଉଦ୍‌ଘାଟିତ ହୋଇଯାଇଛି। କଳାହଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପେରମଞ୍ଜିଠାରେ ପୁରୁଣାଗୁମାର ଶୁଭମ ଓ କଳିଙ୍ଗ କୁସୁମ ଫାଉଣ୍ଡେଶନ ପକ୍ଷରୁ ୩ ଦିନିଆ ଏହି ଉତ୍ସବ ଆରମ୍ଭ ହୋଇଛି। ଉଦ୍‌ଘାଟନ ପ୍ରଥମ ଦିନ ସାଂସ୍କୃତିକ ସନ୍ଧ୍ୟାରେ ବୋଡୋ, କରମା, ଛଉ ଓ ଢାପ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ପରଜା ଆୟୋଜନ କମିଟି ଆବାହକ ସଞ୍ଜୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ସୁଜିତ କୁମାର ମୁଖ୍ୟଅତିଥି, ଗବେଷକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ଓଡିଶା ସଙ୍ଗୀତ ନାଟକ ଏକାଡେମିର ସଦସ୍ୟ ଅକ୍ଷୟ ଦାସ ଓ ମୋ ପରିବାର ସଦସ୍ୟ ଗୌରହରି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ସିଂ ପ୍ରାରମ୍ଭିକ ସୂଚନା ଓ ସଞ୍ଜିବ ସିଂ ଧନ୍ୟବାଦ ଦେଇଥିଲେ। ପରେ ସୁଶୀଲ ଗହୀରଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଆସାମର ବୋଡୋ ନୃତ୍ୟ, ଝାଡଖଣ୍ଡର କରମା ନୃତ୍ୟ, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ଅର୍କେଷ୍ଟ୍ରା, ମୃଣ୍ମୟୀର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପେରମଞ୍ଜିର ଧରଣୀପୀଠରୁ ଜାନୀଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମଞ୍ଚ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ହୋଇଥିଲା। ଏହି ଉତ୍ସବ ୩ ତାରିଖରେ ଉଦ୍‌ଯାପିତ ହେବ।

**ଜାତୀୟସ୍ତରୀୟ ଆଦିବାସୀ ଉତ୍ସବ ପରଜା ଉଦ୍‌ଘାଟିତ**



ଜାତୀୟସ୍ତରୀୟ ଆଦିବାସୀ ଉତ୍ସବ ପରଜା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କଳାକାର।

### ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

ମନମୁଣ୍ଡା, ୨।୩ (ଡି.ଏନ.ଏ)

ମନମୁଣ୍ଡା ଥାନା ଶଗଡା ପଞ୍ଚାୟତ ଡମପଡାରୁ ପଉକା ରାସ୍ତା ବାଘ ବ୍ୟାରେଜ କେନାଲରେ ସୋମବାର ଅପରାହ୍ନ ୩ଟାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଓଲଟି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କହଁରପଡାର ପ୍ରଶାନ୍ତ ଦୀପ (୨୮)। ଏହି ଦୁର୍ଘଟଣାରେ ସେହି ଗ୍ରାମର ଅନ୍ୟ ଜଣେ ଶ୍ରମିକ ସୁଦର୍ଶନ ଦନ୍ତା ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଉକ୍ତ ଟ୍ରାକ୍ଟର ବାଲି ଆଣିବାକୁ ନଦୀକୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ କେନାଲରେ ଓଲଟି ପଡିବାରୁ ପ୍ରଶାନ୍ତ ଟ୍ରାକ୍ଟର ତଳେ ଚାପି ହୋଇ ଯାଇଥିଲେ। ଶଗଡା ଫାଣ୍ଡି ଅଧିକାରୀ ଏସ୍‌ଆଇ ଅରୁଣ ସିଂ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଛନ୍ତି ।

### ଯୁବତୀଙ୍କୁ ଅପହରଣ ଅଭିଯୋଗ

ବରଗଡ଼ ଅଫିସ୍,୨।୩

ବରଗଡ଼ ସହରର ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି । ରବିବାର ଏ ନେଇ ଏତଲା ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ୨ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରଯାଉଛି। ଏ ନେଇ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଚାଲିଛି ବୋଲି କହିଥିଲେ।

# ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ, ବିକ୍ରୟମେଳା ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨।୩

ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଆନୁକୂଲ୍ୟରେ ବରଗଡ଼ ଲୋକମଣ୍ଡପ ପଡ଼ିଆ (ନିଶାମଣି ହାଇସ୍କୁଲ ସମ୍ମୁଖ)ରେ ସୋମବାର ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟମେଳା ଉଦ୍‌ଘାଟିତ ହୋଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବିଧାୟକ ଆଚାର୍ଯ୍ୟ ଷ୍ଟଲ ଗୁଡ଼ିକ ବୁଲି ବାନ୍ଧକଳାର ପ୍ରଶଂସା କରିଥିବାବେଳେ ବୁଣାକାରଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲାପାଳ ପ୍ରଧାନ ଜିଲାର ବୁଣାକାରଙ୍କ ବିଷୟରେ ପଚାରି ବୁଝିବା ସହିତ ବୁଣାକାରମାନେ ବିଭିନ୍ନ ଯୋଜନାର ସୁଫଳ ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ପ୍ରଦର୍ଶନୀରେ ବରଗଡ଼, ବଲାଙ୍ଗୀର, ଗଞ୍ଜାମ, ନୟାଗଡ଼, କଳାହାଣ୍ଡି, କଟକ ଆଦି ଜିଲାର ବିଭିନ୍ନ ତନ୍ତୁବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଛନ୍ତି । ପ୍ରଦର୍ଶନୀରେ ସମ୍ବଲପୁରୀ ଶାଢ଼ୀ, ଲୁଙ୍ଗି, ଗାମୁଛା, ପାଟଶାଢ଼ି, ବେଡ୍‌ସିଟ୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି । ରାଜ୍ୟ ସରକାରଙ୍କ ତରଫରୁ ଶତକଡ଼ା ୧୦ଭାଗ ରିହାତିର ମଧ୍ୟ ବ୍ୟବସ୍ଥା ରହିଛି । ଉକ୍ତ ପ୍ରଦର୍ଶନୀ ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୨ଟାରୁ ରାତ୍ରି ୯ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ । ବରଗଡ଼ସ୍ଥିତ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ, ବୟନ ତତ୍ତ୍ୱାବଧାରକ ଶାନ୍ତନୁ କୁମାର ମେହେର, ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ, ବୟନ ନିରୀକ୍ଷକ ବୈଷ୍ଣବ ଦାସ, ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ହେମନ୍ତ କୁମାର ମିଶ୍ର, ବୟନିକାର ଡାଇରେକ୍ଟର ସଞ୍ଜୟ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବୟନଶିଳ୍ପ ବିଭାଗର ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai , Maharashtra-400021.
9473860496

FINANCE FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କେଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ଯାଦବ ସମାଜର ନୂତନ କର୍ମକର୍ତ୍ତା

**ଖପ୍ରାଖୋଲ, ୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଯାଦବ ସମାଜର ବ୍ଲକସ୍ତରୀୟ ସମାବେଶ ଲକ୍ଷେସିଂ ଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲା ସଭାପତି ପରମାନ୍ଦ ହାତୀ, ସମ୍ମାନିତ ଅତିଥିଭାବେ ବଙ୍ଗୋମୁଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକୀ, ତୀର୍ଥରାଜ ନିଆଲ, ହରିବୋଲ ପୋଡ, ରାଜୀବ ଲୋଚନ ବାଗ ଯୋଗଦେଇଥିଲେ। ଅତିଥିମାନେ ଯାଦବ ସମାଜର ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକସ୍ତରୀୟ ସଭାପତି କିଶୋର ବିଶି, ଉପସଭାପତି ପ୍ରେମାନନ୍ଦ ବାଗ, ସମ୍ପାଦକ ସଦାନନ୍ଦ ବାଗ, ସହ ସମ୍ପାଦକଭାବେ କୁଞ୍ଜବିହାରୀ ପୁଂଜି, ନୀଳକାନ୍ତ ନିଆଲ, କୋଷାଧ୍ୟକ୍ଷ ପୁରୋଷତ୍ତମ ଭଏଁଷାଲ ମନୋନୀତ ହୋଇଥିଲେ । ସେହିପରି ସଦସ୍ୟଭାବେ ତୀର୍ଥରାଜ ନିଆଲ,କରମସଂ ଛତର, ଲକ୍ଷ୍ମଣ ଶଗଡିଆ, ଶ୍ରୀବତ୍ସ ସେଲମା, ଉପଦେଷ୍ଟାଭାବେ ହରିବୋଲ ପୋଡ, ଲକ୍ଷେସିଂ ଜାଲ, ଘନଶ୍ୟାମ ଥପା, ତପନ ଛତର ମନୋନୀତ ହୋଇଥିଲେ।

### 'ଶିକ୍ଷାର ମଶାଲ ଜାଳି ଅଜ୍ଞାନ ଦୂର କର'

**ବଲାଙ୍ଗୀର ଅଫିସ/ପୁଇଁତଲା, ୨।୩ (ଡି.ଏନ୍.ଏ.):** ଶିକ୍ଷାର ମଶାଲା ଜାଳି ଅଜ୍ଞାନ ଦୂର କର। ପୁଇଁତଲା ବ୍ଲକ ଠେଲ୍‌କୋମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ପ୍ରଧାନଶିକ୍ଷକ ହରିବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି, ଅତିଥି ଭାବେ କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର, ବିଇଓ ନେପାଲ ଚନ୍ଦ୍ର ବାଗ, ମୁଖ୍ୟବକ୍ତାଭାବେ ରମାକାନ୍ତ ମିଶ୍ର ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶିବଦତ୍ତ ମିଶ୍ର ଯୋଗଦେଇଥିଲେ। ୭୦ ବର୍ଷ ଧରି ଏହି ସ୍କୁଲ ଏହି ଅଞ୍ଚଳରେ ଶିକ୍ଷାର ବିସ୍ତାର ଦିଗରେ ଏକ ବଳିଷ୍ଠ ଅଭିଯାନ ଜାରି ରଖିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ସ୍କୁଲର ଛାତ୍ରୀଛାତ୍ରଆଗାମୀ ଦିନରେ ଦେଶ ଓ ଜାତିର ସେବା ପାଇଁ ଆଗେଇ ଆସି ସୁନାମ ଅର୍ଜନ କରିବେ ବୋଲି କହିଥିଲେ।

# କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକଙ୍କ ବିକ୍ଷୋଭ

## ଘେରିଲେ ଡିଏଫ୍‌ଓ ଅଫିସ, ୧୦ଦଫା ଦାବିପତ୍ର ପ୍ରଦାନ

**ପାଟଣାଗଡ, ୨।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ କେନ୍ଦୁପତ୍ର ଡିଭିଜନର ତୋଳାଳି ଏବଂ ବନ୍ଧେଇ ଶ୍ରମିକମାନେ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ଏହାର ପ୍ରତିବାଦ କରି ସୋମବାର କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ଉପସଭାପତି କିଶୋର ପରିଚ୍ଛାଙ୍କ ନେତୃତ୍ୱରେ ହଜାର ହଜାର କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ ପାଟଣାଗଡ କେନ୍ଦୁପତ୍ର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରଥିଲେ। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ହନୁମାନ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ଆସି ସେମାନେ କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଡିଏଫଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ, ପାଟଣାଗଡ କେନ୍ଦୁପତ୍ର ଡିଭିଜନ ରାଜ୍ୟର ଏକ ନମ୍ବର ଡିଭିଜନ। ହେଲେ ଏଠାରେ କାର୍ଯ୍ୟରତ ତୋଳାଳି ଓ ବନ୍ଧେଇ କର୍ମଚାରୀଙ୍କୁ ଠିକଣା ସମୟରେ ପାରିଶ୍ରମିକ ମିଳୁନାହିଁ। ପିଲାମାନଙ୍କ ପାଠପଢା, ବିବାହ ଖର୍ଚ୍ଚ ଓ ବୋନସ ଟଙ୍କା ଠିକଣା ସମୟରେ ଉପଲବ୍ଧ କରାଯାଉ ନାହିଁ। ବୋନସ ୨୮ପ୍ରତିଶତ ଓ ୧୮ ପ୍ରତିଶତ ଜିଏସଟି ଟିକସ ଆଦି ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଶ୍ରମିକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ପାଟଣାଗଡ ଡିଭିଜନରୁ ୩୪ଟି ଫଡିଘରରୁ ଗୋଟିଏ ଉଠାଇ ଦିଆଯାଇଛି। ପରେ ଡିଏଫଓ ସମୀର ରଞ୍ଜନ ଶତପଥୀଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରକାର ସାମାଜିକ କଲ୍ୟାଣ ଯୋଜନା ଯଥା ଛାତ୍ରବୃତ୍ତି, ଝିଅ ବାହାଘର, ମୃତ୍ୟୁକାଳୀନ ସହାୟତା, ଶତପ୍ରତିଶତ ଲାଭାଂଶ ପ୍ରଦାନ ପୂର୍ବବତ ଅବ୍ୟାହତ ରଖିବା, କେରି ପିଛା ୨ ହଜାର ପତ୍ର ପରିବର୍ତ୍ତେ ୧ ହଜାର ପତ୍ର ରଖାଯାଉ, ପତ୍ର ତୋଳାଳିଙ୍କ ବୟସ ସୀମା ୬୫ ବର୍ଷକୁ ବୃଦ୍ଧି, କେନ୍ଦ୍ର ସରକାର କେନ୍ଦୁପତ୍ର ଏବଂ ବିଡି ଉପରେ ଲାଗୁଥିବା ଜିଏସଟି ଟିକସକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସମସ୍ତ ବକେୟା ପାଉଣା ପ୍ରଦାନ, ସମସ୍ତ ସିଜିନାଲ କର୍ମଚାରୀଙ୍କୁ ଗ୍ରାଚ୍ୟୁଟି ପ୍ରଦାନ ଆଦି ଦାବି ପ୍ରଧାନ।




ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦ ମୃତ, ଚାଷୀ ଗୁରୁତର

**ବଲାଙ୍ଗୀର ଅଫିସ, ୨।୩**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁରୁଲ ଗାଁରେ ସୋମବାର ଅପରାହ୍ଣରେ ବିଦ୍ୟୁତ୍ ସଂସ୍ପର୍ଶରେ ଦୁଇଟି ବଳଦଙ୍କ ଜୀବନ ଯାଇଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ବ୍ୟକ୍ତି ଜଣକ ଗାଁର ସମାରୁ ପୁଟେଲ । ସେ ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ଦୁଇ ବଦଳକୁ ଚରାଉଥିବାବେଳେ ସେଠାରେ ଛିଣ୍ଡି ପଡିଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ୨ଟି ଯାକ ବଳଦ ବିଦ୍ୟୁତ୍‌ଘାତରେ ଘଟଣାସ୍ଥଳରେ ଟଳି ପଡିଥିବା ବେଳେ ସମାରୁ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ପଠାଇଥିଲେ । ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଯୋଗୁଁ ଏଭଳି ଅଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ସହ ସମାରୁଙ୍କୁ ଉନ୍ନତର ଚିକିତ୍ସା ଯୋଗାଇବାକୁ ସେମାନେ ଦାବି କରିଛନ୍ତି।

## ଟିଟିଲାଗଡ଼ ଷ୍ଟେଶନରେ ରେଳବାଇ ସ୍ପେଶାଲ ମାଜିଷ୍ଟ୍ରେଟ

**ଟିଟିଲାଗଡ଼, ୨।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରେ ସୋମବାର ପୂର୍ବାହ୍ନରେ ନୂତନ ଭାବେ ଯୋଗଦେଇଥିବା ସ୍ପେଶାଲ ମାଜିଷ୍ଟ୍ରେଟ ଶୁଭଙ୍କର ମହାପାତ୍ର ଷ୍ଟେଶନ ପରିଚାଳକ, କର୍ମଚାରୀ, ଆରପିଏଫ ଏବଂ ଜିଆରପି ବଳଙ୍କ ସହ ତନଖି କରିଛନ୍ତି। ଏହି ସମୟରେ ତିରୁପତି-ବିଳାସପୁର ଏକ୍ସପ୍ରେସର ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବଗିରେ ବେଆଇନ ଭାବେ ଯାତ୍ରା କରୁଥିବା ୩ ଜଣ, ପ୍ଲାଟଫର୍ମରେ ଅବୈଧ ଭାବରେ ବୁଲୁଥିବା ୭ ଜଣ ବ୍ୟକ୍ତି ଏବଂ ନୋପାର୍କିଙ୍ଗ ଜୋନରେ ଛିଡା ହୋଇଥିବା ବାଇକ, ବିନା ବୁକିଙ୍ଗରେ ପରିବହନ ଆଦି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ରେଳବାଇ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜିରା କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ଜରିମାନା ପରେ ଛାଡି ଦିଆଯାଇଥିଲା। ଏହି ଚଢାଉରେ ଆରପିଏଫ ଇନ୍ସପେକ୍ଟର ଏମ.ଏକ. କୁମାୱତ, ଏସଆଇ ଆର.ସି.ପାତ୍ର, ଏଏସଆଇ ସିଆବି ପିଏନ ଭାଟି, ଏଚସି ଜି. ନାଏକ, ଏସ. ସାହୁ, ଆର.କେ. ମିଶ୍ର, ଏସ. ପଣ୍ଡା, ସୁବାଶ ନାଏକ, ଏକ.କେ. ଦାଶ, ଏସ. ପୁଟେଲ, .ଷ୍ଟେସନ ପରିଚାଳକ ଏସ.କେ. ଚକ୍ରବର୍ତ୍ତୀ ପ୍ରମୁଖ ସାମିଲ ହୋଇଥିଲେ।



ଟିଟିଲାଗଡ ଷ୍ଟେଶନରେ ପହଞ୍ଚିବା ଅବସରରେ ରେଳବାଇ ସ୍ପେଶାଲ ମାଜିଷ୍ଟ୍ରେଟ ଶୁଭଙ୍କର ମହାପାତ୍ର।

### ନିଶା ସେବନ କରି ବସ୍ ଚଳାଉଥିବା ଡ୍ରାଇଭର ଗିରଫ

**ତରଭା, ୨।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷରାରୁ ଭୁବନେଶ୍ୱର ଯାଉଥିବା ଏକ ବସର ଡ୍ରାଇଭର ସୋମନାଥ ପଧାନ(୩୭)ଙ୍କୁ ମଦ ପିଇ ଗାଡି ଚଳାଉଥିବା ଅଭିଯୋଗରେ ସୋମବାର ଗିରଫ କରାଯାଇଛି । ରବିବାର ରାତି ପ୍ରାୟ ୧୦ଟା ୧୦ମିରେ ତୁଷରା ପଟରୁ ବସ୍‌ଟି ଦ୍ରୁତଗତିରେ ଆସୁଥିବା ସମୟରେ କମସରା ବୁଲାଣିରେ ଗାଡିରେ ଲଦା ଯାଇଥିବା ଲଗେଜ ତଳେ ପଡିଯାଇଥିଲା। ଏହା ଦେଖି ଯାତ୍ରୀମାନେ କମସରା ପୋଲିସକୁ ଖବର ଦେଇଥିଲେ । କମସରା ଫାଣ୍ଡି ଅଧିକାରୀ ଅବନୀ ପଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଅଟକାଇ ଥିଲେ। ଡ୍ରାଇଭର ପଧାନଙ୍କୁ ପରୀକ୍ଷା ପରେ ସେ ନିଶା ସେବନ କରିଥିବା ଜଣାପଡିଥିଲା । ଏ ନେଇ ତରଭା ଥାନାରେ ଏକ ମାମଲା (ନଂ. ୭/୨୦)ରୁଜୁ କରି ଡ୍ରାଇଭର ପଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି।



ବୁଢ଼ୀପଦର ଗ୍ରାମବାସୀ ବାଲି, ଗୋଡି ଦେଇ ଗର୍ତ୍ତ ମରାମତି କରୁଛନ୍ତି।

## ରାଜପଥ ମରାମତିରେ ଅନିୟମିତତା ଅଭିଯୋଗ

### ରାସ୍ତାରେ ହୋଇଥିବା ଗର୍ତ୍ତକୁ ପୂରଣ କଲେ ଗ୍ରାମବାସୀ

**ଲୋଇସିଂହା, ୨।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁଢୀପଦରଠାରେ ୨୬ନଂ ଜାତୀୟ ରାଜପଥ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିରେ ପଡି ସୋମବାର ଜଣେ ବାଇକ ଆରୋହୀ ଆହତ ହୋଇଥିଲେ । ଏଥିପୂର୍ବରୁ ସେହ ସ୍ଥାନରେ ଗତ ସପ୍ତାହକ ମଧ୍ୟରେ ୫ଟି ଦୁର୍ଘଟଣା ଘଟି ବହୁଲୋକେ ଆହତ ହୋଇଥିବାରୁ ବୁଢୀପଦର ଗ୍ରାମବସୀ ଆଜିର ଦୁର୍ଘଟଣା ପରେ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନର ଶୀଥିଳତା ଯୋଗୁ ରାସ୍ତା ଶୋଚନୀୟ ହୋଇଥିବା ଅଭିଯୋଗ କରିଥିଲେ। ଗାଁର ରଘୁନାଥ ନନ୍ଦ, ଭିକାରୀ ପଧାନ, ଅଶୋକ ପଧାନ, ତ୍ରିନାଥ ପଧାନ, ଲୋକନାଥ ପଧାନ, ନିରଞ୍ଜନ ଛତ୍ରିଆ,ଦୁର୍ଯ୍ୟୋଧନ ବନଛୋର ପ୍ରମୁଖ ଉକ୍ତ ଗର୍ତ୍ତରେ ବାଲି, ମାଟି ପୁରାଇ ରାସ୍ତା ସମତୁଲ କରିଥିଲେ ।

ସୂଚନାଯୋଗ୍ୟ ଯେ, ଗତ ବର୍ଷାଋତୁରେ ବରଗଡ-ବଲାଙ୍ଗୀର ୨୬ନଂ ଜାତୀୟ ରାଜପଥ ଶୋଚନୀୟ ହୋଇ ପଡିଥିଲା । ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶ ପରେ ବଲାଙ୍ଗୀର ଏନଏଚ ଡିଭିଜନ ପକ୍ଷରୁ ମରାମତି କାମ ହାତକୁ ନିଆଯାଇଥିଲା । ହେଲେ କେତେକ ସ୍ଥାନରେ ମରାମତି କରି କାମକୁ ଛାଡି ଦିଆଯାଇଥିଲା। ଫଳରେ ରାସ୍ତାରେ ଥିବା ଛୋଟମୋଟ ଗର୍ତ୍ତ ଏବେ ବିରାଟକାୟ ହୋଇଯାଇ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବୁଢୀପଦରଠାରୁ ଲୋଇସିଂହା ପୋଲ ଓ ବୁଢୀପଦର ବସ୍‌ଷ୍ଟାଣ୍ଡରୁ ପଞ୍ଚାୟତ ପର୍ଯ୍ୟନ୍ତ ଅତି ଶୋଚନୀୟ ହୋଇ ପଡିଛି । ଲୋଇସିଂହାରୁ-ସାଲେଭଟା ପର୍ଯ୍ୟନ୍ତ ମରାମତି କାମରେ ହୋଇଥିବା ଅନିୟମିତତାର ତଦନ୍ତ କରିବାକୁ ଦାବି କରିଛନ୍ତି ବୁଢୀପଦର ଗ୍ରାମବାସୀ ।

## 'ଶିକ୍ଷା ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତିକୁ ନେଇ ଉଦ୍‌ବେଗ'

**ବଲାଙ୍ଗୀର ଅଫିସ, ୨।୩**

ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ କାର୍ଯ୍ୟକାରୀ ବୈଠକ ଓଷ୍ଟା ଶିକ୍ଷକ ଭବନ ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା । ଶିକ୍ଷା ଅବସ୍ଥାର ସାମ୍ପ୍ରତିକ ସ୍ଥିତିକୁ ନେଇ ସଭାରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା । ସରକାର ଅନେକ ସ୍କୁଲକୁ ଅପ୍‌ଗ୍ରେଡେସନ ହାଇସ୍କୁଲ କରିଛନ୍ତି। ମାତ୍ର, ସେହି ବିଦ୍ୟାଳୟମାନଙ୍କରେ ପ୍ରଧାନଶିକ୍ଷକ ନାହାନ୍ତି । ହାଇସ୍କୁଲଗୁଡିକରେ ଭାରପ୍ରାପ୍ତ ଶିକ୍ଷକମାନେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି । ହାଇସ୍କୁଲ ପରୀକ୍ଷା କେନ୍ଦ୍ରଗୁଡିକରେ ପାତରଅନ୍ତର କରି ସିସି ଟିଭି ଲଗାଯାଇଥିବାରୁ ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି। ବଲାଙ୍ଗୀର ଜିଲାରେ ଥିବା ଶିକ୍ଷାନୁଷ୍ଠାନଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଛି । ଶିକ୍ଷକ, ଅଧ୍ୟାପକ ଅଭାବ ଯୋଗୁଁ ଅନେକ ସ୍କୁଲ, କଲେଜ ବନ୍ଦ ହୋଇଯିବା ସ୍ଥିତିରେ ପହଞ୍ଚିଛି । ସର୍ବୋପରି ପଶ୍ଚିମ ଓଡିଶାରେ ଏକମାତ୍ର ଟ୍ରେନିଂ କଲେଜର ପ୍ରାଧ୍ୟାପକ ନିଯୁକ୍ତି ଦେଇ ନ ଥିବାରୁ ଟ୍ରେନିଂ କଲେଜଟିକୁ ଉଠେଇ ଦେବାକୁ ସିଦ୍ଧାନ୍ତ ଗ୍ରହଣ କରାଯିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା । ସରକାରଙ୍କ ଏପରି ସିଦ୍ଧାନ୍ତ ଯୋଗୁଁ ଜିଲାରେ ଅସନ୍ତୋଷ ବୃଦ୍ଧି ପାଉଥିବା ନେଇ ଆଲୋଚନା ହୋଇଥିଲା । ସଭାରେ ଏସବୁ ଅବସ୍ଥାକୁ ଦୂର କରି ଜିଲାରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ଦାବି ହୋଇଛି । ସଭାପତି ବନମାଳୀ ହୋତାଙ୍କ ସଭାପତିତ୍ୱରେ ସଭାରେ ସମ୍ପାଦକ ପୁରନ୍ଦର ଦାଶ, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାବୁ, ସଭ୍ୟ ପଦ୍ମଚରଣ ଆଚାର୍ଯ୍ୟ, ଛାୟାକାନ୍ତ ସାହୁ ଉପସ୍ଥିତ ଥିଲେ ।



ବଲାଙ୍ଗୀର ସଦାଇପାଲିଠାରେ ଚାଲିଥିବା ସଂକୀର୍ତ୍ତନ୍ୟ ମହାକୁମ୍ଭଠାରେ କଟକ ବାଲିସାହି ସଂକୀର୍ତ୍ତନ ଦଳକୁ ସାଇଟ୍ ଅଧକ୍ଷ ଓମ୍‌ପ୍ରକାଶ ମିଶ୍ର ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି । (ଫଟୋ-ସୁନୀଲ)

## ଜିଲାପାଳଙ୍କୁ ଭେଟିଲେ ଅଭିଭାବକ

**ବଲାଙ୍ଗୀର ଅଫିସ, ୨।୩**

**ଘୁଷୁରାଡୁଙ୍ଗୁରୀ ପ୍ରାଥମିକ ବିଦ୍ୟାଳୟ**
- ସ୍କୁଲ କୋଠା ବିପଦସଙ୍କୁଳ
- ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି ପାଠପଢ଼ା

ବଲାଙ୍ଗୀର ସଦର ବ୍ଲକ ବୈଦିପାଲି ପଞ୍ଚାୟତ ଅନ୍ତର୍ଗତ ଘୁଷୁରାଡୁଙ୍ଗୁରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନାନା ଅବ୍ୟବସ୍ଥା ମଧ୍ୟରେ ପାଠ ପଢୁଛନ୍ତି। ସ୍କୁଲ କୋଠା ବିପଦଶଙ୍କୁଳ ଅବସ୍ଥାରେ ରହିଥିବାରୁ ୩୦ଛାତ୍ରୀଛାତ୍ର ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର କୋଠାରେ ଅଧ୍ୟୟନ କରୁଛନ୍ତି। ତେବେ ଅଙ୍ଗନୱାଡି କୋଠାରେ ପାଠ ପଢ଼ାବେଳେ ଅସୁବିଧା ହେଉଥିବା ଗାଁର କେତେକ ମହିଳା ଅଭିଭାବକ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେମାନେ ଜଣାଇଛନ୍ତି ଯେ, ଘୁଷୁରାଡୁଙ୍ଗୁରୀ ଗାଁରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଠ ପଢ଼ିବା ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ସ୍କୁଲରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି । ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଅଛନ୍ତି । ଦୀର୍ଘବର୍ଷ ପୂର୍ବରୁ ସ୍କୁଲ କୋଠା ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତ୍ରୀଛାତ୍ରଙ୍କ ପିତାମାତା ଓ ଅଭିଭାବକ ସ୍କୁଲ କୋଠାର ଦୁରବସ୍ଥା ଦେଖି ସେମାନଙ୍କ ପିଲାଙ୍କୁ ସ୍କୁଲକୁ ଛାଡିବାକୁ ଉଚିତ୍ ମନେ କଲେନାହିଁ । ସ୍କୁଲ କୋଠାର ଶୋଚନୀୟ ଅବସ୍ଥା ଦେଖି ଶିକ୍ଷକମାନେ ମଧ୍ୟ ସେଠାରେ ପାଠ ପଢ଼ାଇବାକୁ ଉଚିତ୍ ମଣି ନ ଥିଲେ। ସେହିଦିନୁ ନିକଟସ୍ଥ ଅଙ୍ଗନୱାଡି କୋଠାରେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ଚାଲିଛି । ସେଠାରେ ସ୍ଥାନାଭାବ ଯୋଗୁଁ ଶିକ୍ଷାଦାନରେ ଅବ୍ୟବସ୍ଥା ସୃଷ୍ଟି ହେଉଛି। ସୋମବାର ଘୁଷୁରାଡୁଙ୍ଗୁରି ଗାଁର ମହିଳାମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ସ୍କୁଲର ଏଭଳି ଅସୁବିଧା ସମ୍ପର୍କରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଅବଗତ କରିଥିଲେ । ସେଠାରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ସ୍କୁଲ କୋଠାକୁ ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ । ଏ ଦିଗରେ ପଦକ୍ଷେପ ନେବେ ବୋଲି ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେଇଥିବା ଗାଁର ମହିଳାମାନେ ସୂଚନା ଦେଇଛନ୍ତି।



ସ୍କୁଲ କୋଠା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଥିବାରୁ ମହିଳାମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ।

## ସମସିଆ ଘେରରେ କମେଇମୁଣ୍ଡା ଉନ୍ନୀତ ହାଇସ୍କୁଲ

**କଣ୍ଟାବାଞ୍ଜି, ୨।୩(ଡି.ଏନ୍.ଏ.)**

- ୧୦ ବଛର୍‌ର ପୁରନା ହାଇସ୍କୁଲ, ୩ଟା କୁଠିରେ ସୀମିତ
- ୨ ଝନ୍ ଶିକ୍ଷକରେ ଚାଲିଛେ ହାଇସ୍କୁଲର ପାଠପଢା
- ୯ ଦଲ୍ ଛାତ୍ରୀଛାତ୍ର ହାଇସ୍କୁଲରୁ ମାଟ୍ରିକ ପାସ କଲେନ

ଶିକ୍ଷାର ପରସାର ଲାଗି ରାଏଜ୍ ସରକାର ଯେନ୍ ପଁଚେତ୍‌ରେ ହାଇସ୍କୁଲ ନାଁଇଁନ ସେ ପଁଚେତ୍‌ରେ ହାଇସ୍କୁଲ ଖୁଲବାକେ ଅନୁମତି ଦେଇଥିଲେ। ସେନ୍‌ତା ଆରକେତେ ଜାଗାରେ ସରକାର ଉଚ୍ଚ ପ୍ରାଥମିକ ସ୍କୁଲମାନକୁ ହାଇସ୍କୁଲର ମାଏନ୍‌ତା ଦେଲେ। ହେଲେ ପରଶାସନ ଆର ଥାନୀଅ ନେତାମାନକର ଆଁତରିକତା ଅଭାବୁ ଆଏଜ୍ ବି ଅନେକ ଉନ୍ନୀତ ହାଇସ୍କୁଲର ଛାତ୍ରୀଛାତ୍ର ପଢ଼ାକୁଠି, ଶିକ୍ଷକ ଅଭାବ ସମସିଆରେ ଯୁଝୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ।

ସୂଚନା ଅନ୍‌ସାରେ ତୁରେକେଲା ବ୍ଲକର କମେଇମୁଣ୍ଡା, କନ୍ଦେଇ, ଚଟୁଅନକା, ହଲନଭଟା, ଖଗସା, ବୁରୋମାଲ, ହିଆଁଲ ପଁଚେତ୍ ସଦର ଗାଁନେ ଆରୁ ଝରନି ପଁଚେତ୍‌ର ରାମୋଡ ଗାଁରେ ଥିବାର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲକେ ହାଇସ୍କୁଲର ମାଏନ୍‌ତା ଦେଇଥିଲେ। ସରକାର ହାଇସ୍କୁଲର ମାଏନ୍‌ତା ଦେବାର ବି ଆଏଜ୍‌କେ ଅନେକ ବଛର ବିତିଯାଇଛେ। ହେଲେ ଆଏଜ୍ ବି ଅନେକ ହାଇସ୍କୁଲର ଛାତ୍ରୀଛାତ୍ର ପଢ଼ାକୁଠି ଅଭାବ ସଂଗେ ଶିକ୍ଷକ ସମସିଆରେ ଯୁଝୁଛନ୍। ସେନ୍‌ତା ନିପଟପଟ ଜଂଗଲ ଭିତରେ ଥିବାର ବ୍ଲକର ଆଦିବାସୀ ବହୁଲ କମେଇମୁଣ୍ଡା ଉନ୍ନୀତ ହାଇସ୍କୁଲ ନାନା ସମିଆ ଘେରରେ ରହିଛେ। ୨୦୧୦ ସାଲେ ସରକାର କୁମେଇମୁଣ୍ଡା ଉଚ୍ଚ ପ୍ରାଥମିକ ସ୍କୁଲକେ ଉନ୍ନୀତ ହାଇସ୍କୁଲର ମାଏନ୍‌ତା ଦେଇଥିଲେ। ଏହେଦେ ଇ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ତକ୍ ୧୧୮ ଛାତ୍ରୀଛାତ୍ର ରହିଥିଲାବେଲେ ପାଠ୍ ପଢ଼ାବାର ଲାଗି ୩ ଝନ୍ ଶିକ୍ଷକ ରହିଛନ୍। ସେନ୍‌ତା ୯ମ ଆର ୧୦ମ ଶ୍ରେଣୀରେ ମୋଟ ୩୬ ଛାତ୍ରୀଛାତ୍ର ପାଠ୍ ପଢୁଥିଲାବେଲେ ପଠ୍ ପଢ଼ାବାର ଲାଗି ୨ ଝନ୍ ନ ଶିକ୍ଷକ ରହିଛନ୍। ହାଇସ୍କୁଲ ଆରମ୍ ହେଲାଦିନୁ ଖେଲ ଶିକ୍ଷକ ଆରୁ ଝନେ ଟିଜିଟି ଶିକ୍ଷକ ପାଠ୍ ପଢ଼େଇ ଆସୁଛନ୍। ୨୦୧୧ ସାଲେ ପହେଲା କରି ଇ ହାଇସ୍କୁଲର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ହେଲେ ଦୁଖର କଥା ହାଇସ୍କୁଲ ହେବାର ଆଏଜ୍‌କେ ୧୦ ବଛର ବିତିଯାଇଥିଲେ ବି ଶିକ୍ଷକ ସଂଖ୍ୟା ୨ରେ ରହିଛେ। ଉଚ୍ଚ ପ୍ରାଥମିକ ସ୍କୁଲର ଝନେ ବିଜ୍ଞାନ ଶିକ୍ଷକ ୮ମନୁ ୧୦ମ ଶ୍ରେଣୀ ତକ୍ ଗଣିତ ଆରୁ ବିଜ୍ଞାନ ପଢ଼ଉଛନ୍। ଏନ୍‌ତା ଅବେବସ୍‌ତା ଭିତରେ ବି ୯ ବଛର ହେଲା ହାଇସ୍କୁଲର ଶତ ପରତିଶତ ଛାତ୍ରୀଛାତ୍ର ମାଟ୍ରିକ ପାସ କରୁଛନ୍ ବଲି ପ୍ରଧାନଶିକ୍ଷକ ଦାଇତିଅରେ ଥିବାର ଶିକ୍ଷକ ପ୍ରମୋଦ ମାଝି କହିଛନ୍। ସେନ୍‌ତା ହାଇସ୍କୁଲର ସମସିଆ ବାବ୍‌ଦେ ପରିଚାଳନା କମିଟିର ସଭାପତି ତ୍ରିନାଥ ଭୋଇକୁଁ ପଚ୍‌ରାଲାରୁ ଇଠାନେ ହାଇସ୍କୁଲ ନିହେବାର ଆଗରୁ ଅଂଚଲର ଛାତ୍ରୀଛାତ୍ର ୧୨ କି.ମି. ଦୂର କଣ୍ଟାବାଞ୍ଜି, ୧୦ କି.ମି. ଦୂର ତୁରେକଲାକେ ପଢ଼ି ଯାଉଥିଲେ। କମେଇମୁଣ୍ଡାନେ ହାଇସ୍କୁଲ ହେଲା ଦିନୁ ଇଠାନେ ପଢ଼ାକୁଠି ଅଭାବ ରହିଛେ। ସେନ୍‌ତା ମୂଳ ଦିନୁ ୨ ଝନ୍ ଶିକ୍ଷକରେ ପାଠ୍‌ପଢ଼ା ଚାଲିଛେ। ଇ ସମସିଆ ଉପରେ ସରକାର କି ପରଶାସନ କେହି ଧିଆନ୍ ନାଇଁ ଦେବାର ବଲି ସେ କହିଛନ୍। ସେନ୍‌ତା ହାଇସ୍କୁଲର ଛାତ୍ରୀଛାତ୍ର ପଢ଼ାକୁଠି, ଶୌଚାଳୟ, ବେଞ୍ଚ ଟେବୁଲ, ବିଜ୍ଞାନ ହଲ, ଲାଇବ୍ରେରୀ ହଲ, ପିଇଲା ପାଏନର ସମାଧାନ ସଂଗେ ଦରକାର ହିସାବେ ଶିକ୍ଷକ ଯୁଗେଇ ଦେବାକେ ଧରିତ୍ରୀ ଖବର କାଗଜ ଜରିଆରେ ପରଶାସନକେ ଗୁହାରି କରିଛନ୍।



କମେଇମୁଣ୍ଡା ହାଇସ୍କୁଲ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ଆତ୍ମହତ୍ୟା ସନ୍ଦେହ

**କୋକସରା, ୨।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ମହିମା ଗ୍ରାମର ଏକ ଚାଷ ଜମିରେ ଥିବା ପଳାସ ଗଛରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମହିମା ଗ୍ରାମର ରାମ ଉଦେ ମାଝି (୩୦)। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବର ପାଇ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିବା ସହ ମୃତଦେହ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା । ଯୁବକ ଜଣକ କାହିଁ କି ଆତ୍ମହତ୍ୟା କଲେ ତା'ର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେ ବିବାହିତ ଓ ତାଙ୍କର ଗର୍ଭବତୀ ସ୍ତ୍ରୀ ରହିଥିବା ଜଣାପଡିଛି । ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୦) ରୁଜୁ କରିଛି। ପୋଲିସ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ତଦନ୍ତକାରୀ ଅଧିକାରୀ ପୀତବାସ ପୁରୋହିତ ସୂଚନା ଦେଇଛନ୍ତି ।

### କୋକସରା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

**କୋକସରା, ୨।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକରେ ନୂତନ ବିଡିଓ ଭାବେ ମନୀଷା ଦାସ ସୋମବାର ଯୋଗଦେଇଛନ୍ତି। ପୂର୍ବରୁ ସେ ଗୋଲାମୁଣ୍ଡା ବ୍ଲକ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ସୋମବାର କୋକସରା ବ୍ଲକରେ ଦାସଙ୍କୁ ବ୍ଲକର ସମସ୍ତ କର୍ମଚାରୀ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ସମୂହ ସ୍ୱାଗତ ଜଣାଇଥିଲେ। ଏଠାରେ ପୂର୍ବରୁ ଥିବା ବିଡିଓ ବସନ୍ତ କୁମାର ସେଠୀଙ୍କୁ ପଦୋନ୍ନତି ହୋଇ ବାରିପଦା ଜିଲା ପି.ଏ. ଆଇ.ଟି.ଡି.ଏ. ଅଧିକାରୀ ଭାବେ ବଦଳି ହୋଇଛି। ଏହି ଅବସରରେ ପୂର୍ବତନ ବିଡିଓଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ୨୦୧୮ରୁ ସେଠୀ କୋକସରା ବ୍ଲକରେ ବିଡିଓ ଭାବେ ଅବସ୍ଥାପିତ ରହିଥିଲେ। ବର୍ତ୍ତମାନ ଯୋଗଦେଇଥିବା ମନୀଷା ଦାସ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ଓ ତାଙ୍କ ନିକଟରେ ଯେଉଁ ଅଭିଯୋଗ କିମ୍ବା ସମସ୍ୟା ଆସିବ ତାର ସମାଧାନ ପାଇଁ ପ୍ରଚେଷ୍ଟା କରିବି ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

### କମ୍ୟୁନିଟି ହଲ୍ ଉଦ୍‌ଘାଟିତ

**ଭବାନୀପାଟଣା, ୨।୩ (ଡି.ଏନ.ଏ.):** ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତର ଜଗନ୍ନାଥପୁର ହରିଜନପଡାଠାରେ ଏକ କମ୍ୟୁନିଟି ହଲ ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ଜିଲା ସମ୍ପାଦକ ଲବଣୀଧର ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାଜ୍ୟ ସ୍ୱଳ୍ପ ଉନ୍ନୟନ ପରିଷଦ ଉପଦେଷ୍ଟା ସୁଜିତ କୁମାର, ସମ୍ମାନିତ ଅତିଥି ଅଶେଶ୍ୱର ବାଗ, ମଣ୍ଟୁ ନାଏକ, ହରଜିନ୍ଦର ସିଂ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କ୍ଷେତ୍ରମୋହନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ପରୀକ୍ଷାଫଳକୁ ଅପେକ୍ଷା

**କଳାହାଣ୍ଡି ଜିଲା**
- କପିକରି ଧରାପଡ଼ିଲେ ୧୦୧
- ଶେଷ ହେଲା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା

**ଭବାନୀପାଟଣା, ୨।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଶାନ୍ତିଶୃଙ୍ଖଳାର ସହିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶେଷ ହୋଇଯାଇଛି। କାଁଭାଁ କେତେକ ସ୍ଥାନରେ କପି ଧରାପଡିଥିବା ବେଳେ ପ୍ରଶ୍ନପତ୍ର ଭାଇରାଲ ହୋଇ ନ ଥିବା ପରୀକ୍ଷାର୍ଥୀମାନେ ବେଶ ଖୁସି ପ୍ରକଟ କରିଛନ୍ତି। ଚଳିତବର୍ଷ ନୂଆଁ ଢାଞ୍ଚାରେ ପରୀକ୍ଷା ଦେଇ ଅଧିକ ଉତ୍ସାହିତ ଥିବା ଓ ବେଶ ସଫଳତା ମିଳିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ସୋମବାର ଶେଷ ଦିନର ପରୀକ୍ଷାରେ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କପି କରି ୧୦ ଜଣ ବୋର୍ଡ ସ୍କ୍ୱାଡ ହାତରେ ଧରା ପଡିଛନ୍ତି। ଏହିପରି ଆରମ୍ଭରୁ ଶେଷ ଯାଏଁ ଜିଲାରେ ମୋଟ ୧୦୧ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଜିଲାର ୧୩ଟି ବ୍ଲକ ମଧ୍ୟରୁ ଭବାନୀପାଟଣା ବ୍ଲକରେ ୪ ଜଣ, କେସିଙ୍ଗା ବ୍ଲକରେ ୪, ନର୍ଲା ବ୍ଲକରେ ୩, ଲାଞ୍ଜିଗଡ ବ୍ଲକରେ ୨୬, କଲମପୁର ବ୍ଲକରେ ୧୦, ଜୁନାଗଡ ବ୍ଲକରେ ୨୦, ଜୟପାଟଣା ବ୍ଲକରେ ୧୪, କୋକସରା ବ୍ଲକରେ ୬ ଓ ଗୋଲାମୁଣ୍ଡା ବ୍ଲକରେ ୧୪ ଜଣ ଏହିପରି ଜିଲାରେ ସମୁଦାୟ ୧୦୧ ଜଣ କପି କରି ସ୍କ୍ୱାଡ ହାତରେ ଧରାପଡିଛନ୍ତି। ଜିଲାର କର୍ଲାମୁଣ୍ଡା, ମ.ରାମପୁର, ଥୁ.ରାମପୁର ଓ ଧର୍ମଗଡ ବ୍ଲକରେ କପି ହୋଇ ନ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଚଳିତବର୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପରିଲକ୍ଷୀତ ହୋଇଥିବା ବେଳେ ପରୀକ୍ଷା ଫଳ ଖୁବ ଭଲ ହେବ ବୋଲି କେତେକ ପରୀକ୍ଷାର୍ଥୀ ପ୍ରକାଶ କରିଛନ୍ତି। ଏବେ କେବଳ ପରୀକ୍ଷା ଫଳକୁ ସେମାନେ ଅପେକ୍ଷା କରିଛନ୍ତି। ଜିଲାର ୩୩୬ଟି ହାଇସ୍କୁଲର ୨୧ ହଜାର ୧୬୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥି ନିମନ୍ତେ ଜିଲାରେ ୧୦୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା । ଏହି ପରୀକ୍ଷାରେ ଜିଲାର ୧୯ ହଜାର ୭୩୯ ରେଗୁଲାର, ୧୪୧୨ ଏକ୍ସ-ରେଗୁଲାର, ୧୩ ଜଣ କରେନ୍ସପଣ୍ଡେନ୍ସ କୋର୍ସ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ । ସେହିପରି ଓଡିଶା ରାଜ୍ୟ ମୁକ୍ତ ସ୍କୁଲ ପାଠ୍ୟକ୍ରମରେ ଜିଲାରେ ୧୬୦ ଛାତ୍ରୀଛାତ୍ର ଭବାନୀପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ବ୍ୟବସ୍ଥା କରାଯାଇଥିଲା। ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲାରେ ୧୩ଟି ନୋଡାଲ କେନ୍ଦ୍ର ବ୍ଲକ ମହକୁମାଠାରେ ଖୋଲାଯାଇଛି। ନୋଡାଲ କେନ୍ଦ୍ରଗୁଡିକରୁ ପ୍ରଶ୍ନପତ୍ର ପ୍ରତିଦିନ ସକାଳ ୬ ଟାରେ ପରୀକ୍ଷା କେନ୍ଦ୍ରଗୁଡିକୁ ନେବା ପାଇଁ ୩୩ଟି ଡେସ୍ପାଚ୍ ଟିମ୍ ପ୍ରସ୍ତୁତ କରାଯାଇଥିଲା। ସେହିପରି ଅବାଧ ପରୀକ୍ଷା ପରିଚାଳନା ଓ କପି ରୋକିବା ପାଇଁ ଜିଲାସ୍ତରରେ ୩ଟି ସ୍କ୍ୱାଡ ଓ ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଥିଲା। ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ବିଜ୍ଞାନ ପରିଦର୍ଶକଙ୍କ ନେତୃତ୍ୱରେ ୩ଟି ସ୍କ୍ୱାଡ କପି ରୋକିବା ପାଇଁ ବିଭିନ୍ନ ପରୀକ୍ଷା କେନ୍ଦ୍ର ଗସ୍ତ କରିଥିଲେ। ସେହିପରି ଜିଲାରେ ୧୦୩ ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩୭ଟି କେନ୍ଦ୍ରକୁ ସମ୍ବେଦନଶୀଳ କେନ୍ଦ୍ର ରୂପେ ଚିହ୍ନଟ କରାଯାଇ ସିସିଟିଭି ବ୍ୟବସ୍ଥା କରାଯାଇଥିଲା ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

**ଛାତ୍ରୀଛାତ୍ର ଯାହା କୁହନ୍ତି..**



"ନୂଆ ଫର୍ମାଟରେ ପରୀକ୍ଷା ଦେବା ଖୁବ୍ ଭଲ ଲାଗିଲା। ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ ହୋଇ ନ ଥିବାରୁ ମୁଁ ବେସ୍ ଉତ୍ସାହିତ। ପ୍ରଶ୍ନପତ୍ର ଖୁବ ଭଲ ଥିଲା। ଉତ୍ତର ଲେଖିବା ପାଇଁ ଅନେକାଂଶରେ ସହଜ ହୋଇଥିଲା। ମୁଁ ଭଲ କରିଛି, ମୋର ଭଲ ପରୀକ୍ଷା ଫଳ ଆସିବ ବୋଲି ମୁଁ ବେସ୍ ଆଶାବାଦୀ।

-ରିତିକ ବିନିୟା, ଛାୟାଦେବୀ ହାଇସ୍କୁଲ, ବୋର୍ଡା, କଳାହାଣ୍ଡି



"ଚଳିତ ପରୀକ୍ଷାରେ ମୁଁ ବହୁତ ପରିଶ୍ରମ କରିଥିଲି। ପରୀକ୍ଷା ଦେବାର ପ୍ରଥମ ଦିନରେ ଟିକେ ଭୟ ଲାଗୁଥିଲା। ହେଲେ ମା'ବାପା ଓ ଭଗବାନଙ୍କ ଆର୍ଶିବାଦରୁ ପ୍ରଶ୍ନପତ୍ର ପାଇବା ପରେ ମୋର ସେହି ଭୟ ଦୂର ହୋଇଯାଇଥିଲା। ପ୍ରଶ୍ନଗୁଡିକର ଠିକ ଉତ୍ତର ଲେଖିଛି ଓ ଆଶା କରୁଛି ନିଶ୍ଚିତ ଭାବେ ଭଲ ମାର୍କ ପାଇବି ବୋଲି ହୃଦୟଙ୍ଗମ କରୁଛି।

-ଅନୁଷ୍କା ସାହାଣି, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜବିହାର, ଭବାନୀପାଟଣା



ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ଯମୁନାବାହାଲ(କ) କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ନୂଆଗୁଡ଼ା ବିଜୟୀ

**ଜୁନାଗଡ, ୨।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଯମୁନାବାହାଲ(କ)ଠାରେ ରବିବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଯମୁନାବାହାଲ ଓ ନୂଆଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯମୁନାବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗୁଡା ଦଳ ୧୧.୨ ଓଭରରେ ୮ଉଇକେଟ ହରାଇ ୧୦୬ ରନ କରି ବିଜୟୀ ହୋଇଥିଲା। ଖେଳକୁ ରମେଶ ଓ ଅରବିନ୍ଦ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସମ୍ମାନିତ ଅତିଥି ଭାବେ ଟଙ୍କଧର ଦାଶ ଯୋଗଦେଇଥିଲେ। ଯମୁନାବାହାଲ (କ) ଲଂକେଶ୍ୱରୀ ଯୁବ ଅନୁଷ୍ଠାନ ପକ୍ଷରୁ ଏହି ଟୁର୍ନାମେଣ୍ଟକୁ ଆୟୋଜନ କରାଯାଉଛି।



ଜଣେ କୁଷ୍ଠରୋଗୀଙ୍କୁ ଘରୋଇ ଉପକରଣ କିଟ୍ ବଣ୍ଟନ କରାଯାଉଛି।

## କୁଷ୍ଠରୋଗୀଙ୍କୁ ଘରୋଇ ଉପକରଣ ସାମଗ୍ରୀ ବଣ୍ଟନ

**ଜୁନାଗଡ଼, ୨।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟରେ ସୋମବାର ମାଗଣାରେ କୁଷ୍ଟ ରୋଗୀଙ୍କୁ ଘରୋଇ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଛି। ଏଥିରେ ପ୍ରଥମ ପର୍ଯ୍ୟାୟରେ ଜୁନାଗଡ ସହର ୨ ଓ ବ୍ଲକର ୪ଜଣ କୁଷ୍ଟରୋଗୀଙ୍କୁ ଏହି ସାମଗ୍ରୀ ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୯ଟି ଘରୋଇ ଉପକରଣ ସାମଗ୍ରୀ ସେମାନଙ୍କୁ ବଣ୍ଟନ କରାଯାଇଥିଲା। ଜୁନାଗଡ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୂର୍ଯ୍ୟ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ(ବିପିଏମ୍) ସୁମେଶ୍ୱର ନାଏକ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦିଲୀପ କୁମାର ରାଉତ ପ୍ରମୁଖ ଯୋଗଦେଇ ଏହି କିଟ୍‌ଗୁଡିକ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଅବଶିଷ୍ଟ କୁଷ୍ଟରୋଗୀଙ୍କୁ ଏହି ସାମଗ୍ରୀ ବଣ୍ଟନ କରାଯିବ ବୋଲି ବିଏସଏସଓ ତୁଷାର ରଞ୍ଜନ ସାହୁଙ୍କଠାରୁ ଜଣାପଡିଛି।

## ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର କବିତା ପାଠୋତ୍ସବ

**ଭବାନୀପାଟଣା, ୨।୩ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ସଭାଗୃହରେ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ପ୍ରତିକ ସମୟରେ ସାହିତ୍ୟ ପତ୍ରିକାର ଉପଯୋଗିତା ଶୀର୍ଷକରେ ଏକ ମନ୍ଥନ ସାରସ୍ୱତ କାର୍ଯ୍ୟକ୍ରମ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିରଦ ଚନ୍ଦ୍ର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟ କଥା ପତ୍ରିକାର ସମ୍ପାଦକ କବି ସକିତ ରତେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବଲେଖକ ସଞ୍ଜୀବ କୁମାର ପଣ୍ଡା, ଗାଳ୍ପିକ ପ୍ରକାଶ ନିଶଙ୍କ, ମୋହନ କୁମାର ଭଟ୍ଟ, ତିଳକରାମ ନିଆଲ, ବାହେଦା ଶାହିନ୍, ବନଶ୍ରୀ ଦାଶ, ଦୀପ୍ତି ମୁଣ୍ଡ, ଗୋଦାବରୀଶ ମିଶ୍ର, ଗାଳ୍ପିକ ସୁକାନ୍ତ ସାହୁ ଓ ଶିବରାମ ନାୟକ ଆଲୋଚକ ଭାବେ ଯୋଗଦେଇ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ମଧୁସ୍ମିତା ଧଙ୍ଗଡାମାଝି, ବ୍ରହ୍ମାନନ୍ଦ ସାମଲ, ଦେବେନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଶିଳ୍ପାୟନ ଦ୍ୱାରା ଅଞ୍ଚଳର ବିକାଶ ସାଧିତ ହୁଏ

**କଳାହାଣ୍ଡି ଆଇନ ମହାବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ**
- ଶିଳ୍ପାୟନରେ ସାମାଜିକ ଓ ଆଇନର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର

**ଭବାନୀପାଟଣା, ୨।୩ (ଡି.ଏନ.ଏ.)**

ସାମ୍ପ୍ରତିକ ଯୁଗରେ ଶିଳ୍ପାୟନ ଦ୍ୱାରା ହିଁ କୌଣସି ଅଞ୍ଚଳର ବିକାଶ ସାଧିତ ହୋଇଥାଏ। ଶିଳ୍ପାୟନର ସିଧାସଳଖ ପ୍ରଭାବ ସମାଜ ଉପରେ ପଡୁଛି। ସାମାଜିକ ନ୍ୟାୟ ପାଇଁ ଆମ ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ବିଭିନ୍ନ ଆଇନ ରହିଛି। ଏହି ଆଇନ ଦ୍ୱାରା ଶିଳ୍ପାୟନ ପାଇଁ ହେଉଥିବା ବିସ୍ଥାପନ, ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଆଇନ ରହିଛି। ସେହିପରି ଶିଳ୍ପାୟନ ଦ୍ୱାରା ହେଉଥିବା ପରିବେଶ ପ୍ରଦୂଷଣ ରୋକିବା ପାଇଁ ମଧ୍ୟ ଆଇନ ରହିଛି। ତେଣୁ ସମାଜର ସାମଗ୍ରିକ ବିକାଶ ପାଇଁ ଶିଳ୍ପାୟନ ସମୟରେ ଆଇନଗୁଡିକର କଡାକଡି ଭାବେ ଉପଯୋଗ ହେବା ସହ ପରିବେଶ ପ୍ରଦୂଷଣ ଜନିତ କ୍ଷୟକ୍ଷତି ନିୟନ୍ତ୍ରଣ ଓ ଭରସା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ରବିବାର କଳାହାଣ୍ଡି ଆଇନ ମହାବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବରେ ଆୟୋଜିତ ଶିଳ୍ପାୟନରେ ସାମାଜିକ ଓ ଆଇନର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। କଳାହାଣ୍ଡି ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଓଡିଶା ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ସୁଜିତ କୁମାର ମୁଖ୍ୟଅତିଥି, କଳାହାଣ୍ଡି ଆଇନ କଲେଜ ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ପ୍ରତିଷ୍ଠାତା ସଭାପତି ଉମାଶଙ୍କର କର, ବେଦାନ୍ତ ଆଲୁମିନାର ଆଇନ ଓ ଜମି ବିଭାଗ ମୁଖ୍ୟ ନବକିଶୋର ଶର୍ମା ଓ ଅବସରପ୍ରାପ୍ତ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜ ଅଧକ୍ଷ ଡ. ଅଜୟ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସନ୍ଧ୍ୟାରେ ଆଇନ ମହାବିଦ୍ୟାଳୟର ଏକ ସାଧାରଣ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ସମ୍ମାନିତ ଅତିଥି ଭାବେ ଫେମିଲି କୋର୍ଟ ଜଜ୍ ସୁକାନ୍ତ ପଟେଲ, କଲେଜ ଅଧ୍ୟକ୍ଷ ସୁନିଲ କୁମାର ମୁଣ୍ଡ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଦ୍ୱିତୀୟ ବର୍ଷର ଛାତ୍ର ଧାନାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଆଇନ ମହାବିଦ୍ୟାଳୟର ସାଧାରଣ ସଭାରେ ମଞ୍ଚାସୀନ ଅତିଥି ।



ଉଭୟ ଦଳ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

## ଆମ୍ବପାଲିକୁ ପରାସ୍ତ କଲା ତେରେସିଂହା

**୧୯ ତମ ବାର୍ଷିକ ତେରେସିଂହା କପ୍ ଉଦ୍‌ଘାଟିତ**

**କର୍ଲାମୁଣ୍ଡା, ୨।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ହାଇସ୍କୁଲ ପଡିଆଠାରେ ସୋମବାରଠାରୁ ଦୈତାରୀ ମେମୋରିଆଲ ଗେମ୍ସ ଏଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ୧୯ତମ ବାର୍ଷିକ ତେରେସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ତେରେସିଂହା ଓ ବଲାଙ୍ଗୀର ଜିଲା ଆମ୍ବପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତେରେସିଂହା ଦଳ ୧-୦ରେ ବିଜୟ ହୋଇଥିଲା। ମ୍ୟାଚକୁ ସୁବ୍ରତ ରଣା, ସୁରେଶ ଭୋଇ, କିଶୋର ନାଏକ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହନୁମାନ ଦାସ, ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ରଣା, ବୈକୁଣ୍ଠ ରଣା, ରଘୁମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅଞ୍ଚଳରେ କ୍ରୀଡାର ବିକାଶରେ ଅନୁଷ୍ଠାନର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବହନ କରିଥିବା ଅତିଥିମାନେ କହିଥିଲେ। ମଙ୍ଗଳବାର ଯମୁନାପୁର ଓ କର୍ଲାମୁଣ୍ଡା ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

## ଡଙ୍ଗରିଆଙ୍କ ନିୟମରାଜା ପର୍ବ ଉଦ୍‌ଯାପିତ

**ମରିବୁ ପଛେ ନିୟମଗିରିକୁ ଛାଡିବୁ ନାହିଁ**

**ଭବାନୀପାଟଣା, ୨।୩ (ଡି.ଏନ.ଏ.)**

ନିୟମଗିରି ପର୍ବତଶିଖର ଧାଙ୍ଗଡା ଭଟାଠାରେ ଗତ ୨୮ରୁ ମାର୍ଚ୍ଚ ୧ ତାରିଖ ୩ ଦିନ ଧରି ଚାଲିଥିବା ଡଙ୍ଗରିଆଙ୍କ ନିୟମରାଜା ପର୍ବ ଉଦ୍‌ଯାପିତ ହୋଇଯାଇଛି। ଆଦିବାସୀ ଓ ଦଳିତମାନେ ନିଜ ଭିଟାମାଟି ପାଇଁ ସଂଘର୍ଷ କରି ଶିଳ୍ପପତି ଓ ପୋଲିସ ଦ୍ୱାରା ନିର୍ଯାତନାର ଶିକାର ହୋଇ ମଧ୍ୟ ଅନ୍ଦୋଳନକୁ ବଞ୍ଚାଇ ରଖିଛନ୍ତି। ଦୀର୍ଘ ବର୍ଷ ଧରି ବହୁ ରାଷ୍ଟ୍ରୀୟ କମ୍ପାନୀ ଧନବଳ ଓ ସରକାରଙ୍କ ଦମନକୁ ଖାତିର ନ କରି କଳାହାଣ୍ଡି, ରାୟଗଡା ଜିଲା ସୀମାନ୍ତରେ ଅବସ୍ଥିତ ନିୟମଗିରି ଅଞ୍ଚଳର ଗରିବ ଓ ଡଙ୍ଗରିଆ କନ୍ଧମାନେ ଯେପରି ନିଜ ପ୍ରାଣପ୍ରିୟ ନିୟମଗିରି ଶୁରକ୍ଷା ପାଇଁ ଅପୂର୍ବ ସାହସର ସହ ଲଢି ଆସୁଛନ୍ତି । ରକ୍ତ ଚାଉଳ ଧରି ଶପଥ କରିଛନ୍ତି ଯେ, ମରିବୁ ପଛେ ନିୟମଗିରିକୁ ଛାଡିବୁ ନାହିଁ । ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା କୁହନ୍ତି, ଏ ନିୟମଗିରି ଆମର ବାପା ମା, ଆମର ଦେବତା ନିୟମରଜା ଆମକୁ ଚାଷ କରିବାକୁ ଶିଖାଇଛି । ଜଙ୍ଗଲରୁ ଆମ୍ବ, କମଳା, କଦଳି, ସପୁରି କେତେ ଫଳ ମୂଳ ଆମ ପାଇଁ ରଖିଛି । ତାକୁ ଛାଡି ଆମେ ଘଡିକେ ମଧ ବଞ୍ଚିପାରିବୁ ନାହିଁ । ଜୀବନର ଶେଷ ରକ୍ତ ବିନ୍ଦୁ ଥିବା ଯାଏ ନା କେଉଁ କମ୍ପାନୀକୁ ନା ସରକାରକୁ ନିୟମଗିରିରୁ ମୁଠାଏ ମାଟି ଦେବୁ ନାହିଁ ବୋଲି ଡଙ୍ଗରିଆ କନ୍ଧ ଆଦିବାସୀମାନେ ନିୟମଗିରି ପର୍ବତଶିଖର ଧାଙ୍ଗଡା ଭଟାଠାରେ ୩ ଦିନ ଧରି ଚାଲିଥିବା ନିୟମରାଜା ପର୍ବରେ ରକ୍ତ ଚାଉଳ ବଜ୍ର ଶପଥ ନେଇଛନ୍ତି।

ନିୟମଗିରି ସୁରକ୍ଷା ସମିତି ଡାକରାରେ ପ୍ରତିବର୍ଷ ଫେବୃୟାରୀ ଶେଷ ସପ୍ତାହରେ ୩ ଦିନ ଧରି ଆୟୋଜିତ ଏହି ପର୍ବରେ ରାୟଗଡା ଓ କଳାହାଣ୍ଡି ଜିଲାର ଶହ ଶହ ଡଙ୍ଗରିଆ ଯୋଗଦେଇଥିଲେ। ସେମାନେ ମାଟି ପୂଜା ଜଳ ପୂଜା କରିବା ପରେ ନିୟମରଜାଙ୍କଠାରେ ବୋଦା, ଘୁଷୁରି, କୁକୁଡା ଆଦି ବଳି ଦେଇଥିଲେ। ଡଙ୍ଗରିଆମାନେ ନାରୀ ଅଧିକାରକୁ ପ୍ରାଧାନ୍ୟ ଦେଇଥିବାରୁ ସକାଳେ ନିୟମରଜାଙ୍କୁ ପ୍ରଥମେ ବେଜେନ୍ (ନାରୀ ପୂଜକ)ମାନେ ପୂଜାର୍ଚ୍ଚନା କରିବା ପରେ ରାତିରେ ଜାନୀ (ପୁରୁଷ ପୂଜକ)ମାନେ ପୂଜା କରିଥିଲେ । ତା' ପରେ ଦଳଦଳ ହୋଇ ଡଙ୍ଗରିଆମାନେ କୁଇ ଭାଷାରେ ଗିତ ଗାଇ ଗୁଡି (ପାରମ୍ପରିକ ପୂଜାସ୍ଥଳ) ଢାପ, ନିଷାନ୍‌ର ତାଳେ ତାଳେ ନାଚିଥିଲେ। କଳାହାଣ୍ଡି ସଚେତନ ନାଗରିକ ମଞ୍ଚ, ଲୋକ ସଂଗ୍ରାମ ମଞ୍ଚ, ଖଣ୍ଡୁଆଳମାଳି ସୁରକ୍ଷା ସମିତି, ସମାଜବାଦୀ ଜନ ଜନପରିଷଦ, ଗନ୍ଧମାର୍ଦ୍ଦନ ସୁରକ୍ଷା ସଙ୍ଗଠନ, ସାହାରା ବିଦ୍ୟୁତ୍ ପ୍ରକଳ୍ପ ବିରୋଧୀ ମଞ୍ଚ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସମେତ ରାଜ୍ୟ ତଥା ବାହାରର ଅନେକ ମାନବାଧିକାର କର୍ମୀ, ପରିବେଶପ୍ରେମୀ ତଥା ଲେଖକମାନେ ଯୋଗଦେଇଥିଲେ । ଲଦ ସିକକା, ସତ୍ୟ ମାହାର, ଡେଞ୍ଜୋ ଜାକା ସିକା ବ୍ରିଟିସ ମାଝି ପ୍ରମୁଖ ସହେଯାଗ କରିଥିଲେ। ଚଳିତବର୍ଷ ଆଦିବାସୀ ଡଙ୍ଗରିଆମାନେ କେନ୍ଦ୍ର ସରକାରଙ୍କ ସିଏଏ, ଏନ୍‌ସିଆର୍‌କୁ ବିରୋଧ କରିଥିବା ଦେଖିବାକୁ ମିଳିଥିଲା।



ନିୟମରାଜା ପର୍ବ ଉଦ୍‌ଯାପନୀରେ ଆଦିବାସୀ ମହିଳାମାନେ ନୃତ୍ୟ କରୁଛନ୍ତି ।



“ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ଅର୍ବାନ ବ୍ୟାଙ୍କ, ଆରଡିଏ ଅଧ୍ୟକ୍ଷ ପଦ ନେଇ ଟଣାଓଟରା

ରାଉରକେଲା ଅଫିସ,୨।୩

ଗତ ୫ ଫେବୃୟାରୀରୁ ଶେଷ ହେଲାଣି ରାଉରକେଲା ଅର୍ବାନ ବ୍ୟାଙ୍କ ନିର୍ବାଚିତ ପରିଷଦର କାର୍ଯ୍ୟକାଳ। ଏବେ ରାଉରକେଲା ଅତିରିକ୍ତ ଜିଲାପାଳ ଦାୟିତ୍ୱରେ ରହିଛନ୍ତି। ସେହିଭଳି ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ) ଅଧ୍ୟକ୍ଷ ପଦ ଗତ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଖାଲି ପଡିଛି। ଆରଡିଏ ସେକ୍ରେଟାରୀ ଭାବେ ଏକଥା ବି ଏଡିଏମ ବୁଝିଛନ୍ତି। ଏହି ପଦରେ ଶାସକ ଦଳର କେହି ଜଣେ ନେତା ଥଇଥାନ ହେବେ ବୋଲି ଆଶା କରାଯାଉଥିଲା। ଯାହା ଆଜି ପର୍ଯ୍ୟନ୍ତ ପୂରଣ ହୋଇ ପାରିନି। ଉପରସ୍ତରରେ ଏହି ପଦ ନେଇ ଟଣାଓଟରା ଚାଲିଥିବା ଆଲୋଚନା ହେଉଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଜଣେ ମହିଳା ନେତ୍ରୀଙ୍କୁ ଏହି ପଦରେ ଥଇଥାନ କରିବାକୁ ପ୍ରତିଶ୍ରୁତି ମିଳିଥିଲା। ସେ ଆଶାବାନ୍ଧି ବସିଥିବା ବେଳେ ତାଙ୍କ ପାଇଁ କଣ୍ଟା ସାଜିଛନ୍ତି ଜଣେ ଯୁବ ନେତା। ତାଙ୍କ ନିଯୁକ୍ତି ନେଇ ମଧ୍ୟ ଫଇସଲା ହୋଇ ପାରୁନି। ଯାହାକୁ ବିରୋଧୀ ସମାଲୋଚନା କରିବା ଶୁଣାଯାଉଛି। ରାଉରକେଲା ବିକାଶ ପ୍ରତି ଧ୍ୟାନ ଦିଆଯିବା ପରିବର୍ତ୍ତେ ଶାସକ ଦଳ ନେତା ସେମାନଙ୍କ ଅନୁଗତଙ୍କୁ କିଭଳି ଥଇଥାନ କରାଯିବ ସେନେଇ ଅଧିକ ଧ୍ୟାନ ଦେଉଥିବା ସମାଲୋଚନା ହୋଇଛି। ଏଣେ ସମବାୟ ନିର୍ବାଚନ ନେଇ ରାଜ୍ୟ ସରକାରଙ୍କ ପଛଘୁଞ୍ଚା ନୀତି ଯୋଗୁ ଅର୍ବାନ ବ୍ୟାଙ୍କ ଅଧ୍ୟକ୍ଷ ପଦ ପୂରଣ ହୋଇ ପାରୁନି। ତଥାପି ଏହି ପଦ ହାତେଇବାକୁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଛି। ଏମିତି ଅବସ୍ଥାରେ ସରକାର ଗୋଳିଆ ପାଣିରେ ହାତ ମାରିବେନି ବୋଲି କେହି କେହି ମତ ପ୍ରକାଶ କରୁଛନ୍ତି। ତେବେ ଏହି ଦୁଇ ଖାଲି ଆସନକୁ ନେଇ ଶାସକ ଦଳ ଭିତରେ ଗୁଂଜରଣ ଲାଗି ରହିଛି। ଅର୍ବାନ ବ୍ୟାଙ୍କ ନହେଲା ନାହିଁ ଅନ୍ତତଃ ଆରଡିଏ ଅଧ୍ୟକ୍ଷ ପଦରେ ବସିବାକୁ ଏକାଧିକ ଆଶାୟୀଙ୍କ ଆଗ୍ରହ ନିର୍ବାଚିତ ପ୍ରତିନିଧିଙ୍କୁ ଅଡୁଆରେ ପକାଇଛି। କାହା ସମର୍ଥକ ଏହି ପଦ ହାତେଇବେ ତାକୁ ନେଇ ମଧ୍ୟ ଉତ୍ସୁକତା ଦେଖାଦେଇଛି। ଆଶାୟୀ ମହିଳା ନେତ୍ରୀଙ୍କ ଭାଗ୍ୟ ତେଜ ନା ଯୁବ ନେତାଙ୍କ ଲବି ବେଶି ତାହା ଏହି ପଦ ପୂରଣ ପରେ ଯାଇ ସ୍ପଷ୍ଟ ହେବ । ତେବେ ଏନେଇ ଜିଲା କଂଗ୍ରେସର ପୂର୍ବତନ ସଭାପତି ବୀରେନ ସେନାପତିଙ୍କ ମତ ହେଲା ସରକାର କେବଳ ବାହାବା ନେବାକୁ ପ୍ରଚାର କରୁଛନ୍ତି। ଏଠାକାର ସରାକାରୀ ଦପ୍ତର କାମ କରୁନି। ଯେମିତି ଆରଡିଏ ଅଧ୍ୟକ୍ଷ ପଦ ବର୍ଷେ ହେଲା ଖାଲି ପଡିଛି। ଅର୍ବାନ ବ୍ୟାଙ୍କ ନିର୍ବାଚନ କରାଯାଉନି। ଏଡିଏମ୍‌ଙ୍କୁ ଏକାଧିକ ଦାୟିତ୍ୱ ଦିଆଯାଇ ତାଙ୍କ ଉପରେ ଅଯଥା ଚାପ ବୃଦ୍ଧି କରାଯାଉଛି। ଏମିତି ଅବସ୍ଥାରେ ସାଧାରଣ ଲୋକଙ୍କ କାମ କେମିତି ହେବ ବୋଲି ସେନାପତି ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ ସଂପାଦକ ଧିରେନ ସେନାପତି କହିଛନ୍ତି ସରକାର ଏନେଇ ସକାରାତ୍ମକ ପଦକ୍ଷେପ ନେବା ଜରୁରୀ ଯେଉଁଠି ନିର୍ବାଚିତ ପରିଷଦ କାର୍ଯ୍ୟ କରିବା କଥା ସେଠି ନେତାଙ୍କୁ ଥଇଥାନ ଚିନ୍ତା ପରିହାର କରାଯିବା ଆବଶ୍ୟକ। ଏହା ଦ୍ୱାରା ସାଧାରଣ ଜନତା କ୍ଷତି ସହୁଛନ୍ତି। ଏଣୁ ଶୀଘ୍ର ଏନେଇ ସରକାର ପଦକ୍ଷେପ ନେଲେ ଭଲ ହେବ।



ରାଉରକେଲାଠାରେ ଥିବା ଆରଡିଏ ଅଫିସ।

# ୭ ଅଭିଯୁକ୍ତ ଗିରଫ,ବହୁ ସାମଗ୍ରୀ ଉଦ୍ଧାର

## ■ ଚୋରି କରିବାକୁ ଆସି ମହିଳାଙ୍କୁ ଗଣ ବଳାତ୍କାର ଘଟଣା

ରାଉରକେଲା ଅଫିସ/ ବେଦବ୍ୟାସ(ଡି.ଏନ୍.ଏ.)୨।୩

ଗତ ୨୩ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଗୋଟିଧର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଚୋରି କରିବାକୁ ଆସିଥିବା ଅଭିଯୁକ୍ତମାନେ ଜଣେ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଟିଆଇ ପରେଡ଼ ହେବାର ଥିବାରୁ ପୋଲିସ ସେମାନଙ୍କ ନାମ ପ୍ରକାଶ କରି ନାହିଁ। ତେବେ ଗିରଫ ୭ଜଣଙ୍କ ଠାରୁ ପୋଲିସ ଶିଳ୍ପ କାରଖାନାରେ ବ୍ୟବହାର ଉପଯୋଗୀ ୭ ମୋଟର, ଏକ ଚାରି ଚକିଆ ଅଟୋ (ନଂ. ଓଡି- ୧୪ଆର ୬୫୭୧, ବାଇକ (ନଂ. ଓଡି- ୧୪ଏଫ୍ ୫୮୧୯), ବାଉଁଶ ଲାଠି, ଗଇଁତି, ଟର୍ଚ୍ଚ ଲାଇଟ ଓ ୬ଟି ମୋବାଇଲ ଫୋନ୍ ଜବତ କରିଛି। ସୂଚନାଯୋଗ୍ୟ, ଗତ ୨୩ ତାରିଖ ରାତି ୧୧ଟା ସମୟରେ ଚୋରି ଉଦ୍ଦେଶ୍ୟ ନେଇ ଏହି ୭ଜଣ ଗୋଟିଧର ଅଞ୍ଚଳରେ ଥିବା ଏକ ଷ୍ଟୋନ କ୍ରସର ପାଚେରି ଡେଇଁ ଭିତରକୁ ପଶିଥିଲେ। ସେଠାରୁ ୭ଟି ବିଦ୍ୟୁତ୍ ଚାଳିତ ମୋଟର ଚୋରି କରିବା ପରେ ରାତ୍ରି ଜଗୁଆଳ(କେୟାର ଟେକର)ଓ ସହଯୋଗୀଙ୍କୁ ଧମକଚମକ ଦେଇ ଏକ କୋଠରି ଭିତରେ ସେମାନଙ୍କୁ ବନ୍ଦ କରି ଦେଇଥିଲେ। ପରେ ଉପର ମହଲାକୁ ଚଢିଥିଲେ। ସେହି ଘରେ ଶୋଇଥିବା ଜଣେ ମହିଳାଙ୍କୁ ହତ୍ୟା ଧମକ ଦେଇ ଜଣଙ୍କ ପରେ ଜଣେ ଏମିତି ୩ଜଣ ବଳାତ୍କାର କରିଥିଲେ। ସେ ଯେତେ ନେହୁରା ହେଲେ ବି କେହି ଶୁଣି ନ ଥିଲେ। ପାଟି ଫିଟାଇଲେ ତମ ପରିବାରକୁ ଶେଷ କରି ଦିଆଯିବ ବୋଲି ଅଭିଯୁକ୍ତମାନେ ଚେତାବନୀ ଦେଇ ମହିଳାଙ୍କ ମୁହଁ ଚୁପ କରାଇ ଦେଇଥିଲେ। ପରେ ଚୋରି ସାମଗ୍ରୀ ଧରି ଘଟଣାସ୍ଥଳରୁ ସେମାନେ ଚମ୍ପଟ ମାରିଥିଲେ। ଏନେଇ ବ୍ରାହ୍ମଣୀ ତରଙ୍ଗ ଥାନା ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କେ.ଶିବା ସୁବ୍ରମଣୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।





ଗୋଟିଧର ବଳାତ୍କାର ଅଭିଯୁକ୍ତ ଓ ଜବତ ହୋଇଥିବା ସାମଗ୍ରୀ।

# ଆଜି ରାଉରକେଲା ଦିବସ


କାନ୍‌ଭାସ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ରାଉରକେଲା ଅଫିସ, ୨।୩

## ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇବେ ସହରବାସୀ

ଶିଳ୍ପ ସମୃଦ୍ଧ ସାଂସ୍କୃତିକ ସହର ରାଉରକେଲାର କଳେବର ଦିନକୁ ଦିନ ବଢି ଚାଲିଥିବା ବେଳେ ଏଠାକାର ସାମାଜିକ ଚେତନାର ଅଭିବୃଦ୍ଧି ନେଇ ପ୍ରତି ବର୍ଷ କାନଭାସ ସଂଗଠନ ପକ୍ଷରୁ ପାଳିତ ହୋଇ ଆସୁଛି ରାଉରକେଲା ଦିବସ। ସେକ୍ଟର ୧୭ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ଏବଂ ରାଜ୍ୟର ବହୁ ପ୍ରତିଷ୍ଠିତ କଳାକାର ଯୋଗଦେଇ ଉପସ୍ଥିତ ସହରବାସୀଙ୍କ ମନୋରଞ୍ଜନ କରିବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଛି। ଏନେଇ ଷ୍ଟିଲ ସିଟିଂ ରୋଡକୁ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ଯାହା ସହର ଆକର୍ଷଣକୁ ଦ୍ୱିଗୁଣିତ କରିଛି। ଆୟୋଜକଙ୍କ ପକ୍ଷରୁ ଏହି ଉତ୍ସବକୁ ଆକର୍ଷଣୀୟ କରାଯିବା ନେଇ ଏକାଧିକ ପଦକ୍ଷେପ ନିଆଯାଇଥିବା ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

# କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା

ବଡ଼ଗାଁ,୨।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ କେନ୍ଦୁପତ୍ର ରେଞ୍ଜ ଅଫିସ ପରିସରରେ ସୋମବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସଂଘ କର୍ମକର୍ତ୍ତା ବିରଞ୍ଚି ରାଉତ, ନିରାକର ଖିଲାରୀ, ଜନ୍ମଜୟ ସାହୁ, ନିରଞ୍ଜନ ଭୈସାଲଙ୍କ ନେତୃତ୍ୱରେ ସମସ୍ତ ମୁନସୀ, ଚେକର, ଫଡି, ଚପରାସୀ, ବନ୍ଧାଳି ଓ ତୋଳାଳୀ ବିଭିନ୍ନ ଦାବି ନେଇ ଧାରଣାରେ ବସିଛନ୍ତି। ଦୁଇ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ୧୧ ତାରିଖରେ ଗରିଆମାଲି ଛକରେ ରାସ୍ତାରୋକୋ କରାଯିବ ବୋଲି ସଂଘ କର୍ମକର୍ତ୍ତା ନିଷ୍ପତ୍ତି ନିଷ୍ପତ୍ତି ନେବା ସହ ଚେତାବନୀ ଦେଇଛନ୍ତି। ଏହି ସଂକ୍ରାନ୍ତରେ ସଂଘ କର୍ମକର୍ତ୍ତା ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି।

## ୧୧ରେ ରାସ୍ତାରୋକୋ ଚେତାବନୀ

# ଆନ୍ଦୋଳନ ପାଇଁ ସବୁଜ ପତ୍ରିକାଧାରୀଙ୍କ ସଜବାଜ

ରାଉରକେଲା ଅଫିସ, ୨।୩

ରାଜ୍ୟରେ ଗତ କିଛିବର୍ଷ ହେବ ସବୁଜ ପତ୍ରିକାଧାରୀ ସେମାନଙ୍କ ଦାବି ନେଇ ଆନ୍ଦୋଳନ ଚଳାଇ ଆସୁଛନ୍ତି। ସମାନ ଢଙ୍ଗରେ ରାଉରକେଲାରେ ମଧ୍ୟ ଏନେଇ ଏକାଧିକ ସମୟରେ ଆନ୍ଦୋଳନ ହୋଇଛି। ଜିଲା ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପଠାଯାଇଛି। ଏଡିଏମ, ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟ ଘେରିବା ସହ ଆନ୍ଦୋଳନକୁ ଜୋରଦାର କରାଯିବା ନେଇ ଚେତାବନୀ ଦିଆଯାଇଛି। ଏହା ସତ୍ତ୍ୱେ ସବୁଜ ପତ୍ରିକାଧାରୀଙ୍କ ସମସ୍ୟା ସମାଧାନ ହୋଇପାରିନି। ଏହାକୁ ନେଇ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବାକୁ ରାଉରକେଲାରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସରକାରଙ୍କ ଉପରେ ଚାପ ସୃଷ୍ଟି କଲାଭଳି କାର୍ଯ୍ୟକ୍ରମ ହାତକୁ ନେବାକୁ ସଜବାଜ ହେଉଛନ୍ତି ଆନ୍ଦୋଳନକାରୀ। ଏହି ଆନ୍ଦୋଳନ ମାର୍ଚ୍ଚ ଶେଷ ଆଡକୁ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜନ ବିକାଶ ମଞ୍ଚ ନାମକ ସଂଗଠନ ନେତୃତ୍ୱରେ ସବୁଜ ପତ୍ରିକାଧାରୀ ସଂଗଠିତ ହେଉଛନ୍ତି। ସରକାର ଦୀର୍ଘ ବର୍ଷ ହେବ ସବୁଜ ପତ୍ରିକାଧାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ଏନେଇ ବାରମ୍ବାର ପ୍ରତିଶ୍ରୁତି ମିଳୁଛି। ହେଲେ ପରବର୍ତ୍ତୀ ସମୟରେ ସବୁ ଶିଥିଳ ପଡିଯାଉଛି। ଦାବି ପୂରଣ ନେଇ ସରକାର ଆଭିମୁଖ୍ୟ ସ୍ପଷ୍ଟ କରୁ ନାହାଁନ୍ତି। ଏମିତି ଅବସ୍ଥାରେ ସବୁଜ ପତ୍ରିକାଧାରୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ଏଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚାଇବାକୁ ସଙ୍ଗଠନ ସଭାପତି ଅଜୟ ଶର୍ମା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଡୁଙ୍ଗୁରିପାଲି ସହକାରୀ ମତ୍ସ୍ୟ ଅଧିକାରୀ ନିଲମ୍ବିତ

ସୋନପୁର,୨।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମକରୁ ଧରୁଆଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇଜି)ରେ ଅଯୋଗ୍ୟ ହିତାଧିକାରୀ ଚୟନ କରିବା ଅଭିଯୋଗରେ ଧରୁଆଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଧରୁଆ ବାଙ୍କିପାଲି ପଞ୍ଚାୟତର ଟ୍ୟାଗ୍ ଅଫିସର ଥିଲେ। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ କନ୍ଦାଗାଡ ଗ୍ରାମର ଡାନିଆଲ ବାଗ, ସବୋଧ ଭୁକ୍ତା, ଜୟକୃଷ୍ଣ ବାଗ, ଗୋପାଳ ଖମାରୀ, କୁଶଳ ନାଏକ, ସୁଦାମ ନାଏକ, ଅଶୋକ କୁମାର ନାଏକ, ଅଶ୍ୱିନୀ କୁମାର ନାଏକ ଓ ଲେକ୍ରୁ ଷାଣ୍ଡଙ୍କୁ ପିଏମ୍‌ଏୱାଇରେ ୨୦ ହଜାର ଲେଖାଏ ପ୍ରଥମ କିସ୍ତି ଟଙ୍କା ମିଳିଥିଲା। ତେବେ ଏହି ୯ ହିତାଧିକାରୀ ଚୟନରେ ଚଞ୍ଚକତା ହୋଇଥିଲା। ଅଭିଯୋଗର ତଦନ୍ତ ପରେ ଅନିୟମିତତାର ପ୍ରମାଣ ମିଳିଥିଲା। ୧୦ଏକର ଚାଷ ଜମି, ଟ୍ରାକ୍ଟର, ପକ୍କା ଘର ଥିବା ଧନୀ ଲୋକଙ୍କୁ ଫାଇଦା ମିଳିଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ବିଡିଓ ସହଦେବ ସମାଧିଆ ଜିଲାପାଳ ମୋନିଷା ବାନାର୍ଜୀ ଓ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡାଙ୍କୁ ରିପୋର୍ଟ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଧରୁଆଙ୍କୁ ନିଲମ୍ବନ ପାଇଁ ଜିଲାପାଳ ବାନାର୍ଜୀ ଚିଠି ନଂ ୪୯୮୩/ତା୨୪।୧୨।୧୯ରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ।

## ପିଏମ୍‌ଏୱାଇଜିରେ ଅଯୋଗ୍ୟ ହିତାଧିକାରୀ ଚୟନ

DSPL-291

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ସରକାର
PRESERVE HEARING

ବିଶ୍ୱ ଶ୍ରୁତି ଦିବସ
୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶୃତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

ଶ୍ରୁତି ବଧିରତା ପ୍ରତିରୋଧର ଉପାୟ

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

SBC ସମ୍ବଲପୁରୀ ବସ୍ତ୍ରାଳୟ

ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି
୧୦% + ୨୦%
ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ

-: ନୂତନ ବସ୍ତ୍ରର ସମ୍ଭାର :-
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ,
ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ!

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ<br>ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ସ୍ୱ ମହେଶ୍ୱର ସାହୁ, ୫) ସ୍ୱ ଶୋବି ସାହୁ, ସ୍ୱାମୀ: ସ୍ୱ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ଋଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ଋଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ସ୍ୱ ଶୋବି ସାହୁ, ସ୍ୱାମୀ: ସ୍ୱ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ସ୍ୱ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ସ୍ୱ ଶୋବି ସାହୁ, ସ୍ୱାମୀ: ସ୍ୱ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ସ୍ୱ ମହେଶ୍ୱର ସାହୁ, ପିତା: ସ୍ୱ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

## ସଂକ୍ଷେପରେ

### ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ନେଇଗଲେ

**ବେଲପାହାଡ଼, ୨।୩ (ଡ଼ି.ଏନ୍.ଏ):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଫାଟକସ୍ଥିତ ଏକ ବିଦେଶୀ ମଦ ଦୋକାନରୁ ୩୦ ହଜାର ଟଙ୍କା ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଶନିବାର ରାତି ଦୋକାନ ପଛପଟ ସ୍କାଏ ଲାଇଟ୍ ଦେଇ ଦୁର୍ବୃତ୍ତ ଦୋକାନ ଭିତରକୁ ପଶିଥିଲେ ଏବଂ ଦୋକାନରେ ଥିବା ୩୦ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ସେମାନେ ଯିବା ସମୟରେ ଦୋକାନ ଭିତରେ ଲାଗିଥିବା ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ଦୋକାନ କର୍ମଚାରୀ ଜୟଦୀପ ଗୁପ୍ତା ରବିବାର ବେଲପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୪୫୭ ଓ ୩୮୦ ଅନୁସାରେ ଏକ ମାମଲା (ନଂ ୩୩/୨୦୨୦) ରୁଜୁ କରି ତଦନ୍ତ ଚଳାଇଛି।

### ସହକାରୀ ଯନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଝାରସୁଗୁଡା ଅଫିସ,୨।୩:** ଝାରସୁଗୁଡା ଜିଲା ଲଖନପୁର ତହସିଲ ଅଫିସ ସମ୍ମୁଖରେ ପଞ୍ଚାୟତିରାଜ ବିଭାଗର ଜଣେ ସହକାରୀ ଯନ୍ତ୍ରୀଙ୍କ ସରକାରୀ ଗାଡି (ନଂ.ଓଡି୩୩ଏନ-୬୮୩୩) ଦୁର୍ଘଟଣା ଗ୍ରସ୍ତ ହୋଇଛି। ହେଲେ ଗାଡିରେ ଯନ୍ତ୍ରୀ ନ ଥିଲେ। ଡ୍ରାଇଭର କିନ୍ତୁ ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଛି। ଡ୍ରାଇଭର ସହକାରୀ ଯନ୍ତ୍ରୀଙ୍କୁ ଆଣିବାକୁ ଯିବା ବେଳେ ରାସ୍ତା କଡରେ ଥିବା ଏହି ଗଛରେ ଗାଡିକୁ ପିଟି ଦେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଡ୍ରାଇଭରଙ୍କୁ ଚିକିତ୍ସା କରାଇବା ସହିତ ତାଙ୍କୁ ଗିରଫ କରାଯାଇଛି। ତେବେ ଏହି ଗାଡିର କାଗଜପତ୍ର ଠିକ ନ ଥିବା ଲଖନପୁର ଥାନା ଅଧିକାରୀ ବୈକୁଣ୍ଠ ସେଠ୍ କହିଛନ୍ତି।

### ବନ୍ଧବାହାଲ ସମଲେଶ୍ୱରୀ ମନ୍ଦିରର ବାର୍ଷିକୋତ୍ସବ

**ଲଖନପୁର,୨।୩ (ଡି.ଏନ୍.ଏ.):** ବନ୍ଧବାହାଲ ସମଲେଶ୍ୱରୀ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ର ପରିସରରେ ଥିବା ପୁଷ୍କରିଣୀରୁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ଯଜ୍ଞମଣ୍ଡପରେ ହୋମଯଜ୍ଞ ହୋଇଥିଲା। ଦୀପାଞ୍ଜଳି ରାୟ ଓ ପ୍ରଫୁଲ୍ଲ ରାୟ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ।

# ୮ ବର୍ଷ ହେଲା ଚାକିରି ପାଇଁ ଲଢ଼େଇ

**ଲଖନପୁର,୨।୩ (ଡି.ଏନ୍.ଏ.)**

- ଏମ୍‌ସିଏଲ୍ ସିଜିଏମ୍ ଅଫିସ ସମ୍ମୁଖରେ ଯୁବକଙ୍କ ଅନଶନ
- ଖଣି କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଉଛନ୍ତି



ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିଣ୍ଟୁ ବିଶ୍ୱାଳ ଆମରଣ ଅନଶନରେ ବସିଛନ୍ତି।

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ମିଳେ। କମ୍ପାନୀର ଏହି ନିୟମ ଆଧାରରେ ସ୍ୱର୍ଗତ ସୁଦର୍ଶନ ବିଶ୍ୱାଳଙ୍କ ପୁଅ ପିଣ୍ଟୁ ବାପାଙ୍କ ଦେହାନ୍ତ ପରେ ଚାକିରି ପାଇଁ ଦାବି କରିଆସୁଛନ୍ତି। ବାପାଙ୍କ ମୃତ୍ୟୁକୁ ୮ ବର୍ଷ ବିତିଲାଣି। ସେହି ଦିନରୁ ସେ ଚାକିରି ପାଇଁ ଲଢେଇ କରିଆସୁଛନ୍ତି। କମ୍ପାନୀ ତରଫରୁ ତାଙ୍କୁ ନିଯୁକ୍ତିପତ୍ର ଦିଆଯିବା ସାଙ୍ଗକୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ହେଲେ ସେ ଚାକିରି ପାଇ ନାହାନ୍ତି। ଖଣି କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଏହାକୁ ଆଉ ବିଶ୍ୱାସ ନ କରି ଶେଷରେ ସୋମବାର ସକାଳ ୧୦ଟାରୁ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିଣ୍ଟୁ ଆମରଣ ଅନଶନରେ ବସିଛନ୍ତି। ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଏପିଏମ୍ ସଞ୍ଜୀବ ଭରଦ୍ୱାଜ ଓ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର ପ୍ରମୁଖ ତାଙ୍କ ସହିତ ଆଲୋଚନା କରିଛନ୍ତି। ହେଲେ କିଛି ଲାଭ ହୋଇନି। ଜିଦରେ ପିଣ୍ଟୁ ଅଟଳ ରହିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ବାପା ବିଓସିଏମ୍ କୋଇଲା ଖଣିରେ ଫିଟର୍ ହେଲ୍‌ଫର୍ ଭାବେ କାର୍ଯ୍ୟ କରୁଥିଲେ। ୨୦୧୩ରେ ତାଙ୍କ ଦେହାନ୍ତ ହୋଇଥିଲା। ଏହାପରେ ସେ କମ୍ପାନୀ ନିକଟରେ ଚାକିରି ପାଇଁ ଆବେଦନ କରିଥିଲେ। ୨୦୧୫ରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। ଓରିଏଣ୍ଟ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ନିଯୁକ୍ତି ଦେବା ପାଇଁ ଦିନ ପରେ ଦିନ ଗଡାଇ ଚାଲିଛନ୍ତି। ଗତ ଡିସେମ୍ବର ୧୯ତାରିଖରେ ଲଖନପୁର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ସେ ଆମରଣ ଅନଶନରେ ବସିଥିଲେ। ସପ୍ତାହେ ମଧ୍ୟରେ ଦାବି ପୂରଣ ହେବ ବୋଲି କହି ତାଙ୍କୁ ଅନଶନରୁ ଉଠାଇ ଦିଆଯାଇଥିଲା। ହେଲେ ଦାବି ପୂରଣ ହୋଇ ନ ଥିଲା। ଏଣୁ ଫେବୃୟାରୀ ୩ରେ ସେ ଆମରଣ ଅନଶନରେ ବସିବା ପାଇଁ ନୋଟିସ୍ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ । କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ । କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ । ଏପରିକି ଯେତେ ବୁଝାଇଲେ ମଧ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସର୍ଭେ

**ବେଲପାହାଡ଼,୨।୩ (ଡ଼ି.ଏନ୍.ଏ)**

ବେଲପାହାଡ଼ରେ ଯାତ୍ରୀବାହୀ ବସ୍ ରହଣି ପାଇଁ ସ୍ଥାୟୀ ବସଷ୍ଟାଣ୍ଡଟିଏ ନାହିଁ। ଏଥିପାଇଁ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପୌରପରିଷଦ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ପରିଷଦ ପକ୍ଷରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଘିଚାଘାଟ ନିକଟରେ ୧ ଏକର ୭୧ ଡ଼େସିମିଲ ସରକାରୀ ଜମି ଚିହ୍ନଟ କରାଯାଇଛି। ଏହି ଜମିରେ ଏବେ ମାଟି ପରୀକ୍ଷା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସର୍ଭେ ସରିଲା ପରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟକୁ ନମୁନା ପଠାଯିବ । ସେଠାରୁ ଆନୁମୋଦନ ମିଳିଲା ପରେ ବୈଷୟିକ ମଞ୍ଜୁରୀ ଓ ଟେଣ୍ଡର ପକ୍ରିୟା ଆଦି ବାକି କାର୍ଯ୍ୟ ଆରମ୍ଭ ହେବ ବୋଲି ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ ପ୍ରକାଶ କରିଛନ୍ତି। ପୌରପରିଷଦର ଅଧ୍ୟକ୍ଷ ପର୍ଶୁରାମ ସାହୁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନକୁ ଯାଇ ମାଟି ସର୍ଭେ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସର୍ଭେକାର୍ଯ୍ୟରେ ନିୟୋଜିତ ସଂସ୍ଥାର କର୍ମଚାରୀଙ୍କ ସହିତ କାର୍ଯ୍ୟ ପ୍ରଗତି ବିଷୟରେ ଆଲୋଚନା କରିଥିଲେ। ଏହି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠି ପକ୍ଷରୁ ୭.୫ କୋଟି ଟଙ୍କା ମଞ୍ଜୁରୀ ମିଳିଛି । ଏଥିସହିତ ଜିଲା ସାଇଟ୍ ସିଲେକ୍ସନ କମିଟି ପକ୍ଷରୁ ଜମି ପ୍ରଦାନ ପାଇଁ ଆବଶ୍ୟକ ମଞ୍ଜୁରି ମିଳି ସାରିଛି। ଭୁବନେଶ୍ୱରସ୍ଥିତ ଏଏସ୍‌କେ ଆର୍କିଟେକଚର ଆଣ୍ଡ ବିଲଡ଼ର ପ୍ରାଭେଟ ଲିମିଟେଡ଼ ନାମକ ସଂସ୍ଥା ପକ୍ଷରୁ ନକ୍ସା ପ୍ରସ୍ତୁତ କରାଯାଇଛି। ସେହି ନକ୍ସା ଅନୁଯାୟୀ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର୍) ପ୍ରସ୍ତୁତି ଚାଲିଛି। ଏହି ନୂତନ ବସଷ୍ଟାଣ୍ଡରେ ବସ୍ ରହଣି ପାଇଁ ସେଡ୍, ଟିକେଟ କାଉଣ୍ଟର, ଏଟିଏମ କାଉଣ୍ଟର, ମହିଳା ଓ ପୁରୁଷମାନଙ୍କ ପାଇଁ ଶୌଚାଳୟ ଓ ଗାଧୁଆଘର ଘର ଆଦି ବ୍ୟବସ୍ଥା ରହିବ। ପରବର୍ତ୍ତୀ ସମୟରେ ଆବଶ୍ୟକ ଆହୁରି ୧ ଏକର ଜମି ବ୍ୟବସ୍ଥା ହୋଇପାରିଲେ ବସଷ୍ଟାଣ୍ଡ ପଛ ପାର୍ଶ୍ୱରେ ବସ୍ ମରାମତି ପାଇଁ ୱାର୍କସପ ଓ ଦୋକାନ ଘର ନିର୍ମାଣ କରାଯାଇପାରିବ ବୋଲି ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ପ୍ରକାଶ କରିଛନ୍ତି।



ବେଲପାହାଡ଼ ଘିଚାଘାଟରେ ପ୍ରସ୍ତାବିତ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମାଟି ସର୍ଭେ କାର୍ଯ୍ୟ ଚାଲିଛି।

### ମହିଳା ଦିବସ ପାଳନ ପ୍ରସ୍ତୁତି, ସାଙ୍ଗଠନିକ କର୍ମୀ ସମ୍ମିଳନୀ

**ଲଇକେରା,୨।୩ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ମୁଦ୍ରାଯୋର କାଜୁ ବଗିଚାରେ ବିଜେଡି ଜୋନସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ସାଙ୍ଗଠନିକ ବୈଠକ କକରାଯାଇଛି। ଦଳ କିପରି ତୃଣମୂଳ ସ୍ତରରୁ ଅଧିକରୁ ଅଧିକ ସୁଦୃଢ଼ ହୋଇପାରିବ ସେ ନେଇ ଏଥିରେ ଆଲୋଚନା ହୋଇଥିଲା। କର୍ମୀମାନେ ଆଗ୍ରହର ସହ ଦଳ ପାଇଁ କାମ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ମାର୍ଚ୍ଚ ୮ରେ ମହିଳା ଦିବସ ପାଳନ ନେଇ ମଧ ଏଥିରେ ପ୍ରସ୍ତୁତି କରାଯାଇଛି। ସରକାରଙ୍କ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଆଲୋଚନା କରାଯାଇଛି। ଏହି ବୈଠକରେ ମନ୍ତ୍ରୀ ନବ ଦାସ, ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ଭୂପାଳ ଚନ୍ଦ୍ର ବେହେରା, ବ୍ଲକ ସଭାପତି ଟଙ୍କଧର ନାଏକ, ବ୍ଲକ ଅଧକ୍ଷା ରୋଜାଲିନ ପଟେଲ, ପୂର୍ବତନ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ସଭ୍ୟ ଉମାଶଙ୍କର ପ୍ରଧାନ, ଲଇକେରା ସରପଞ୍ଚ ସୁଶୀଲ କିଷାନ, ଦୀପାଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବସିବାକୁ ଜାଗା ନାହିଁ



**ଝାରସୁଗୁଡା ଅଫିସ,୨।୩**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତି ସୋମବାର ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବର ଅନୁଷ୍ଠିତ ହେଉଛି। ଏଥିରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଜିଲାର ଜନସାଧାରଣ ନିଜର ବ୍ୟକ୍ତିଗତ ତଥା ସାମୂହିକ ଅଭିଯୋଗ କରୁଛନ୍ତି। ସୋମବାର ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରକୁ ଜିଲାର କୋଣ ଅନୁକୋଣରୁ ଲୋକେ ଆସିଥିଲେ। ଶିବିରରେ ଜିଲାପାଳ ସରୋଜ କୁମାର ସାମଲ ଓ ଏସ୍‌ପି ଅଶ୍ୱିନୀ ମହାନ୍ତି ମିଳିତ ଭାବେ ଜନ ଶୁଣାଣି କରିଥିଲେ। ୬୦ଟି ଅଭିଯୋଗ ହୋଇଥିଲା। ତେବେ ଏଠାକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଅସୁବିଧାକୁ ନେଇ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ ମଧ ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏଠାକୁ ଆସୁଥିବା ଲୋକେ ବସିବାକୁ ମଧ ସ୍ଥାନ ପାଉ ନାହାନ୍ତି। ଅଭିଯୋଗ ଶିବିରକୁ ଆସୁଥିବା ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟର ବାରଣ୍ଡାରେ ବସୁଛନ୍ତି। ସୋମବାର ଅନୁଷ୍ଠିତ ଶିବରକୁ ଆସିଥିବା ଲୋକେ ଭିଡ ଯୋଗୁ ବାହାରେ ଏଣେ ତେଣେ ବସିଥିଲେ। ସରକାର ଜିଲା ପ୍ରଶାସନର ଅଧିକାରୀମାନଙ୍କ ପାଇଁ ତିନି ମହଲା ବିଷିଷ୍ଟ କାର୍ଯ୍ୟାଳୟ ନିର୍ମାଣ କରିଥିବା ବେଳେ ଏଠାକୁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମ ଗୃହ ନାହିଁ। ଫଳରେ ଲୋକେ ଏଠିସେଠି ବସି ହଇରାଣ ହରକଣ ହେଉଛନ୍ତି। ତେବେ ଶିବିରକୁ ଆସୁଥିବା ଲୋକଙ୍କ ପାଇଁ ଅଳ୍ପ ସଂଖ୍ୟକ ଚୌକି ବ୍ୟବସ୍ଥା କରାଯାଉଥିବା ବେଳେ ଏହା ବିଭିନ୍ନ କାର୍ଯ୍ୟାଳୟରୁ ଅଣା ଯାଉଛି। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରୁ ଲୋକଙ୍କ ବିଶ୍ରାମ ପାଇଁ ଗୃହ ନିର୍ମାଣ କରାଯାଉଛି ବୋଲି କହିଥିଲେ। ଜନ ଅଭିଯୋଗ ଶିବିରକୁ ଆସିଥିବା ଲୋକେ କାର୍ଯ୍ୟାଳୟ ବାହାରେ ବସିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No. 07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :- 9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱ୍ରର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱ୍ରର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କେଟିଂ, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କେଟିଂ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୭୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟିଂ, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍‌ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ଆଜି, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ସୁନ୍ଦରଗଡ଼,୨।୩ (ଡି.ଏନ୍.ଏ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଙ୍ଗଳବାର ସୁନ୍ଦରଗଡ଼ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ୧୨ଟା ୫ରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ରସାଏ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଏକ ହେଲିକପ୍ଟର ଯୋଗେ ସୁନ୍ଦରଗଡ ଷ୍ଟାଡିୟମରେ ମଧାହ୍ନ ୧୨ଟା ୩୦ମିନିଟରେ ପହଞ୍ଚିବେ। ସେଠାରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପଗୁଡିକର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ପରେ ମୁଖ୍ୟମନ୍ତ୍ରୀ ୧୨ଟା ୪୦ମିନିଟରେ ଭବାନୀଭବନ ପଡ଼ିଆରେ ପହଞ୍ଚି ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ୧୨ଟା ୪୫ରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୧ଟା ୧୫ରେ ସୁନ୍ଦରଗଡ଼ ଷ୍ଟାଡିୟମ ହେଲିପ୍ୟାଡରେ ପହଞ୍ଚି ସେଠାରୁ ଝାରସୁଗୁଡ଼ା ବିମାନବନ୍ଦର ଅଭିମୁଖେ ଯିବେ। ଝାରସୁଗୁଡ଼ା ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଫେରିଯିବାର କର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସୁନ୍ଦରଗଡ଼ ଷ୍ଟାଡିୟମ ଓ ଭବାନୀଭବନ ପଡ଼ିଆରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସାଧାରଣ ନିର୍ବାଚନ ପରେ ପଞ୍ଚମପାଳି ମୁଖ୍ୟମନ୍ତ୍ରୀ ହେବା ଓ ବିଜୁ ଜନତା ଦଳର ଅଷ୍ଟମ ଥର ସଭାପତି ହେବା ପରେ ତାଙ୍କର ପ୍ରଥମ ଥର ସୁନ୍ଦରଗଡ ଗସ୍ତକୁ ନେଇ ବିଜେଡି କର୍ମୀ ମହଲରେ ବେଶ ଉତ୍ସାହ ପ୍ରକାଶ ପାଇଛି।





ଖୁଣ୍ଟଗାଁ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଚଷୀମାନେ ତାଲା ପକାଇଛନ୍ତି(ବାମ)। ଆନ୍ଦୋଳନରେ ସାମିଲ ହୋଇଥିବା ଚାଷୀମାନେ ।

# ଖୁଣ୍ଟଗାଁ ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ

ବଣାଇଁ/ ଲହୁଣୀପଡ଼ା,୨।୩ (ସ୍ୱ.ପ୍ର./ଡି.ଏନ୍.ଏ)

**ଧାନମଣ୍ଡି ବନ୍ଦ ପ୍ରତିବାଦ**

ମାସେ ହେଲା ଧାନମଣ୍ଡି ବନ୍ଦ ପଡିଥିବା ପ୍ରତିବାଦରେ ସୋମବାର ଚାଷୀମାନେ ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଖୁଣ୍ଟଗାଁ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କୁ ତାଲା ପକାଇ ଆନ୍ଦୋଳନ କରିଥିଲେ। ମିଳିଥିବା ସୂଚନା ମୁତାବକ, ଖୁଣ୍ଟଗାଁ ଲ୍ୟାମ୍ପସ୍ ଅଧୀନରେ କୁର୍ତା, କୁଲିପୋଷ, କୁଡେଇକଳା ଓ ଖୁଣ୍ଟଗାଁରେ ୪ଟି ଧାନମଣ୍ଡି ଖୋଲାଯାଇଛି। ଧାନ ବିକ୍ରୟ ପାଇଁ ଖୁଣ୍ଟଗାଁ ଲ୍ୟାମ୍ପସ୍‌ରେ ୧୦୫୮ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରୁ ୭୯୭ଜଣ ଚାଷୀ ୩୯ହଜାର ୫ଶହ ୯୮ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ହେଲେ ୨୬୧ଜଣ ପଞ୍ଜୀକୃତ ଚାଷୀଙ୍କ ୪୦ହଜାର କୁଇଣ୍ଟାଲ ଧାନ ବିକ୍ରୟ ନ ହୋଇ ପଡିରହିଛି। ଏପରି କି ଚାଷୀଙ୍କୁ ଟୋକନ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ କିଛି ଚାଷୀଙ୍କୁ ଦୁଇଥର ଲେଖାଏଁ ଧାନ ବିକ୍ରୟ କରିବା ପାଇଁ ଟୋକନ ମିଳିଥିବା ଜଣାପଡିଛି। ବିଭାଗୀୟ ଅଧିକାରଙ୍କ ଅବହେଳା ଯୋଗୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଚାଷୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଚାଷୀମାନେ ଏକତ୍ର ହୋଇ ଲ୍ୟାମ୍ପସ ପରିସରରେ ପହଞ୍ଚି ଥିଲେ। ଚାଷୀଙ୍କୁ କାହିଁକି ଟୋକନ ମିଳି ନ ଥିବା ନିର୍ଦ୍ଦେଶକ ବସନ୍ତ କୁମାର ପଲେଇଙ୍କୁ ପ୍ରଶ୍ନ କରିଥିଲେ। ହେଲେ ନିର୍ଦ୍ଦେଶକ ଏହାର କୌଣସି ଠିକ୍ ଉତ୍ତର ଦେଇ ନ ଥିଲେ। ଫଳରେ ଉତ୍ତ୍ୟକ୍ତ ଚାଷୀମାନେ ଲ୍ୟାମ୍ପସ କାର୍ଯ୍ୟାଳୟରେ ନିର୍ଦ୍ଦେଶକଙ୍କ ସହ ଅନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ତାଲା ପକାଇ ଆନ୍ଦୋଳନ କରିଥିଲେ। ଅନ୍ୟପକ୍ଷେ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ତାଲା ଖୋଲିଥିଲେ। ଅଧିକାରୀମାନେ ବାହାରକୁ ଆସିବା ପରେ ପୁଣି ଚାଷୀମାନେ କାର୍ଯ୍ୟାଳୟରେ ତାଲାପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ମଣ୍ଡିରୁ ଧାନ କିଣା ନ ଗଲେ ରାଜପଥ ଅବରୋଧ କରି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏପରିକି ପୂର୍ବରୁ ଚାଷୀମାନେ ତୁରନ୍ତ ସମସ୍ୟାର ସମାଧାନ ଦାବିକରି ସୁନ୍ଦରଗଡ଼ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଏହାର କୌଣସି ପ୍ରତିକାର କରାଯାଇ ନ ଥିଲା।

## ମାଡ଼ ଅଭିଯୋଗ: ଭାଜପା କର୍ମକର୍ତ୍ତାଙ୍କ ନାମରେ ମାମଲା

ବଡଗାଁ, ୨।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଜରଙ୍ଗଲୋଇ ଗାଁ ନିକଟ ଝାରମୁଣ୍ଡାଠାରେ ଜଳଯୋଗାଣ ପାଇପ ଲାଇନ୍ ମାଟି ଖୋଲା କାମ କରୁଥିବା ଗଜାଧର କିଷାନ(୩୮)ଙ୍କୁ ବଡଗାଁ ମଣ୍ଡଳ ଭାଜପାର କାର୍ଯ୍ୟକାରୀ ସଭାପତି ଦିଲୀପ ସେନାପତି ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୩୪୧, ୨୯୪, ୫୦୬ରେ ଏକ ମାମଲା(ନଂ.୨୫/୨୦) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନା ଏଏସ୍‌ଆଇ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ରବିବାର ଅପରାହ୍ନରେ ସ୍ଥାନୀୟ ସରପଞ୍ଚ ଟଙ୍କଧର ନାଏକଙ୍କ ନିର୍ଦ୍ଦେଶ କ୍ରମେ ଗଜାଧର ଶ୍ରମିକଙ୍କ ଦ୍ୱାରା ଜଳଯୋଗାଣ ପାଇପ ଲାଇନ୍ ବିଛାଇବା ପାଇଁ ମାଟି ଖୋଲା କାମ କରାଉଥିଲେ। ଏପରି କି ସମ୍ପୃକ୍ତ ସ୍ଥାନରେ ରହିଥିବା କିଛି ଇଟାକୁ ଅଲଗା ସ୍ଥାନାନ୍ତର କରିଥିଲେ। ଏହା ଜାଣି ବଡଗାଁ ମଣ୍ଡଳ ଭାଜପା ସଭାପତି ଦିଲୀପ ଘଟଣାସ୍ଥଳରେ ପହଞ୍ଚି ଗଜାଧରଙ୍କ ସହ ଯୁକ୍ତିତର୍କ କରି ମାଡ଼ମାରି ଆକ୍ରମଣ କରିଥିଲେ। ଏନେଇ ଗଜାଧର ଥାନାରେ ଏକ ଅଭିଯୋଗ କରିଛନ୍ତି।

# ବଡ଼ବିଲ ଦଳ ବିଜୟୀ

## ■ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ଟେନସା,୨।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଟେନସା ସୋସିଆଲ ସେଣ୍ଟରରେ ଦୁଇଦିନ ଧରି ଚାଲିଥିବା ୪ଠମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୩୦ଟି ଦଳ ଭାଗ ନେଇଛନ୍ତି। ଫାଇନାଲ ମ୍ୟାଚ ବଡ଼ବିଲ ଦଳ ଏବଂ କେନ୍ଦୁଝର ମଧ୍ୟରେ ହୋଇଥିଲା। ବଡବିଲ ଦଳର ଅବତାର ସିଂ ଓ ସରପଜିତ ସିଂଙ୍କ ସହିତ କେନ୍ଦୁଝର ଦଳର ସ୍ୱରାଜ ପଟ୍ଟନାୟକ, ଅତୁଲ ହାସନଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ବଡବିଲ ଦଳ ବିଜୟ ହୋଇଥିଲା। ଟେନସା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଇଡା ତହସିଲଦାର ଦୁର୍ଯ୍ୟାଧନ ଭୋଇ, ସମ୍ମାନିତ ଅତିଥି ଭାବେ ବରସୁଆଁ ଲୋହ ଖଣିର ମହାପ୍ରବନ୍ଧକ ଅଜୟ କୁମାର ସିହ୍ନା, ଜିନ୍ଦଲ ଖଣିର ଉପସଭାପତି ପ୍ରମୋଦ କୁମାର ପାତ୍ର, ସମାଜସେବୀ ବରଦାପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ଭାବେ ଖବରଦାତା ସମୀର ପାଢ଼ୀ, ବ୍ୟାଡମିଣ୍ଟନ ସଂଘ ସଭାପତି ତିଲକ ପଟ୍ଟନାୟକ, ସମ୍ପାଦକ ଡ. ଏପି. ପଣ୍ଡା, ଅରୁଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଜୟୀ ଏବଂ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ସଂଘର ବିଷ୍ଣୁ ଜେନା, ଭବାନୀଶଙ୍କର ମିଶ୍ର, ରାକେଶ ଯାଦବ, କପିଳ ସା, ଉମେଶ ମୁଳି, ଅଜୁ ମୁଣ୍ଡାଙ୍କ ସମେତ ସମସ୍ତ କର୍ମମର୍ତ୍ତା ଉପସ୍ଥିତ ରହି ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ।

## ଚକାଫାଟି ଓଲଟିଲା ଟ୍ରକ୍

ଲହୁଣୀପଡ଼ା,୨।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ରାଜାମୁଣ୍ଡା ଛକଠାରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏକ ଟ୍ରକ୍‌ର ଆଗଚକ ଫାଟି ଓଲଟି ପଡିଥିଲା। ଫଳରେ ଚାଳକ ଜଣକ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଏକ ଟ୍ରକ୍(ନଂ.ଓଡ଼ି-୧୪ଟି-୩୬୭୮) ପଥର ଗୁଣ୍ଡ ଧରି ଲହୁଣୀପଡ଼ା ଆସୁଥିଲା। ହେଲେ ରାଜାମୁଣ୍ଡା ଗୋଲେଇ ଛକରେ ଟ୍ରକର ଡାହାଣ ପାର୍ଶ୍ୱ ଆଗ ଚକ ଫାଟି ଯାଇଥିଲା। ଫଳରେ ଟ୍ରକ ଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଚାଳକ ଜଣକ ଷ୍ଟେରିଂରେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକକୁ ସ୍ଥାନୀୟ ଡାକ୍ତର ଖାନାରେ ଭର୍ତ୍ତି କରିଥିଲା। ଅନ୍ୟପକ୍ଷେ ପୋଲିସ ଗାଡିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଆତ୍ମବିଶ୍ୱାସ ବଢ଼ିଛି, ପ୍ରତିକୂଳ ପରିସ୍ଥିତିର ସାମ୍ନା କରିପାରିବୁ

ବଡଗାଁ,୨।୩(ଡି.ଏନ.ଏ.)

ଆତ୍ମ ସୁରକ୍ଷା କୌଶଳ(ମାର୍ଶଲଆର୍ଟ) ତାଲିମ ଗ୍ରହଣ ପରେ ଆତ୍ମ ବିଶ୍ୱାସ ବଢ଼ିଛି। ଏଣିକି ପ୍ରତିକୂଳ ପରିସ୍ଥିତିର ସାମନା କରିପାରିବୁ। କଲେଜର ଅଧକ୍ଷ, ଅଧାପିକା, ଅଧାପକମାନେ ପାଠ ସହିତ ଆତ୍ମସୁରକ୍ଷା ଉପରେ ମଧ ଉତ୍ସାହିତ କରୁଛନ୍ତି ବୋଲି ସୁନ୍ଦରଗଡ଼ ଜିଲା ବଡଗାଁ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ତାଲିମ ପ୍ରାପ୍ତ ଛାତ୍ରୀମାନେ ପ୍ରକାଶ କରିଛନ୍ତି। ପ୍ରଥମ ବର୍ଷ ଛାତ୍ରୀଙ୍କ ସକାଶେ ଉର୍ଦ୍ଦିଷ୍ଟ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। କଲେଜ ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ସଭା ହୋଇଥିଲା। ସଭା ଆରମ୍ଭରେ ଅଧାପକ ନିରୋଜ କୁମାର ପଟେଲ ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷିକା ପିଙ୍କି ମହାନନ୍ଦିଆ ଛାତ୍ରୀମାନଙ୍କୁ ନିର୍ଭୀକତାର ସହିତ ପ୍ରତିକୂଳ ପରିସ୍ଥିତିର ସାମନା କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ତାଲିମ ନେଇ ଭୁବନେଶ୍ୱରରୁ ଫେରିଥିବା ପ୍ରଥମ ବର୍ଷ(କଳା) ଛାତ୍ରୀ ସୋନିକା ସାହୁ, ଗୌରି ଟପ୍ପୋଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଗିଆକୁ ବଣ୍ଟନ କରାଯାଇଥିଲା। ସମସ୍ତ ଅଧାପିକା, ଅଧାପକଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

### ସେମାନେ ଯାହା କହନ୍ତି...

"ପ୍ରଶିକ୍ଷକ ତଥା ଆତ୍ମସୁରକ୍ଷା କୌଶଳ ତାଲିମ ନେବା ପରେ ନିଜକୁ ସୁରକ୍ଷିତ ମନେ କରୁଛି। ଯେ କୌଣସି ପରିସ୍ଥିତିର ମୁକାବିଲା କରିବାରେ ବେଶ୍ ସାମର୍ଥ୍ୟ।
**-ମୋନିକା ସାହୁ, ପ୍ରଥମ ବର୍ଷ କଳା ଛାତ୍ରୀ।**

"ତାଲିମ ନେଲାପରେ ମୁଁ ଓ ଅନ୍ୟ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁଛୁ। ବିଭିନ୍ନ କଳା କୌଶଳ ଅଭ୍ୟାସ ପରେ ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ଆତ୍ମ ବିଶ୍ୱାସ ବଢ଼ିଛି ।
**-ଅଞ୍ଜଳି ସିଂ, ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ।**

"ଆତ୍ମସୁରକ୍ଷା କୌଶଳ ତାଲିମ ନେବା ପରେ ମନୋବଳ ବୃଦ୍ଧି ପାଇଛି। ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟଙ୍କୁ ମଧ ସୁରକ୍ଷା ଦେଇପାରିବି।
**-ଗୌରି ଟପ୍ପୋ, ପ୍ରଥମ ବର୍ଷ କଳା ଛାତ୍ରୀ।**

"ମୋର ପୂର୍ଣ୍ଣ ବିଶ୍ୱାସ ସରକାରଙ୍କ ପକ୍ଷରୁ ଆୟୋଜିତ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଛାତ୍ରୀଙ୍କ ପାଇଁ ସୁରକ୍ଷାର ଢ଼ାଲ ସଦୃଶ। ଛାତ୍ରୀମାନେ ଏହି ପ୍ରଶିକ୍ଷଣ ନେବାଦ୍ୱାରା ନିଜକୁ ସୁରକ୍ଷିତ ରହିବା ସହ ଅନ୍ୟକୁ ମଧ ସୁରକ୍ଷିତ ରଖିପାରିବେ।
**-ସୁଶାନ୍ତ କୁମାର ଚୌଧୁରୀ, କଲେଜ ଅଧକ୍ଷ।**

## ବାଲିଶଙ୍କରା କେନ୍ଦୁଲିପ ରେଞ୍ଜ ସମ୍ମୁଖରେ ଧାରଣା

**ବାଲିଶଙ୍କରା,୨।୩ (ଡି.ଏନ.ଏ):** ୬ଦଫା ଦାବି ନେଇ ବାଲିଶଙ୍କରା କେନ୍ଦୁଲିଫ ରେଞ୍ଜ ସମ୍ମୁଖରେ ସମ୍ପାଦକ ଦଇତାରୀ ସିଂହ ଏବଂ ଦ୍ୱିତୀୟା ରାଉତଙ୍କ ନେତୃତ୍ୱରେ ୪୮ଟି ପତ୍ରଫଡିର ତୋଳାଳୀ, ବନ୍ଧାଳୀ ଏବଂ ଶ୍ରମିକମାନେ ଧାରଣାରେ ବସିଛନ୍ତି। ଏହି ଧାରଣା ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ଦାବି ପୂରଣ ନ କଲେ ସମସ୍ତ ଶ୍ରମିକ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ଦୁତିଆ ରାଉତ, ଦଇତାରୀ ସିଂହ ପ୍ରମୁଖ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଗିରିଧାରୀ ବାଡା, ରାଜେଶ୍ୱର ମହାକୁଳ, ବିଶେଶ୍ୱର ମାଝି, କଳିନ୍ଦ୍ର ସାଏ, ନଳୀନ୍ଦ୍ର ସାଏ, ଦମନିକ ଲାକାଡା, ଅଶୋକ ଲାକାଡା, ପୁଲିନ ଦେଓ, ବିନିତ ଟପ୍ପୋଙ୍କ ସହ ଶତାଧକ ଶ୍ରମିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ସେବା ମନୋଭାବ ମନେ ରହିବ

ସୁନ୍ଦରଗଡ଼,୨।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଚିତ୍ରଶିଳ୍ପୀ ଅଧ୍ୟାପକ ଶୀତଳ କୁମାର ମହାପାତ୍ର ଓ ପଦାର୍ଥ ବିଜ୍ଞାନ ବିଭାଗର ସହାୟକ ଶିବପ୍ରସାଦ ଖଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଏପରି କି ଅବସରପ୍ରାପ୍ତ ଦୁଇ କର୍ମଚାରୀଙ୍କ କର୍ତ୍ତବ୍ୟ ନିଷ୍ଠାକୁ ପ୍ରଶଂସା କରିବା ସହ ତାଙ୍କ ଶୂନ୍ୟ ସ୍ଥାନ ପୂରଣ ହୋଇପାରିବ ନାହିଁ ବୋଲି କହିଥିଲେ। ଅଧ୍ୟାପକ ମହାପାତ୍ର ମହାବିଦ୍ୟାଳୟର ପରୀକ୍ଷା ଦାୟିତ୍ୱ ତଥା ଚିତ୍ରକଳା ପ୍ରଦର୍ଶନ କ୍ଷେତ୍ରରେ ନିଜ ଦାୟିତ୍ୱ ସୂଚାରୁ ରୂପେ ସମ୍ପନ୍ନ କରିଥିବା କହିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଜୟଶ୍ରୀ ଶୁକ୍ଳା ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଶିବପ୍ରସାଦ ଖଣ୍ଡାଙ୍କ ବିଭାଗ ପ୍ରତି ସମର୍ପିତ ସେବା ମନୋଭାବକୁ ଓ ଚିତ୍ରଶିଳ୍ପୀ ମହାପାତ୍ରଙ୍କ ଅବଦାନକୁ ମହାବିଦ୍ୟାଳୟ ସବୁଦିନ ପାଇଁ ମନେ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଡ.ରାଧେଶ୍ୟାମ ଓତା ବିଦାୟୀ କର୍ମଚାରୀଙ୍କ ସୁସ୍ଥ ନିରାମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଇଥିଲେ। ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ ମହାବିଦ୍ୟାଳୟ ପାଇଁ ଜମି ଦାନ କରିଥିବା ତତ୍କାଳୀନ ସୁନ୍ଦରଗଡ଼ର ରାଜା ଉଦିତ ପ୍ରତାପ ଶେଖରଦେଓ ଏବଂ ମହାବିଦ୍ୟାଳୟର ପ୍ରତିଷ୍ଠାତା ତତ୍କାଳୀନ ଜିଲାପାଳ ଅମୃତଲାଲ ନାୟାରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ସଭାରେ ପ୍ରାଧ୍ୟାପକ ଡ.ଲଳିତରଞ୍ଜନ ସାହୁ, ବୀରେନ୍ଦ୍ର କୁମାର ପଟେଲ, ଆର୍ଯ୍ୟ ବିଭାସ କୁମାର, ରାଧାରମଣ ମିଶ୍ର, ପ୍ରଦୀପ ବହିଦାର ପ୍ରଜ୍ଞା ପରମିତା ଦାଶ, ସୁସ୍ମିତା ଭୋଇ ପ୍ରମୁଖଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଯୋଗଦେଇଥିଲେ।



ସୁନ୍ଦରଗଡ଼ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭା।

# ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିବାକୁ ଚାହୁଁଛି ବିଜେଡି

ସୁନ୍ଦରଗଡ଼୨।୩(ଡି.ଏନ୍.ଏ.)




ଖବରଦାତା ସମ୍ମିଳନୀର ବିଧାୟିକା କୁସୁମ ଟେଟେଙ୍କ ସହ ଦଳୀୟ କର୍ମକର୍ତ୍ତା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନିକିଆ ସୁନ୍ଦରଗଡ଼ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲାରେ୧୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ସରକାରୀ କାର୍ଯ୍ୟକ୍ରମକୁ ଜିଲାର ଏମ୍‌ପି ଏବଂ ୩ ଜଣ ଭାଜପା ବିଧାୟକଙ୍କୁ ଡକାଯାଇ ନ ଥିବା ଓ ଏହାକୁ ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରାଯାଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ଭାଜପା ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀ ଶଙ୍କର ଭୋଇ ଏହି ଅଭିଯୋଗ କରି କରିଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ସୁନ୍ଦରଗଡ଼ ଜିଲାର ଖଣିଜ ସମ୍ପଦରୁ ସଂଗୃହୀତ ଅର୍ଥରାଶିକୁ ନେଇ ଗଠିତ ଜିଲା ଖଣିଜ ପାଣ୍ଠିରୁ ବିଭିନ୍ନ ପ୍ରକଳ୍ପ କରି ରାଜ୍ୟ ସରକାର ନିଜ ବାହାବା ନେବାକୁ ବସିଛନ୍ତି। ବିଧାୟିକା ଟେଟେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଉ ନାହିଁ। ହେଲେ ରାଜ୍ୟ ସରକାର ଜିଲାପାଳ ଓ ବ୍ଲକର ବିଡିଓମାନଙ୍କୁ ବିଜେଡିର ସଭାପତି ଭଳି ହାତବାରିସୀ କରି ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛନ୍ତି। ସୁନ୍ଦରଗଡର ବିକାଶ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ମଧ୍ୟରେ ଇବ୍ ନଦୀରେ ରିଙ୍ଗ ରୋଡ ଓ ବ୍ୟାରେଜ ନିର୍ମାଣ ପ୍ରତି ରାଜ୍ୟ ସରକାର ତତ୍ପରତା ପ୍ରକାଶ ନ କରି ଆଗାମୀ ପୌର ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ପ୍ରକଳ୍ପ ଭେଟି ଦେବା ନାମରେ ରାଜନୈତିକ ଗୋଟି ଚାଳନା କରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷେ ସରକାରୀ ମଦନୀତି ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ସୁନ୍ଦରଗଡ଼ ସହର ଓ ଗ୍ରାମାଞ୍ଚଳରେ ଦେଶୀ ଓ ବିଦେଶୀ ମଦ ଦୋକାନଗୁଡିକ ଖୋଲାଯାଇଥିଲେ ହେଁ ଜନସାଧାରଣଙ୍କ ପକ୍ଷରୁ ଏହାର ସ୍ଥାନାନ୍ତର ଓ ଉଚ୍ଛେଦ ପାଇଁ ହେଉଥିବା ଦାବି ପ୍ରତି ରାଜ୍ୟ ସରକାର ସଂପୂର୍ଣ୍ଣ ଆଖିବୁଜି ଦେଇଛନ୍ତି। ଏପରି କି ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ୩ ତାରିଖରେ ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା ଜିଲାପାଳଙ୍କ ସହିତ ଆଲୋଚନା ପରେ ସ୍ଥଗିତ ରଖାଯାଇଥିବା ବିଧାୟିକା କହିଛନ୍ତି। ଜିଲାପାଳଙ୍କ ପ୍ରତିଶ୍ରୁତି ମୁତାବକ ବେଆଇନ ଭାବେ ଚାଲୁଥିବା ମଦ ଦୋକାନଗୁଡିକ ସ୍ଥାନାନ୍ତର ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବିଧାୟିକା କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା କାର୍ଯ୍ୟକର୍ତ୍ତା ଭେଷଜ ରଥ, ଆଡଭୋକେଟ ପ୍ରଦୀପ ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବିଶ୍ୱଜିତ ତନ୍ତୀଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।